R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୮
ତିଥି : ସପ୍ତମୀ
୨୩ ଅକ୍ଟୋବର ୨୦୨୪, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

# ଆଜି ବାତ୍ୟା ରୂପ ନେବ 'ଦାନା'



ଭୁବନେଶ୍ୱର, ୨୨।୧୦ (ସବ୍ୟୁ) : ସମ୍ଭାବ୍ୟ ବାତ୍ୟା 'ଦାନା'ଏବେ ଓଡ଼ିଶା ଉପକୂଳ ଆଡ଼କୁ ମାଡ଼ି ଆସୁଛି । ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତ ଗଭୀର ଅବପାତରେ ପରିଣତ ହୋଇଛି । ଏହା ଘଣ୍ଟାପ୍ରତି ୭ କିମି ବେଗରେ ଗତି କରୁଛି । ଆସନ୍ତାକାଲି(ବୁଧବାର) ଏହା ଅଧିକ ଶକ୍ତିଶାଳୀ ହୋଇ ବାତ୍ୟା 'ଦାନା' ରୂପ ନେବ । ୨୩ ରାତିରୁ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପୁରୀରେ ବର୍ଷା ଆରମ୍ଭ ହେବା ସହିତ ପବନର ବି ବେଗ ବଢ଼ିବ ।

ପାଣିପାଗ ବିଭାଗର କହିବା ଅନୁସାରେ, ପୂର୍ବ କେନ୍ଦ୍ରୀୟ

## ଚାରି ଜିଲ୍ଲାରେ ପବନ ବୋହିବ ୧୦୦-୧୧୦
## ୨୪ ରାତିରୁ ୨୫ ସକାଳ ସୁଦ୍ଧା ସ୍ଥଳଭାଗ ଛୁଇଁବ
## କେନ୍ଦ୍ରାପଡ଼ାରେ ଲ୍ୟାଣ୍ଡଫଲ ବେଳେ ୧୨୦ ପବନ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ପଶ୍ଚିମ-ଉତ୍ତର ପଶ୍ଚିମ ଆଡ଼କୁ ୭ କିମି ବେଗରେ ଗତି କରି ଗଭୀର ଅବପାତ ରୂପ ନେଇ ସାରିଛି । ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଓଡ଼ିଶାର ପାରାଦୀପରୁ ଦକ୍ଷିଣ-ପୂର୍ବ ଦିଗର ୭୦୦ କିମି ଦୂର, ପଶ୍ଚିମବଙ୍ଗର ସାଗରଦ୍ୱୀପରୁ ଦକ୍ଷିଣ ଦକ୍ଷିଣ-ପୂର୍ବ ଦିଗରୁ ୭୪୦ କିମି ଓ ବାଂଲାଦେଶ ଖେପୁପରାର ଦକ୍ଷଣ ଦକ୍ଷିଣ-ପୂର୍ବ ଠାରୁ ୭୧୦ କିମି ଦୂରରେ ରହିଛି ।

ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ୨୩ ତାରିଖ ସୁଦ୍ଧା ବାତ୍ୟାରେ ପରିଣତ ହେବ । ପରେ ଉତ୍ତର ପଶ୍ଚିମ ଦିଗକୁ ଗତି କରି ଭୀଷଣ ବାତ୍ୟାରେ ପରିଣତ ହେବ । ୨୪ ତାରିଖ ସକାଳେ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଉପରେ ରହିବ । ପୁରୀରୁ ପଶ୍ଚିମବଙ୍ଗର ସାଗରଦ୍ୱୀପ ଉପକୂଳ ଯାଏ ଏହାର ପ୍ରଭାବ ପକାଇବ । ୨୪ ସନ୍ଧ୍ୟାରୁ ୨୫ ତାରିଖ ସକାଳ (୯ ପୃଷ୍ଠାରେ)

## ବିଧାୟକମାନେ ମୁକାବିଲାରେ ସହଯୋଗ କରନ୍ତୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୧୦ (ସବ୍ୟୁ) : ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବୃଷ୍ଟିପାତ ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ସମନ୍ୱିତ ଭାବେ ବାତ୍ୟା ମୁକାବିଲା କରିବା ଏବଂ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ବିଧାୟକ ଓ ବିଧାୟିକାମାନେ ନିଜ ନିର୍ବାଚନମଣ୍ଡଳିରେ ଉପସ୍ଥିତ ରହିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି । ଶ୍ରୀ ମାଝୀ ସମସ୍ତ ବିଧାୟକ ଓ ବିଧାୟିକାଙ୍କୁ ନିଜ ଅଞ୍ଚଳବାସୀଙ୍କ ସହ ରହି ସେମାନଙ୍କୁ ଆବଶ୍ୟକୀୟ ସହାୟତା ଦେବାପାଇଁ ଯଥାସମ୍ଭବ ଚେଷ୍ଟିତ ହେବାପାଇଁ କହିଛନ୍ତି ।

### ବାତ୍ୟା ମୁକାବିଲା ଲାଗି ପ୍ରସ୍ତୁତି ଜୋରଦାର

## ୬ ଜିଲ୍ଲାକୁ ୬ ଆଇଏଏସ୍‌ଙ୍କୁ ଦାୟିତ୍ୱ



ଭୁବନେଶ୍ୱର, ୨୨।୧୦ (ସବ୍ୟୁ) : ବାତ୍ୟା ମୁକାବିଲା ଲାଗି ପ୍ରଶାସନିକ ପ୍ରସ୍ତୁତିକୁ ଜୋରଦାର କରାଯାଇଛି । ୬ ଜିଲ୍ଲା ପାଇଁ ୬ ବରିଷ୍ଠ ଆଇଏଏସ୍‌ଙ୍କୁ ତଦାରଖ ଦାୟିତ୍ୱ ଦିଆଯାଇଛି । ଯେଉଁମାନେ ପୂର୍ବରୁ ସମ୍ପୃକ୍ତ ଜିଲ୍ଲାରେ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ସେହି ଜିଲ୍ଲାକୁ ତଦାରଖ ଲାଗି ଦାୟିତ୍ୱ ଦିଆଯାଇଛି । ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲା ବାଲେଶ୍ୱର ଲାଗି ଆଇଏଏସ୍ ଅଫିସର କେ ସୁଦର୍ଶନ ଚକ୍ରବର୍ତ୍ତୀ, ଭଦ୍ରକ ଲାଗି ତ୍ରିଲୋଚନ ମାଝୀ, ପୁରୀ ଲାଗି ବଲବନ୍ତ ସିଂହ, ମୟୂରଭଞ୍ଜ ଲାଗି ଭିନିତ୍ ଭରଦ୍ୱାଜ, ଜଗତସିଂହପୁର ଲାଗି ଜାମିନୀ ଷଡଙ୍ଗୀ ଓ କେନ୍ଦ୍ରାପଡା ଲାଗି ସମର୍ଥ ବର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି । ଏହି ଅଫିସରମାନେ ସମ୍ପୃକ୍ତ ଜିଲ୍ଲାରେ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଥିଲେ ।

### ସମ୍ବେଦନଶୀଳ ଜିଲ୍ଲାକୁ ୫୧ ଓଡ୍ରାଫ ଟିମ୍
### ୧୭୮ ଅଗ୍ନିଶମ ଟିମ୍ ପ୍ରସ୍ତୁତ
### ଆଜି ସନ୍ଧ୍ୟାସୁଦ୍ଧା ସରିବ ସ୍ଥାନାନ୍ତର
### ଆଶ୍ରୟସ୍ଥଳୀ ଦାୟିତ୍ୱରେ ରହିବେ ମହିଳା
### ୧୪ ଜିଲ୍ଲାରେ କଲେଜ, ବିଶ୍ୱବିଦ୍ୟାଳୟ ବନ୍ଦ
### ଗଣଶିକ୍ଷା ବିଭାଗ କର୍ମଚାରୀଙ୍କ ଛୁଟି ବାତିଲ୍

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ସେ ସୂଚନା ଦେଇଛନ୍ତି ଯେ ଅନୁଗୁଳ, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ, ଗଞ୍ଜାମ ଓ ମୟୂରଭଞ୍ଜ ଭଳି ୧୪ଟି ଜିଲ୍ଲାକୁ ସତର୍କ କରାଯିବା ସହ ବାତ୍ୟାମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତି ଓ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ବିପଦରେ ଥିବା ସମ୍ବେଦନଶୀଳ ବସ୍ତି ଏବଂ ଜନସଂଖ୍ୟାକୁ ଚିହ୍ନଟ କରିବା ଏବଂ ଆବଶ୍ୟକ ପଡ଼ିଲେ ସେମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାକୁ ଜିଲ୍ଲାଗୁଡ଼ିକୁ କୁହାଯାଇଛି ।

ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ସେବା ମୁତୟନ ପାଇଁ ଆକ୍ସନ ପ୍ଲାନ (୯ ପୃଷ୍ଠାରେ)

## ବାତ୍ୟା ଲାଗି ୧୭୮ ଟ୍ରେନ୍ ବାତିଲ୍

ଭୁବନେଶ୍ୱର, ୨୨।୧୦ (ସବ୍ୟୁ) : ବାତ୍ୟା ଲାଗି ୧୭୮ ଟ୍ରେନ୍‌କୁ ବାତିଲ୍ କରାଯାଇଛି । ୨୩, ୨୪, ୨୫ ତାରିଖରେ ମୋଟ୍ ୧୭୮ ଟ୍ରେନ୍ ଚଳାଚଳକୁ ବନ୍ଦ କରାଯାଇଛି । ସେଥିରୁ ଅପ୍ ଟ୍ରେନ୍ ୮୫ ଥିବାବେଳେ ଡାଉନ୍ ଟ୍ରେନ୍ ୯୩ ରହିଛି । ରେଳବାଇ ବିଭାଗ ପକ୍ଷରୁ ଏହି ଘୋଷଣା କରାଯାଇଛି । ୨୩ ତାରିଖରେ ୧୧ ଟ୍ରେନ୍ ବାତିଲ ହୋଇଥିବାବେଳେ ୨୪,୨୫ ତାରିଖ ପାଇଁ ଟ୍ରେନ୍ ବାତିଲ କରାଯାଇଛି । ୨୬ ତାରିଖରେ ଅହମ୍ମଦାବାଦ-ପୁରୀ, ନିଜାମୁଦିମ୍-ପୁରୀ, ଜୟନଗର-ପୁରୀ ପ୍ରମୁଖ ଟ୍ରେନ୍‌କୁ ବାତିଲ କରିଦିଆଯାଇଛି ।

## ଲଳିତ ଦାସ ଓଏସ୍‌ଏସ୍‌ଏସ୍‌ସିର ଅଧ୍ୟକ୍ଷ

ଭୁବନେଶ୍ୱର, ୨୨।୧୦ (ସବ୍ୟୁ) : ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ (ଓଏସ୍‌ଏସ୍‌ଏସ୍‌ସି)ର ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ଆଇପିଏସ୍ ଲଳିତ ଦାସଙ୍କୁ ନିଯୁକ୍ତି ଦିଆଯାଇଛି । ବିଭିନ୍ନ ପଦବୀ ପାଇଁ ନିଯୁକ୍ତିରେ ଅନିୟମିତତାକୁ ନେଇ ବିବାଦ ଥିବାରୁ ସରକାର ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ନିଯୁକ୍ତି ଦେଇଛନ୍ତି । ସେହିଭଳି ଅବସରପ୍ରାପ୍ତ ଆଇଏଏସ୍ ଉଦ୍ଧବ ଚନ୍ଦ୍ର ମାଝୀ ଓ ଅବସରପ୍ରାପ୍ତ ଓଏଏସ୍ ସରୋଜ ମିଶ୍ରଙ୍କୁ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି ।

## ମହିଳା କର୍ମଚାରୀଙ୍କ ଲାଗି ୧୨ ଦିନ ଅତିରିକ୍ତ ସାମୟିକ ଛୁଟି

ଭୁବନେଶ୍ୱର, ୨୨।୧୦ (ସବ୍ୟୁ) : ରାଜ୍ୟ ସରକାରଙ୍କ ମହିଳା କର୍ମଚାରୀଙ୍କ ଲାଗି ଅତିରିକ୍ତ ସାମୟିକ ଛୁଟି ୧୨ ଦିନକୁ ବୃଦ୍ଧି କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ସେମାନେ ଏହି ଅତିରିକ୍ତ ଛୁଟି ପ୍ରଚଳିତ ୧୦ ଦିନ ସାମୟିକ ଛୁଟି (ସିଏଲ୍) ଓ ୫ ଦିନ ସ୍ୱତନ୍ତ୍ର ସାମୟିକ ଛୁଟି (ସ୍ପେଶାଲ ସିଏଲ୍) ସହ ପାଇବେ । ଏହି ୧୨ ଦିନ ଅତିରିକ୍ତ ସାମୟିକ ଛୁଟି ସେମାନେ ମାସକୁ ଗୋଟିଏ ଦିନ ଲାଭ କରିପାରିବେ । ମହିଳାମାନଙ୍କ ମାସିକ ଧର୍ମ ଜନିତ କାରଣରୁ ଏହି ଅତିରିକ୍ତ ଛୁଟି ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ଏହି ଅତିରିକ୍ତ ସାମୟିକ ଛୁଟି ପୂର୍ବରୁ ୧୦ ଦିନ ପାଇଁ ମିଳୁଥିଲା ।

**ସଚିବସ୍ତରୀୟ ବୈଠକ**

## ଜେନେରେଟରଗୁଡ଼ିକ କାର୍ଯ୍ୟକ୍ଷମ ଯାଞ୍ଚ ଲାଗି ନିର୍ଦ୍ଦେଶ




ଭୁବନେଶ୍ୱର, ୨୨।୧୦ (ସବ୍ୟୁ) : ସଚିବସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକର ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବସମ୍ଭାବ୍ୟ ଲଘୁଚାପ ଜନିତ ବର୍ଷା ଓ ବାତ୍ୟା ପରିପ୍ରେକ୍ଷୀରେ ପ୍ରଶାସନିକ ପ୍ରସ୍ତୁତି ସଂପର୍କରେ ସଚିବମାନଙ୍କ ସହିତ ଆଲୋଚନା କରିଥିଲେ ।

ଜନସାଧାରଣଙ୍କୁ ସମ୍ଭାବ୍ୟ ବାତ୍ୟା ଓ ବାତ୍ୟା ପରବର୍ତ୍ତୀ ସମୟରେ ଟେଲିଫୋନ୍ ସେବା, ବିଦ୍ୟୁତ୍ ଶକ୍ତି, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା ଯୋଗାଇବା ସହିତ ବାତ୍ୟା ପରେ ପରେ ଶିକ୍ଷାନୁଷ୍ଠାନଗୁଡିକ ଚାଲୁକରିବା ସଂପର୍କରେ ପ୍ରସ୍ତୁତି ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବାତ୍ୟା ହେଲେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ଘଟିଲେ ଗ୍ରାମାଂଚଳ ଓ ସହରାଂଚଳରେ ପାନୀୟ ଜଳ ତୁରନ୍ତ ଯୋଗାଇବା ପ୍ରମୁଖ ଆହ୍ୱାନ ହୋଇଥାଏ । ସେହିଭଳି ବିଭିନ୍ନ ଡାକ୍ତରଖାନା ମାନଙ୍କରେ ଆବଶ୍ୟକ ଡିଜି / ଜେନେରେଟର ସେଟ୍ ସବୁବେଳେ କାର୍ଯ୍ୟକ୍ଷମ ରହିବାର ନିତାନ୍ତ ଆବଶ୍ୟକତା ରହିଛି । ଏହି ଦୃଷ୍ଟିରୁ ସ୍ଥିତି ଉପରେ ନଜର ରଖି ୨୩ ଓ ୨୪ ତାରିଖରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନରେ ଥିବା ଓଭରହେଡ୍ ପାଣି ଟାଙ୍କି ଗୁଡିକ ଶତ ପ୍ରତିଶତ ପୂର୍ଣ୍ଣ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶକ୍ତି ବିଭାଗ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ବିଭାଗ ଏବଂ ଅନ୍ୟ ବିଭିନ୍ନ ସେବା ପାଇଁ ସମନ୍ୱୟ ରଖି ଆବଶ୍ୟକ ଜେନେରେଟର ସେଟ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜେନେରେଟର ସେଟ୍ ଗୁଡିକର ସଚଳ ରହିବା ପାଇଁ ଯାନ୍ତ୍ରିକ ସ୍ଥିତି ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ଆବଶ୍ୟକ ସମସ୍ତ କର୍ମଚାରୀଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେବାକୁ ପରାମର୍ଶ ଦିଆଯାଇଛି । ଜେନେରେଟର ସେଟ୍ ଗୁଡିକ ଡିଜେଲ ସହ ପ୍ରସ୍ତୁତ ରଖିବା ସହିତ ଯଥା ଶୀଘ୍ର ସେଗୁଡିକ ଟ୍ରାଏଲ ରନ (ପରୀକ୍ଷା କରି (୯ ପୃଷ୍ଠାରେ)

### ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହେଲେ ପୂନଃ କାର୍ଯ୍ୟକ୍ଷମକୁ ଗୁରୁତ୍ୱ
### ୨୩-୨୪ରେ ସବୁ ଓଭରହେଡ୍ ଟାଙ୍କି ପୂର୍ଣ୍ଣ ରଖିବାକୁ ନିର୍ଦ୍ଦେଶ

## ଲାଞ୍ଚ ମାଗି କଂସ ଚରିତ୍ରର ଅଭିନେତା ହୃଷିକେଶ ଭୋଇ ନିଲମ୍ବିତ

ବରଗଡ଼, ୨୨।୧୦ (ସବ୍ୟୁ) : ଧନୁଯାତ୍ରା-୨୦୨୫ ପାଇଁ ତାରିଖ ଘୋଷଣା ହୋଇସାରିଛି । ବିଗତ ବର୍ଷରେ ଏହି ମୁକ୍ତାକାଶ ମଞ୍ଚରେ କଂସ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା କଂସ ମହାରାଜ ତଥା ପେଶାରେ ମହାପ୍ରୟାଣ ଗାଡି ଡ୍ରାଇଭର ହୃଷିକେଶ ଭୋଇ ଚାକିରିରୁ ନିଲମ୍ବିତ ହୋଇଛନ୍ତି । ହୃଷିକେଶ ଭୋଇଙ୍କୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ (ସିଡିଏମ୍‌ଓ) ନିରୁପମା ଷଡ଼ଙ୍ଗୀ ନିଲମ୍ବନ କରିଛନ୍ତି ।

ଅଭିଯୋଗ ଅନୁସାରେ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ବଡ ସାହାଜବାହାଲ ଗ୍ରାମକୁ ମହାପ୍ରୟାଣ ଗାଡ଼ି ଶବ ଛାଡିବାକୁ ଯାଇଥିବା ବେଳେ ହୃଷିକେଶ ମୃତ ପରିବାରଙ୍କ ଠାରୁ ୩ହଜାର ଟଙ୍କା ମାଗିଥିଲେ। ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଶବ ନେଇ ଘରେ ଛାଡ଼ିବା ପରେ ତିନି ହଜାର ଟଙ୍କା ଦେବାକୁ ଦାବି କରିବା ସହ ଟଙ୍କା ନନେବା ଯାଏଁ ମୃତକ ପରିବାର ଲୋକଙ୍କ ଘରୁ ଆସିନଥିଲେ। ପୀଡିତ ପରିବାର ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀଙ୍କ ଠାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ମମଲାର ତଦନ୍ତ କରାଯାଇଥିଲା। ଅଭିଯୋଗର ସତ୍ୟାସତ୍ୟର ତଦନ୍ତ ଲାଗି ଗଠିତ ଏକ ଟିମ୍ ଗଠନ କରାଯାଇଥିଲା ଏବଂ ରିପୋର୍ଟ ଆଧାରରେ ହୃଷିକେଶଙ୍କୁ ନିଲମ୍ବିତ କରାଯାଇଛି । ବରଗଡ ଧନୁଯାତ୍ରା ସମେତ ପଶ୍ଚିମଓଡ଼ିଶାର ବିଭିନ୍ନ ଧନୁଯାତ୍ରାରେ ହୃଷିକେଶ କଂସ ଭୂମିକାରେ ଅଭିନୟ କରି ବେଶ୍ ପ୍ରଶଂସା ସାଉଁଟୁଥିଲେ ।

### ଜେଲ୍ ସେଲ୍‌ରୁ ମାରଣାସ୍ତ୍ର ଜବତ

## ଭିଡ଼ିଓ ପଠାଇ ବଟି ଧମକ



ଭୁବନେଶ୍ୱର, ୨୨।୧୦ (ସବ୍ୟୁ) : ଝାରପଡା ସ୍ୱତନ୍ତ୍ର କାରାଗାର ସେଲ୍ ମଧ୍ୟରୁ ଗୋଟିଏ ଟିପା ଛୁରି ଓ ଗୋଟିଏ ଆଣ୍ଡ୍ରଏଡ୍ ଫୋନ୍ ଜବତ ହୋଇଛି । ଛୁରି ଓ ମୋବାଇଲ ବିଚାରାଧୀନ ବନ୍ଦୀ ନଷ୍ଟୁ ରହୁଥିବା ସେଲ୍ ମଧ୍ୟକୁ କିପରି ଗଲା ସେଥିନେଇ ତଦନ୍ତ ହେଉଛି । କର୍ମଚାରୀମାନେ ସମ୍ପୃକ୍ତ ଥିବା ସନ୍ଦେହ କରିଛନ୍ତି ଜେଲ୍ ସୁପରିଟେଣ୍ଡେଣ୍ଟ । ଏ ସମ୍ପର୍କରେ ଲକ୍ଷ୍ମୀସାଗର ଥାନାରେ ମଧ୍ୟ ଏତଲା କରାଯାଇଥିବା ସେ କହିଛନ୍ତି ।

ବ୍ରାଉନସୁଗର କାରବାରରେ ଗିରଫ ହୋଇ ଜେଲ୍ ଯାଇଥିବା ବିଚାରାଧୀନ ବନ୍ଦୀ ରହୁଥିବା ସେଲ୍‌ରୁ ଛୁରି ଓ ମୋବାଇଲ ଜବତ ହୋଇଛି । ବାହାରକୁ ଟିପାଛୁରି ବୁଲାଇବା ଭିଡିଓ ପଠାଇ ସାକ୍ଷୀଙ୍କୁ ଧମକ ଦେବା ସହ ଅନ୍ୟମାନଙ୍କୁ ବଟି ପାଇଁ ଧମକ ଦିଆଯାଉଥିବା ଜଣାପଡିଛି । ଭିଡିଓ ବାହାରେ ପ୍ରଚାରିତ ହେବା ପରେ ସେଲ୍ ଯାଞ୍ଚ କରାଯାଇଥିଲା । ଯାଞ୍ଚ ବେଳେ ବ୍ରାଉନସୁଗର ମାମଲାରେ ଗିରଫ ହୋଇଥିବା ବିଚାରାଧୀନ ବନ୍ଦୀର ସେଲ୍‌ରୁ ଟିପା ଛୁଟି (ଯାହା ଅପରାଧିକ କାର୍ଯ୍ୟକଳାପରେ ବ୍ୟବହାର ହୁଏ) ଓ ଆଣ୍ଡ୍ରଏଡ୍ ଫୋନ୍ ଜବତ ହେବା ପରେ ତାହା ଭିତରକୁ କିପରି ଗଲା ଜାଣିବା ପାଇଁ ତଦନ୍ତ ଜାରି ରହିଛି । ନିଶାଦ୍ରବ୍ୟ, ଛୁରି ଓ ମୋବାଇଲ ପ୍ରଭୃତି ଭିତରକୁ ଯିବାରେ କର୍ମଚାରୀଙ୍କ ହାତ ଥିବା ସନ୍ଦେହ ହେବା ସ୍ୱାଭାବିକ । ସୁପରିଟେଣ୍ଡେଣ୍ଟଙ୍କ କହିବାନୁଯାୟୀ ଜନବସତି ଜେଲ୍ ଚର୍ତୁଃପାର୍ଶ୍ୱରେ ବଢ଼ିଥିବାରୁ ଭିତରକୁ ପୁଡିଆ କରି ପାଚେରି ଡିଆଁଇ ଭିତରକୁ ପକାଉଛନ୍ତି । ତଲାସୀ ବେଳେ ତାହା ଜବତ ହେବା ସହ ଥାନାରେ ମଧ୍ୟ ଅଭିଯୋଗ କରାଯାଉଛି ।

ଛୁରି ଓ ଆଣ୍ଡ୍ରଏଡ୍ ଫୋନ୍ ମିଳିବା (୯ ପୃଷ୍ଠାରେ)

## ୭୯ ବିମାନକୁ ୨୪ ଘଣ୍ଟାରେ ହୋକ୍ସ କଲ୍



ନୂଆଦିଲ୍ଲୀ, ୨୨।୧୦ : ବିମାନଗୁଡ଼ିକୁ ବୋମା ଧମକର ମିଛ କଲ୍ ଥମୁନାହିଁ । ଗତ ୨୪ ଘଣ୍ଟା ମଧ୍ୟରେ ପୁଣି ୭୯ ବିମାନକୁ ଏଭଳି ଧମକ ମିଳିଛି । ବିଶେଷକରି ଆନ୍ତର୍ଜାତୀୟ ପଥରେ ଯାଉଥିବା ବିମାନଗୁଡିକୁ ଏହି ଧମକ ମିଳିଛି । ଫଳରେ ଅଧିକାଂଶ ବିମାନର ଉଡାଣ ବିଳମ୍ବ ହୋଇଛି । ଚଳିତ ସପ୍ତାହରେ ପ୍ରାୟ ୧୬୯ ବିମାନକୁ ଏଭଳି ଧମକ ମିଳିଲାଣି ।

ସୋମବାର ରାତିରୁ ମଙ୍ଗଳବାର ମଧ୍ୟରେ ଇଣ୍ଡିଗୋର ୨୩, ଭିସ୍ତାରାର ୨୧, ଆକାଶର ୧୨ ଓ ଏୟାର ଇଣ୍ଡିଆର ୨୩ ବିମାନକୁ ଏଭଳି ଧମକ ମିଳିଛି । ଏଥିରେ ଅନେକ ମିଛ କଲ୍ ଥିବା ସୂଚନା ମିଳିଛି । ନିକଟରେ ଆସୁଥିବା ଏହି ଧମକଗୁଡ଼ିକ ଜେଦାହ, ଇସ୍ତାନବୁଲ୍ ଓ ରିୟାଦ୍ ଯାଉଥିବା ବିମାନକୁ ମିଳିଥିବା ଜଣାପଡିଛି । ମାଙ୍ଗାଲୁରୁରୁ ମୁମ୍ବାଇ ଆସୁଥିବା ଇଣ୍ଡିଗୋ ବିମାନ ଏହାଦ୍ୱାରା ପ୍ରଭାବିତ ହୋଇଛି । ଏଭଳି ମିଛ ଧମକ ମିଳିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡି କରାଯାଇଛି । ଯାତ୍ରୀମାନଙ୍କୁ ସୁରକ୍ଷିତ କରାଯିବା ସହ ଆଉଥରେ ସୁରକ୍ଷା ଚେକ୍ କରାଯାଇଛି । ସେହିଭଳି ଅହମ୍ମଦାବାଦରୁ ଜେଦାହ ଯାଉଥିବା ଇଣ୍ଡିଗୋ ବିମାନକୁ ଏଭଳି ଧମକ ମିଳିବା ପରେ ଯାତ୍ରୀମାନଙ୍କୁ ନିରାପଦ ଭାବେ ବିମାନରୁ ବାହାର କରାଯାଇଥିଲା । ଏସ୍‌ଓପିକୁ ଅନୁସରଣ କରାଯାଇ ଏୟାରଲାଇନ୍ସଗୁଡିକ କାର୍ଯ୍ୟ କରୁଛନ୍ତି । ଇଣ୍ଡିଗୋର ଲକ୍ଷ୍ନୌରୁ ପୁନେ, ହାଇଦ୍ରାବାଦରୁ ଜେଦାହ, ଇସ୍ତାନାବୁଲ୍‌ରୁ ମୁମ୍ବାଇ, ଦିଲ୍ଲୀରୁ ଦମାମ୍, ବେଙ୍ଗାଲୁରୁରୁ ଜେଦାହ ଆସୁଥିବା ବିମାନର ଗତିପଥକୁ ପରିବର୍ତ୍ତନ କରାଯାଇଥିଲା । ତେବେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କହିଛନ୍ତି ଯେ ବିମାନକୁ ଏଭଳି ମିଛ ଧମକ ଦେବା ଏକ ଧର୍ତ୍ତବ୍ୟ ଅପରାଧ ହେବ । କିଛିଦିନ ହେବ ଅନେକ ବିମାନକୁ ଏଭଳି ବିଭିନ୍ନ ଜାଗାରୁ ଧମକପୂର୍ଣ୍ଣ ଫୋନ୍ ଓ ମେସେଜ୍ ଆସୁଛି । ଶନିବାର ୩୦ରୁ ଅଧିକ ବିମାନକୁ ଏଭଳି ଧମକ ଆସିଥିଲା ।

### ସପ୍ତାହକରେ ୧୬୯ ବିମାନକୁ ମିଳିଲାଣି ଧମକ
### ୭୯ ବିମାନକୁ କେବଳ ବୋମା ଧମକ

# ଘୁଙ୍ଗୁଡ଼ି

ଗଭୀର ନିଦରେ ଶୋଇବା ପରେ କିଛି ଲୋକ ଘୁଙ୍ଗୁଡ଼ି ମାରିବାକୁ ଲାଗିଥାନ୍ତି । ଘୁଙ୍ଗୁଡି ସାଧାରଣତଃ ସୁଖନିଦ୍ରା ବେଳେ ଶ୍ୱାସକ୍ରିୟାରେ ପ୍ରାକୃତିକ ବ୍ୟାଘାତକୁ ବୁଝାଏ । ନିଦ୍ରିତ ଅବସ୍ଥାରେ ଅତ୍ୟଧିକ ଘୁଙ୍ଗୁଡ଼ି ମାରିବା ଦ୍ୱାରା କିମ୍ବା ଗଳାରେ ନିଶ୍ୱାସ ଅଟକି ଯିବା ଦ୍ୱାରା ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହୋଇଥାଏ। ଯଦି ନିଶ୍ୱାସ ୧୦ ସେକେଣ୍ଡରୁ ଅଧିକ ବନ୍ଦ ହୋଇଯାଏ ଏହାକୁ ସ୍ନୋରିଂ କହନ୍ତି । ଏହି ରୋଗ ଶତକଡ଼ା ୪୫ ଭାଗ ପୁରୁଷଙ୍କ କ୍ଷେତ୍ରରେ ଏବଂ ଶତକଡ଼ା ୩୦ଭାଗ ମହିଳାଙ୍କ କ୍ଷେତ୍ରରେ ଦେଖାଦେଇଥାଏ । ସାଧାରଣତଃ ନିଃଶ୍ୱାସ ନେବା ବେଳେ ଅମ୍ଳଜାନ ନାକ ବାଟରେ ଗଳା ଏବଂ ସ୍ୱର ଯନ୍ତ୍ର ଦେଇ ଫୁସ୍‌ଫୁସ୍‌କୁ ଯାଇଥାଏ । ତେବେ ନାକରେ କୌଣସି ଆଘାତ ଲାଗିଲେ, ପଲିପ୍ (ମାଂସବୃଦ୍ଧି) , ରାଇନାଇଟିସ୍ କିମ୍ବା ଗଳାର ରାସ୍ତାରେ ଅବରୋଧ କାରଣରୁ ଅମ୍ଳଜାନ ଏହି ବାଟ ଦେଇ ଯିବା ସମୟରେ ଏହି ମାଂସପେଶୀଗୁଡିକ ମଧ୍ୟରେ କମ୍ପନ ସୃଷ୍ଟିହୋଇଥାଏ । ଏହାଫଳରେ ଏକ ଶବ୍ଦ ସୃଷ୍ଟି ହୋଇଥାଏ, ଯାହାକୁ କି ଆମେ ସାଧାରଣ ଭାଷାରେ ଘୁଙ୍ଗୁଡି ବୋଲି କହିଥାଉ । ଯଦି ଆପଣଙ୍କ ଘୁଙ୍ଗୁଡି ସମସ୍ୟା ଅଛି ତେବେ ତୁରନ୍ତ ଇଏନ୍‌ଟି ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ ।

**କେତେବେଳେ ନେବେ ଡାକ୍ତରଙ୍କ ପରାମର୍ଶ**

ଶୋଇବା ବେଳେ ଘୁଙ୍ଗୁଡି ମାରିବାକୁ ଏକ ସାଧାରଣ ସମସ୍ୟା ଭାବି ଆମ ଭିତରୁ ଅନେକ ଏହାକୁ ଅବହେଳା କରିଥାନ୍ତି, ହେଲେ ଯଦି ଶୋଇବାବେଳେ ଆପଣ,

୧. ଅତ୍ୟଧିକ ଘୁଙ୍ଗୁଡ଼ି ମାରୁଛନ୍ତି
୨. ଦିନବେଳା ନିଦ ଲାଗୁଛି
୩. ସକାଳେ ନିଦ ଲାଗିବା ସହିତ ମୁଣ୍ଡ ବିନ୍ଧୁଛି
୪. ରାତ୍ରିରେ ବାରମ୍ବାର ନିଦଭାଙ୍ଗିବା
୫. ଅଣନିଶ୍ୱାସୀ ଲାଗୁଛି
୬. ଛାତି ଜାମ ଲାଗୁଛି

**ଛୋଟ ପିଲାଙ୍କ ଘୁଙ୍ଗୁଡ଼ି ସମସ୍ୟା**

କେବଳ ଯେ ବଡ ଲୋକ ଏହା ନୁହେଁ ଛୋଟପିଲାଙ୍କ କ୍ଷେତ୍ରରେ ମଧ୍ୟ ଘୁଙ୍ଗୁଡି ସମସ୍ୟା ଦେଖିବାକୁ ମିଳିଥାଏ । ତେଣୁ ସେମାନଙ୍କ ନିକଟରେ ଘୁଙ୍ଗୁଡିର ଲକ୍ଷଣ ଦେଖି ଚିକିତ୍ସା କରିବାର ଆବଶ୍ୟକତା ରହିଛି । ତେଣୁ ଯଦି ଛୋଟ ପିଲାଟିଏ ମଧ୍ୟ ନିଦରେ ଶୋଇବା ସମୟରେ ସବୁବେଳେ ଘୁଙ୍ଗୁଡି ମାରୁଛି ତେବେ ଏହାକୁ ଅଣଦେଖା ନକରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



## ସୋସିଆଲ କୋଟ୍ସ



ବର୍ତ୍ତମାନ ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି । ସଲମାନଙ୍କୁ ବାରମ୍ବାର ଧମକ ମିଳୁଛି, ବାବା ସିଦ୍ଦିକିଙ୍କର ବି ହତ୍ୟା ହୋଇ ସାରିଛି । ତେଣୁ ସଲମାନଙ୍କୁ ବିଷ୍ଣୋଇ ସମାଜକୁ କ୍ଷମା ମାଗିବାର ଆବଶ୍ୟକତା ରହିଛି ।

**ଅନୁପ ଜଲୋଟା, ସିଙ୍ଗର**



ଅକ୍ଷୟଙ୍କର ସେତେବେଳେ ଅନେକ ଫିଲ୍ମ ଫ୍ଲପ୍ ହେଉଥିଲା । ଏହାସହ ଅନେକ ଫିଲ୍ମ ତାଙ୍କର ଅଧା ସୁଟିଂରେ ପଡି ରହିଥିଲା । ତେଣୁ ତାଙ୍କ ସହିତ କାମ କରିବାକୁ ସମସ୍ତେ ଡରୁଥିଲେ । ହେଲେ ମୋତେ ତାଙ୍କ ଭିତରେ କିଛି ଖାସ ଦେଖିବାକୁ ମିଳିଲା ତେଣୁ ମୁଁ ତାଙ୍କୁ ସାଇନ୍ କରାଇଥିଲି ।

**ସୁନିଲ ଦର୍ଶନ, ଫିଲ୍ମ ମେକର**



କେବଳ କ୍ୟାରିୟର ନୁହେଁ ପର୍ସନାଲ ଲାଇଫ୍‌ରେ ମଧ୍ୟ ଅନେକ ଷ୍ଟ୍ରଗଲ କରିଛି । ପ୍ରଥମଥର ମା' ହେବା ସମୟରେ ଅନେକ କମ୍ପ୍ଲିକେସନ ଥିଲା ।

**ସମୀରା ରେଡି, ଅଭିନେତ୍ରୀ**

## ଇତିହାସ ପୃଷ୍ଠାରୁ

୧୭୬୪– ମୀର୍ କାଶିମ୍ ବକ୍ସର ଲଢେଇରେ ପରାଜିତ ହେଲେ ।
୧୮୫୦– ମହିଳାମାନଙ୍କ ଅଧିକାରକୁ ନେଇ ପ୍ରଥମ ଥର ପାଇଁ ଆମେରିକାରେ ନ୍ୟାସ୍‌ନାଲ୍ ୱିମେନ୍ ରାଇଟ୍ କନଭୋକେସନ୍ ଆରମ୍ଭ ।
୧୯୧୦– ଆମେରିକାରେ ବ୍ଲାଞ୍ଚେ ଏସ୍. ସ୍କଟ୍ ପ୍ରଥମ ମହିଳା ରୂପେ ଏକୁଟିଆ ବିମାନ ଜାହାଜ ଉଡ଼ାଇଲେ ।
୧୯୧୫– ନ୍ୟୁୟର୍କରେ ମହିଳାମାନଙ୍କ ମତଦାନ ଅଧିକାରକୁ ନେଇ ପ୍ରାୟ ୨୫ ହଜାର ମହିଳାଙ୍କର ବିକ୍ଷୋଭ ପ୍ରଦର୍ଶନ ।
୧୯୨୨– ବିବିସି ରେଡିଓରେ ଦୈନିକ ସମାଚାର ପ୍ରସାରଣ ଆରମ୍ଭ ।
୧୯୪୩– ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ସିଙ୍ଗାପୁରରେ ଆଜାଦ ହିନ୍ଦ୍ ଫୌଜର 'ଝାନ୍ସି କୀ ରାଣୀ ବ୍ରିଗେଡ୍'ର ସ୍ଥାପନା ।
୧୯୪୬– ନ୍ୟୁୟର୍କରେ ସଂଯୁକ୍ତ ରାଷ୍ଟ୍ର ମହାସଭାର ପ୍ରଥମ ବୈଠକ ।
୧୯୭୮– ଚୀନ୍ ଓ ଜାପାନ ମଧ୍ୟରେ ଦୀର୍ଘ ୪ ଦଶନ୍ଧି ଧରି ଚାଲିଥିବା ଶତ୍ରୁତାକୁ ଔପଚାରିକ ରୂପେ ସମାପ୍ତ କରାଗଲା ।
୨୦୦୧– ପ୍ରଥମ ଥର ପାଇଁ ଆପଲ୍ ଆଇପ୍ୟାଡ୍‌ର ବଜାର ପ୍ରବେଶ ।
୨୦୦୩– ଭାରତ ଓ ବୁଲଗେରିଆ ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି ସ୍ୱାକ୍ଷର ।

# ଅଟୋରେ ବସି ଶିଖନ୍ତୁ କନ୍ନଡ




ବେଙ୍ଗାଲୁରୁର ଏକ ଅଟୋର ଭିଡିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ସୋସିଆଲ ମିଡିଆରେ ଏକ ପୋଷ୍ଟ ଭାଇରାଲ ହେଉଛି ଯେଉଁଥିରେ ଅଟୋରେ ଯାତ୍ରୀମାନଙ୍କୁ ସ୍ଥାନୀୟ ଭାଷା ଶିଖିବାର ସୁବିଧା ଦିଆଯାଉଛି । ଏଥିରେ ଏକ ପାମ୍ପଲେଟ୍ ଝୁଲାଯାଇଛି ଯେଉଁଥିରେ ଲେଖାଯାଇଛି ଯେଉଁମାନେ କନ୍ନଡ ଭାଷା ଶିଖିବାକୁ ଚାହୁଁଛନ୍ତି ସେମାନେ ଅଟୋରେ ଯାତ୍ରା କରିବା ସମୟରେ ଏହାକୁ ଶିଖି ପାରିବେ । ଏଥିରେ ଏକ ଟ୍ୟାଗ୍ ଲାଇନ୍ ଲେଖାଯାଇଛି, ଯାହା ବିଶେଷଭାବେ ଭାଇରାଲ ହେବାରେ ଲାଗିଛି । ଏଥିରେ ଲେଖାଯାଇଛି 'ଲର୍ଣ୍ଣ କନ୍ନଡ ଉଇଥ୍ କନ୍ନଡିଗା' । ଏଥିରେ କିଛି ଧାଡି କନ୍ନଡ ଭାଷାରେ ଲେଖାଯାଇଛି, ଯାହାକୁ ଇଂରାଜୀରେ ଅନୁବାଦ ମଧ୍ୟ କରାଯାଇଛି । ଏଗୁଡିକ କିଛି ସାଧାରଣ ଧାଡି ଯାହା ଆପଣ ଯାତ୍ରା ସମୟରେ ବ୍ୟବହାର କରିବେ । ତେଣୁ ଯେଉଁମାନେ ଅଟୋ ଡ୍ରାଇଭରଙ୍କ ସହିତ ଆଞ୍ଚଳିକ ଭାଷାରେ କଥା ହେବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଏହା ଖୁବ ସହାୟକ ହେଉଛି । ସେହିଭଳି ଆପଣ ଯଦି ଚାହିଁବେ ଯାତ୍ରା ନ କରୁଥିବାବେଳେ ମଧ୍ୟ କନ୍ନଡ ଶିଖି ପାରିବେ । ଏଥିରେ ଏକ କ୍ୟୁଆର୍ କୋଡ ରହିଛି ଯାହାକୁ ସ୍କାନ କରି ଆପଣ ଭିଡିଓ ମଧ୍ୟ ଦେଖିପାରିବେ । ଏହି ପାମ୍ପଲେଟ୍‌ରେ ବେଙ୍ଗାଲୁରୁ ମ୍ୟାପ୍‌କୁ ମଧ୍ୟ ସ୍ଥାନ ଦିଆଯାଇଛି, ଯାହାଫଳରେ ଯାତ୍ରୀଙ୍କୁ ମଧ୍ୟ ସୁବିଧା ହେବ ।

# ୯୨ ବର୍ଷରେ ବନ୍ଧୁକ ଚାଳନା

ପରିଣତ ବୟସରେ ସମସ୍ତେ ଘରେ ରହି ଆରାମ କରିବାକୁ ଚାହାନ୍ତି । ହେଲେ ଚୀନ୍‌ର ଜଣେ ୯୨ ବର୍ଷର ବୃଦ୍ଧା ନିଜର ସୁଟିଂ ସ୍କିଲ୍ ପାଇଁ ଖୁବ ଭାଇରାଲ ହେବାରେ ଲାଗିଛନ୍ତି । ସେ ନିଜର ପରିଣତ ବୟସ ଏବଂ ଆଖିର ଅସୁସ୍ଥତା ମଧ୍ୟରେ ବି ଖୁବ ଭଲ ସୁଟିଂ କରିପାରୁଛନ୍ତି, ଯାହା ସମସ୍ତଙ୍କୁ ଚକିତ କରିଛି । ପୂର୍ବରୁ ବୃଦ୍ଧା ଜଣଙ୍କ ଏକ ଭଲ୍ୟୁଣ୍ଟିୟର ଭାବେ କୋରିଆ ଯୁଦ୍ଧରେ ଲଢିଥିଲେ । ବର୍ତ୍ତମାନ ତାଙ୍କର ଅଧା ଦୃଷ୍ଟିଶକ୍ତି ଚାଲିଯାଇଛି ହେଲେ ତାଙ୍କର ପ୍ରତିଭାରେ କୌଣସି ଅଭାବ ଦେଖିବାକୁ ମିଳିନାହିଁ । ତାଙ୍କ ବନ୍ଧୁକ ଚାଳନାର ଶୈଳୀ ଏବେ ମଧ୍ୟ ସେହିପରି ଅଛି । ଲି ନାମକ ଏହି ବୃଦ୍ଧା ମହିଳା ସୁଟିଂରେ ୯୭ ପଏଣ୍ଟ ହାସଲ କରିବା ପରେ ଅନେକଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ସେ ସୁଟିଂ କରୁଥିବା ସମୟର ଏକ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ ହୋଇଛି, ଯାହା ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ୟୁଜର୍ସ ତାଙ୍କର ସୁଟିଂର ଶୈଳୀକୁ ଖୁବ ପ୍ରଶଂସା କରୁଥିବାର ଦେଖିବାକୁ ମିଳୁଛି ।



# ରାଜସ୍ଥାନୀ ରାବ୍



**ସାମଗ୍ରୀ:** ଘିଅ, ଜୁଆଣୀ, ବାଜରା ଅଟା, ଗୁଡ, ଲୁଣ, ଅଦା ପାଉଡର, ପାଣି, କଟା ବାଦାମ ।

**ପ୍ରଣାଳୀ–** ଗୋଟିଏ ପ୍ୟାନ୍‌ରେ କିଛି ଘିଅ ନିଅନ୍ତୁ ଏଥିରେ ଜୁଆଣି ଫୁଟାନ୍ତୁ । ଜୁଆଣି ଫୁଟିବା ପରେ ଏଥିରେ ବାଜରା ଅଟାକୁ ପକାଇ ଦୁଇରୁ ତିନି ମିନିଟ୍ ଭାଜନ୍ତୁ । ଏହା ଧୀରେଧୀରେ ବାସ୍ନା ହେବ । ପରେ ଏଥିରେ ଗୁଡ, ଅଦା ଗୁଣ୍ଡ, ଲୁଣ ଓ ୪ ରୁ ୫ କପ ପାଣି ଦିଅନ୍ତୁ । ପାଣି ଟିକେ ଅଧିକ ଦେବେ । ଏହି ମିଶ୍ରଣକୁ କିଛି ସମୟ ପାଇଁ ସିଝାନ୍ତୁ । କିଛି ସମୟ ଫୁଟିବା ପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର ବାଜରା ରାବ୍ । ଏହା ବେଶ୍ ସ୍ୱାସ୍ଥ୍ୟକର ହୋଇଥାଏ ଖାଇବାକୁ ।

# ସୁଟିଂ ପାଇଁ ରେଡି



ନିକଟରେ ସାରା ଅଲ୍ଲୀ ଖାନ୍‌ଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ କେ ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି । ତେବେ ସୂଚନା ଅନୁସାରେ ସେହି ମନ୍ଦିରଟି ହିମାଚଳ ପ୍ରଦେଶର ପଲଟାନ୍ ଆର୍ମି କ୍ୟାମ୍ପ ଭିତରେ ରହିଛି । ଏଠାରେ ସାରା ନିଜର ଆଗାମୀ ଫିଲ୍ମର ସୁଟିଂ ପାଇଁ ପହଞ୍ଚିଛନ୍ତି । ସେ ଏବଂ ଆୟୁଷ୍ମାନ ଖୁରାନା ବର୍ତ୍ତମାନ ମନାଲିରେ ନିଜ ଆଗାମୀ ଫିଲ୍ମ ସୁଟିଂ ପାଇଁ ପହଞ୍ଚିଛନ୍ତି । ଧର୍ମା ପ୍ରଡକସନ୍ ବ୍ୟାନରରେ ନିର୍ମିତ ହେଉଥିବା ଏହି ଫିଲ୍ମର କିଛି ସିନ୍ ମନାଲିରେ ସୁଟିଂ କରାଯିବ । ହିରୋ ହିରୋଇନ୍‌ଙ୍କ ସହିତ ପୁରା ଟିମ୍ ବର୍ତ୍ତମାନ ମନାଲିରେ ରହିଛନ୍ତି । ପାଖାପାଖି ଏକ ସପ୍ତାହ ଧରି ଏଠାରେ ସୁଟିଂ ହେବ ବୋଲି ଜଣା ପଡିଛି । ଶୀତ ଦିନ ଆରମ୍ଭରୁ ଏଠାରେ ଫିଲ୍ମ ସୁଟିଂ ମଧ୍ୟ ଆରମ୍ଭ ହୋଇ ସାରିଛି, ଯାହା ଏଠାର ସ୍ଥାନୀୟ ଲୋକଙ୍କୁ ବେଶ୍ ଖୁସି ଦେଇଛି । ସୁଟିଂ ଫଳରେ ସ୍ଥାନୀୟ ଲୋକଙ୍କର ବ୍ୟବସାୟରେ ଉନ୍ନତି ଦେଖିବାକୁ ମିଳିବ ବୋଲି ସେମାନେ ଆଶା ରଖିଛନ୍ତି । ଏଠିକାର ପରିବେଶ ମଧ୍ୟ ଖୁବ ସୁନ୍ଦର ସେଥିପାଇଁ ଏଠାକୁ ପ୍ରତିବର୍ଷ ଅନେକ ଫିଲ୍ମର ୟୁନିଟ୍‌ର ସୁଅ ଛୁଟିଥାଏ, ଯାହା ସେଠିକାର ବାସିନ୍ଦାଙ୍କ ରୋଜଗାର ବଢାଇଥାଏ ।

## ମନେପଡେ

# ନିଜର ସନ୍ତାନ ନଥିବା କଷ୍ଟ ଦେଇଥାଏ



ଅନୁପମ ଖେର୍ ଓ କିରଣ ରାଓ ନିଜର ସମ୍ପର୍କ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାଆନ୍ତି । ୧୯୮୫ରେ ଉଭୟଙ୍କର ବିବାହ ହୋଇଥିଲା । ତେବେ ଖୁବ କମ ଲୋକ ଜାଣିଥିବେ କିରଣ ଓ ଅନୁପମଙ୍କର ନିଜର କୌଣସି ସନ୍ତାନ ନାହାନ୍ତି । କିରଣଙ୍କ ପ୍ରଥମ ସନ୍ତାନ ସିକନ୍ଦରଙ୍କୁ ସେ ନିଜର ନାଁ ଦେଇଛନ୍ତି ସତ ହେଲେ ନିଜର ସନ୍ତାନ ନଥିବା ଦୁଃଖ ତାଙ୍କୁ ସବୁବେଳେ କଷ୍ଟ ଦେଇଥାଏ । ନିକଟରେ ଏକ ପୋଡକାଷ୍ଟରେ ନିଜର ପର୍ସନାଲ ଲାଇଫ୍‌କୁ ନେଇ ଅନୁପମ କଥା ହେବା ବେଳେ ଏଭଳି ଷ୍ଟେଟମେଣ୍ଟ ଦେଇଛନ୍ତି । ସେ ସିକନ୍ଦରଙ୍କ ପାଇଁ ଖୁବ ଖୁସି କିନ୍ତୁ ନିଜ ଛୁଆ ସାନରୁ ବଡ ହେବା ଯେଉଁ ପ୍ରକ୍ରିୟା ତାକୁ ସେ ସବୁବେଳେ ମିସ୍ କରନ୍ତି ବୋଲି ଅନୁପମ କହିଛନ୍ତି । ହେଲେ ଏହା ତାଙ୍କୁ ପ୍ରଥମରୁ ଜଣା ପଡୁନଥିଲା କିନ୍ତୁ ଗତ ୮–୧୦ ବର୍ଷ ହେବ ଏହି ଅଭାବଟା ତାଙ୍କର ଅନୁଭୂତ ହେଉଥିବା ସେ କହିଛନ୍ତି । ନିଜ ସନ୍ତାନକୁ ଛୋଟରୁ ବଡ ହେବା ଦେଖିବା ଏକ ଭିନ୍ନ ଖୁସି ବୋଲି ଅନୁପମ ମତ ଦେଇଛନ୍ତି । ଅନୁପମ ଓ କିରଣଙ୍କର ଏହା ଦ୍ୱିତୀୟ ବିବାହ ଥିଲା, ସିକନ୍ଦର କିରଣଙ୍କ ପ୍ରଥମ ସ୍ୱାମୀଙ୍କର ସନ୍ତାନ ଅଟନ୍ତି ।

### ଅଷ୍ଟ୍ରେଲିଆରେ ପହଞ୍ଚିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

# ଶିକ୍ଷା ଓ ଜ୍ଞାନ ଭାରତ-ଅଷ୍ଟ୍ରେଲିଆ ବନ୍ଧୁତ୍ୱକୁ ଆଗକୁ ନେବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଇ ଦିନ ଧରି ସିଙ୍ଗାପୁରରେ ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଆଜି ଅଷ୍ଟ୍ରେରଲିଆର ମେଲବର୍ଣ୍ଣରେ ପହଞ୍ଚିଛନ୍ତି । ଅଷ୍ଟ୍ରେଲିଆର ମେଲବର୍ଣ୍ଣରେ ବସବାସ କରୁଥିବା ଭାରତୀୟମାନଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ଏହି ଅବସରରେ ସେଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରିବା ସହ ସେମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଅଷ୍ଟ୍ରେଲିଆରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ସହ ସାକ୍ଷାତ ହୋଇ କଥା ହେବା ଖୁସିର ବିଷୟ । ଆମ ପ୍ରବାସୀମାନେ ହେଉଛନ୍ତି ଭାରତର ସଭ୍ୟତାର ସବୁଠାରୁ ବଡ ଏମ୍ବାସେଡର । ଆମର ସଭ୍ୟତାର ମୂଲ୍ୟବୋଧ ଏବଂ ଜ୍ଞାନ ବୈଶ୍ୱିକ ଆହ୍ୱାନର



ସମାଧାନ କରିପାରିବ । ଶିକ୍ଷା ସମନ୍ୱୟ ଓ ସହଯୋଗ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଥିବା ସମ୍ପର୍କକୁ ମଜଭୂତ କରିବ । ଜ୍ଞାନ ସହଯୋଗ ଭାରତ-ଅଷ୍ଟ୍ରେଲିଆ ବନ୍ଧୁତ୍ୱକୁ ଆଗକୁ ନେବାରେ ମୂଳଦୁଆ ହେବ । ଶିକ୍ଷାର ଅନ୍ତର୍ଜାତୀୟକରଣ, ବିଶ୍ୱବିଦ୍ୟାଳୟ ସହ ସଂଯୋଗ, ଗବେଷଣା, ସ୍କିଲିଂ ଏବଂ ପାରସ୍ପରିକ ଛାତ୍ର ବିନିମୟ ଉପରେ ମଧ୍ୟ ଚର୍ଚ୍ଚା କରିଥିଲେ କେନ୍ଦ୍ରମନ୍ତ୍ରୀ ।

ଅଷ୍ଟ୍ରେଲିଆ ଗସ୍ତ କାଳରେ ଶ୍ରୀ ପ୍ରଧାନ ମେଲବର୍ଣ୍ଣରେ ଅଷ୍ଟ୍ରେଲିଆର ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାରଙ୍କୁ ଭେଟିବା ସହ 'ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀ'ରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ସାଉଥ୍ ମେଲବର୍ଣ୍ଣ ପ୍ରାଥମିକ ବିଦ୍ୟାଳୟ ଓ ମେଡଟେକ୍ ପ୍ରୋଟୋଟାଇପିଂ ଏବଂ ବିନିର୍ମାଣ କ୍ଷେତ୍ରରେ ଜଣାଶୁଣା ଆରଏମଆଇଟି ବିଶ୍ୱବିଦ୍ୟାଳୟର 'ଡିସ୍କଭରୀ ଟୁ ଡିଭାଇସ୍' ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ ମେଡିକାଲ ଟେକ୍ନୋଲୋଜିର ବାଣିଜ୍ୟିକ ଏବଂ ଡ୍ରାଇଭିଂ ଇନୋଭେସନରେ ଶିଳ୍ପ-ଏକାଡେମୀ ଲିଙ୍କେଜର ଭୂମିକା ପାଇଁ ସହଯୋଗୀ ଆଭିମୁଖ୍ୟକୁ ଅନ୍ୱେଷଣ କରିବ । ଗତକାଲି ସିଙ୍ଗାପୁରରେ ଶ୍ରୀ ପ୍ରଧାନ ଆଇଆଇଟି ଓ ଆଇଆଇଏମର ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଭେଟି ଦୁଇ ଦେଶର ଶିକ୍ଷା ବ୍ୟବସ୍ଥା ସମ୍ବନ୍ଧରେ ଚର୍ଚ୍ଚା କରିଥିଲେ । କେନ୍ଦ୍ରମନ୍ତ୍ରୀ କହିଥିଲେ, ଆମର ଆଇଆଇଟି ଓ ଆଇଆଇଏମ୍ ଗୁଡ଼ିକ ଭାରତର ଜ୍ଞାନ ଶକ୍ତିର ଗୋଟିଏ ଗୋଟିଏ ଉଦାହରଣ । ଆଜିର କାର୍ଯ୍ୟକ୍ରମ ପ୍ରତିଫଳିତ କରୁଛି ଯେ, ଭାରତ ଚତୁର୍ଥ ଶିଳ୍ପ ବିପ୍ଳବର ନେତୃତ୍ୱ ନେବାରେ ଏକ ଉତ୍ପ୍ରେରକ ହେବ । 'ଅମୃତ କାଳ' ଭାରତ ପାଇଁ ଏକ ନିର୍ଣ୍ଣାୟକ ପର୍ଯ୍ୟାୟ । ଏହା ପରିବର୍ତ୍ତନର ଯୁଗ । ବ୍ରାଣ୍ଡ୍ ଭାରତର ପୂର୍ବତନ ଛାତ୍ରଛାତ୍ରୀ-ଏମ୍ବାସେଡରମାନଙ୍କୁ ଭାରତର ମୁହୂର୍ତ୍ତକୁ ଉପଭୋଗ କରିବା ତଥା ନୂତନ ଭାରତର ଅଭିବୃଦ୍ଧି ଯାତ୍ରାରେ ସକ୍ରିୟ ଯୋଗଦାନ ରଖିବା ପାଇଁ ସେ ଆହ୍ୱାନ କରିଥିଲେ ।

### ଜଳ ସଂପଦର ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ

# ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ସହ ପଞ୍ଚମ ଜାତୀୟ ଜଳ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ଜଳସଂପଦର ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ବର୍ଗରେ ପ୍ରଥମ ସ୍ଥାନ ମାନ୍ୟତା ସହ ପଞ୍ଚମ ଜାତୀୟ ଜଳ ପୁରସ୍କାର ପ୍ରଦାନ କରାଯାଇଛି । ଓଡ଼ିଶା ସରକାରଙ୍କ ତରଫରୁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଳ ସଂପଦ ବିଭାଗ ଶ୍ରୀମତୀ ଅନୁଗର୍ଗ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁଙ୍କ ଠାରେ ନୂଆଦିଲ୍ଲୀର



ବିଜ୍ଞାନଭବନ ଠାରେ ଆୟୋଜିତ ଏକ ସମାରୋହରେ ଏହି ପୁରସ୍କାର ଗ୍ରହଣ କରି ସମ୍ବର୍ଦ୍ଧିତ ହୋଇଛନ୍ତି । ଓଡ଼ିଶା ସରକାର ତଥା ଜଳ ସଂପଦ ବିଭାଗ ତରଫରୁ ଜଳ ସଂରକ୍ଷଣ ଏବଂ ଜଳ ସେଚନ କ୍ଷେତ୍ରରେ ବିବିଧ କାର୍ଯ୍ୟକ୍ରମ ଗ୍ରହଣ ଓ ସଫଳତା ଯୋଗୁ ରାଜ୍ୟ ସରକାରଙ୍କୁ ଏହି ପୁରସ୍କାର ମିଳିଛି । ଜଳସଂପଦର ବିକାଶ ଓ ଜଳ ପରିଚାଳନା କ୍ଷେତ୍ରରେ ସରକାରଙ୍କ ଆନ୍ତରିକ ପ୍ରୟାସ, ରାଜ୍ୟ ଓ କ୍ଷେତ୍ରସ୍ତରରେ କାର୍ଯ୍ୟରତ ସମସ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କର ନିରନ୍ତର ପ୍ରୟାସ, ସଂପୃକ୍ତ ବିଭିନ୍ନ ବିଭାଗ, ସଂସ୍ଥା, ଅନୁଷ୍ଠାନ, ସ୍ୱୟଂସହାୟିକା ଗୋଷ୍ଠୀ ଏବଂ ପାଣି ପଞ୍ଚାୟତର କର୍ମୀମାନଙ୍କର ସହଯୋଗ ଯୋଗୁ ଏହି ସଫଳତା ମିଳିଛି ବୋଲି ଉନ୍ନୟନ କମିଶନର ତଥା ରାଜ୍ୟ ଜଳସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ପ୍ରକାଶ କରିଛନ୍ତି ।

### ପୂର୍ବତଟ ରେଳପଥ ପକ୍ଷରୁ ବାତ୍ୟା ସାବଧାନତା

# ଯାତ୍ରୀଙ୍କ ସୁରକ୍ଷା ଏବଂ ନିରାପତ୍ତା ପାଇଁ ସର୍ବୋଚ୍ଚ ପ୍ରାଥମିକତା

ଭୁବନେଶ୍ୱର, (ସବ୍ୟୁ): ସମ୍ଭାବ୍ୟ ବାତ୍ୟା ଦାନ କୁ ମୁକାବିଲା କରିବା ସହିତ ଯାତ୍ରୀମାନଙ୍କ ସୁରକ୍ଷା ଏବଂ ରେଳ ଚଳାଚଳ ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛି ଅତୀତର ବାତ୍ୟା ବିଭୀଷିକାର ଅଭିଜ୍ଞତା ଉପରେ ଧ୍ୟାନ ଦେଇ ଟ୍ରେନ୍ ସେବା ଉପରେ ସମ୍ଭାବ୍ୟ ପ୍ରଭାବକୁ ହ୍ରାସ କରିବାକୁ ପୂର୍ବତଟ ରେଳପଥ ସକ୍ରିୟ ଭାବରେ ପ୍ରସ୍ତୁତ ହୋଇଛି । ବାତ୍ୟା ମୁକାବିଲାର ପ୍ରସ୍ତୁତତାକୁ ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳପଥ ଏହାର ମୁଖ୍ୟାଳୟ ରେଳ ସଦନ ସହିତ ଖୋର୍ଦ୍ଧା ରୋଡ, ବିଶାଖାପାଟନମ୍ ଏବଂ ସମ୍ବଲପୁରରେ ଥିବା ରେଳ ମଣ୍ଡଳ ମୁଖ୍ୟାଳୟରେ ୨୪ ଘଣ୍ଟିଆ ବିପର୍ଯ୍ୟୟ ପରିଚାଳନା ନିୟନ୍ତ୍ରଣ କକ୍ଷକୁ ସକ୍ରିୟ କରିଛି ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁଥିବା ଟ୍ରେନ୍ ସେବା ଏବଂ ରେଳ ଭିତ୍ତିଭୂମିର ଶୀଘ୍ର ପୁନରୁଦ୍ଧାର ପାଇଁ ଏହି ଦଳଗୁଡିକ ଉତ୍ସର୍ଗୀକୃତ ରହି ସେମାନଙ୍କର କାର୍ଯ୍ୟ ସମ୍ପାଦନ କରିବେ । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ବାତ୍ୟା ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକରେ ଅଧକ୍ଷତା କରି ଟ୍ରେନ ଯାତ୍ରୀ ମାନଙ୍କୁ ଶୂନ ବିପଦ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରମୁଖ ବିଭାଗୀୟ ଅଧିକାରୀ ମାନଙ୍କ ସହ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନଙ୍କୁ ପରାମର୍ଶ ଦେଇଛନ୍ତି ଟ୍ରାକ ମାନଙ୍କର ଶୀଘ୍ର ପୁନରୁଦ୍ଧାର, ସିଗନାଲିଂ ସିଷ୍ଟମ ଏବଂ ବିଦ୍ୟୁତିକରଣ ଇତ୍ୟାଦି ପାଇଁ ସ୍ୱତନ୍ତ୍ର ଦଳ ନିୟୋଜନ, ବାତ୍ୟା ପରେ ଟ୍ରେନ୍ ସେବାଗୁଡିକର ଶୀଘ୍ର ପୁନରୁଦ୍ଧାର ସୁନିଶ୍ଚିତ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ ।

ଟ୍ରାକ୍, ସିଗନାଲ୍ ସିଷ୍ଟମ୍ ଏବଂ ବିଦ୍ୟୁତିକରଣ ପ୍ରକ୍ରିୟାଗୁଡ଼ିକର ଶୀଘ୍ର ପୁନରୁଦ୍ଧାର ପାଇଁ ବିଶେଷଜ୍ଞ ଦଳଗୁଡ଼ିକୁ ସ୍ଥାନିତ କରି ପୂର୍ବତଟ ରେଳପଥ ଯାତ୍ରୀ ସୁରକ୍ଷାକୁ ପ୍ରାଥମିକତା ଦେଇଛି ବିଦ୍ୟୁତ ସରବରାହ ବନ୍ଦ ହେଲେ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବାକୁ ଡିଜେଲ ଲୋକୋମୋଟିଭ୍ ଗୁଡିକୁ ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଇଅଛି । ସଙ୍କଟ ସମୟରେ ଯୋଗାଯୋଗ ବଜାୟ ରଖିବା ପାଇଁ ସାଟେଲାଇଟ୍ ଫୋନ୍ ସହିତ ସଜାଯାଇଥିବା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷଗୁଡ଼ିକ ଦିନରାତି କାର୍ଯ୍ୟକ୍ଷମ କରିବ ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ରେଡ୍ ଆଲର୍ଟ ଜାରି କରାଯିବା ସହିତ ପୂର୍ବତଟ ରେଳପଥ ବ୍ରହ୍ମପୁର-ଭଦ୍ରକ ରେଳ ସେକ୍ସନ ମଧ୍ୟରେ ଥିବା ସମସ୍ତ ଷ୍ଟେସନରେ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି । ବାତ୍ୟା ବିପଦକୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନ୍ ସେବା (ବୁଲେଟିନ୍ -୧ ସଂଲଗ୍ନ) ବାତିଲ କରିବାକୁ ପୂର୍ବତଟ ରେଳପଥ କଠିନ ନିଷ୍ପତ୍ତି ନେଇଛି । ବିପଦକୁ କମ୍ କରିବା ଏବଂ ସମସ୍ତ ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଏହି ସଂଶୋଧନଗୁଡ଼ିକ ଆବଶ୍ୟକ ବାତ୍ୟା ପରେ ଟ୍ରେନ ଚଳାଚଳ ପାଇଁ ଅନୁମତି ପାଇବା ପରେ ଯଥାଶୀଘ୍ର ସାଧାରଣ ସେବାଗୁଡିକ ପୁନରୁଦ୍ଧାର ପାଇଁ ପୂର୍ବତଟ ରେଳପଥ ପ୍ରତିବଦ୍ଧ ଅଟେ ଯାତ୍ରୀମାନଙ୍କୁ ରେଳବାଇ ସାମାଜିକ ଗଣମାଧ୍ୟମ କିମ୍ବା ୱେବସାଇଟରେ ଟ୍ରେନ ଚଳାଚଳର ସଠିକତା ଯାଞ୍ଚ କରି ଅବଗତ ରହିବାକୁ କୁହାଯାଇଛି ।

ପ୍ରବଳ ବର୍ଷା ସମୟରେ ଟ୍ରକ ଓ ରେଳଧାରଣର ଅବସ୍ଥିତିକୁ ନଜର ରଖିବା ପାଇଁ ରେଲୱେ ଟ୍ରାକର ପାଟ୍ରୋଲିଂ ଯୋଜନା କରାଯାଇଛି ଯାହାଦ୍ୱାରା ଯଦି କୌଣସି ବିପଦ କିମ୍ବା ବାଧା ଉପୁଜିବାର ସମ୍ଭାବନା ଥିବ, ତାହେଲେ ନିୟୋଜିତ କର୍ମଚାରୀ ମାନେ ପୂର୍ବରୁ ସୂଚନା ପ୍ରଦାନ କରି ଏହାର ତଦାରଖ କରପଇପାରିବେ ଏବଂ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ କୌଣସି ଅସାଧାରଣ ଘଟଣା ନପହଞ୍ଚିବ ସେଥିପ୍ରତି ଧ୍ୟାନ ଦିଆଯାଉଅଛି ଷ୍ଟେସନାରୀ ପାଟ୍ରୋଲିଂ ଏବଂ ୱାଚମେନଙ୍କୁ ମଧ୍ୟ ସମ୍ବେଦନଶୀଳ ସ୍ଥାନରେ ନିୟୋଜିତ କରାଯାଇଛି ।

### ଯୁବକଙ୍କୁ ହତ୍ୟା, ନିର୍ମାଣାଧୀନ ମନ୍ଦିରରୁ ଶବ ଜବତ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପତରଗାଡିଆ ଗ୍ରାମର ଜଣେ ଯୁବକ ନିଖୋଜ ଥିଲେ । ପରିବାର ଲୋକେ ଥାନାରେ ନିଖୋଜ ଅଭିଯୋଗ କରିଥିବା ବେଳେ ମଙ୍ଗଳବାର ନିର୍ମାଣାଧୀନ ମନ୍ଦିର ବେଢାରୁ ତାଙ୍କ ଶବ ମିଳିବା ପରେ ପରିବାର ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି । କାରଣ କ୍ଷତାକ୍ତ ଅବସ୍ଥାରେ ନିଖୋଜ ଯୁବକଙ୍କ ଶବ ମିଳିଛି ।

ପଥରଗାଡିଆ ଗ୍ରାମର ସୁଶାନ୍ତ ବେହେରା (୪୦) । ସେ ସୋମବାର କାମରେ ଯାଇ ଘରକୁ ଫେରିନଥିଲା । ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ନଫେରିବାରୁ ଖୋଜଖବର କରି ତା'ପରିବାର ଲୋକେ ନିରାଶ ହୋଇଥିଲେ । ଉପାୟଶୂନ୍ୟ ହୋଇ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଅଭିଯୋଗ ଗ୍ରହଣ କରି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରି ତଦନ୍ତ ଜାରି ରଖିଛି । ଘଟଣାସ୍ଥଳକୁ ସନ୍ଧାନୀ କୁକୁର ନିଆଯାଇଥିଲା ବେଳେ କୌଣସି ସଠିକ୍ ତଥ୍ୟ ମିଳିନାହିଁ । ସୁଶାନ୍ତଙ୍କ ମୁହଁ, ମୁଣ୍ଡ, ଦେହ ପ୍ରଭୃତିରେ କ୍ଷତଚିହ୍ନ ଥିବାବେଳେ ମୁହଁ କଳାପଡିଯାଇଛି । କିଏ କାହିଁକି ସୁଶାନ୍ତଙ୍କୁ ହତ୍ୟା କରି ନିର୍ମାଣାଧୀନ ମନ୍ଦିର ଭିତରେ ପକାଇ ଦେଲା ସ୍ପଷ୍ଟ ଜଣାପଡିନାହିଁ । ପୋଲିସ ପରିବାର ଲୋକଙ୍କ ସୂଚନା ଆଧାରରେ ବିଭିନ୍ନ ଲୋକଙ୍କୁ ପଚରାଉଚରା କରୁଛି ।

### ନିଶିକାନ୍ତ ହତ୍ୟା ଘଟଣାର ପର୍ଦ୍ଦାଫାସ ୫ଗିରଫ

# ଗାଁ ପତିଆରା, ପୂର୍ବ ଶତ୍ରୁତାରୁ ଯୋଜନାବଦ୍ଧ ହତ୍ୟା

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସଦର ଥାନା କାଇପଦର ମୌଜା ଟାଙ୍ଗେଣି ଖଣି ପୋଖରୀରୁ ନିଶିକାନ୍ତ ବେହେରା ହତ୍ୟାକାଣ୍ଡ ପର୍ଦ୍ଦାଫାସ କରିଛି ପୋଲିସ । ଗାଁ ରେ ପତିଆରା, ପୂର୍ବ ଶତ୍ରୁତାରୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ଏସପି ସାଗରିକା ନାଥ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଥିବାବେଳେ ଜଣେ ନାବାଳକ କୁ ଜୁଭେନାଇଲ ବୋର୍ଡରେ ହାଜର କରିଛି । ଗିରଫମାନେ ହେଲେ ବାଘମାରୀ ଥାନା ପତନୀବର ର ବିଶ୍ୱନାଥ ପ୍ରଧାନ ଓରଫ ବିଶୁ (୨୩), ଶୁଭାଶିଷ ବଳିୟାରସିଂହ ଓରଫ ବିଚ୍ଚୁ (୧୯), ସୁକାନ୍ତ ପ୍ରଧାନ ଓରଫ ଚିନୁ (୧୮), ଅମୀୟରଞ୍ଜନ ବଳିୟାରସିଂହ ଓରଫ ଡବଲୁ (୨୨) ଓ ଆଶୁତୋଷ ବଳିୟାରସିଂହ ଓରଫ ଜପୁ (୨୬) । ଏମାନଙ୍କ ଠାରୁ ହତ୍ୟାରେ ବ୍ୟବହୃତ ପଥର, ୪ଟି ଗାମୁଛା, ୨ଟି ବାଇକ, ୬ଟି ମୋବାଇଲ, କାର ଜବତ କରାଯାଇଛି । ବାଘମାରୀ ଥାନା ପତନିବର ଗାଁ ବାଉତି ମନ୍ଦିର ରେ ନିଶିକାନ୍ତ ବେହେରା ଓରଫ ରାଜା କୁ ହତ୍ୟା ପରେ ଅଭିଯୁକ୍ତମାନେ ପ୍ରମାଣ ଲୁଚାଇବାକୁ ସଦରଥାନା ଅନ୍ତର୍ଗତ ଟାଙ୍ଗେଣୀ ଖଣି ପୋଖରୀରେ ପଥର



ବାନ୍ଧି ଫୋପାଡି ଦେଇଥିଲେ ଅଭିଯୁକ୍ତମାନେ । ଗତ ୬ତାରିଖରେ ତାଙ୍କ ମୃତ ଦେହ ପୋଲିସ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା ।ପରେ ପରିଚୟ ମିଳିଥିବାବେଳେ ମୃତକ ରାଜାର ବାପା ନୀଳମଣି ବେହେରା ପୁଅକୁ କେହି ହତ୍ୟା କରିଥିବା ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୋଲିସ ୮ତାରିଖରେ ଅପମୃତ୍ୟୁ ମାମଲା କୁ ହତ୍ୟାକାଣ୍ଡ ରେ ପରିବର୍ତ୍ତନ କରିଥିଲା । ଏସପି ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ଭାରପ୍ରାପ୍ତ ଏସଡିପିଓ ଅନୀଲ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ ବିଭିନ୍ନ ସ୍ଥାନରେ ଚଢଉ କରି ଜଣେ ନାବାଳକ ସମେତ ୬ଜଣଙ୍କୁ ଗିରଫ କରିଛି । ନାବାଳକ କୁ ଜୁଭେନାଇଲ ବୋର୍ଡରେ ଛାଡିଥିବାବେଳେ ଅନ୍ୟ ୫ଜଣଙ୍କୁ କୋର୍ଟ ଚାଲାଣ କରିଛି । ଗିରଫଙ୍କ ମଧ୍ୟରୁ ୨ଜଣ ମୁଖ୍ୟ ଅଭିଯୁକ୍ତ , ୨ଜଣ ମୃତଦେହ ଠିକଣା ଲଗାଇବାରେ ସହଯୋଗ ଏବଂ ଅନ୍ୟ ଦୁଇଜଣ ବ୍ୟବହୃତ ବାଇକ ଲୁଚାଇବାରେ ସହଯୋଗ କରିଥିଲେ ବୋଲି ଏସ୍‌ପି ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀ ରେ ଭାରପ୍ରାପ୍ତ ଏସଡିପିଓ ଅନୀଲ ମହାନ୍ତି, ସଦରଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ଏସ୍‌ଆଇ ଜୟନ୍ତ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ ।

### ନିଯୁକ୍ତିର ୬ ବର୍ଷ ପରେ ଚାକିରୀ ହରାଇବାକୁ ଥିବା ଦାନ୍ତ ଡାକ୍ତର ହାଇକୋର୍ଟଙ୍କ ଦ୍ୱାରସ୍ଥ

# ଜବାବ ରଖି ପାରିଲେନି ସରକାର, ଶୁଣାଣି ଆସନ୍ତା ୩୦ ରେ

କଟକ,(ସବ୍ୟୁ): ନିଯୁକ୍ତିର ୬ବର୍ଷ ପରେ ଚାକିରି ହରାଇବାକୁ ଥିବା ୧୧ଜଣ ଡେଣ୍ଟାଲ ସର୍ଜନଙ୍କ ସଂକ୍ରାନ୍ତରେ ମଙ୍ଗଳବାର ରାଜ୍ୟ ସରକାର କୌଣସି ଜବାବ ଦାଖଲ କରିପାରି ନାହାନ୍ତି । ଏହି ର ଚାକିରିରେ ରହିବେ କି' ନାହିଁ ସେ ସଂକ୍ରାନ୍ତରେ ରାଜ୍ୟ ସରକାର ଆଜି ଅଦାଲତଙ୍କୁ ଅବଗତ କରିବାର ଥିଲାଛ ଅପରପକ୍ଷରେ ଆଜି ଏହି ମାମଲାରେ ଉକ୍ତ ୧୧ ଜଣ ଡାକ୍ତରଙ୍କ ମଧ୍ୟରୁ ଦୁଇ ଜଣ ଡାକ୍ତର ପକ୍ଷଭୁକ୍ତ ହେବାପାଇଁ ଆବେଦନ କରିଥିଲେଛ ଅଦାଲତ ସେମାନଙ୍କ ପ୍ରାର୍ଥନାକୁ ଗ୍ରହଣ କରିଛନ୍ତି ଓି ଓପିଏସ୍ସି ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଏବଂ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି ଆସନ୍ତା ୩୦ କୁ ଧାର୍ଯ୍ୟ କରିଛନ୍ତି ।

ଓପିଏସ୍‌ସି ପକ୍ଷରୁ ରାଜ୍ୟ ସରକାରଙ୍କୁ ୧୭୧ଜଣ ଡେଣ୍ଟାଲ ସର୍ଜନଙ୍କୁ ନିଯୁକ୍ତି ପାଇଁ ଅନୁମୋଦନ ପଠାଯାଇଥିଲା । ଏହି ୧୭୧ଜଣଙ୍କ ମଧ୍ୟରୁ ୫ଜଣ ଚାକିରିରେ ଯୋଗ ନଦେବାରୁ ରାଜ୍ୟ ସରକାର ଆଉ ୫ଜଣଙ୍କ ନାମ ପଠାଇବାକୁ ଓପିଏସ୍ସିକୁ ଚିଠି ଲେଖିଥିଲେ । ରାଜ୍ୟ ସରକାରଙ୍କ ଚିଠି ଉପରେ ଓପିଏସ୍ସି ପୁନର୍ବାର ଆଉ ୫ଜଣଙ୍କ ନାମ ପଠାଇଥିଲା । ତେବେ ୨୦୨୨ରେ ବିଶେଷଜ୍ଞ କମିଟି ପରାମର୍ଶକ୍ରମେ ମାର୍କ ସଂଶୋଧନ ହେବାପରେ ପ୍ରଥମେ ନିଯୁକ୍ତି ପାଇଥିବା ୧୭୧ ଜଣଙ୍କ ମଧ୍ୟରୁ ୮ଜଣଙ୍କ ନାମ କଟି ଯାଇଥିଲାଛ ଦ୍ୱିତୀୟ ପର୍ଯ୍ୟାୟରେ ନିଯୁକ୍ତି ପାଇଥିବା ୫ଜଣଙ୍କ ମଧ୍ୟରୁ ୩ଜଣଙ୍କ ନାମ କଟି ଯାଇଥିଲା । ମୋଟ୍ ଉପରେ ୧୧ଜଣ ନାମ କଟ୍‌ଅଫ୍ ମାର୍କ ଆଧାରରେ କଟିଯାଇଛି । ଯଦିଓ କଟ୍‌ଅଫ୍ ମାର୍କ ଆଧାରରେ ସେମାନଙ୍କ ନାମ କଟୁଛି କିନ୍ତୁ ସେମାନେ ପ୍ରଥମ ମାର୍କ ଆଧାରରେ ୨୦୧୭-୧୮ ମସିହାରୁ ବିଭିନ୍ନ ହସ୍ପିଟାଲରେ ଡେଣ୍ଟାଲ ସର୍ଜନ ପଦରେ କାର୍ଯ୍ୟ କରି ଆସୁଛନ୍ତି । ଏହି ୧୧ଜଣଙ୍କ ଉପରେ ଓପିଏସ୍ସିକୁ ଜବାବ ଦାଖଲ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଓପିଏସ୍‌ସି ପକ୍ଷରୁ ଏହି ଡାକ୍ତରଙ୍କୁ ଚାକିରିରୁ ଛଟେଇ ଲାଗି ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଥିବା ନେଇ ଅଦାଲତଙ୍କୁ ଅବଗତ କରାଯାଇଥିଲା । ଏହା ଉପରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟ ସରକାର ଏହି ଡାକ୍ତରଙ୍କ ସଂକ୍ରାନ୍ତରେ ନିଷ୍ପତ୍ତି ନେବାକୁ ଏକ ପାଞ୍ଚ ଜଣିଆ କମିଟି ଗଠନ କରିଥିବା ନେଇ ପୂର୍ବ ଶୁଣାଣିରେ ଅଦାଲତଙ୍କୁ ଅବଗତ କରିଥିଲେ । ଏହି କମିଟି କି' ନିଷ୍ପତ୍ତି ନେବ ସେ ସଂକ୍ରାନ୍ତରେ ଜଣାଇବା ପାଇଁ ଅଦାଲତ କହିଥିଲେ । ଆଜି ରାଜ୍ୟ ସରକାର ଜବାବ ଦାଖଲ କରିନପାରି ଅଦାଲତଙ୍କଠାରୁ ସମୟ ଲୋଡିଛନ୍ତି ।

### ୯ ମନ୍ତ୍ରୀଙ୍କୁ ଜିଲ୍ଲା ଦାୟିତ୍ୱ

ଭୁବନେଶ୍ୱର (ସବ୍ୟୁ) : ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ବାତ୍ୟା ପରିଚାଳନା ତଦାରଖ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୯ ଜିଲ୍ଲା ଲାଗି ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଜଗତସିଂହପୁର ଜିଲ୍ଲା ଦାୟିତ୍ୱରେ ଶିକ୍ଷ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ବାଲେଶ୍ୱର ଲାଗି ପଞ୍ଚାୟତରାଜ ମନ୍ତ୍ରୀ ରବି ନାୟକ, ଭଦ୍ରକ ଲାଗି କ୍ରୀଡାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ମୟୂରଭଞ୍ଜ ଲାଗି ନଗରଉନ୍ନୟନ ମନ୍ତ୍ରୀ କେସି ମହାପାତ୍ର, ପୁରୀ ଲାଗି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କେନ୍ଦ୍ରାପଡା ଲାଗି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ଗଞ୍ଜାମ ଲାଗି ବାଣିଜ୍ୟ ମନ୍ତ୍ରୀ ବିବି ଜେନା, କେନ୍ଦୁଝର ଲାଗି ଖାଦ୍ୟ ଯୋଗାଣ ମନ୍ତ୍ରୀ କେସି ପାତ୍ର ଓ କଟକ ଲାଗି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଦାୟିତ୍ୱ ଦିଆଯାଇଛି ।

# ବିଭିନ୍ନ ଜିଲ୍ଲାକୁ ଗଲେ ୧୫ ଟି ଏନଡିଆରଏଫ ଟିମ୍

କଟକ,(ସବ୍ୟୁ): ବିପର୍ଯ୍ୟୟ ମୁକାବିଲା ପାଇଁ ରାଜ୍ୟ ସରକାର ସଜାଗ ରହିଛନ୍ତି । ବାତ୍ୟା ବେଳେ ଜିରୋ କାଜୁଆଲିଟି ଲକ୍ଷ୍ୟ ରଖିଛି ପ୍ରଶାସନଛ ଏନେଇ ବିଭିନ୍ନ ସ୍ଥାନରେ ମୁତୟନ ହୋଇଛନ୍ତି ଏନଡିଆରଏଫ ଟିମଛ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ମଧ୍ୟାହ୍ନରେ ବାରଙ୍ଗ ମୁଣ୍ଡଳୀ ସ୍ଥିତ ୩ୟ ବାହିନୀ ଏନଡିଆରଏଫ ପକ୍ଷରୁ ବୋଟ,ଆସ୍କା ଲାଇଟ,କଟର, ପିପି ଜ୍ୟାକେଟ୍ ଆଦି ବହୁ ଆପତକାଳୀନ ସରଞ୍ଜାମ ନେଇ ୧୫ଟି ଟିମ ରାଜ୍ୟର ବିଭିନ୍ନ ଜିଲ୍ଲା ଗସ୍ତ କରିଛନ୍ତିଛ ପୁରୀକୁ ଦୁଇଟି ଏନଡିଆରଏଫ ଟିମ ମୁତୟନ ହୋଇଥିବା ବେଳେ ଜଗତସିଂହପୁରକୁ ଦୁଇଟି ଟିମ୍ ମୁତୟନ ହୋଇଛନ୍ତି । ସେହିଭଳି ଭଦ୍ରକରେ ଦୁଇଟି ଟିମ, କେନ୍ଦ୍ରାପଡାରେ ଦୁଇଟି ଟିମ, ବାଲେଶ୍ୱରରେ ତିନୋଟି ଟିମ, ମୟୂରଭଞ୍ଜରେ ଦୁଇଟି, କେଉଁଝରରେ ଗୋଟିଏ ଟିମ ଏବଂ ଯାଜପୁରରେ ଗୋଟିଏ ଟିମ ଏନଡିଆରଏଫର ଯବାନ ମାନେ ମୁତୟନ ହୋଇଛନ୍ତି । ୮ଟି ଜିଲ୍ଲାରେ ମୋଟ ୧୫ଟି ଏନଡିଆରଏଫ ଟିମ ମୁତୟନ କରାଯାଇଛି । ୧୫ଟି ଟିମ ସହ ୧୫ଜଣ ନୀରିକ୍ଷକ ଓ ୩୦ଜଣ ଉପ ନୀରିକ୍ଷକ ସାମିଲ ରହିବେଛ ପ୍ରତ୍ୟେକ ଟିମରେ ୩ ଜଣ ଲେଖାଏଁ ଅଧିକାରୀ ନିୟୋଜିତ ରହି ବାତ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ନିରୀକ୍ଷଣ କରିବେ । ବାତ୍ୟା ବେଳେ ବିଭିନ୍ନ ସ୍ଥାନରେ ଏହି ସବୁ ଟିମ ଉଦ୍ଧାର ଅଭିଯାନ ଜାରି ରଖିବେ । ସେହିପରି ପଞ୍ଜାବ ସ୍ଥିତ ୭ମ ବାହିନୀ ଏନଡିଆରଏଫରୁ ଆଉ ୫ଟି ଟିମ ଏୟାର ଲିଫ୍ଟ ସାହାଯ୍ୟରେ ଓଡ଼ିଶା ଆସୁଛନ୍ତିଛ ସେମାନେ ଏଠାରେ ପହଞ୍ଚିବା ପରେ ବିଭିନ୍ନ ଜିଲ୍ଲାକୁ ନିୟୋଜିତ ହେବେ ବୋଲି ଏନଡିଆରଏଫର ସେକେଣ୍ଡ ଇନ୍ କମାଣ୍ଡ ବର୍ଦ୍ଧମାନ ମିଶ୍ରା ସୂଚନା ଦେଇଛନ୍ତି ।

# ବିଧାୟକଙ୍କ ହସ୍ତକ୍ଷେପରେ ବେତନଟୀ ଡାକ୍ତରଖାନାକୁ ଆସିଲେ ଦୁଇ ବିଶେଷଜ୍ଞ ଡାକ୍ତର

ବେତନଟୀ(ସବ୍ୟୁ) : ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବେତନଟୀ ଡାକ୍ତରଖାନାରେ ଡାକ୍ତର ସମସ୍ୟା ଥିବାବେଳେ ବିଶେଷଜ୍ଞ ଡାକ୍ତରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବଡ଼ସାହି ଲୋକପ୍ରିୟ ବିଧାୟକ ସନାତନ ବିଜୁଳିଙ୍କ ହସ୍ତକ୍ଷେପ କ୍ରମେ ସ୍ତ୍ରୀ ଓ ପ୍ରସୂତି ଏବଂ ଭେଷଜ ବିଶେଷଜ୍ଞଙ୍କୁ ନିଯୁକ୍ତ କରିଛି ସ୍ୱାସ୍ଥ୍ୟ ବିଭାଗ । ଡାକ୍ତରଙ୍କ ନିଯୁକ୍ତି ପାଇଁ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ପରେ ବିଧାୟକ ଶ୍ରୀ ବିଜୁଳିଙ୍କ ସହିତ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସଭାପତି ସର୍ବେଶ୍ୱର ମହାନ୍ତ, ସମ୍ପାଦକ ଅନୂପ ଦଣ୍ଡପାଟ, , ପଦ୍ମମାଳୀ ମହିଳା ସଂଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି , ବେତନଟୀ ଅଞ୍ଚଳର ବିଭିନ୍ନ ସଂଗଠନର ପ୍ରମୁଖ ବ୍ୟକ୍ତି ଆଲୋଚନା କରିଥିଲେ । ଏନେଇ ବିଧାୟକ ଶ୍ରୀ ବିଜୁଳି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗମନ୍ତ୍ରୀ




ମୁକେଶ ମହାଲିଙ୍ଗଙ୍କ ସହିତ ବେତନଟୀ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ବାବଦରେ ଆଲୋଚନା କରିଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଉପ ଉପଖଣ୍ଡ ଏବଂ ଜିଲ୍ଲା ମୁଖ୍ୟାଳୟକୁ ୧୩୪ଜଣ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତି ନେଇ ନିର୍ଦ୍ଦେଶ ଜାରି କରିଛନ୍ତି । ଏହି ପରିପ୍ରେକ୍ଷୀରେ ବେତନଟୀ ଡାକ୍ତରଖାନାକୁ ସ୍ତ୍ରୀ ଓ ପ୍ରସୂତି ତି ବିଶେଷଜ୍ଞ ଭାବେ ଡ. ଅନୁଜା ଜେନା ଏବଂ ଭେଷଜ (ମେଡିସିନ) ବିଶେଷଜ୍ଞ ଭାବେ ଡ. ପାର୍ଥସାରଥୀ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି । ବେତନଟୀ ଡାକ୍ତରଖାନାକୁ ଦୁ ଦୁଇଦୁଇ ଜଣ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯିବା ପରେ ବେତନଟୀ ଅଞ୍ଚଳର ବିଭିନ୍ନ ସଂଗଠନ ପକ୍ଷରୁ ବିଧାୟକ ଶ୍ରୀ ବିଜୁଳିଙ୍କ ହସ୍ତକ୍ଷେପ ଏବଂ ଉଦ୍ୟମକୁ ସ୍ୱାଗତ ଜଣାଯାଇଛନ୍ତି ।

### ସୁନ୍ଦରଗଡ଼ ବିଧାନ ସଭା ନିର୍ବାଚନୀ ଅନିୟମିତତା ମାମଲା

# ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨ ରେ

କଟକ,(ସବ୍ୟୁ): ସୁନ୍ଦରଗଡ଼ ବିଜେଡ଼ିରୁ ଜିତିଥିବା ବିଧାୟକ ଯୋଗେଶ ସିଂ ଲିଖିତ ଜବାବ ଦାଖଲ କରିନପାରି ଅଦାଲତଙ୍କଠାରୁ ପୁଣି ସମୟ ଲୋଡ଼ିଛନ୍ତି । ଏଥିପାଇଁ ୬ସପ୍ତାହ ସମୟ ଦେବାକୁ ସେ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ଏହି ପ୍ରାର୍ଥନାକୁ ଗ୍ରହଣ କରି ମାମଲାର ଶୁଣାଣି ଡିସେମ୍ବର ୨ ତାରିଖକୁ ଧାର୍ଯ୍ୟ କରିଛନ୍ତି । ସୁନ୍ଦରଗଡ଼ର ଜଣେ ଭୋଟରଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ସାଧାରଣ ନିର୍ବାଚନରେ ବିଧାୟକ ଶ୍ରୀ ସିଂ ଦାଖଲ କରିଥିବା ନାମାଙ୍କନ ପତ୍ରରେ ଅନେକ ତଥ୍ୟ ଲୁଚାଇଥିବା ନେଇ ଆବେଦନକାରୀ ଅଭିଯୋଗ କରିଛନ୍ତି । ତେଣୁ ତାଙ୍କ ବିଧାୟକ ପଦକୁ ରଦ୍ଦ କରାଯାଇ ସାନି ନିର୍ବାଚନ ପାଇଁ ଆବେଦନକାରୀ ଅଦାଲତରେ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରି ଆବେଦନକାରୀଙ୍କୁ ଲିଖିତ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଥିଲେ । ଅପରପକ୍ଷରେ ଏହି ମାମଲାରେ ରାଜ୍ୟ ନିର୍ବାଚନ କମିସନ ଇଭିଏମ୍ ଏବଂ ଭିଭିପାଟ୍ସଗୁଡ଼ିକୁ ରିଲିଜ୍ କରିବା ଲାଗି ଅଦାଲତରେ ପ୍ରାର୍ଥନା କରିଥିଲେ । ଏହା ଉପରେ ଆବେଦନକାରୀ ଜବାବ ରଖିବାକୁ ଅଦାଲତଙ୍କୁ ପ୍ରାର୍ଥନା କରିଥିଲେ । ପରବର୍ତ୍ତୀ ଶୁଣାଣିରେ ଆବେଦନକାରୀ ଏହା ଉପରେ ଜବାବ ରଖିବେ । ବିଧାୟକଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି ।

# ପିଏନ୍‌ବି, ମଣ୍ଡଳ କାର୍ଯ୍ୟାଳୟ ସମ୍ବଲପୁରରେ ରାଜଭାଷା ସମାରୋହ-୨୦୨୪

ଭୁବନେଶ୍ୱର (ସବ୍ୟୁ): ବୁଢାରାଜାସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ମଣ୍ଡଳ କାର୍ଯ୍ୟାଳୟ, ସମ୍ବଲପୁରଠାରେ ମଣ୍ଡଳ ପ୍ରମୁଖ ଅଜିତ ମେହେରଙ୍କ ଅଧ୍ୟକ୍ଷତାରେ ହିନ୍ଦୀ ସଂଗୋଷ୍ଠୀ ଏବଂ ମୁଖ୍ୟ ରାଜଭାଷା ସମାରୋହ-୨୦୨୪ ଆୟୋଜିତ ହୋଇଯାଇଛି। ପ୍ରଦୀପ ପ୍ରଜ୍ୱଳନ ଓ ସରସ୍ୱତୀ ବନ୍ଦନା ଗାନ କରାଯାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ମଣ୍ଡଳ ପ୍ରମୁଖ ଅଜିତ ମେହେର ଓ ଉପ ମଣ୍ଡଳ ପ୍ରମୁଖ ଅଶ୍ୱିନୀ କୁମାର ପଟେଲ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ହିନ୍ଦୀ ବିଭାଗର ସହକାରୀ ପ୍ରଫେସର ଡଃ ଦାଶରଥୀ ବେହେରା ଏବଂ ମହାନଦୀ କୋଲ ଫିଲ୍ଡ ଲିଃର ମୁଖ୍ୟ ପ୍ରବନ୍ଧକ-ରାଜଭାଷା ନରସିଂହ ସିଂହଙ୍କ ସ୍ୱାଗତ କରିଥିଲେ। ମଣ୍ଡଳ ପ୍ରମୁଖ ଶ୍ରୀ ମେହେର ଗ୍ରାହକଙ୍କୁ ହିନ୍ଦୀ ଏବଂ କ୍ଷେତ୍ରୀୟ ଭାଷାରେ ବ୍ୟାଙ୍କ ପ୍ରଦାନ କରୁଥିବା ସେବାଗୁଡିକ ସମ୍ପର୍କରେ ଅବଗତ କରାଇଥିଲେ। ଗୃହ ମନ୍ତ୍ରଣାଳୟ ରାଜଭାଷା ବିଭାଗ ଦ୍ୱାରା ଆର୍ଥିକ ବର୍ଷ ୨୦୨୩-୨୪ନିମନ୍ତେ ଅଲଗା ଅଲଗା ଶ୍ରେଣୀରେ ପିଏନ୍‌ବିକୁ ରାଜଭାଷା କିର୍ତ୍ତୀ ପୁରସ୍କାର ପ୍ରାପ୍ତ ହୋଇଛି। ବିଶିଷ୍ଟ ଅତିଥି ନରସିଂହ ସିଂହ ନରାକାସ କମିଟିର ଜଣେ ସକ୍ରିୟ ସଦସ୍ୟ ଭାବେ ପିଏନ୍‌ବିର ଭୂମିକାକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଡଃ ଦାଶରଥୀ ହିନ୍ଦୀ ଭାଷାର ଗୁରୁତ୍ୱ ଏବଂ ଏହା ପ୍ରଦାନ କରୁଥିବା ବିପୁଳ ନିଯୁକ୍ତିର ସମ୍ଭାବନା ସମ୍ପର୍କରେ ଉଲ୍ଲେଖ କରିଥିଲେ। ପୁରସ୍କାର ବିତରଣ ସମାରୋହରେ ବରିଷ୍ଠ ଅଧିକାରୀ ତଥା ସମ୍ମାନୀତ ଅତିଥିମାନେ ହିନ୍ଦୀ ମାସରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ରାଜଭାଷାରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ବିଭାଗଗୁଡିକୁ ଲାଲା ଲାଜପତ ରାୟ ସିଲ୍ଡ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ପ୍ରବନ୍ଧକ ପପୁ, ରୁପେଶ ସାହୁ ଏବଂ ଉପ ପ୍ରବନ୍ଧକ



(ମାର୍କେଟିଂ) ରଶ୍ମି ରଞ୍ଜନ ପଧାନ ସଂଯୋଜନା କରିଥିଲେ ଏବଂ ରାଜଭାଷାର ବରିଷ୍ଠ ପ୍ରବନ୍ଧକ ଆନନ୍ଦ କୁମାର ମିଶ୍ର ପରିଚାଳନା କରିଥିଲେ। ମୁଖ୍ୟ ପ୍ରବନ୍ଧକ (ରାଜଭାଷା) ପାର୍ଥସାରଥୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ସରକାର ଏବଂ ଏଫ୍ଏଓ ଜିଇଏଫ୍ ଫୋଲୁର କାର୍ଯ୍ୟକ୍ରମର ଉଦ୍‌ଘାଟନ

ଭୁବନେଶ୍ୱର, (ସବ୍ୟୁ): କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର ଏବଂ ଖାଦ୍ୟ ଓ କୃଷି ସଂଗଠନ (ଏଫ୍ଏଓ), ମିଳିତ ଜାତିସଂଘର ମିଳିତ ସହଯୋଗରେ ଗ୍ଲୋବାଲ ଏନଭାୟାରମେଣ୍ଟ ଫାଶିଲିଟି (ଜିଇଏଫ୍) – ୭ ପ୍ରକଳ୍ପ, ଓଡ଼ିଶା ଦ୍ୱାରା ଏକ ଦିନିକିଆ ରାଜ୍ୟ ଉଦ୍‌ଘାଟନୀ କର୍ମଶାଳା ଭୁବନେଶ୍ୱରସ୍ଥିତ କୃଷିଭବନ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାର ଶୀର୍ଷକ ପଞ୍ଜାବ, ହରିୟାଣା, ଓଡ଼ିଶା ଏବଂ ଛତିଶଗଡ଼ରେ ଧାନ–ଗହମ ଫସଲ ପ୍ରଣାଳୀରେ ରୂପାନ୍ତରଣ ଦ୍ୱାରା ଭାରତରେ ଚିରସ୍ଥାୟୀ ଖାଦ୍ୟ ପ୍ରଣାଳୀର ପ୍ରଚାର ଓ ପ୍ରସାର_୩୯ନ୍ତ୍_୩୯ନ୍ତ ରହିଛି । ଉପ–ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଇଏଫ୍ ଅନୁଦାନପ୍ରାପ୍ତ ପ୍ରକଳ୍ପ ଏବଂ ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରାଥମିକତା ମଧ୍ୟରେ ସୁଦୃଢ଼ ସମନ୍ୱୟ ଉପରେ ଆଲୋକପାତ କରିଥିଲେ । ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଓ ରଣନୀତି ଏକ ସ୍ଥାୟୀ, ଅଧିକ ସହନଶୀଳ ଏବଂ ଖାଦ୍ୟ ଓ ପୋଷଣ ସୁରକ୍ଷିତ ଭବିଷ୍ୟତ ପାଇଁ ରାଜ୍ୟର ଦୃଷ୍ଟିକୋଣ ସହ ଘନିଷ୍ଠ ଭାବେ ମେଳ ଖାଉଛି ବୋଲି ସେ ଉଲ୍ଲେଖ କରିଥିଲେ । ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ, ଭାରତର ଜାତୀୟ ପ୍ରକଳ୍ପ ସଂଯୋଜକ ସଞ୍ଜୟ ସେଠୀ, ଧାନ – ଗହମ ଫସଲ ପ୍ରଣାଳୀରେ ରୂପାନ୍ତରଣ ଦ୍ୱାରା ଭାରତରେ ଚିରସ୍ଥାୟୀ ଖାଦ୍ୟ ପ୍ରଣାଳୀର ପ୍ରଚାର ଓ ପ୍ରସାର ସମ୍ବନ୍ଧୀୟ ପ୍ରକଳ୍ପର ଉଦ୍ଦେଶ୍ୟ ଓ ପରିସର ସମ୍ପର୍କରେ ଆଲୋକପାତ କରିଥିଲେ । ଏହା ଭାରତରେ କୃଷି ପଦ୍ଧତିରେ ଉନ୍ନତି ଆଣିବା ପାଇଁ ସରକାରୀ ସଂସ୍ଥା ଏବଂ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକର ମିଳିତ ପ୍ରଚେଷ୍ଟାକୁ ପ୍ରଦର୍ଶିତ କରୁଅଛି । ଓଡ଼ିଶାରେ ଚିରସ୍ଥାୟୀ କୃଷି (ଧାନ ଚାଷ)କୁ ପ୍ରୋତ୍ସାହିତ କରିବା, ମୃତ୍ତିକା ଓ ଜଳସମ୍ପଦର ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ମୁକାବିଲା କରିବା ଏବଂ ବଜାର ଓ ପ୍ରଯୁକ୍ତିବିଦ୍ୟା ସୁବିଧା ସହଜରେ କୃଷକଙ୍କୁ ଉପଲବ୍ଧ କରାଇବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ । ଓଡ଼ିଶାର – ଗଞ୍ଜାମ ଓ କଳାହାଣ୍ଡି ଜିଲ୍ଲାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ । ଏହି କର୍ମଶାଳାରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍) ଅନୁଷ୍ଠାନ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି), ଖାଦ୍ୟ ଓ କୃଷି ସଂଗଠନର ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀ ଏବଂ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ଅନୁଷ୍ଠାନର ପ୍ରାୟ ୧୦୦ ଜଣ ଅଧିକାରୀ ଯୋଗ ଦେଇଥିଲେ ।



# ଯୁକ୍ତ ୩ ଇତିହାସ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ ,(ସବ୍ୟୁ): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଇତିହାସ ବିଭାଗର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀମାନଙ୍କର ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ସତ୍ୟ ଶିବ ସୁନ୍ଦର ମିଶ୍ରଙ୍କ ବୈଠକରେ ସଭାପତିତ୍ୱ କରିଥିଲେ । ବିଭାଗର ମୁଖ୍ୟା ସ୍ୱର୍ଣ୍ଣଲତା ମାହାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶିକ୍ଷାପ୍ରତି ଅଧିକ ଦୃଷ୍ଟି ଦେବାପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଅଧ୍ୟାପିକା ଭାରତୀ ମହାପାତ୍ର ଓ ଅଧ୍ୟାପକ ଦିଲ୍ଲୀପ କୁମାର ବେହେରା ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ନୂତନ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଶେଷ ବର୍ଷର ଛାତ୍ର ଚିରଞ୍ଜୀବୀ ଓ ଛାତ୍ରୀ ରାଜଶ୍ରୀ ପରିଚାଳନା କରିଥିଲେ।

**ବାତ୍ୟା ଦାନା ପ୍ରସଙ୍ଗ**

# ଭୟଭୀତ ହେବା ନାହିଁ ଧର୍ଯ୍ୟର ସହ ମୁକାବିଲା କରିବା : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଦାନା ଭୀଷଣ ବାତ୍ୟା ରୂପ ନେଇ ୨୪ ତାରିଖ ମଧ୍ୟରାତ୍ରିରେ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୨୦ କିମି ରହିବା ସହିତ ଅତି ପ୍ରବଳ ବର୍ଷା ହେବା ଆକଳନ କରାଯାଇଛି । ଦାନା ବାତ୍ୟା ପ୍ରଭାବରେ ବିଶେଷ ଭାବେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ, କେନ୍ଦୁଝର, ମୟୁରଭଂଜ ସମେତ ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକ ପ୍ରଭାବିତ ହେବ । ଏହି ସମୟରେ ଭୟଭୀତ ନହୋଇ ଧର୍ଯ୍ୟର ସହ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଓଡିଶାବାସୀଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ପରାମର୍ଶ ଦେଇଛନ୍ତି। ଶ୍ରୀ ସାମଲ କହିଛନ୍ତି, ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ସଫଳ ମୁକାବିଲା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭନ୍ନ ପଦକ୍ଷେପ ନିଆଯାଇଛି। ବାତ୍ୟାବେଳେ ଜିରୋ କାଜୁଆଲିଟି ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବାବେଳେ ସେବା, ସହାୟତା, ରିଲିଫ କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ କାର୍ଯ୍ୟକର୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି । ବାତ୍ୟା ପୂର୍ବରୁ ଜନସାଧାରଣ ଓ ପ୍ରାଣୀ ସଂପଦକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ, ଶୁଖିଲା ଓ ରନ୍ଧା ଖାଦ୍ୟ ବଂଟନ, ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା ଓ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବା କାର୍ଯ୍ୟରେ ପ୍ରଶାସନ ଓ ସରକାରଙ୍କୁ କାର୍ଯ୍ୟକର୍ତାମାନେ ସହଯୋଗ କରିବେ । ସେହିପରି ବାତ୍ୟା ପରେ ପୁନରୁଦ୍ଧାର କାର୍ଯ୍ୟରେ ବିଜେପି କାର୍ଯ୍ୟକର୍ତାମାନେ କାର୍ଯ୍ୟ କରିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ଆହ୍ୱାନ ଦେଇଛନ୍ତି ।



# କମିଶନରେଟ ପୋଲିସର ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, (ସବ୍ୟୁ) : ବାତ୍ୟା ମୁକାବିଲା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ଅଧକ୍ଷତା କରିଥିବା ବେଳେ ଦୁଇ ସହର ଡିସିପି ପୋଲିସ ସେବା ଭବନ ବରିଷ୍ଠ ଅଧିକାରୀଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଫିସର ଉପସ୍ଥିତ ଥିଲେ । ଦୈତନଗରୀ କଟକ–ଭୁବନେଶ୍ୱର ଥାନା ଆଇଆଇସିମାନେ ଭିଡିଓ କନ୍‌ଫରେନ୍ସରେ ଯୋଗ ଦେଇଥିଲେ ।

ଭିଡିଓ କନ୍‌ଫରେନ୍ସି ବୈଠକରେ ଚିଠା ଅନୁଯାୟୀ ସମସ୍ତ ଆବଶ୍ୟକ ସାମଗ୍ରୀ ସହିତ ସଜାଗ ରହିବାକୁ ଆଇଆଇସିମାନଙ୍କୁ ପୋଲିସ କମିଶନର ନିର୍ଦ୍ଦେଶ ଦେଇଛନ୍ତି । ଜଟିଳ ସମୟରେ ଜନସାଧାରଣଙ୍କୁ ତୁରନ୍ତ ଏବଂ ପ୍ରଭାବଶାଳୀ ସେବା ଯୋଗାଇ ଦେବାକୁ ପୋଲିସ କମିଶନର ପରାମର୍ଶ ଦେଇଛନ୍ତି । ଜରୁରୀକାଳୀନ ପ୍ରକ୍ରିୟାରେ ଲୋକଙ୍କୁ ସାହାଯ୍ୟ କରିବା ସହ ସେମାନଙ୍କ ସୁରକ୍ଷା ବଜାୟ ରଖିବାକୁ କମିଶନର ବୈଠକରେ କହିଥିଲେ । ବାତ୍ୟା ପାଇଁ କାମ କରୁଥିବା ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରସ୍ତୁତ ରହିବାକୁ କମିଶନର କହିଥିଲେ । ସମସ୍ତେ ମିଳିମିଶି ବାତ୍ୟା 'ଦାନା'କୁ ମୁକାବିଲା ପାଇଁ କାମ କରିବାକୁ ସର୍ବସମ୍ମତି ପ୍ରକାଶ ପାଇଛି । ପ୍ରତି ଥାନା ଆଇଆଇସି ଦୁଇ ସହରରେ ଥିବା ରିଜର୍ଭ ପୋଲିସର ଟିମ୍‌କୁ ନେଇ ବାତ୍ୟା ମୁକାବିଲା କରିବେ । ଆବଶ୍ୟକ ସରଞ୍ଜାମ ଯଥାବିଧି ବ୍ୟବହାର କଲେ ମୁକାବିଲା ସହଜ ହେବ । ବୈଠକରେ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଆଇଆଇସିମାନେ ସେମାନଙ୍କ ଆବଶ୍ୟକ ମତ ରଖିଥିଲେ । ଦୁଇ ସହରର ଡିସିପି ବାତ୍ୟା ମୁକାବିଲାରେ ଆଇଆଇସିମାନଙ୍କୁ ମନିଟରିଂ କରିବେ ।



# ଅନ୍ନପୂର୍ଣ୍ଣା ବି ଗ୍ରୁପ୍ ଦ୍ୱାରା ନାଟକ 'ଆହେ ଚକା ଆଖି' ମଞ୍ଚସ୍ଥ

କଟକ, (ସବ୍ୟୁ): ପ୍ରତି ମାସ ଭଳି ଚଳିତ ମାସରେ ମଧ୍ୟ ଅନ୍ନପୂର୍ଣ୍ଣା ଥିଟରର ବି ଗ୍ରୁପ୍ ପ୍ରଯୋଜନା ରେ ନାଟକ ଆହେ ଚକା ଆଖି ମଞ୍ଚସ୍ଥ ହେଇଯାଇଛି । ମଞ୍ଚସ୍ଥ ନାଟକର ସାନ୍ଧ୍ୟ ଉତ୍ସବକୁ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ସମୀର ଦେ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଭକ୍ତ ଦାସିଆ ଉପରେ ଆଧାରିତ ଉକ୍ତ ନାଟକରେ,କଳାକାର ମାନଙ୍କ ର ନିଛକ ଅଭିନୟ ଜଗନ୍ନାଥ ପ୍ରେମୀଙ୍କ ବାନ୍ଧି ରଖିବା ସହ ଦର୍ଶକ ମାନଙ୍କ ମଧ୍ୟରେ ଲୋତକ ଭରି ଦେଇଥିଲା ।

ଏହି ନାଟକର ରଚନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଅକ୍ଷୟ କୁମାର ରଣା । ସଙ୍ଗୀତ ରେ ବିନୟ ଦାଶ, ସହ ନିର୍ଦ୍ଦେଶନା ରେ ଅଛନ୍ତି , ପ୍ରେମାନନ୍ଦ ସ୍ୱାଇଁ । ଶବ୍ଦ ଓ ଆଲୋକ ଦୀପକ୍ ଦାସ,ମଞ୍ଚ ପରିଚାଳନା ସୁକ୍ରି ଦାସ,ଚନ୍ଦନ ସାହୁ, ଶାନ୍ତା ରାମ ଆଚାର୍ଯ୍ୟ । ଅଭିନୟ କରିଥିବା କଳାକାର ମାନଙ୍କ ନାମ ହେଉଛି ପ୍ରସାନ୍ତ କୁମାର ଚାନ୍ଦ,ଆୟୁଷ୍ମାନ ସାହୁ, ମୃତ୍ୟୁଞ୍ଜୟ ବରାଳ,ସତ୍ୟଜିତ ବଳ, ଯଯାତିକେଶରୀ ନାୟକ,ରାଜେଶ୍ ବେହେରା, ଅମରେଶ ସାହୁ, ଦିଲିପ୍ ଜେନା, ଶ୍ରୀଧର ରାଉତ , ଚୌଧୁରୀ ଶାଶ୍ୱତ ମହାପାତ୍ର,ପ୍ରେମାନନ୍ଦ ସ୍ୱାଇଁ,ରବୀନ୍ଦ୍ର ସାହୁ, ଶ୍ରୀଧାନ୍ତ ରାଉତ, ତପସ୍ୱିନୀ ସେଠୀ,ଏବଂ ଜୋତ୍ସ୍ନାମୟୀ ସ୍ୱାଇଁ । ଉପସ୍ଥାପନା ରେ ଥିଲେ ବରିଷ୍ଠ କଳାକାର ଶିବାନୀ ମହାପାତ୍ର । ଏହି ନାଟକଟି ଅନ୍ନପୂର୍ଣ୍ଣା ର ସଦସ୍ୟ,କର୍ମକର୍ତ୍ତା ଏବଂ ଅନ୍ନପୂର୍ଣ୍ଣା ର କଳାକାର ମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା ।



**ସମ୍ଭାବ୍ୟ ବାତ୍ୟାକୁ ନେଇ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ**

# କଳାବଜାରୀ ରୋକିବାକୁ ସାଦାପୋଷାକ ଧାରୀ ପୋଲିସ ହେବେ ମୁତୟନ

କଟକ,(ସବ୍ୟୁ): ସମ୍ଭାବ୍ୟ ବାତ୍ୟା କୁ ନେଇ ହାଇକୋର୍ଟରେ ଏକ ଜରୁରୀ ଶୁଣାଣି ହେଇଛି । ବିଚାରପତି ସଙ୍ଗମ ସାହୁ ଓ ବିଚାରପତି ଭି. ନରସିଂହ ଏ ସଂକ୍ରାନ୍ତୀୟ ମାମଲାର ଶୁଣାଣି କରି ସହରରେ ଥିବା ହୋଡିଂ ଏବଂ ବାଉଁଶ ଗେଟ ୨୪ ଘଣ୍ଟା ମଧ୍ୟରେ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଡିସିପି, ଜିଲ୍ଲାପାଳ, ସିଏମ୍ସି କମିଶନର ଏହି ଆଦେଶ ତୁରନ୍ତ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ କହିଛନ୍ତି । ଯେଉଁ ପୂଜା ମଣ୍ଡପ ରୁ ଗେଟ ହଟିବ ନାହିଁ ସେମାନଙ୍କୁ ଆସନ୍ତା ବର୍ଷକୁ ଗେଟ କରିବା ପାଇଁ ଅନୁମତି ମିଳିବ ନାହିଁ ବୋଲି ଆଦେଶରେ ସ୍ପଷ୍ଟ କରିଛନ୍ତି ଖଣ୍ଡପୀଠ । ରିଂ ବନ୍ଧ ଏବଂ ଅନ୍ୟାନ୍ୟ ସ୍ଥାନରୁ ବିପଦ ସଂକୁଳ ଅବସ୍ଥାରେ ଥିବା ଗଛ କାଟିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । କଳାବଜାରୀକୁ ନେଇ ହାଇକୋର୍ଟ ମଧ୍ୟ ଉଦବେଗ ପ୍ରକାଶ କରିଛନ୍ତି । କଳାବଜାରୀ ରୋକିବା ପାଇଁ ପୋଲିସ କୁ ସାଦା ପୋଷାକ ରେ ନିୟୋଜିତ କରିବାକୁ ଆଦେଶରେ ସ୍ପଷ୍ଟ କରାଯାଇଛି । ସହରରୁ ଜଳ ନିଷ୍କାସନ ପାଇଁ ପମ୍ପସେଟ ପ୍ରସ୍ତୁତ ରଖିବାକୁ ମଧ ନିର୍ଦ୍ଦେଶ ଦେଉଛନ୍ତି ଖଣ୍ଡପୀଠ ।

**ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା**

# ଆରଡି ବିଶ୍ୱବିଦ୍ୟାଳୟକୁ ସାନିଟାରୀ ନାପକିନ ଭେଣ୍ଡିଂ ମେସିନ ଓ ଇନ୍ସିନେରେଟର ପ୍ରଦାନ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ଦ୍ୱାରା କର୍ପୋରେଟ ସାମାଜିକ ଦାୟିତ୍ୱ ପାଳନ ଅନୁକ୍ରମେ ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ଚାରିଟି ଲେଖାଏଁ ସାନିଟାରୀ ନାପକିନ ଭେଣ୍ଡିଂ ମେସିନ ଓ ଇନ୍ସିନେରେଟର ପ୍ରଦାନ କରାଯାଇଛି । ଗତ ୨୧ତାରିଖରେ ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ, ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଉପସ୍ଥିତିରେ, ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ମହାପ୍ରବନ୍ଧକ ଦିନେଶ ପରୁଥି ଉପ–କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କୁ ପ୍ରତୀକାତ୍ମକ ମେସିନ ସମୂହ ପ୍ରଦାନ କରିଥିଲେ । ଏହି ଅବସରରେ ରମା ଦେବୀ ବିଶ୍ୱବିଦ୍ୟାଳୟର କର୍ମଚାରୀ ମାନଙ୍କ ସହ ୫୦୦ ରୁ ଛାତ୍ରୀ ତଥା ଷ୍ଟେଟ ବ୍ୟାଙ୍କ ତରଫରୁ ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂହ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମହିଳା ସଶକ୍ତିକରଣ ଦିଗରେ ଷ୍ଟେଟ ବ୍ୟାଙ୍କଦ୍ୱାରା ନିଆଯାଇଥିବା ପଦକ୍ଷେପର ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ପରୁଥି ନିଜ ବକ୍ତବ୍ୟରେ ସାମାଜିକ କଲ୍ୟାଣ ଓ ମହିଳା ସଶକ୍ତିକରଣ ପାଇଁ ଷ୍ଟେଟ ବ୍ୟାଙ୍କର ପ୍ରତିବଦ୍ଧତା ଜଣାଇବା ସହ ଛାତ୍ରୀ ମାନଙ୍କୁ ସମସ୍ତ ଆବଶ୍ୟକୀୟ ସୁବିଧା ଯୋଗାଇବାର ପ୍ରତିଶ୍ରୁତି ଦେଇଥିଲେ । ରେଜିଷ୍ଟ୍ରାର ଶ୍ରୀମତୀ ଶ୍ୟାମଳା ମହାପାତ୍ର ସଭା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।



**ସହରରେ ସମ୍ଭାବ୍ୟ ବାତ୍ୟା ମୁକାବିଲା**

# ୨୨ପ୍ଲାଟୁନ୍ ପୁଲିସ ଫୋର୍ସ ସହିତ ୧୮ଟି ଅଗ୍ନିଶମ ଟିମ୍

କଟକ,(ସବ୍ୟୁ): ସହରରେ ସମ୍ଭାବ୍ୟ ବାତ୍ୟା 'ଦାନା'କୁ ସାମ୍ନାରେ ରଖି କମିଶନରେଟ୍ ପୁଲିସ ଓ ଅଗ୍ନିଶମ ବାହିନୀ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛ । କଟକ ମହାନଗର ସମେତ ବକ୍ସିବଜାର ସର୍କଲର ୧୦ଟି ଅଗ୍ନଶମ କେନ୍ଦ୍ର ଏବଂ ଆଠଗଡ଼ ସର୍କଲ ଅଧିନରେ ରହିଥିବା ୮ଟି ଦମକଳ କେନ୍ଦ୍ର ପକ୍ଷରୁ ବାତ୍ୟାକୁ ମୁକାବିଲା କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ପୁଲିସ ପକ୍ଷରୁ ୨୨ପ୍ଲାଟୁନ୍ ଫୋର୍ସ ଏବଂ ଅଗ୍ନିଶମ କେନ୍ଦ୍ର ଗୁଡ଼ିକ ପକ୍ଷରୁ ୩୦୦ଫାୟାର୍ମ୍ୟାନ୍ ଓ ଅଫିସରଙ୍କୁ ସଜାଗ ରଖାଯାଇଛି । ପ୍ରତି ଫାୟାର୍ ଷ୍ଟେସନ୍ ପକ୍ଷରୁ ଗଠିତ ଟିମ୍‌ରେ ଜଣେ ଅଫିସର, ଜଣେ ହାବିଲ୍ଦାର୍, ଜଣେ ଡ୍ରାଇଭର ଓ ୪ଜଣ ଆଗ୍ନିକ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି । କଟକ ସହରରେ ମୋଟ୍ ୫୦ଜଣ ଅଗ୍ନିଶମ କର୍ମଚାରୀ ବାତ୍ୟା ମୁକାବିଲା ଦାୟିତ୍ୱରେ ରହିଛନ୍ତି । ଆବଶ୍ୟକ ପଡ଼ିଲେ ଏମାନଙ୍କ ସଂଖ୍ୟା ବୃଦ୍ଧି କରାଯିବ । ସେହିପରି ମୋଟ୍ ଜିଲ୍ଲାରେ ୩୦୦ଅଗ୍ନିଶମ କର୍ମଚାରୀ ସମ୍ଭାବ୍ୟ ବାତ୍ୟା ମୁକାବିଲା କରିବେ ବୋଲି ଜଣାପଡ଼ିଛି । କଟକ ସହରରେ ୩ଟି ଅଗ୍ନିଶମ କେନ୍ଦ୍ର ରହିଛି । ବକ୍ସିବଜାର, ଚାଉଳିଆଗଞ୍ଜ ଏବଂ ବିଡ଼ାନାସୀ ଅଗ୍ନିଶମ କେନ୍ଦ୍ରରେ ସ୍ୱତନ୍ତ୍ର ଭାବେ ବାତ୍ୟା ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତି ଶେଷ ହୋଇଛି । ପ୍ରତି ଅଗ୍ନିଶମ କେନ୍ଦ୍ରରେ ୨ଟି ଲେଖାଁଏ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ବେଳେ ସହର ମଧ୍ୟରେ ୩୦ରୁ ଅଧିକ କ୍ଷୁଦ୍ର ଉଦ୍ଧାରକାରୀ ଟିମ୍ ଗଠନ କରାଯାଇଛି । ଏହି ଟିମ୍ରେ ଜଣେ ଅଫିସର, ଜଣେ ଡ୍ରାଇଭର୍ ଓ ୪ଜଣ ଅଗ୍ନିକ ରହିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ଟିମ୍‌କୁ କଂକ୍ରିଟ୍ କଟର୍, ଆସ୍କା ଲାଇଟ୍, ରେସ୍କ୍ୟୁ ସରଞ୍ଜାମ୍ ସହିତ ଗାଡି ଯୋଗାଇ ଦିଆଯିବ । ବାତ୍ୟା ସମୟରେ କେମିତି ଉଦ୍ଧାର କାର୍ଯ୍ୟ କରାଯାଇ ପାରିବ, ତାହା ଉପରେ ଗୁରୁତ୍ୱ ଦିଆଯାଉଛି । ବାତ୍ୟା ଛାଡିଗଲା ପରେ ପ୍ରଥମେ ଗମନାଗମନକୁ ପ୍ରାଧାନ୍ୟ ଦିଆଯିବ । ରାସ୍ତାରେ ପଡ଼ିଥିବା ଗଛ, ଇଲେକ୍ଟ୍ରିକ୍ ପୋଲ୍ ଓ ଅନ୍ୟାନ୍ୟ ପ୍ରତିବନ୍ଧକକୁ ହଟାଯିବାକୁ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଦମକଳ କେନ୍ଦ୍ର ଗୁଡ଼ିକରେ ବୋଟ୍ ଓ ଲାଇଫ୍ ଜ୍ୟାକେଟ୍ ମହଜୁଦ୍ ରଖିବାକୁ ନିର୍ଦ୍ଦେଶ ରହିଛି । ବକ୍ସିବଜାର ଦମକଳ କେନ୍ଦ୍ରରେ ସ୍ୱତନ୍ତ୍ର ଭାବେ ପ୍ଲାଜ୍ମା କଟର ମେସିନ୍ ତୟାର୍ କରି ରଖାଯାଇଛି । ଏହି ସ୍ୱତନ୍ତ୍ର ମେସିନ୍ ସାହାଯ୍ୟରେ ଲୁହା, ଟାୱାର୍, ହୋର୍ଡିଂ ଇତ୍ୟାଦି କଟାଯିବ । ଯେହେତୁ ସହରରେ ସଂଖ୍ୟାଧିକ ହୋର୍ଡିଂ ଓ ଟାୱାର୍ ରହିଛି, ଯଦି ବାତ୍ୟା ସମୟରେ ଏହା ଭୁସୁଡ଼ିଲା ତେବେ ଏହି ପ୍ଲାଜ୍ମା କଟର୍ ମେସିନ୍ ସାହାଯ୍ୟରେ ସେଗୁଡ଼ିକ କଟାଯାଇ ରାସ୍ତା ଅବରୋଧକୁ ହଟାଯିବାକୁ ସ୍ଥିର ହୋଇଛି । ସହରବାସୀଙ୍କୁ ଉଦ୍ଧାର କରିବା ଛଡ଼ା ରିଲିଫ୍ କେମିତି ପହଞ୍ଚାଯିବ ସେ ଦିଗରେ ଅଗ୍ନିଶମ କର୍ମଚାରୀ ସଜାଗ ରହିଛନ୍ତି ବୋଲି ଫାୟାର୍ ଅଫିସର ସଞ୍ଜିବ୍ କୁମାର ବେହେରା ସୂଚନା ଦେଇଛନ୍ତି । ସହରରେ ଜିରୋ କାଜୁଆଲଟିକୁ ପ୍ରାଧାନ୍ୟ ଦିଆଯାଉଛି । ସେହିପରି କମିଶନରେଟ୍ ପୁଲିସ ପକ୍ଷରୁ ଉଦ୍ଧାର କାର୍ଯ୍ୟ କରାଯିବ ପାଇଁ ୨୨ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଥାନାୱାରୀ ୧୫ଜଣ ଲେଖାଁଏ ଅଧିକ ପୁଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି । ସମସ୍ତ ଛୁଟିକୁ ବାତିଲ୍ କରାଯିବା ସହିତ ଥାନାରେ ୨୪ଘଣ୍ଟା ଡ୍ୟୁଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମହାନଗର ନିଗମ ଓ ଜିଲ୍ଲା ପ୍ରଶାସନ ସହିତ ମିଶି କମିଶନରେଟ୍ ପୁଲିସ ବାତ୍ୟା ମୁକାବିଲା କରିବ । ପୂଜା ପାଇଁ ସହରରେ ନିର୍ମାଣ ହୋଇଥିବା ଲାଇଟ୍ ଗେଟ୍ ଗୁଡ଼ିକୁ ଆଜି ଖୋଲାଯାଇଛି । ଆସନ୍ତା କାଲି ପୁଲିସ ଉପସ୍ଥିତିରେ ସହରରେ ରହିଥିବା ବଡ଼ ବଡ଼ ଗଛ ଗୁଡ଼ିକର ଡାଳ କଟାଯିବ । ବିପଦଶଙ୍କୁଳ ଅବସ୍ଥାରେ ରହିଥିବା ଇଲେକ୍ଟ୍ରିକ୍ ପୋଲ୍କୁ ହଟାଯିବ । ଥାନାୱାରୀ ଆଇଆଇସିଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀମାନେ ସ୍ଥାନୀୟ ଅଞ୍ଚଳରେ ବାତ୍ୟା ମୁକାବିଲା କରିବେ ବୋଲି ଏଡିସିପି ଦେବଦତ୍ତ କର ସୂଚନା ଦେଇଛନ୍ତି ।

# ପୁତୁରା ଭୁଜାଲି ଚୋଟରେ କାକା ଗୁରୁତର



ବେତନଟୀ(ସବ୍ୟୁ) : ବେତନଟୀ ଥାନା ଅଧୀନ ସଠିଲୋ ଗ୍ରାମରେ ଜମିଜମାକୁ କେନ୍ଦ୍ରକରି ପୁତୁରା ନିଜର ଜନ୍ମାନ୍ଧ କକାକୁ ଭୁଜାଲିରେ ବାରମ୍ବାର ଆକ୍ରମଣ କରି ଗୁରୁତର କରି ପକାଇ ଦେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଗୁରୁତର କକା ହେଉଛନ୍ତି କକା ସଠିଲୋ ଗ୍ରାମର ସହଦେବ ସିଂ । ପ୍ରାପ୍ତ ସୂଚନା ମୁତାବକ ଜନ୍ମରୁ ଅନ୍ଧ ସଠିଲୋ ଗ୍ରାମର ବୁଦ୍ଧିଆ ସିଂର ପୁଅ ସହଦେବ ସିଂ ସହିତ ଜମିଜମାକୁ କେନ୍ଦ୍ରକରି ପୁତୁରା ଭିମ ସିଂର ପୁଅ ସପନ ସିଂଙ୍କ ତିକ୍ତତା ଲାଗି ରହିଥିଲା । ସୋମବାର ଅପରାହ୍ଣରେ ସହଦେବ ସିଂ ସଠିଲୋ ପଞ୍ଚାୟତ କାର୍ଯ୍ୟାଳୟରୁ ନିଜର ଦିବ୍ୟାଙ୍ଗ ଭତ୍ତା ନେଇ ଘରକୁ ଆସିଥିଲେ । ଘରେ ଖାଇପିଇ କବାଟ ଖୋଲାକରି ଶୋଇଥିବାବେଳେ ଜମି ଜମାକୁ କେନ୍ଦ୍ରକରି ରାଗରେ ଜର୍ଜରିତ ହୋଇଥିବା ପୁତୁରା ଭୀମ ସିଂର ପୁଅ ସପନ ସିଂ ଧାରୁଆ ଭୁଜାଲିରେ ସହଦେବଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିଲା । ଆକ୍ରମଣରେ ଗୁରୁତର ସହଦେବଙ୍କୁ ସଙ୍ଗେ ସଙ୍ଗେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା , ମାତ୍ର ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇଯିବାରୁ ସଙ୍ଗେସଙ୍ଗେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ଜମି ଜମାକୁ କେନ୍ଦ୍ର କରି ପ୍ରକାଶ କରି ଅନ୍ଧ କକାକୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ବେତନଟୀ ପୁଲିସ ତଦନ୍ତ କରିଥିବା ଜଣାଯାଇଛି ।

# ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ପାଇଁ ସରକାରଙ୍କ ସହ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତିକୁ ନେଇ ଦୀର୍ଘ ଦିନର ଆନ୍ଦୋଳନ ଏବଂ ଆଲୋଚନା ପରେ ଗତ ୯, ଅକଟୋବର ୨୦୨୪ରେ ଷ୍ଟାଫ ସିଲେକସନ କମିଶନର ୬୦୦୦ ଶିକ୍ଷକ ନିଯୁକ୍ତି ବିଜ୍ଞାପନରେ ହିନ୍ଦୀ,ସଂସ୍କୃତ, ତେଲଗୁ, ଉର୍ଦ୍ଦୁ,ବିଜ୍ଞାନ,ପିଇଟି ଶିକ୍ଷକ ଇତ୍ୟାଦି ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ଥିବାବେଳେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ବିଷୟ ନଥିବାରୁ ସମସ୍ତଙ୍କ ମନରେ କ୍ଷୋଭ ସୃଷ୍ଟି ହୋଇଥିଲା ଓଡ଼ିଆରେ ଓଡ଼ିଶାର ଶାସନ ପାଇଁ ଦୀର୍ଘ ଦିନର ଆନ୍ଦୋଳନ, ଆଇନରେ ସଂଶୋଧନ ଏପରିକି ମାତୃଭାଷା ସମସ୍ତଙ୍କର ଚାଲିଚଳନର ଭାଷା ତଥା ପେଟପାଟଣାର ଭାଷା ହୋଇ ପାରିବ ସେଥିପାଇଁ ମଧ ସବୁ ସ୍ତରରେ ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିଲା ଗତ ୨୦ ତାରିଖ ଦିନ ଶତାଧିକ ଓଡ଼ିଆ ଭାଷା ଛାତ୍ରଛାତ୍ରୀ ଆଭାସୀ ସଭାରେ ଏକତ୍ରିତ ହୋଇ ଆଗାମୀ ଦିନରେ କିପରି ମୁକାବିଲା କରାଯିବ ସେଥିପାଇଁ ଆଲୋଚନା ହୋଇଥିଲା ଏହି ଆଲୋଚନା ସଭାରେ ଭାଷା ଆନ୍ଦୋଳନ , ଓଡ଼ିଶାର ଆବାହକ ପବିତ୍ର ମହାରଥା ଏବଂ ବିଜେପିର ନିର୍ବାଚନୀ ସଂକଳ୍ପ ପତ୍ର କମିଟିର ପ୍ରଭାରୀ ପ୍ରଫେସର ପୂର୍ଣଚନ୍ଦ୍ର ମଲ୍ଲିକଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରିତ କରାଯାଇଥିଲା । ଆଜି ସେ ସମ୍ପର୍କରେ ପ୍ରଫେସର ମଲ୍ଲିକ, ଭାଷା ଆନ୍ଦୋଳନ, ଓଡିଶାର ଆବାହକ ପବିତ୍ର ମହାରଥା ଏବଂ ଶାନ୍ତିନିକେତନର ଡ଼. ଇନ୍ଦ୍ରମଣି ସାହୁଙ୍କ ନେତୃତ୍ୱରେ ଓଡ଼ିଆ ସମ୍ମାନ ଛାତ୍ର ସଂସଦର ଛାତ୍ର ଛାତ୍ରୀ ଗୀତାଞ୍ଜଳି ସାହୁ ,ସୌଭାଗ୍ୟମୟୀ ସେଠୀ ଏବଂ ସୁମନ୍ତ କୁମାର ଭୋଇ ପ୍ରମୁଖ ସଂସଦର ସଭାପତି, ସମ୍ପାଦକ ତଥା ବାଣୀବିହାରର ସଦସ୍ୟାଙ୍କ ସହ ବିଧିବଦ୍ଧ ଭାବେ ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ ବିଶେଷ ଭାବେ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ସ୍କୁଲ ଗୁଡିକରେ ଖାଲିଥିବା ଶିକ୍ଷକ ପଦବୀ ବିଷୟରେ ବିଭାଗୀୟ ଅଧିକାରୀ ମାନଙ୍କଠାରୁ ବୁଝିଥିଲେ ଆଗାମୀ ଦିନରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ସମ୍ପର୍କରେ ବିଶେଷ ଧ୍ୟାନ ଦେଇ ଏଥିପାଇଁ ସ୍ୱତନ୍ତ୍ର ଭାବେ ନିଯୁକ୍ତି ବିଜ୍ଞାପନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଭାଷା ଆନ୍ଦୋଳନ, ଓଡିଶାର ଆବାହକ ପବିତ୍ର ମହାରଥା ଏବଂ ସଂସଦ ପକ୍ଷରୁ ଡ଼.ଇନ୍ଦ୍ରମଣି ସାହୁ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ସମସ୍ତ ସ୍କୁଲ ଗୁଡିକରେ ଓଡ଼ିଆ ଭାଷା ଶିକ୍ଷକ ଯେପରି ନିଯୁକ୍ତି ପାଇବେ ସେଥିପାଇଁ ଏକ ଦାବିପତ୍ର ଶାସନ ସଚିବଙ୍କୁ ପ୍ରଦାନ କରିଥିଲେ ।



# ବାତ୍ୟାକୁ ନେଇ ବ୍ଲକ୍ ସ୍ତରୀୟ ବୈଠକ

ବାଲିପାଟଣା ,(ସବ୍ୟୁ): ପାଣିପାଗ ବିଭାଗ ପୂର୍ବାନୁମାନ ଅନୁସାରେ ବତ୍ୟା 'ଦାନା' ର ପ୍ରଭାବ ଓଡ଼ିଶାରେ ପଡ଼ିବାର ସମ୍ଭାବନା ଦେଖାଦେଇଛି।ଏଥିପାଇଁ ରାଜ୍ୟ ସରକାର ଙ୍କ ତରଫରୁ ସବୁ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇ ଜିରୋ କ୍ୟାଜୁୟାଲିଟୀ ଉପରେ ଗୁରୁତ୍ୱ ଦିଆ ଯାଇଛି।ଏହି କ୍ରମରେ ମଙ୍ଗଳବାର ପୂର୍ବାହ୍ଣରେ ବାଲିପାଟଣା ପଞ୍ଚାୟତ ସମିତି ସଭାଗୃହରେ ଏଥିପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି।ସମିତି ଅଧ୍ୟକ୍ଷା ହରପ୍ରିୟା ଦାସଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ରେ ବ୍ଲକ ଉନ୍ନୟନ ଅଧିକାରୀ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ଗତକାଲି ଅନୁଷ୍ଠିତ ଜିଲ୍ଲା ପ୍ରସ୍ତୁତି ବୈଠକ ପ୍ରସ୍ତାବ ଉପସ୍ଥାପନ କରିଥିଲେ।ବାତ୍ୟା ଆଶ୍ରୟ ସ୍ଥଳ ବ୍ୟବସ୍ଥା ତଦାରଖ କରିବା ସହିତ ଖାଲୁଆ ସ୍ଥାନରେ ରହିଥିବା ପରିବାର ମାନଙ୍କୁ ୨୩ ତାରିଖ ସନ୍ଧ୍ୟା ସୁଦ୍ଧା ଏଠାକୁ ଓ ବିଭିନ୍ନ ନିକଟସ୍ଥ ବିଦ୍ୟାଳୟମାନଙ୍କୁ ସ୍ଥାନାନ୍ତର କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା,ଦରବୃଦ୍ଧି କୁ ନିୟନ୍ତ୍ରଣ କରିବା,ବୃଦ୍ଧ,ପ୍ରସୂତି,ନବଜାତ ଶିଶୁ ଙ୍କୁ ସୁରକ୍ଷା ଯୋଗାଇବା ଓ ବାତ୍ୟା ପରବର୍ତୀ ଅବସ୍ଥା ରେ ସେବା ଯୋଗାଇଦେବାକୁ ବୈଠକରେ ନିଷ୍ପତିନିଆଯାଇ ସମସ୍ତଙ୍କର ସହଯୋଗ କାମନା କରାଯାଇଛି।ଅଗ୍ନିଶମ ସଂସ୍ଥା,ସ୍ୱାସ୍ଥ୍ୟ ବିଭାଗ,ଯୋଗାଣ ବିଭାଗ, ପାନୀୟ ଜଳ,ବିଦ୍ୟୁ ବିଭାଗ ପ୍ରମୁଖ ଅତି ଆବଶ୍ୟକୀୟ ସଂସ୍ଥା ଗୁଡ଼ିକ ଯେପରି ଅଧିକ ସକ୍ରିୟ ରହି ବାତ୍ୟା ମୁକାବିଲା ରେ ସହଯୋଗ କରିପାରିବେ ସେଥିପାଇଁ ସେମାନେ ନେଇଥିବା ପଦକ୍ଷେପ ସମ୍ପର୍କରେ ଅଧିକାରୀ ମାନେ ସୂଚନା ଦେଇଥିଲେ।ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ମଧ୍ୟ ସଜାଗ ରହିଥିବା ସମ୍ପର୍କରେ ତଥ୍ୟ ରଖିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ତହସିଲଦାର କଳ୍ପନା ଦାସ,ବ୍ଲକ ଶିକ୍ଷା ଅଧିକାରୀ ବିଜୟ ବେହେରା,ସ୍ୱାସ୍ଥ୍ୟ ଅଧିକାରୀ ଡ ଶ୍ରୀକାନ୍ତ ବେହେରା,ଅଗ୍ନିଶମ ଅଧିକାରୀ ଜ୍ୟୋତି ପ୍ରକାଶ ରଥ,ଯୋଗାଣ ଅଧିକାରୀ ନେତ୍ରାନନ୍ଦ ବେହେରା,ପଶୁ ଚିକିତ୍ସକ ଡ ଦୁର୍ମନ୍ ବେହେରା,ପୋଲିସ ଅଧିକାରୀ ରାକେଶ ସାମଲ,ଆଇ ସି ଡି ଏସ ର ସ୍ନେହଲତା ସାହୁ,ବନବିଭାଗ ଅଧିକାରୀ ରେସ୍ମା ପରିଡା,ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ,ପବିତ୍ର ପଟେଲ, ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା,ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।ବୈଠକ ରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟ,ନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ବ୍ଲକ ଅଧିକାରୀ ମାନେ ଉପସ୍ଥିତ ଥିଲେ।ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟ ଜ୍ୟୋତି ଭୁତିଆ କାର୍ଯ୍ୟକ୍ରମ ପରିଚାଳନା ଓ ସଂଗ୍ରାମ କେଶରୀ ଦାସ ତାଙ୍କୁ ସହଯୋଗ କରିଥିଲେ।

### ଗଜପତି ପୋଲିସକୁ ବଡ଼ ସଫଳତା

## ଦୁଇ ଦମ୍ପତି ଚୋର ଗିରଫ, ଟଙ୍କା, ସୁନା ଜବତ



ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା କାଶୀନଗର ଓ ଗୋଷଣିରୁ ଚୋରି କରିଥିବା ଦୁଇ ଦମ୍ପତିଙ୍କୁ ଧରି କୋର୍ଟ ଚାଲାଣ କରିଥିବା ଗଜପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର ପଣ୍ଡା ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି । ଗତ ୧୪/୧୦/୨୪ ତାରିଖ ଦିନ କାଶୀନଗର ନୂଆ ଓଡିଶା ରାସ୍ତା ପାର୍ଶ୍ୱରେ ଘର କରି ରହୁଥିବା ବେହେରା ରାମ କ୍ରିଷ୍ଣାଙ୍କ ପରିବାର ଗୁଣୁପୁର ଠାରୁ ପୁରୀ ଯାଉଥିବା ଟ୍ରେନରେ ତାଙ୍କ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟା ଅବସ୍ଥା ଦେଖିବା ପାଇଁ ଘରେ ଚାବି ପକାଇ ଟେକିଲି ଗ୍ରାମକୁ ଯାଇଥିଲେ । ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଘରେ ପଶି ବେହେରା ରାମ କ୍ରିଷ୍ଣାଙ୍କ ସଂଚିତ ପ୍ରାୟ ୨ଲକ୍ଷ ୫୦ହଜାର ଟଙ୍କା, ୧୦ ତୋଳା ସୁନା ଓ ୫୦ ତୋଳା ରୁପା ଅଳଙ୍କାର ଲୁଟି ନେଇ ପଳେଇଥିଲେ । ଏହାର ଦୁଇ ଦିନ ପରେ ଚୋର ମାନେ ଏହି ଜିଲ୍ଲା ଅନ୍ତର୍ଗତ ଗୋଷଣି ବ୍ଲକର ରାମପୁର ଗ୍ରାମ ଠାରେ ମଧ ଗୋଟେ ଚାବି ପଡ଼ିଥିବା ଘରେ ପଶି ଚୋରି କରୁଥିବା ବେଳେ ଗାଁ ଲୋକଙ୍କ ହାବୁଡ଼ରେ ଧରା ପଡିଥିଲେ । ଗାଁ ଲୋକ ମାନେ ତୁରନ୍ତ ପୋଲିସକୁ ଡ଼ାକି ଚୋରମାନଙ୍କୁ ହସ୍ତାନ୍ତର କରିଥିଲେ । ପୋଲିସ ସେମାନଙ୍କୁ ଧରିବା ଅନୁସନ୍ଧାନ କରି ଜାଣି ପାରିଲା ଯେ ଏମାନେ ହିଁ କାଶୀନଗର ଠାରେ ଘଟିଥିବା ଚୋରିରେ ସଂପୃକ୍ତ ଅଛନ୍ତି । କାଶୀନାଗର ଥାନା ଅଧିକାରୀ ସୁନୀଲ କୁମାର ବେହେରା ଚୋର ମାନଙ୍କୁ କାଶୀନଗର ଆଣି ସେମାନେ କେମିତି ବେହେରା ରାମକୃଷ୍ଣ ଘରେ ଚୋରି କରିଥିଲେ ତାର ଲାଇଭ ଡେମୋ କରି ଚୋରିକରିଥିବା ଟଙ୍କା ସୁନା ଓ ରୁପା ଜବତ କରିଥିଲେ । ଆରକ୍ଷୀ ଅଧକ୍ଷକ ଶ୍ରୀ ପଣ୍ଡାଙ୍କ ସୂଚନା ମୁତାବକ ଚୋରମାନଙ୍କ ଠାରୁ ଲକ୍ଷେ ଷାଠିଏ ହଜାର ଟଙ୍କା, ପ୍ରାୟ ଶହେ ଶତାବନ ଗ୍ରାମ ସୁନା ଓ ରୁପା ଗହଣା ତଥା ଦୁଇଟି ଫୋନ ଏବଂ ବାଇକ ସହ ସେମାନେ ବ୍ୟବହାର କରୁଥିବା ଛେଣୀ ଓ ଛୋଟ ଶାବଳ ଜବତ କରାଯାଇଥିବା କହିଥିଲେ । ଏହି ଚୋରୀ ଘଟଣାରେ ଦୁଇ ମହିଳା ଚୋର ସହ ଦୁଇ ପୁରୁଷ ଚୋର (ଦୁଇ ଦମ୍ପତି ) ସାମିଲ ଥିଲେ ଓ ଏମାନେ କେବଳ ଚାବି ପଡ଼ିଥିବା ଘରକୁ ଟାର୍ଗେଟ କରୁଥିବା ବେଳେ ଏମାନେ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଥାନା ଅନ୍ତର୍ଗତ ବବୁଜି ଗୁଡା ଗ୍ରାମ ବାସିନ୍ଦା ବୋଲି ଜଣାପଡିଛି । ପୋଲିସର ଏହି ସଫଳତା ଗଜପତି ଜିଲ୍ଲାବାସୀଙ୍କୁ ଆଶ୍ୱସ୍ତି ଦେଇଛି ।

### ଛାତ୍ରୀନିବାସରେ ବ୍ୟାପକ ଅନିୟମିତତା

## ଡିଇଓ, ସୁପରିଣ୍ଟେଣ୍ଡେଣ୍ଟ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ

ପାରଳାଖେମୁଣ୍ଡି, (ସବ୍ୟୁ) : ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ବଡ ଗୋଷାଣି ଗ୍ରାମରେ ଥିବା ଉନ୍ନିତ ଉଚ୍ଚ ବିଦ୍ୟାଳୟର ଛାତ୍ରୀନିବାସରେ ବ୍ୟାପକ ଅନିୟମିତତା ଘଟଣାର ସଠିକ ତଦନ୍ତ କରି ନଥିବା ଜିଲ୍ଲା ଶିକ୍ଷାକାରୀଙ୍କ ସମେତ ସୁପରିଟେଣ୍ଡେଣ୍ଟ ତଥା ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ବିଜେଡି ଓ ଜନସାଧାରଣଙ୍କ ପକ୍ଷରୁ ଗୋଷାଣି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ପ୍ରତିବାଦ ଧାରଣା ବ୍ଲକ ଅଧକ୍ଷ ଏନ୍. ବୀରରାଜୁଙ୍କ ନେତୃତ୍ୱରେ ହୋଇଥିବା ବେଳେ ବିଜେଡି ବ୍ଲକ ସଭାପତି ଏସ୍. ଈଶ୍ୱର ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମା, ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ ନାୟକ, ଜିଲ୍ଲା ବିଜେଡି ଉପସଭାପତି ଲକ୍ଷ୍ମୀକାନ୍ତ ପରିଚ୍ଛା, ଜିଲ୍ଲାପରିଷଦ ସଭ୍ୟ ଏସ୍.ବାଲାରାଜୁ, ଜିଲ୍ଲା ପରିଷଦ ସଭ୍ୟା ଲୀବତୀ ପାରିଗା, ଗୋଷାଣି ବ୍ଲକ ଯୁବ ବିଜେଡି ସଭାପତି ପି ନାଗେଶ୍ୱର ରାଓ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, କର୍ମୀ ଓ ବହୁ ସଂଖ୍ୟାରେ ସାଧାରଣ ଲୋକ ସାମିଲ ହୋଇଥିଲେ । ସକାଳ ୯ ଘଣ୍ଟା ଠାରୁ ବିଇଓ ସମ୍ମୁଖରେ ଧାରଣା ଦେଇ ବିଭିନ୍ନ ସ୍ଲୋଗାନମାନ ଦେବା ସହ ଅନିୟମିତତା କରିଥିବା ହଷ୍ଟେଲ ସୁପରିନ୍ଟେଣ୍ଡେଣ୍ଟ ଏବଂ



ଅନିୟମିତତାର ତଦନ୍ତ ନକରି ଘଣ୍ଟ ଘୋଡାଉଥିବା ଜିଲ୍ଲା ଶିକ୍ଷାଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଲୋଗାନ ଦେଇଥିଲେ । ଏହା ସହ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଖୋଲିବାକୁ ଦେଇ ନଥିଲେ । ପ୍ରାୟ ୪ ଘଣ୍ଟା ଧରି କାର୍ଯ୍ୟାଳୟରେ ତାଲା ଝୁଲୁଥିଲା । ଶେଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ଏବଂ ସ୍ଥାନୀୟ ବିଡିଓ ଗୌର ଚନ୍ଦ୍ର ପଟ୍ଟନାୟକ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ବହୁ ବୁଝାସୁଝା କରିଥିଲେ । ଜିଲ୍ଲା ପ୍ରଶାସନଙ୍କୁ ଏସମ୍ପର୍କରେ ଜଣାଇବା ପରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅବଗତ କରାଯିବ ବୋଲି ବିଡିଓ ଓ ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ମଧାହ୍ନ ପ୍ରାୟ ସାଢ଼େ ଗୋଟାଏ ବେଳେ ଆନ୍ଦୋଳନକାରୀ ପ୍ରତିବାଦ ଧାରଣାରୁ ଓହରିଥିଲେ । ଏନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଶ୍ରୀ ପଟ୍ଟନାୟକଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ୭ ଦିନ ମଧ୍ୟରେ ପ୍ରଶାସନ କୌଣସି ପଦକ୍ଷେପ ନନେଲେ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣ ଦିଆଯିବ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଲେ ଏଥିପାଇଁ ପ୍ରଶାସନ ହିଁ ଦାୟୀ ରହିବେ ବୋଲି ବ୍ଲକ ଅଧକ୍ଷ ଏନ୍. ବୀରରାଜୁ ଏବଂ ଅନ୍ୟମାନେ କହିଛନ୍ତି ।

## ବାତ୍ୟା ପାଇଁ ୩ ଦିନ ବନ୍ଦ ରହିବ ଶିମିଳିପାଳ

ବାରିପଦା, (ସବ୍ୟୁ) : ବାତ୍ୟା ଦାନାକୁ ନେଇ ମୟୂରଭଞ୍ଜ ଜିଲ୍ଲାକୁ ରେଡ଼ ଆଲର୍ଟ ଜାରି କରାଯାଇଛି। ସମ୍ଭବ୍ୟ ବାତ୍ୟା ଦାନା ପାଇଁ ଶିମିଳିପାଳ ଅଭୟାରଣ୍ୟକୁ ପର୍ଯ୍ୟଟକଙ୍କ ନିମନ୍ତେ ୩ଦିନ ତଥା ଅକ୍ଟୋବର ୨୩ରୁ ୨୫ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟ ପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ଉକ୍ତ ସମୟରେ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବୃଷ୍ଟିପାତ ହେବାର ସମ୍ଭାବନା ରହିଛି। ବର୍ଷା ମାତ୍ରା ଅଧିକ ଯୋଗୁଁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପାଇଁ ୩ଦିନ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ନିମନ୍ତେ ବନ୍ଦ କରାଯାଇଛି। ଶିମିଳିପାଳ ମଧ୍ୟରେ ପାହାଡିଆ ମାଟି ରାସ୍ତାରେ ଅଘଟଣକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଉକ୍ତ ସମୟରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟକୁ କୋଣସି ଗାଡି ପ୍ରବେଶ କିମ୍ବା ପ୍ରସ୍ଥାନ କରିବ ନାହିଁ ବୋଲି ଉଲ୍ଲେଖ କରାଯାଇଛି। ଶିମିଳିପାଳରେ ବାତ୍ୟା ପରର ସ୍ଥିତିକୁ ଦେଖି ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ବାତ୍ୟା ମୁକାବିଲା ପାଇଁ ଉପଖଣ୍ଡ ପ୍ରଶାସନର ପ୍ରସ୍ତୁତି ବୈଠକ

## ଶୂନ୍ୟ ମୃତାହତ, ସ୍ଥାନାନ୍ତର ଓ ଉଦ୍ଧାର କାର୍ଯ୍ୟକୁ ଗୁରୁତ୍ୱ



ଭଞ୍ଜନଗର, (ସବ୍ୟୁ): ସମ୍ଭାବ୍ୟ ବାତ୍ୟା ଦାନାର ମୁକାବିଲା ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏନେଇ ଭଞ୍ଜନଗର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ଅନିଲ କୁମାର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଖଣ୍ଡ ଅଧିନ ସମସ୍ତ ବ୍ଲକର ବିଡ଼ିଓ, ତହସିଲଦାର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ବାତ୍ୟା ପୂର୍ବ ଓ ପରବର୍ତ୍ତୀ ସମୟରେ କିଭଳି ସଫଳ ପରିଚାଳନା କରାଯିବ ସେନେଇ ସମସ୍ତ ବିଭାଗ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୂନ୍ୟ ମୃତାହତ, ସ୍ଥାନାନ୍ତର ଓ ଉଦ୍ଧାରକାର୍ଯ୍ୟକୁ ଉପଖଣ୍ଡ ପ୍ରଶାସନ ଗୁରୁତ୍ୱ ଦେଇଛି। ବାତ୍ୟା ପୂର୍ବରୁ ବିପଦସଙ୍କୁଳ ଓ କଚ୍ଚା ଘରେ ରହୁଥିବା ଲୋକ ଏବଂ ଗୃହପାଳିତ ପଶୁଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକରେ ଖାଦ୍ୟ ଉପଲବ୍ଧ କରିବା, ପିଇବା ପାଣି ପର୍ଯ୍ୟାପ୍ତ ପରିମାଣର ମହଜୁଦ ରଖିବା, ପ୍ରସବ କରିବାକୁ ଥିବା ମା'ମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରିବା, ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ପର୍ଯ୍ୟାପ୍ତ ଔଷଧ ଓ ସାପ କାମୁଡା ଇଞ୍ଜେକ୍ସନ ମହଜୁଦ ରଖିବା, ବାତ୍ୟା ପରବର୍ତ୍ତୀ ସମୟରେ ବିପର୍ଯ୍ୟସ୍ତ ହୋଇ ପଡିଥିବା ସଡକ ଓ ବିଜୁଳି ବ୍ୟବସ୍ଥାରେ ତ୍ୱରିତ ସୁଧାର ଆଣିବା ଭଳି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ପାଚିଯାଇଥିବା ଧାନ ଅମଳ କରି ସୁରକ୍ଷିତ ସ୍ଥାନକୁ ଆଣି ରଖିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ବାତ୍ୟା ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର କଳା ବଜାରି ଯେପରି ନହୁଏ ସେଦିଗରେ ଯୋଗାଣ ବିଭାଗ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ବିଶ୍ୱରଞ୍ଜନ କରଙ୍କ ସମେତ ବିଦ୍ୟୁତ, ଜଳସଂପଦ, ଅଗ୍ନିଶମ, ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ ଓ ପାନୀୟଜଳ ବିଭାଗର ଅଧିକାରୀ ଏବଂ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଗୌରୀଶଙ୍କର ଶତପଥି ପ୍ରମୁଖ ଉପସ୍ଥିତ ଥିଲେ ।

## ସମ୍ଭାବ୍ୟ ବାତ୍ୟା ମୁକାବିଲା ଲାଗି ପ୍ରସ୍ତୁତି ବୈଠକ

ଛତ୍ରପୁର, (ସବ୍ୟୁ) : ସମ୍ଭାବ୍ୟ ବାତ୍ୟା ଦାନାର ମୁକାବିଲା ଲାଗି ଛତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ବ୍ଲକ ଅଧକ୍ଷା କିରଣ କୁମାରୀ ଦାସଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବରାଳ, ବ୍ଲକ ଫାଇନାନ୍ସ ଅଫିସର ଗିରିସ ଚନ୍ଦ୍ର ମହାରଣା ଉପସ୍ଥିତ ରହି ସମସ୍ତେ ବାତ୍ୟା ପୂର୍ବରୁ ଲୋକଙ୍କୁ ସଚେତନ କରିବା ପାଇଁ କହିଥିଲେ। ସମୁଦ୍ର ତଟବର୍ତ୍ତୀ ଅଂଚଳ ଗୁଡିକରେ ସମୁଦ୍ର ମଧକୁ ମତ୍ସ୍ୟଜୀବୀ ମାନଙ୍କୁ ସୁଦ୍ର ମଧକୁ ମାଛ ମାରିବାକୁ ଯିବାକୁ ବାରଣ କରାଯିବା ସହିତ ସେମାନେ ସେମାନଙ୍କ ଡଙ୍ଗା, ଜାଲ ଆଦିକୁ ସୁରକ୍ଷିତ ଭାବେ ରଖିବା ପାଇଁ ସଚେତନ କରିବାକୁ କହିଥିଲେ। ଏହାସହ ଛତ୍ରପୁର ବ୍ଲକର ବିଭିନ୍ନ



ସ୍ଥାନରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକ ପ୍ରସ୍ତୁତ କରି ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଛତ୍ରପୁର ବ୍ଲକରେ ଅତିରିକ୍ତ ୯୩ ଟି ବାତ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି। ସେଗୁଡିକୁ ମଧ୍ୟ ପ୍ରସ୍ତୁତ କରି ରଖିବା ପାଇଁ ବୈଠକରେ ଆଲୋଚନା ହୋଇଛି । ବ୍ଲକର ବିଭିନ୍ନ ସ୍ଥାନରେ କଚ୍ଚା ଘରେ ରହୁଥିବା ଲୋକଙ୍କୁ ଚିହ୍ନଟ କରାଯାଇଛି, ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପରେ ସେମାନଙ୍କୁ ସ୍ଥାନାନ୍ତର କରାଯିବ ବୋଲି ବୈଠକରେ ବିଡିଓ ଶ୍ରୀ ବରାଳ ନିର୍ଦ୍ଦେଶ ଦେଇଥିଲେ । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ନଦୀ, ପୋଖରୀ ସମେତ ବିଭିନ୍ନ ଜଳାଶୟକୁ ଲୋକେ ନଯିବା ପାଇଁ ସଚେତନ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି। ସେହିପରି ଗର୍ଭବତୀ ମହିଳା ମାନଙ୍କୁ ଚିହ୍ନଟ କରାଯାଇଛି । ଆବଶ୍ୟକ ପଡିଲେ ସେମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ଏହି ବୈଠକରେ ଛତ୍ରପୁର ପଂଚାୟତ ସମିତିର ବିଭିନ୍ନ ପଂଚାୟତର ସରପଂଚ, ସମିତିସଭ୍ୟ ମାନଙ୍କ ସହିତ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ବହିଷ୍କୃତ ହେଲେ ଭାମଶ୍ୟାଳି ପଞ୍ଚାୟତର ଯୋଗାଣ ସହାୟକ

ବୁଗୁଡ଼ା, (ସବ୍ୟୁ): ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ହିତାଧିକାରୀମାନଙ୍କ ଇ-କେଓ୍ୱାଇସି କରିବା ପାଇଁ ମେସିନ ଧରି ସୁରତ ଯାଇଥିବା ବୁଗୁଡ଼ା ବ୍ଲକ ଭାମଶ୍ୟାଳି ପଞ୍ଚାୟତର ଯୋଗାଣ ସହାୟକ ମିଥୁନ ବିଶ୍ୱାଳଙ୍କୁ ଚାକିରୀ ହରାଇବାକୁ ପଡିଛି। ପ୍ରାପ୍ତ ସୂଚନା ଅନୁସାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ହେଉଥିବା ହେରଫେରକୁ ରୋକିବା ପାଇଁ ରାଜ୍ୟ ସରକାର ହିତାଧିକାରୀମାନଙ୍କ ପାଇଁ ଇକେଓ୍ୱାଇସି କରିବା ବାଧ୍ୟତାମୂଳକ କରିଥିଲେ। ଫଳରେ ରାସନ କାର୍ଡଧାରୀ ହିତାଧିକାରୀମାନେ ଇ-ପୋସ ମେସିନ ମାଧ୍ୟମରେ ନିଜ ନିଜର ଟିପ ଚିହ୍ନ ଦେଇ ଆଗକୁ ରାସନ କାର୍ଡ ଜରିଆରେ ମାଗଣା ରାସନ ପାଇ ପାରିବେ ବୋଲି ନିୟମ ହେଲା । ତେବେ ଭାମଶ୍ୟାଳି ପଞ୍ଚାୟତର ଯୋଗାଣ ସହାୟକ ମିଥୁନ ବିଶ୍ୱାଳ ନିଜ ପଞ୍ଚାୟତରେ ଅଧିକାଂଶ ହିତାଧିକାରୀଙ୍କ ଇକେଓ୍ୱାଇସି କରି ବଳକା ହିତାଧିକାରୀ ଯେଉଁମାନେ ସୁରତରେ ରହୁଛନ୍ତି । ସେମାନଙ୍କ ଟିପ ଚିହ୍ନ ନେବା ପାଇଁ ଇ-ପୋସ ମେସିନ ଧରି ଗତ ମାସରେ ସୁରତ ଯାଇଥିଲେ । ସେଠାରେ ରହୁଥିବା ଭାମଶ୍ୟାଳି ପଞ୍ଚାୟତର ହିତାଧିକାରୀମାନଙ୍କଠାରୁ ଜଣ ପିଛା ୨ ଶହରୁ ୩ ଶହ ଟଙ୍କା ନେଇ ସେମାନଙ୍କ ଇ-କେଓ୍ୱାଇସି କରିଥିଲେ । ଏନେଇ ଭିଡିଓ ଫୁଟେଜ ସହ ଅଭିଯୋଗ ହେବା ପରେ ବିଡିଓ ଏହାର ତଦନ୍ତ କରି ଭଞ୍ଜନଗର ଉପଜିଲ୍ଲାପାଳଙ୍କୁ ରିପୋର୍ଟ ଦେବା ପରେ ଯୋଗାଣ ସହାୟକଙ୍କୁ ବହିଷ୍କାର କରିବା ପାଇଁ ଭଞ୍ଜନଗର ଉପଜିଲ୍ଲାପାଳ ଭାମଶ୍ୟାଳି ସରପଞ୍ଚଙ୍କୁ ଚିଠି କରିଥିଲେ। ତେବେ ସରପଞ୍ଚ କୌଣସି କାର୍ଯ୍ୟାନୁଷ୍ଠାନ ନନେବାରୁ ଭଞ୍ଜନଗର ଉପଜିଲ୍ଲାପାଳ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୭୭୮୬, ତା ୧୮-୧୦-୨୪ ରିଖ ପ୍ରକାରେ ସମ୍ପୃକ୍ତ ଯୋଗାଣ ସହାୟକଙ୍କୁ ବହିଷ୍କୃତ କରି ୩ ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ବୁଗୁଡ଼ା ବିଡ଼ିଓଙ୍କୁ କହିବା ପରେ ଯୋଗାଣ ସହାୟକ ମିଥୁନ ବିଶ୍ୱାଳଙ୍କୁ ଗତକାଲି ବହିଷ୍କୃତ କରାଯାଇଥିବା ନେଇ ବିଡ଼ିଓ ଦାଇତ୍ୱରେ ଥିବା ସ୍ଥାନୀୟ ତହସିଲଦାର ତାପସ ରାଉତ ସୂଚନା ଦେଇଛନ୍ତି ।

## ବାତ୍ୟାରେ ଫସଲ ନଷ୍ଟ ଆଶଙ୍କା, ଚିନ୍ତାରେ ଚାଷୀ

ବୁଗୁଡା, (ସବ୍ୟୁ): ସମ୍ଭାବ୍ୟ ବାତ୍ୟା 'ଦାନା' ପାଇଁ ଫସଲ ନଷ୍ଟ ଆଶଙ୍କାରେ ଚାଷୀକୁଳ। ସୂଚନା ଅନୁଯାୟୀ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ରମଶଃ ବାତ୍ୟାରେ ପରିଣତ ହୋଇ ତାଣ୍ଡବ ରଚିବାକୁ ଯାଉଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଫଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସାଙ୍ଗକୁ ପବନ ବହିବା ନେଇ ବିଭାଗ ଅନୁମାନ କରାଯାଇଛି । ଏହାର ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହେବା ସହିତ ଫସଲ ହାନିକୁ ନେଇ ଚିନ୍ତାରେ ପଡିଛି ଚାଷୀ । କାରଣ ଧାନ ଫସଲ ଏବର୍ଷ ଭଲ ହୋଇଥିବା ବେଳେ ଅଧିକାଂଶ ଧାନଗଛରେ ଧାନ ବାହାରୁଚି କିମ୍ବା ବାହାରିବାକୁ ଯାଉଛି। ଏପରି ପରିସ୍ଥିତିରେ ଯଦି ମେଘ ପବନ ହୁଏ ତେବେ ଗଛ ସବୁ ପଡ଼ିଯିବ ଏବଂ ଏହା ଫଳରେ ଫସଲ ନଷ୍ଟ ହେବା ନିଶ୍ଚିତ ବୋଲି ସ୍ଥାନୀୟ ଯାଦବ ସାହିର ଚାଷୀମାନେ ମତ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବହୁ ତଳିଆ ଅଞ୍ଚଳ ଏକ ପ୍ରକାର ଜଳବନ୍ଦୀ ଅବସ୍ଥାକୁ ଆସିଯିବ । ଏଇ ଭାବନାକୁ ନେଇ ଚାଷୀମାନେ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି । କେବଳ ସେତିକି ନୁହେଁ ବାଡି ବଗିଚା, ରାସ୍ତାଘାଟ ସବୁକିଛି ଅସ୍ୱାଭାବିକ ଅବସ୍ଥାକୁ ଆସିଯିବ । ପ୍ରତିବର୍ଷ ଲଗାଣ ବର୍ଷାରେ ଏହି ଅଞ୍ଚଳର ଚାଷୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଏବେ ସମ୍ଭାବ୍ୟ ବାତ୍ୟା ଖବର ସେମାନଙ୍କୁ ଆତଙ୍କିତ କରିଥିବା ଜଣାଯାଇଛି ।

### ସମ୍ଭାବ୍ୟ ବାତ୍ୟାକୁ ନେଇ କଳାବଜାରୀ ସକ୍ରିୟ

## ପରିବା ଦର ଆକାଶଛୁଆଁ

ବୁଗୁଡ଼ା, (ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟ ସମ୍ଭାବ୍ୟ ବାତ୍ୟା 'ଦାନା' ସମ୍ପର୍କେ ପାଣିପାଗ ବିଭାଗର ସୂଚନା ପରେ ବୁଗୁଡ଼ା ସହରରେ ଅତ୍ୟାବଶ୍ୟକ ସାମଗ୍ରୀ କଳାବଜାର ଆରମ୍ଭ ହୋଇଛି। ଆବଶ୍ୟକତାଠାରୁ ଅଧିକ ସାମଗ୍ରୀ ବୋହି ନେବା କାରଣରୁ ସାମଗ୍ରୀର ଦର ଆଜି ବୃଦ୍ଧି ଘଟିଛି । ବିଶେଷକରି ପରିବା ବଜାରରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ତେବେ ରାସନ ସାମଗ୍ରୀ ଦରଦାମ ନିୟନ୍ତ୍ରିତ ରହିଛି । ଗଞ୍ଜାମ ଜିଲ୍ଲାରେ ବାତ୍ୟା ପ୍ରଭାବରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବାତ୍ୟା ଓ ପ୍ରବଳ ବର୍ଷା ପୂର୍ବାନୁମାନର ପ୍ରଭାବ ବୁଗୁଡା ବଜାରରେ ଦେଖିବାକୁ ମିଳିଛି। ମଙ୍ଗଳବାର ସକାଳୁ ପରିବା ବଜାରରେ ସମସ୍ତ ପରିବା ସହ ଆଳୁ ଓ ପିଆଜ ଦର ବୃଦ୍ଧି ହୋଇଛି। ସକାଳୁ ଗ୍ରାମଞ୍ଚଳ ସମେତ ସହରର କ୍ଷୁଦ୍ର ବ୍ୟବସାୟୀମାନେ ବାତ୍ୟାକୁ ନଜରରେ ରଖି ଆଳୁ ଓ ପିଆଜ ବୋହି ନେବାରେ ଲାଗିଥିଲେ। ଜଣେ ଜଣେ ବ୍ୟବସାୟୀ ୫ରୁ ୬ ବସ୍ତା ଆଳୁ ବୋହି ନେଇଛନ୍ତି। ଗତକାଲି ବଜାରରେ ଆଳୁ ଦର କିଲୋଗ୍ରାମ ପ୍ରତି ୩୦ ରହିଥିବା ବେଳେ ଆଜି ୪୦ ଟଙ୍କାରେ ପହଞ୍ଚିଛି ଏବଂ ପିଆଜ ୫୦ରୁ ବୃଦ୍ଧିପାଇ ୬୦ ଟଙ୍କା ହୋଇଛି । ସେହିପରି ସମସ୍ତ ପରିବା ଦର ମଧ ବୃଦ୍ଧି ହୋଇଛି। ଏ ପରିପ୍ରେକ୍ଷୀରେ ଆଜି ବଜାରରେ ଟମାଟ ୬୦ ଟଙ୍କା, ବାଇଗଣ ୫୦ ଟଙ୍କା, କାଙ୍କଡ଼ ୮୦ ଓ ଦେଶୀ କାଙ୍କଡ଼ ୧୬୦ ଟଙ୍କା, ଫୁଲ କୋବି ୮୦ ଟଙ୍କା, ବିନ୍ସ ଓ ମରିଚ ସାରୁ ଓ ତୋରଡା ୪୦ ଟଙ୍କା, ୧୦୦ ଟଙ୍କା, ପୋଟଳ ୬୦ ଟଙ୍କା, ଝୁଡ଼ଙ୍ଗ ଓ ବନ୍ଧାକୋବି ୫୦ ଟଙ୍କା, ଜହ୍ନି ୪୦ ଟଙ୍କା, ଭେଣ୍ଡି ୫୦ ଟଙ୍କା, କଲରା ଓ କଦଳୀ ୪୦ ଟଙ୍କାରେ ବିକ୍ରି ହେଉଛି । ଗ୍ରାମାଞ୍ଚଳରେ ଏହି ସାମଗ୍ରୀର ଦର ଆହୁରି ଅଧିକ ରହିଛି। ଯାହା ଖାଉଟିଙ୍କୁ ଅଡୁଆରେ ପକାଇଛି। ବାତ୍ୟା ପାଇଁ ଅତ୍ୟଧିକ ସାମଗ୍ରୀ ବୋହି ନେଉଥିବା ଏବଂ ଦର ବୃଦ୍ଧି ଘଟିଥିଲେ ମଧ ଯୋଗାଣ ବିଭାଗ କର୍ଯ୍ୟାନୁଷ୍ଠାନ ଗ୍ରହଣ ବଦଳରେ ଧୃତରାଷ୍ଟ୍ର ସାଜିଛି। ସ୍ଥାନୀୟ ହୋଲସେଲ ରାସନ ସାମଗ୍ରୀ ବ୍ୟବସାୟୀମାନେ କହିଛନ୍ତି ଯେ ଗତ ମାସରୁ ସମସ୍ତ ସାମଗ୍ରୀର ଦର ବୃଦ୍ଧି ହୋଇଛି । ଏବେ ବାତ୍ୟାକୁ ନେଇ ବଜାରରେ କୌଣସି ପ୍ରଭାବ ପଡ଼ିନାହିଁ । ତେବେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟବସାୟୀଙ୍କ ଯୋଗୁଁ ପରିବା ଦର ବୃଦ୍ଧି ସାଙ୍ଗକୁ ବଜାରରୁ ଆଳୁ ଓ ପିଆଜର କୃତିମ ଅଭାବ ଘଟିଥିବା ନେଇ ଅଭିଯୋଗ ହେଉଥିବାରୁ ଏଦିଗରେ ପ୍ରଶାସନିକ ପଦକ୍ଷେପ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହେଉଛି।

## ମୟୂରଭଞ୍ଜରେ 'ଦାନା' ପ୍ରଭାବ ସମ୍ପର୍କରେ ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ

ବାରିପଦା, (ସବ୍ୟୁ) : ବାତ୍ୟା 'ଦାନା କ୍ରମଶଃ ଓଡ଼ିଶା ଆଡକୁ ଅଗ୍ରସର ହେଉଥିବାବେଳେ କିଛି ଘଣ୍ଟା ମଧ୍ୟରେ ଏହା ଗଭୀର ଅବପାତ ନେବାର ସମ୍ଭାବନା ରହିଛି। ଏଣୁ ଏହି ପରିପ୍ରେକ୍ଷୀରେ ଆସନ୍ତା ୨୪ତାରିଖ ଏବଂ ୨୫ତାରିଖ, ଦୁଇଦିନ, ପାଣିପାଗ କେନ୍ଦ୍ର, ମୟୂରଭଞ୍ଜ ଜିଲ୍ଲା ପାଇଁ ରେଡ ଓ୍ୱାର୍ଣ୍ଣିଙ୍ଗ ଜାରି କରିଛି। ଏଥିନିମନ୍ତେ, ଜିଲ୍ଲାପ୍ରଶାସନ ସମସ୍ତ ପ୍ରକାରର ପ୍ରସ୍ତୁତି ଶେଷ କରିସାରିଛି। ଏହି ପ୍ରସ୍ତୁତି ଏବଂ ଅନ୍ୟାନ୍ୟ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନର ପ୍ରକ୍ରିୟାକରଣ ବିଷୟରେ ସମୀକ୍ଷା କରିବା ପାଇଁ ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ବିଭାଗ, ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର, ଜିଲ୍ଲାପ୍ରଶାସନ ସହିତ ଏକ ବୈଠକ କରିଥିଲେ। ଏହି ବୈଠକରେ ବାରିପଦା ସ୍ଥିତ ଓଶ୍ୱାନ ହଲ ଠାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲିଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ଆଭାସୀ ମାଧ୍ୟମରେ ସମସ୍ତ ଉପଖଣ୍ଡ, ବ୍ଲକ ଓ ତହସିଲ ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ପ୍ରାରମ୍ଭିକ ସୂଚନା ପ୍ରଦାନ କରିବାକୁ ଯାଇ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହେଉଥିବା ଜରୁରୀକାଳୀନ କାର୍ଯ୍ୟାନୁଷ୍ଠାନ ବିଷୟରେ ମନ୍ତ୍ରୀଙ୍କୁ ଏକ ବିଶଦ ବିବରଣୀ ପ୍ରଦାନ କରିଥିଲେ। ଏଥିନିମନ୍ତେ ସମ୍ବେଦନଶୀଳ ତହସିଲ, ବ୍ଲକ ଏବଂ ଗ୍ରାମ ପଂଚାୟତ ଯଥା ବଡ଼ସାହି, ବେତନଟୀ, ଗୋପବନ୍ଧୁ ନଗର, ମାଣତ୍ରୀ ପଂଚାୟତ, ଖୁଣ୍ଟା, ରାସଗୋବିନ୍ଦପୁର, ସାରସକଣା, କପ୍ତିପଦା, ଉଦଳା ଅଂଚଳର ବିଭିନ୍ନ ସ୍ଥାନ ପାଇଁ ଜିଲ୍ଲାପ୍ରଶାସନ ପର୍ଯ୍ୟାପ୍ତ ପରିମାଣରେ ପୂର୍ବ ବ୍ୟବସ୍ଥା କରିଥିବାବେଳେ ସମ୍ଭାବିତ ବର୍ଷାରେ ବନ୍ୟା ପ୍ଲାବିତ ହେବାକୁ ଥିବା ଅଂଚଳରେ ମଧ ସମସ୍ତ ଜରୁରୀକାଳୀନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସମସ୍ତ ପ୍ରଭାବିତ ଜନସାଧାରଣଙ୍କୁ କଚ୍ଚା ଘର ମାନଙ୍କୁ ପକ୍କାଘର ଗୁଡିକୁ ସ୍ଥାନାନ୍ତର ବ୍ୟବସ୍ଥା କରିବା ସହ ସମସ୍ତ ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡିକୁ ପୁରୁଷ / ମହିଳା ଭାବରେ ବିଭକ୍ତିକରଣ କରିବା ପାଇଁ ପ୍ରଶାସନ କାର୍ଯ୍ୟ କରୁଥିବାବେଳେ, ସେଠାରେ ଗରମ ରନ୍ଧା ଖାଦ୍ୟ, ମେଡ଼ିସିନ, ସହିତ ରାତ୍ରିଯାପନ ସମୟରେ ଟେଲିଭିଜନ ପ୍ରସାରଣର ବ୍ୟବସ୍ଥା ମଧ କରାଯାଇଛି। ଜିଲ୍ଲାପାଳଙ୍କ ସୂଚନା ଅନୁସାରେ ଆଗାମୀ ୨୪ ଓ ୨୫ ତାରିଖ ଦିନ, ବାଲେଶ୍ୱର ସହିତ ନିକଟ ସଂଯୋଗ କରୁଥିବା ବାରିପଦା ଉପଖଣ୍ଡ ଓ ଉଦଳା ଅଂଚଳ, ସମ୍ଭାବିତ ବାତ୍ୟା ଓ ବନ୍ୟା ଦ୍ୱାରା ପ୍ରଭାବିତ ହୋଇପାରେ ଏଣୁ ଏହି ସ୍ଥାନ ମାନଙ୍କରେ ୭-୧୧ ସେ.ମି ପର୍ଯ୍ୟନ୍ତ ବର୍ଷ ହେବାର ସମ୍ଭାବନା ଅଛି। ଜିଲ୍ଲା ପ୍ରଶାସନ, ବର୍ତ୍ତମାନ ସୁଦ୍ଧା ବିଭିନ୍ନ




ଜଳ ବିଭାଜିକା ଯଥା କାଳ, ସୁନେଇ, ଦେଓ, ବାଙ୍କବାଲ, ଜମ୍ବିରା, ଜଳକା ଠାରେ ଜଳସ୍ତର ସାଧାରଣ ଅଛି ଏବଂ ଆବଶ୍ୟକ ସ୍ଥଳେ ବନ୍ୟାଜଳ ନିଷ୍କାସନ କରିବା ପାଇଁ ମଧ ପ୍ରଶାସନ କାର୍ଯ୍ୟ କରୁଛି। ବିଶେଷ କରି ଝାଡ଼ଖଣ୍ଡ ସ୍ଥିତ ସୁବର୍ଣ୍ଣରେଖା ଠାରେ ଅଧିକ ବର୍ଷ ହେଲେ ମୟୂରଭଞ୍ଜ ଜିଲ୍ଲାରେ ଥିବା ଡ୍ୟାମ ମାଧ୍ୟମରେ ଜଳ ନିଷ୍କାସନ କରାଯିବ। ସୂଚନା ଥାଉକି, ଏହି ପ୍ରାକୃତିକ ଦୁର୍ବିପାକର ସଫଳ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସମୁଦାୟ ୨୭୮ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିଛି ଏବଂ ଏଥି ସହିତ ୧୦ଟି ବହୁମୁଖୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ଅଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଉଦ୍ଧାର କାର୍ଯ୍ୟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସମୁଦାୟ ୨୬ଟି ବ୍ଲକରେ ଅଗ୍ନିଶମ ବିଭାଗ କାର୍ଯ୍ୟରତ ଥିବାବେଳେ ସମସ୍ତ ସିଏଚସି ଓ ପିଏଚ୍‌ସି ରେ ଡାକ୍ତରଙ୍କ ସମେତ ଅଙ୍ଗନବାଡି କେନ୍ଦ୍ରରେ ଆଣ୍ଟିଭେନମ, ଡାଇରିଆ, ଥଣ୍ଡା, ଜର ମେଡ଼ିସିନ ମହଜୁଦ ରହିଛି। ବିଶେଷତଃ କରି ଗର୍ଭବତୀ ମା ମାନଙ୍କୁ ଚିକିତ୍ସାଳୟରେ ଉପଚାର ଏବଂ ନୂତନ ପ୍ରସୂତି ମାନଙ୍କୁ ଆଶ୍ରୟସ୍ଥଳୀରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟଗତ ସୁରକ୍ଷା ମଧ୍ୟରେ ରଖାଯିବ। ସମସ୍ତ ୫ଟି ସ୍କୁଲ ଗୁଡିକୁ ଜରୁରୀକାଳୀନ ଆଶ୍ରୟ ସ୍ଥଳୀ ଭାବେ କାର୍ଯ୍ୟ କରାଇବାକୁ ଓ ସମସ୍ତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ବିଦ୍ୟାଳୟରେ କାର୍ଯ୍ୟକରିବାକୁ ମଧ ଏହି ବୈଠକରେ କୁହ ଯାଇଥିଲା । ସମସ୍ତ ତଥ୍ୟର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବା ପରେ, ମାନ୍ୟବର ମନ୍ତ୍ରୀ ବୈଠକରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ଉଦ୍ଧାର କାର୍ଯ୍ୟରେ ପିଆରଆଇ ସଦସ୍ୟ, ସ୍ୱେଚ୍ଛାସେବୀ ଏବଂ ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମୟ ସମୟେ ସରକାରୀ ସୂତ୍ରରୁ ମିଳୁଥିବା ସୂଚନା ବିଷୟରେ ଜନସାଧାରଣଙ୍କୁ ଡ଼ାକବାଜି ଯନ୍ତ୍ର ଦ୍ୱାରା ଅବଗତ ରହିବାକୁ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବାକୁ ଜନସାଧାରଣ ମାନଙ୍କୁ ଅନୁରୋଧ କରାଯାଇଛି। ବିଶେଷ କରି ତୁରନ୍ତ ରିଲିଫ୍ ଯୋଗାଣ, ବିଶୁଦ୍ଧ ଜଳ ଓ ଖାଦ୍ୟ ଯୋଗାଣ, ଆବଶ୍ୟକ ସ୍ଥଳେ ଅସ୍ଥାୟୀ ଆଶ୍ରୟସ୍ଥଳୀ ସ୍ଥାପନ ଏବଂ ଚିକିତ୍ସା ସହାୟତାକୁ ସୁଗମ କରିବାପାଇଁ ପ୍ରଶାସନକୁ ଉପଦେଶ ଦେଇଥିଲେ। ଏଥିସହିତ ଆବଶ୍ୟକସ୍ଥଳେ କ୍ଷତିଗ୍ରସ୍ତଙ୍କ ଥଇଥାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ମ୍ୟୁନିସିପାଲିଟି ଅଂଚଳରେ ଜଳଘେର ରହୁଥିବା ସ୍ଥାନ ମାନଙ୍କରେ, ଡ୍ରେନ ଦ୍ୱାରା ଜଳ ନିଷ୍କାସନ ଏବଂ ଜନସାଧାରଣଙ୍କର ଆବଶ୍ୟକୀୟ ସେବା ଯୋଗାଇଦେବାକୁ ମାନ୍ୟବର ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ସମସ୍ତ ସମ୍ଭାବ୍ୟ ପ୍ରଭାବିତ ବ୍ଲକ ଓ ତହସିଲଦାର ମାନେ ନିଜ ନିଜ ଅଂଚଳରେ କାର୍ଯ୍ୟକାରୀ କରାଇଥିବା ସମସ୍ତ ପ୍ରକ୍ରିୟାକୁ ମାନ୍ୟବର ମନ୍ତ୍ରୀଙ୍କୁ ଉପସ୍ଥାପନା କରିଥିଲେ ଓ ଆଗାମୀ ସମୟରେ ଏହାକୁ ତ୍ୱରାନ୍ୱିତ କରିବା ନେଇ ଆଲୋଚନା କରିଥିଲେ। ଏହି ବୈଠକରେ ବିଭିନ୍ନ ବିଭାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମୟୂରଭଞ୍ଜରେ କେଶରୀୟା ହିନ୍ଦୁ ବାହିନୀର ରାଜ୍ୟସ୍ତରୀୟ ସମାବେଶ

ବାରିପଦା, (ସବ୍ୟୁ) : କେଶରିୟା ହିନ୍ଦୁ ବାହୀନିର ପ୍ରତିଷ୍ଠାତା ଦିଲ୍ଲୀପ କୁମାର ଦାସ୍‌ଙ୍କ ପୌରହିତ୍ୟରେ ରାଜ୍ୟ କମିଟି କର୍ମକର୍ତ୍ତାଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ ରାଜ୍ୟ ସଭାପତି ସନ୍ତୋଷ ଭୋଳ ସମେତ ସମସ୍ତ ସଦସ୍ୟ ଯୋଗଦେଇ ଗୋ ସୁରକ୍ଷା, ଧର୍ମାନ୍ତରୀକରଣ ଓ ଅନୁପ୍ରବେଶ ରୋକିବା ସହିତ ସନାତନ ଧର୍ମର ପ୍ରଚାର ପ୍ରସାର ଓ ତାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଏଥିସହିତ ଦେଶର ସମ୍ବିଧାନ ପ୍ରତି ସଦାସର୍ବଦା ସମ୍ମାନ ଏବଂ ଜାତି ଭାଷା, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ, ସଦାସର୍ବଦା ଗରିବ ଏବଂ ଅସହାୟଙ୍କୁ ସହଯୋଗର ହାତ ବଢାଇବା ଓ ଦେଶବାସୀଙ୍କ ମଙ୍ଗଳ ଓ ହିତ ପାଇଁ ସଂଗଠନ କାର୍ଯ୍ୟ କରୁଛି ବୋଲି ସଦସ୍ୟମାନେ କହିଥିଲେ ।



ଏଥିରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ରୁଦ୍ର ନାରାୟଣ ଜିତ୍‌ବାବୁ, ରାଜ୍ୟ ସାଧାରଣ ସମ୍ପାଦକ ଅମରେଶ ସାମନ୍ତ, ରାଜ୍ୟ ମାର୍ଗଦର୍ଶକ ପ୍ରଦ୍ୟୁମ୍ନ ଦାଶ, ରାଜ୍ୟ ରାଲୀ ନିଗମ ମହାନ୍ତି, ରାଜ୍ୟ ପ୍ରବକ୍ତା ଭାବେ ନିଗମାନନ୍ଦ ଜେନା, ରାଜ୍ୟ ସାଂସ୍କୃତିକ ପ୍ରକୋଷ୍ଠ ଭାବେ ସରୋଜ କୁମାର ଜେନା, ରାଜ୍ୟ ଉପସଭାପତି ତଥା ରାଜ୍ୟ ସୂଚନା ପ୍ରମୁଖ ଭାବେ ବ୍ରହ୍ମ ପ୍ରସାଦ ମହାପାତ୍ର, ରାଜ୍ୟ ସମ୍ପାଦକ ଅନିଲ ମହାନ୍ତି, ରାଜ୍ୟ ସମ୍ପାଦକ ଅଞ୍ଜନ ତ୍ରିପାଠୀ, ରାଜ୍ୟ ଉପସଭାପତି ସଞ୍ଜୟ ବାରିକ ଓ ଅସିତ୍ ମହାନ୍ତି, ରାଜ୍ୟ କୋଷାଧକ୍ଷ ଦେବାଶିଷ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ତ୍ରିଲୋଚନ ଦାସ, ଛାତ୍ର ସଭାପତି ସିର୍ଦ୍ଧାତ ଖଟୁଆ, ରାଜ୍ୟ ମିଡିଆ ପ୍ରଭାରି ଗୌର ଦାସଗିରି ପ୍ରମୁଖଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମହିଳାଙ୍କୁ ହତ୍ୟା



ସମ୍ବଲପୁର,(ସବ୍ୟୁ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମହିଳାଙ୍କୁ ଛୁରୀ ଭୁସି ହତ୍ୟା କରାଯାଇଛି । ମୃତକ ଜଣକ ସେହି ପଡାର ଲଳିତା ଦେବୀ(୪୫) ବୋଲି ଜଣାପଡିଛି । ଏନେଇ ଟାଉନ ଥାନାରେ ୪୪୦/୨୪ରେ ଏକ ମାମଲା ରୁଜୁ କରାଯାଇଛି । ଏହି ଅଭିଯୋଗରେ ପାଣ ହରିପାଲ(୨୭)ଙ୍କୁ ପୋଲିସ ଗିରଫ କରିଛି । ତାଙ୍କ ଠାରୁ ଏକ ରକ୍ତଲଗା ଛୁରି ଜବତ କରାଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ସାହୁ କଲୋନୀରେ ଲଳିତା ଓ ପାଣଙ୍କ ପରିବାର ବସବାସ କରନ୍ତି । କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଗତକାଲି ଝଗଡା ହୋଇଥିଲା । ମଙ୍ଗଳବାର ସକାଳେ ସେହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପୁଣି କଥା କଟାକଟି ଓ ଗଣ୍ଡଗୋଳ ହୋଇଥିଲା । ପୂର୍ବାହ୍ନ ସାଢେ ୧୧ଟାରେ ଲଳିତା ନିଜର ପଡାର ଏକ ପାନ ଦୋକାନ ନିକଟରେ ଛିଡା ହୋଇଥିବା ବେଳେ ପାଣ ରାଗି ଯାଇ ତାଙ୍କୁ ଛୁରୀରେ ଭୁସିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ତେବେ ଚିକିସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ପୋଲିସ ତାଙ୍କ ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ତେବେ ଏହି ପଡାରେ ନିଶା କାରବାର ଚାଲୁଥିବା ବେଳେ ହତ୍ୟାକାଣ୍ଡ ପଛରେ ଏହା ପ୍ରମୁଖ କାରଣ ବୋଲି ଆଲୋଚନା ହେଉଛି ।

# ଲକ୍ଷ୍ମଣ ମିର୍ଦ୍ଧା ହତ୍ୟା ଘଟଣାରେ ଦୁଇ ଅଭିଯୁକ୍ତ ଗିରଫ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଥାନା ହରଭଙ୍ଗା ବ୍ଲକ ତାଲବାହାଲ ଗ୍ରାମର ଲକ୍ଷ୍ମଣ ମିର୍ଦ୍ଧାଙ୍କୁ ପୁରୁଣାକଟକ ଥାନା ମଣିପୁର ଗ୍ରାମର ମେଣ୍ଡିଖାଇ ପାହାଡ ନିକଟରେ ଥିବା ଏକ ନର୍ସରୀରେ ହତ୍ୟା କରାଯାଇଥିଲା । ହତ୍ୟାକାଣ୍ଡ ଘଟଣାରେ ପୁରୁଣାକଟକ ପୋଲିସ ଘଟଣାର ଛଅ ଦିନ ପରେ ଆଜି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି । ହତ୍ୟାକାଣ୍ଡ ପୁର୍ବଶତୃତାକୁ ନେଇ ହୋଇଥିବା ପୁରୁଣାକଟକ ପୋଲିସ ସୁଚନା ଦେଇଛି । ଗିରଫ୍ ଦୁଇ ଅଭିଯୁକ୍ତ ହେଲେ ବୌଦ୍ଧ ଥାନା ସରସରା ଗ୍ରାମର ପବିତ୍ର ମିର୍ଦ୍ଧା ( ୩୫) ଓ ତାଲବାହାଲ ଗ୍ରାମର ହରି ଓରଫ ହରିଶ୍ଚନ୍ଦ୍ର ମିର୍ଦ୍ଧା (୨୮) ବୋଲି ପୋଲିସ ସୂଚନା ଦେଇଛି । ମାମଲାରୁ ପ୍ରକାଶ ଯେ ଗତ ୧୪.୧୦.୨୪ରେ ବୌଦ୍ଧ ଥାନା ତାଲବାହାଲ ଗ୍ରାମର ଲକ୍ଷ୍ମଣ ମିର୍ଦ୍ଧାଙ୍କ ଶବ ପୁରୁଣାକଟକ ଥାନା ଅର୍ନ୍ତଗତ ମଣିପୁର ମେଣ୍ଡିଖାଇ ପାହାଡ ନିକଟରେ ଥିବା ଏକ ନର୍ସରୀରୁ ମିଳିଥିଲା । ଧାରୁଆ ଅସ୍ତ୍ରରେ ଲକ୍ଷ୍ମଣର ତଣ୍ଟି କାଟିବା ସହ ପେଟକୁ କାଟି ହତ୍ୟା କରାଯାଇଥିଲା । ଏନେଇ ପୁରୁଣାକଟକ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା । ଏନେଇ ପୁରୁଣାକଟକ ଥାନା କେସନଂ ୧୪୭/୨୪ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିଲା । ପୁଲିସ ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ନେଇ ତଦନ୍ତ ଆରମ୍ଭ କରିଥିଲା । ଏହା ଏକ ହତ୍ୟା ବୋଲି ଜାଣିପାରିଥିଲା । ପୁରୁଣାକଟକ ପୋଲିସ ଘଟଣାର ଛଅ ଦିନ ପରେ ଏହି ହତ୍ୟା ମାମଲାରେ ବୌଦ୍ଧ ଥାନା ସରସରା ଗ୍ରାମର ପବିତ୍ର ମିର୍ଦ୍ଧା ( ୩୫) ଓ ତାଲବାହାଲ ଗ୍ରାମର ହରି ଓରଫ ହରିଶ୍ଚନ୍ଦ୍ର ମିର୍ଦ୍ଧା (୨୮)କୁ ରବିବାର ଦିନ ଲୁଣିବାହାଲ ଠାରୁ ଗିରଫ କରିଛି । ପୋଲିସ ସୂଚନା ଅନୁଯାୟୀ ମୃତ ଲକ୍ଷ୍ମଣର କପା ଚାଷକୁ ନେଇ ପବିତ୍ର ସହ ଶତୃତା ଥିବା ବେଳେ ହରିଶ୍ଚନ୍ଦ୍ର ସହ ପୂର୍ବରୁ ଶତୃତା ରହିଥିବା ନେଇ ସୁଚନା ଦେଇଛି । ଫଳରେ ପୂର୍ବ ଶତୃତାକୁ ନେଇ ହତ୍ୟା କରାଯାଇଥିବା ପୁରୁଣାକଟକ ଥାନ ଅଧିକାରୀ ଶାରଦା ପ୍ରଶନ୍ନ ଦାସ ସୁଚନା ଦେଇଛନ୍ତି । ଏହା ସହ ଅଭିଯୁକ୍ତ ମାନଙ୍କ ଠାରୁ ଦୁଇଟି ଛୁରୀ ଓ ଗୋଟିଏ ମଟର ସାଇକେଲ ଜବତ ହୋଇଥିବା ସୁଚନା ଦେଇଥିଲେ । ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ଦାସ ସୁଚନା ଦେଇଥିଲେ ।

# ଧୀମାରେ ଚାଲିଛି ହାଇଟେକ୍ ସର୍ଭେ, ପ୍ରଜା ହତାଶ

ବିରମହାରାଜପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ବିରମହାରାଜପୁର ତହସିଲ କାର୍ଯ୍ୟାଳୟରେ ୨୦୧୭ ମସିହାରୁ ଆଜି ପର୍ଯ୍ୟନ୍ତ ହାଇଟେକ୍ ସର୍ଭେ ଚାଲିଥିଲେ ହେଁ ପ୍ରଜାଙ୍କୁ ଆଜି ଯାଏ ଫାଇନାଲ ଜମି ପଟ୍ଟା ପ୍ରଦାନ କରିବାରେ ବିଫଳ ହୋଇଛି ବୀରମହାରାଜପୁର ତହସିଲ । ଏହି ହାଇଟେକ୍ ସର୍ଭେକୁ ଉଦ୍ଘାଟନ କରିଥିଲେ ତତ୍କାଳୀନ ସୁବର୍ଣ୍ଣପୁର ଜିଲ୍ଲାପାଳ ଦାଶରଥି ଶତପଥୀ। ମାତ୍ର ହାଇଟେକ୍ ସର୍ଭେ ନାମରେ ଦାୟିତ୍ୱରେ ଅଧିକାରୀ ମାନେ ହଜାର ହଜାର ଟଙ୍କା ଅସୁଲ କରୁଥିବା ଅଭିଯୋଗ ହୁଏ। ନୂତନ ପଟ୍ଟା, ମ୍ୟୁଟେଶନ, ପାର୍ଟିସନ୍, ୨ଖାନା ସଂଶୋଧନ, ନାମ ଓ ଜାତି ସଂଶୋଧନ ପରି ଅନ୍ୟାନ୍ୟ କାମ କରିବାପାଇଁ ଗ୍ରାମମାନଙ୍କୁ ଯାଇ ହାଇଟେକ୍ ଦାୟିତ୍ୱ ରେ ଥିବା ଅମୀନ ମାନେ ଗ୍ରାମର କିଛି ଅସାଧୁ ଦଲାଲଙ୍କୁ ହାତବାରିସି କରି ପ୍ରଜା ମାନଙ୍କ ଠାରୁ ହଜାର ହଜାର ଟଙ୍କା ଅସୁଲ କରୁଥିବା ଜନସାଧାରଣରେ ଚର୍ଚ୍ଚା ହୁଏ । ପ୍ରକାଶ ଥାଉକି ଅନୁଗୋଳ ଜିଲ୍ଲାର କିଛି ଅମୀନ ହାଇଟେକ୍ ଅଧିକାରୀ କର୍ମଚାରୀ ୨୦୧୮ମସିହାରୁ ଅଜି ପର୍ଯ୍ୟନ୍ତ ବିରମହାରାଜପୁର ତହସିଲର ହାଇଟେକ୍ ସର୍ଭେ ଦାୟିତ୍ୱରେ ଥିଲେ ହେଁ ନୂତନ ପଟ୍ଟା ସଂଶୋଧନ ପାଇଁ ପ୍ରତି ଗାଁ କୁ ଯାଇ ପ୍ରଜାଙ୍କ ଠାରୁ ୧ହଜାରରୁ ୩ହଜାର ଟଙ୍କା ଅସୁଲ କରୁଥିବା ପ୍ରଜା ମାନଙ୍କ ମୁହଁରେ ଗୁଞ୍ଜରଣ ସୃଷ୍ଟି ହୁଏ । ପ୍ରକାଶ ଥାଉକି ବିରମହାରାଜପୁର ତହସିଲର ରାଜସ୍ୱ ଗ୍ରାମର ପ୍ରଜା ମାନଙ୍କ ଜମିକୁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ହାଇଟେକ୍ ସର୍ଭେ କରି ସ୍ୱଚ୍ଛ ଭାବେ ରେକର୍ଡ ସଂଶୋଧନ କରିବାର ନିୟମ ଥିଲେହେଁ ଦାୟିତ୍ୱରେ ଥିବା ଅମିନ ଓ ଆର ଆଇ ମାନେ ରାଜସ୍ୱ ଗ୍ରାମକୁ ନ ଯାଇ ପ୍ରଜାଙ୍କ ସହ ଆଲୋଚନା ନକରି ଅଫିସରେ ବସି ଜମି ସର୍ଭେ କରିଛନ୍ତି । ଫଳରେ ପ୍ରଜା ମାନେ ଏଲ ପି ଏମ ପାଇଲା ପରେ ଜମି ଏରିଆ ଓ ମୃତ ପ୍ରଜାଙ୍କ ନାମରେ ପୂର୍ବ ଭଳିଆ ଥିବା ଜାଣି ହଇରାଣ ହରକତ ହେଉଥିବା, ଓ ତହସିଲକୁ ବାରମ୍ବାର ଦୌଡୁଥିବା ଦେଖିବାକୁ ମିଳିଛି । ଏପରିକି ପ୍ରଜାମାନେ ୨ନମ୍ବର, ୮ନମ୍ବର ଓ ୧୪ନମ୍ବର ଫର୍ମରେ କେବେ ଜମିପଟ୍ଟା ଓ ରେକର୍ଡ ସଂଶୋଧନ ପାଇଁ ଆବେଦନ କରିବେ ସେଇଟା ବି ପ୍ରଜା ମାନଙ୍କୁ ସୂଚନା ଦିଆଯାଉନାହିଁ ।

# ହୀରାକୁଦ ବନ୍ଧର ଭୂକମ୍ପ ନିରୋଧ ଶକ୍ତି ଯାଞ୍ଚ



ସମ୍ବଲପୁର,(ସବ୍ୟୁ): ଏସିଆର ସର୍ବବୃହତ୍ ନଦୀବନ୍ଧ ହୀରାକୁଦର ଭୂକମ୍ପ ନିରୋଧ ଶକ୍ତି ଯାଞ୍ଚ କରାଯାଇଛି । ଏକ ୬ଜଣିଆ ବିଶେଷଜ୍ଞ ଦଳ ଏହାର ଯାଞ୍ଚ କରିଥିବା ଜଣାପଡିଛି । ଏହି ଦଳ ମଙ୍ଗଳବାର ହୀରାକୁଦ ନଦୀବନ୍ଧ ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ । ଏହାର ସୁରକ୍ଷା ନେଇ ଏକ ପାଇଲଟ୍ ଷ୍ଟଡି ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବେ । ସେହି ଆଧାରରେ ହୀରାକୁଦର ସୁରକ୍ଷା ଓ ନିରାପତ୍ତା ଆଦି ସମ୍ପର୍କରେ କାର୍ଯ୍ୟକ୍ରମ ହାତକୁ ନିଆଯିବ । ଜୟପୁର ଏମ୍ଏନ୍ଆଇଟିର ଏହି ବିଶେଷଜ୍ଞ ଦଳରେ ଆଇଆଇଟି ଚେନ୍ନାଇ, ଭାରତ ସରକାରଙ୍କ ଜଳ ମିଶନ ଏବଂ ଓଡିଶା ସରକାରଙ୍କ ବନ୍ଧ ସୁରକ୍ଷା ମୁଖ୍ୟ ଯନ୍ତ୍ରୀ ଆଦି ସାମିଲ ଥିଲେ । ସୂଚନାଯୋଗ୍ୟ, ଏସିଆର ଦୀର୍ଘତମ ନଦୀବନ୍ଧ ହୀରାକୁଦ ମୋଟ ୭୪୬ବର୍ଗ କିଲୋମିଟର ଜଳଭଣ୍ଡାର ବିଶିଷ୍ଟ ଅଟେ । ବନ୍ୟା ନିୟନ୍ତ୍ରଣ, କୃଷି କ୍ଷେତ୍ରକୁ ଜଳ ଯୋଗାଣ ଓ ବିଦ୍ୟୁତ ଉତ୍ପାଦନର ଲକ୍ଷ୍ୟ ନେଇ୧୯୪୮ ମସିହାରେ ହୀରାକୁଦ ବହୁମୁଖୀ ନଦୀବନ୍ଧ ଯୋଜନା ଚିନ୍ତା କରାଯାଇଥିଲା। ପରବର୍ତ୍ତୀ ସମୟରେ ୧୯୫୭ମସିହାରେ ଏହି ଜଳ ଭଣ୍ଡାର କାର୍ଯ୍ୟକ୍ଷମ ହୋଇଥିଲା। ଡ୍ୟାମରୁ ଜଳ ନିଷ୍କାସନ ପାଇଁ ୬୪ଟି ସ୍ଲୁଇସ୍ ଓ ୩୪ଟି କ୍ରେଷ୍ଟ ଗେଟ୍ କରାଯାଇଛି। ମୋଟ ୯୮ଟି ଗେଟ୍ ଥିବାବେଳେ ବର୍ଷା ଦିନେ ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୧୫ଲକ୍ଷ କ୍ୟୁସେକ୍ ଜଳ ନିଷ୍କାସିତ ହୋଇଥାଏ। ଏହି ମାଟିବନ୍ଧର ଜଳ ଧାରଣା କ୍ଷମତା ୬୩୦ଫୁଟ ଅଟେ ।

# ନର୍ଲା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ

ନର୍ଲା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ–୨୦୨୪ ପାଳିତ ହୋଇଯାଇଛି। ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ, ସମ୍ମାନୀତ ଅତିଥି ଏବିଇଓ ଗୋବର୍ଦ୍ଧନ ମାଝୀ, ଏବିଇଓ ସୂର୍ଯ୍ୟଦେବ ବାଗ, ଅବସରପ୍ରାପ୍ତ ଏବିଇଓ ଦ୍ରୋଣ ରଣା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବ୍ଲକ ଅନ୍ତର୍ଗତ ୧୭ କ୍ଲଷ୍ଟରର ଛାତ୍ରଛାତ୍ରୀ 'ସୁରଭି' ଅନ୍ତର୍ଗତ କଣ୍ଠ ସଙ୍ଗୀତ, ପ୍ରବନ୍ଧ, ବକ୍ତୃତା, ବିତର୍କ, ପିଏମ୍ ପୋଷଣ ଚିତ୍ରକଳା ଓ ଶିଳ୍ପକଳା, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, କୁଇଜ୍, ଓଡ଼ିଆ ହସ୍ତାକ୍ଷର ଓ ଶୃତଲିଖନ, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି କଳା ଉତ୍ସବ ଅନ୍ତର୍ଗତ ଏକକ ଓ ଦଳଗତ କଣ୍ଠ ସଂଗୀତ, ଯନ୍ତ୍ର ସଂଗୀତ, ନୃତ୍ୟ, ଅଭିନୟ, ଚାରୁକଳା, ପାରମ୍ପରିକ ଗଳ୍ପ କଥନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀ ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଉତ୍ସବରେ ଯୋଗଦେବେ ବୋଲି ଜଣାପଡିଛି। ଏଥିରେ ଶିକ୍ଷକ ଅନିଲ ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସମସ୍ତ ସିଆରସିସି ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଶହିଦ ଦିବସ ପାଳିତ



ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ପୋଲିସ ଓ ୫ମ ଆଇଆରବି ପକ୍ଷରୁ ବଲାସିଙ୍ଗା ସ୍ଥିତ ଆଇଆରବି ପ୍ୟାରେଡ ପଡିଆରେ ଠାରେ ସୋମବାର ଦିନ ୬୫ ତମ ପୋଲିସ ସହୀଦ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଏସପି ନାଗରାଜ ଦେଓ୍ୱରକୋଣ୍ଡା ଯୋଗଦେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିବା ସହିତ ଗତ ଏକବର୍ଷ ମଧ୍ୟରେ ଦେଶ ମାତୃକାର ସେବା କରି ସହୀଦ ହୋଇଥିବା ଯବାନଙ୍କ ନାମ ପାଠ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଆରକ୍ଷୀ ଅଧିକ୍ଷକ ଦେବରକୋଣ୍ଡା ଓ ସ୍ୱତନ୍ତ୍ର ଅତିଥି ଭାବରେ ଉପସ୍ଥିତ ଥିବା ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଅନ୍ୟାନ୍ୟ ପୁଲିସ ଅଧିକାରୀଙ୍କ ସହିତ ସହୀଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅପ୍ରଣ କରିଥିଲେ ଏବଂ ସହୀଦ ପରିବାରମାନଙ୍କ ପ୍ରତି ଅନ୍ତରରୁ ନିଜର ସମବେଦନା ଜ୍ଞାପନ କରି ପରିବାରବର୍ଗଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବାସହିତ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ସେ ପ୍ରତିଶୃତି ଦେଇଥିଲେ। ଏହି ଅବସରରେ ବୌଦ୍ଧ ଆଇଆରବି ର ଯବାନ ସହୀଦ ପ୍ରଦ୍ୟୁମ୍ନ ପଣ୍ଡାଙ୍କ ମାଆଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରାଯାଇଥିଲା । ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ୍ ବ୍ରହ୍ମାନନ୍ଦ ମଲିକ ପ୍ୟାରେଡ ପରିଚାଳନା କରିଥିଲେ । ଆଇଆରବି ଡେପୁଟି କମାଣ୍ଡାଣ୍ଟ୍ ସଦାଶିବ ଧରୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରିଜର୍ଭ ଇନିସପେକ୍ଟର କୁଳମଣି ଗିରି ଧନ୍ୟବାଦ ପ୍ରଦାନ କରିଥିଲେ । ଜିଲ୍ଲାକୁ ତାଲିମ ପାଇଁ ଆସିଥିବା ଆଇପିଏସ ସୋନାଲି ସିଂ ପରମାର , ଜିଲ୍ଲା ସୁଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ, ଅବକାରୀ ଅଧିକ୍ଷକ ଶାନ୍ତି ମାରାଣ୍ଡି , ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ଓ ଜିଲ୍ଲା ସ୍ତରୀୟ ପୋଲିସ ଅଧିକାରୀ ମାନେ ଯୋଗ ଦେଇ ସହିଦ ମାନଙ୍କୁ ଶ୍ରଦ୍ଧାଂଜଳି ପ୍ରଦାନ କରିଥିଲେ । ଜିଲ୍ଲା ପୋଲିସ ଓ ପଂଚମ ଆଇଆରବି ବାଟାଲିଅନ ପକ୍ଷରୁ ପ୍ୟାରେଡ ଅନୁଷ୍ଠିତ ହୋଇଥିଲା ।

# ଉଦଘାଟିତ ହେଲା ଶ୍ରମିକ ସମବାୟ ସମିତି ସପିଙ୍ଗ ମଲ୍

ହରଭଙ୍ଗା,(ସବ୍ୟୁ): ଓଡିଶା ରାଜ୍ୟ ଶ୍ରମିକ ସମବାୟ ସମିତି ପକ୍ଷରୁ ପୁରୁଣାକଟକ ଠାରେ ହିତାଧିକାରୀ ଙ୍କ ପାଇଁ ରିହାତି କିରାନା ଦୋକାନ ବା ସପିଙ୍ଗ ମଲ ଉଦଘାଟିତ ହୋଇଯାଇଛି । ଅନୁଷ୍ଠାନର ସହରର ଟିଭିଏସ୍ ଶୋରୁମ୍ ସମ୍ମୁଖ ଠାରେ ଆରମ୍ଭ ହୋଇଥିବା ଏହି ଦୋକାନରୁ ଅନୁଷ୍ଠାନ ରେ ପଞ୍ଜିକୃତ ହିତାଧିକାରୀ ମାନେ ରିହାତି ମୂଲ୍ୟରେ ସମସ୍ତ ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ ଘର ବ୍ୟବହାର ସାମଗ୍ରୀ ପାଇପାରିବେ । ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଆଶୋକ ସେଠୀ ଯୋଗଦେଇ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା । ଏହି ମଲ ଲୋକଙ୍କର ଆବଶ୍ୟକତା ପୂରଣ କରିବାରେ ନିଶ୍ଚିତ ସହାୟକ ହେବ । ଏହି ଯୋଜନାରେ ଅଧିକରୁ ଅଧିକ ଲୋକଙ୍କୁ ଯୋଡିବା ପାଇଁ ଶ୍ରୀ ସେଠି ପରାମର୍ଶ ଦେଇଥିଲେ। ଏହି ଜନକଲ୍ୟାଣ ଯୋଜନା ସାଧାରଣ ଗରିବ ଲୋକଙ୍କର ଆସ୍ଥା ଭାଜନ ହୋଇ ପାରିବ ବୋଲି ସେ ଆସ୍ଥା ପ୍ରକଟ କରିଥିଲେ । ଉଦଘାଟନୀ ସମାରୋହରେ ଅନ୍ୟ ମାନଙ୍କ ମଧରେ ଜିଲ୍ଲା ଶାଖା ପରିଚାଳକ ରୂପେଶ କୁମାର ଦାଶ, ଅବିଏମ୍ ବବିତା ସାହୁ, ପିଇଓ ଶାନ୍ତନୁ ନାଏକ୍ ସମେତ ଅନ୍ୟାନ କ୍ଷେତ୍ର କର୍ମଚାରୀ ଯୋଗ ଦେଇଥିଲେ ।

# ଶିଶୁର ପିଠିରେ ବଢୁଛି ମାଂସ ପିଣ୍ଡୁଳା

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଦାନୀପାଲି ଅଞ୍ଚଳର ଏକ ୨ମାସିଆ ଶିଶୁର ପିଠିରେ ଏକ ମାଂସ ପିଣ୍ଡୁଳା ହୋଇଛି । ତାହା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହାକୁ ନେଇ ପରିବାର ଲୋକେ ଚିନ୍ତିତ ହୋଇ ପଡିଛନ୍ତି । ଏଭଳିସ୍ଥଳେ ସେମାନେ ବୁର୍ଲା ଭିମସାରରେ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିଥିଲେ । ଉନ୍ନତ ଚିକିତ୍ସା ପାଇଁ ସଂପୃକ୍ତ ଡାକ୍ତର କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲେ । ତେବେ ଆଗାମୀ ୩ମାସ ମଧ୍ୟରେ ଏହାର ଅସ୍ତ୍ରୋପଚାର କରାଯିବ । ତେଣୁ ଏହି ଶିଶୁକନ୍ୟାର ଅସ୍ତ୍ରୋପଚାର ପାଇଁ ଅର୍ଥ ବାଧକ ସାଜିଛି । ମଙ୍ଗଳବାର ତାଙ୍କ ପିତା ଛବିନ୍ଦ ସାହୁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଚିକିତ୍ସା ସହାୟତା କରିବାକୁ ଅନୁରୋଧ କରିଛନ୍ତି ।

# ନଭେମ୍ବର ୨ରେ ଜିଲ୍ଲାସ୍ତରୀୟ କବାଡି ଚୟନ ଶିବିର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାସ୍ତରୀୟ କବାଡି ଚୟନ ପ୍ରତିଯୋଗିତା ଶିବିର ନଭେମ୍ବର ୨ ଓ ୩ରେ ଆୟୋଜିତ ହେବ । ବରିଷ୍ଠ ଆନ୍ତଃକ୍ଲବ କବାଡି ପୁରୁଷ ଓ ମହିଳା ଦଳ ଚୟନ କରାଯିବ । ଏହି ଚୟନ ଶିବିର ମାଧ୍ୟରେ ଯୋଗ୍ୟ ଦଳ ୭୨ତମ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାରେ ଭାଗ ନେବ । ତେଣୁ ଜଗନ୍ନାଥ କଲୋନୀ ପାର୍କ ସ୍ଥିତ କ୍ରୀଡା ପ୍ରାଙ୍ଗଣରେ ଚୟନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ସୂଚନା ଦେଇଛନ୍ତି ।

# ଜାତୀୟସ୍ତରରେ ବଲାଙ୍ଗିରକୁ ଜଳ ପୁରସ୍କାର



ବଲାଙ୍ଗିର ,(ସବ୍ୟୁ) : ବଲାଙ୍ଗିର ଜିଲ୍ଲା ଜାତୀୟ ସ୍ତରରେ ପାଇଲା ଜାତୀୟ ଜଳ ପୁରସ୍କାର । ଦିଲ୍ଲୀର ବିଜ୍ଞାନ ଭବନରେ ରାଷ୍ଟ୍ରପତି ଦୌପଦି ମୁର୍ମୁଙ୍କ ଠାରୁ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଏହି ପୁରସ୍କାର ଗ୍ରହଣ କରିଛନ୍ତି । ପୁରସ୍କାର ଗ୍ରହଣ ବେଳେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର ଉପସ୍ଥିତ ଥିଲେ । ୨୦୨୩ ବର୍ଷ ପାଇଁ ଏହି ପୁରସ୍କାର ଦିଆଯାଇଛି ଯେଉଥିରେ ପୂର୍ବ ଜୋନ ପାଇଁ ବଲାଙ୍ଗିର ପୁରସ୍କୃତ ହୋଇଛି । ୨୪୧ ହେକ୍ଟର ବୃକ୍ଷରୋପଣ ସହ ୧୬୭ ନୂତନ ବନ୍ଧ, ୨୬୦ ଚାଷ ବନ୍ଧ,୧୭୦ ଚେକ ଡ୍ୟାମ , ୧୩୨୦ ଜଳସେଚିତ ନିର୍ମାଣ ,୬୭୦ ଭୂତଳ ଜଳ ରିଚାର୍ଜ ନିର୍ମାଣ ଏଥିରେ ସାମିଲ ଅଛି । ଏଥିରେ ୫୪୦୦ ହେକ୍ଟର ଡ୍ରିପ୍ ଜଳସେଚନ, ୩୨୫୦ କ୍ଷୁଦ୍ର ଜଳ ସଞ୍ଚୟ ନିର୍ମାଣ ଯେଉଁଥିରେ ୧.୮ ଲକ୍ଷ କ୍ୟୁବିକ ମିଟର ଜଳ ସଞ୍ଚୟ କରିହେବ । ୩୫୦୦ ଚାଷବନ୍ଧରେ ୨୬ ଲକ୍ଷ୍ୟ କ୍ୟୁବିକ ମିଟର ସଞ୍ଚୟ କ୍ଷମତା ସୃଷ୍ଟି କରା ଯାଇଛି ।

# ଲାଞ୍ଜିଗଡ଼ ବ୍ଲକ୍ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଠାରେ କଳାହାଣ୍ଡି ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ଗୃହରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ ଛ ଏଥିରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ମୋଟ ୧୨୨ ଜଣ ଅବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ । ସେଥି ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୬୮ ଗୋଟି ରହିଥିବା ବେଳେ ଗ୍ରାମ୍ୟ ତଥା ସାମୁହିକ ୫୩ ଜଣଙ୍କର ରହିଥିଲା । ଶିବିରରେ ୧୦ ଗୋଟି ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା । ସମସ୍ତଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହିତ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ି, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ସିଡିଏମଓ ସୁଚିତା ପାଣିଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ ଅଧକ୍ଷ, ବି.ଡି.ଓ., ତହସିଲଦାର, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ଅଙ୍ଗନବାଡ଼ି କର୍ମୀ ଚୟନରେ ଅନିୟମିତତା



ସିନାପାଲି,(ସବ୍ୟୁ): ସିନାପାଲି ବ୍ଲକ ଅନ୍ତର୍ଗତ ନଙ୍ଗଲବୋଡ଼ ଠାରେ ହେବାକୁ ଥିବା ଅଙ୍ଗନବାଡ଼ି କର୍ମୀ ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଜଣେ ବାହ୍ୟ ପ୍ରାର୍ଥୀନୀ ଉକ୍ତ ପଦବୀ ହାତେଇବାକୁ ଜାଲିଆତି କାଗଜାତ ପ୍ରସ୍ତୁତ କରି ପ୍ରୟାସ କରୁଥିବା ଅଭିଯୋଗ ହୋଇଛି । ଏନେଇ ଅନ୍ୟ ପ୍ରାର୍ଥୀନୀ ମାନେ ସ୍ଥାନୀୟ ପ୍ରାର୍ଥୀନୀ ମାନଙ୍କ ମଧ୍ୟରେ ଚୟନ କରି ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ଅନ୍ୟଥା ଏଥିରେ ବ୍ୟତିକ୍ରମ ହେଲେ ସମସ୍ତ ପ୍ରାର୍ଥୀନୀଙ୍କ ସମେତ ଗ୍ରାମବାସୀ ରାଜରାସ୍ତାରେ ଓଲହାଇବା ସହ ବିଭାଗୀୟ ଅଫିସ ଘେରାଓ କରି ଆନ୍ଦୋଳନ କରିବାକୁ ବାଧହେବୁ ବୋଲି ଚେତାବନୀ ଦେଇଛନ୍ତି। ନଙ୍ଗଲବୋଡ଼ ଗ୍ରାମର ଓ୍ୱାର୍ଡ ନଂ ୫ ଓ ୭ ର ଏକ ଅଙ୍ଗନବାଡ଼ି କର୍ମୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ମୋଟ ୭ ଜଣ ପ୍ରାର୍ଥୀନୀ ଆବେଦନ କରିଥିଲେ। ତନ୍ମଧ୍ୟରୁ ଜଣେ ପ୍ରାର୍ଥୀନୀ ଦ୍ରୌପଦୀ ମାଝୀ ଗୋଡାଲ ପଞ୍ଚାୟତ ଅନ୍ତର୍ଗତ ପଳସାଡା ଗ୍ରାମର ନିସୀ ହେତୁ ବାହ୍ୟ ପ୍ରାର୍ଥୀନୀ ବୋଲି ଅଭିଯୋଗ କରିଛନ୍ତି। କିନ୍ତୁ ଉକ୍ତ ପ୍ରାର୍ଥୀନୀଙ୍କୁ ଚୟନ କମିଟି ଅଙ୍ଗନବାଡି କର୍ମୀ ପାଇଁ ଚୟନ କରାଯାଇଥିବା ଜଣାପଡିଛି। ଏନେଇ ସ୍ଥାନୀୟ ପ୍ରାର୍ଥୀନୀ ଓ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଅଭିଯୋଗ କରିଛନ୍ତି। ଅଭିଯୋଗ କୁ ଭିତ୍ତି କରି ଆଜି ବିଭାଗୀୟ ଅଧିକାରୀ ସମ୍ପୃକ୍ତ ଗ୍ରାମରେ ପହଞ୍ଚି ଏକ ଗ୍ରାମସଭା ମାଧ୍ୟମରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିବା ଜଣାପଡ଼ିଛି। ହେଲେ ସମ୍ପୃକ୍ତ ବାହ୍ୟ ପ୍ରାର୍ଥୀନୀ କୌଶଳକ୍ରମେ ନିଜର ଆବଶ୍ୟକୀୟ କାଗଜାତ ପ୍ରସ୍ତୁତ କରି ଅଙ୍ଗନବାଡ଼ି ପଦବୀ ପାଇଁ ଦାବିଦାର ବୋଲି ଦାବି କରିଛନ୍ତି। ଅଭିଯୋଗ ଅନୁସାରେ ସମ୍ପୃକ୍ତ ପ୍ରାର୍ଥୀନୀ ସିନାପାଲି ଅନ୍ତର୍ଗତ ପଲସାପଡାରେ ରହୁଥିବା ବେଳେ ତାଙ୍କ ଆଧାର କାର୍ଡ ଏବଂ ଅନ୍ୟାନ୍ୟ ପରିଚୟ ପତ୍ର ମଧ ପଳସାପଡା ଅନୁସାରେ ରହିଥିଲା। କିନ୍ତୁ ବର୍ତ୍ତମାନ ଗତ ମଇ ମାସ ଦୁଇ ତାରିଖ ଦିନ ଅପଡେଟ କରି ତାକୁ ନଙ୍ଗଲବୋଡ଼ ଅନୁସାରେ ପରିବର୍ତନ କରାଯାଇଛି। ନଙ୍ଗଲବୋଡ଼ ର ଓ୍ୱାର୍ଡ ନଂ ୭ ରେ ତାଙ୍କର ଘରଡିହ ଥିବା ବେଳେ ସେ ଓ୍ୱାର୍ଡ ନଂ ୬ ରେ ରହୁଛନ୍ତି। ଗତ ମଇ ମାସ ୧ ତାରିଖ ଦିନ ତାଙ୍କୁ ଅଙ୍ଗନବାଡ଼ିଙ୍କ ସର୍ଭେ ଖାତାରେ ଅନ୍ତର୍ଭୁକ୍ତ କରାଯାଇଛି। ତାଙ୍କର କୌଣସି ରାସନ କାର୍ଡ,ଜବ କାର୍ଡ କିମ୍ବା ଭୋଟର ପରିଚୟ ପତ୍ର ନାହିଁ। ଚଳିତ ମାସ ୧ ତାରିଖରେ ନୂତନ ଭୋଟର ପରିଚୟ ପତ୍ର ପାଇଁ ଅନଲାଇନ ଆବେଦନ କରାଯାଇଥିବା ଜଣାପଡିଛି। ଏଭଳି ବ୍ୟତିକ୍ରମ ଥିବା ପ୍ରାର୍ଥୀନୀଙ୍କୁ କିଭଳି ଅଙ୍ଗନବାଡ଼ି ପଦବୀ ପାଇଁ ଚୟନ କରାଗଲା। ତାହା ବିଭାଗୀୟ ଅଧିକାରୀ ତଥା ଚୟନ କମିଟିଙ୍କ କାର୍ଯ୍ୟକଳାପ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ବାରମ୍ବାର ଅଭିଯୋଗ ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ବିଭାଗୀୟ ଅଧିକାରୀ ତତ୍ପରତା ଦେଖାଇଥିଲେ। ମଙ୍ଗଳବାର ସମ୍ପୃକ୍ତ ଗ୍ରାମକୁ ଯାଇ ସ୍ଥାନୀୟ ସମସ୍ତ ପ୍ରାର୍ଥୀନୀ ଓ ସାଧାରଣ ଲୋକ ଙ୍କୁ ନେଇ ଏକ ଗ୍ରାମସଭାର ଆୟୋଜନ କରାଯାଇଥିଲା। ଗ୍ରାମସଭାରେ ସମ୍ପୃକ୍ତ ବାହ୍ୟ ପ୍ରାର୍ଥୀନୀଙ୍କୁ ସମସ୍ତେ ବିରୋଧ କରିବା ସହ ବିଭାଗୀୟ ଅଧିକାରୀ ଙ୍କୁ ଘେରି ଯାଇଥିଲେ। ବାହ୍ୟ ପ୍ରାର୍ଥୀନୀ ସମ୍ପୂର୍ଣ୍ଣ ଭାବେ ଜାଲିଆତି କରି ପଦବୀ ହାତେଇବାକୁ ପ୍ରୟାସ କରୁଛନ୍ତି ବୋଲି ସ୍ଥାନୀୟ ପ୍ରାର୍ଥୀନୀଙ୍କ ମଧ୍ୟରୁ ଅଙ୍ଗନବାଡ଼ି କର୍ମୀ ଚୟନ କରିବାକୁ ଗ୍ରାମବାସୀ ପ୍ରସ୍ତାବ ଦେଇଥିଲେ। ସ୍ଥାନୀୟ ପ୍ରାର୍ଥୀନୀ ତଥା ଲୋକଙ୍କ ଅଭିଯୋଗକୁ ଚୟନ କମିଟି କୁ ଅବଗତ କରାଯିବ ଓ ପରେ ଅଙ୍ଗନବାଡ଼ି ପଦବୀ ଚୟନରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ବିଭାଗୀୟ ଅଧିକାରିଣୀ ସିନାପାଲି ସିଡିପିଓ ପ୍ରକାଶ କରିଥିଲେ। ଉକ୍ତ ଗ୍ରାମସଭାରେ ସିନାପାଲି ସିଡିପିଓ ଝରଣା ଶତପଥୀ , ସୁପ୍ରଭାଇଜର ଏଲି ସେନାପତି, ସ୍ଥାନୀୟ ସରପଞ୍ଚ ଜଗଦୀଶ ମାଝୀ ପ୍ରମୁଖଙ୍କ ସମେତ ସମସ୍ତ ପ୍ରାର୍ଥୀନୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଉତ୍ସର୍ଗୀକୃତ କର୍ମ ସମ୍ପାଦନ କଲେ ଜିଲ୍ଲାର ଉନ୍ନତି ସାଧିତ ହେବ



ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲା ଉନ୍ନୟନ ସମିତି ବୈଠକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାର ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲପାଳ ମଧୁସୂଦନ ଦାଶଙ୍କ ଏହା ଦ୍ୱିତୀୟ ବୈଠକ ଥିଲା । ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥଲେ । ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଉତ ବିଗତ ବୈଠକର ବିବରଣୀ ପାଠ କରି ଥିଲେ ।ଏହା ଉପରେ ବିଶଦ ଆଲୋଚନା ପରେ ଆସନ୍ତା ମାସ ପାଇଁ ବିଭିନ୍ନ ଲକ୍ଷ୍ୟ ପୂରଣ ନେଇ ଜିଲ୍ଲାପାଳ ଶ୍ରୀ ଦାଶ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇ କହିଲେ ଯେ, ଆନ୍ତଃ ବିଭାଗୀୟ ବିସଙ୍ଗତି ସବୁ ତାଙ୍କ ନଜରକୁ ଆଣି ସେସବୁର ଶୀଘ୍ର ସମାଧାନ କରାଯିବ । କୋର୍ଟ କେସ ଗୁଡିକର ଶୀଘ୍ର ଫେସଲା ଦିଗରେ ପଦକ୍ଷେପ ନିଆଯିବ । ଉନ୍ନୟନ କାର୍ଯ୍ୟନିର୍ବାହି ସଂସ୍ଥା ସେମାନଙ୍କ କାମ ଠିକ୍ ସମୟରେ ସାରିବେ । ଜିଲ୍ଲାର ସମସ୍ତ ଅଧିକାରୀ ଗଣ ରକ୍ତଦାନ ଶିବିର ଆୟୋଜନ ଏବଂ ରେଡ୍ କ୍ରସ୍ ପାଣ୍ଠି ବୃଦ୍ଧିରେ ସାହାଯ୍ୟ କରିବେ । ପୂର୍ତ୍ତ ବିଭାଗ ନୂଆପଡ଼ା ସହରରେ ଗୋଟିଏ ଉନ୍ନତ ଲାଇବ୍ରେରୀ ଗୃହ ଓ ଅଫିସର୍ସ୍ କ୍ଲବ୍ ଗୃହ ଯୋଗାଇଦେବେ ଝବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବନଖଣ୍ଡ ଅଧିକାରୀ ଅଜିଜ ଖାନ୍, ମହାଦେବ ବଡାଇକ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ପାଞ୍ଚଟି ବ୍ଲକର ବିଡ଼ିଓ ତହସିଲଦାର, ସମସ୍ତ ନିର୍ବାହୀ ଯନ୍ତ୍ରୀ ଏବଂ ଲାଇନ୍ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ବୈଠକ ଶେଷରେ ଜିଲ୍ଲାପାଳ ଶ୍ରୀ ଦାଶ ନିର୍ଦ୍ଦେଶ ଦେଇଥିଲେ ଯେ, ସମସ୍ତେ ମନପ୍ରାଣ ଢାଳି ଉତ୍ସର୍ଗୀକୃତ ହିସାବରେ ନିଜର ବିଭାଗୀୟ କର୍ମ ସମ୍ପାଦନ କଲେ ଜିଲ୍ଲାର ଦ୍ରୁତ ଉନ୍ନତି ସାଧିତ ହୋଇପାରିବ ।

# ନଭେମ୍ବର ପହିଲା କଳାହାଣ୍ଡି ଜିଲ୍ଲା ଗଠନ ଦିବସ ପାଳନ



ଭବାନୀପାଟଣା, (ସବ୍ୟୁ): ପ୍ରତିବର୍ଷ ନଭେମ୍ବର ପହିଲା କୁ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ଭାବରେ ପାଳନ କରାଯାଉଛି। ତେବେ ଜିଲ୍ଲା ଗଠନ ଦିବସ କଳାହାଣ୍ଡି ଅସ୍ମିତାର ପରିଚାୟକ ତେଣୁ ପ୍ରତି ସ୍ତରରେ ଜିଲ୍ଲା ସାରା ପାଳନ କରାଯାଉ ଓ ଏଥିରେ କଳାହାଣ୍ଡିଆ ଜିଲ୍ଲାର ସମସ୍ତ ସଂଗଠନ, ସାଂସ୍କୃତିକ ସଂଗଠନ, ରାଜନୈତିକ ସଂଗଠନ ସାମିଲ ହୋଇ ନିଜ ନିଜ ସ୍ତରରେ ଉତ୍ସବ ଆୟୋଜନ କରିବାକୁ ଆଜି ସ୍ଥାନୀୟ ଅମଲା ଭବନ ଠାରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆୟୋଜତ ବୈଠକରେ ବକ୍ତା ମାନେ ମତ ପ୍ରକାଶ କରିଛନ୍ତି। କଳାହାଣ୍ଡି ବରିଷ୍ଠ ନାଗରିକ ସଂଘ ସଭାପତି ଗଜେନ୍ଦ୍ର ପ୍ରସାଦ ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବରିଷ୍ଠ ଓକିଲ ଜଗନ୍ନାଥ ମୁଣ୍ଡ, ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ମହାପାତ୍ର, ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ଶରତ ଚନ୍ଦ୍ର ନାଏକ, କଳାହାଣ୍ଡି ଓକିଲ ସଂଘ ସଭାପତି ସୁଧାଂଶୁ କୁମାର ନନ୍ଦ, ଶିକ୍ଷାବିତ ସିମାଞ୍ଚଳ ମିଶ୍ର, ସାମ୍ବାଦିକ ରାଜ କୁମାର ସିଂହଦେଓ ମଞ୍ଚାସିନ ଥିଲେ। ଜିଲ୍ଲା କଂଗ୍ରେସ କମିଟି ସଭାପତି ଭାରତ ଭୂଷଣ ବେମାଲ, ବରିଷ୍ଠ ବିଜେପି ନେତା ଭବେନ୍ଦ୍ର ପଣ୍ଡା,ବିଶ୍ୱହିନ୍ଦୁ ପରିଷଦର ଶାନ୍ତନୁ କୁମାର ମୁଣ୍ଡ, ଡ଼ ଉମେଶ ଚନ୍ଦ୍ର ଶତପଥୀ, ଡାକ୍ତର ଭାରତ ବନ୍ଧୁ ପଣ୍ଡା, କମ୍ୟୁନିଷ୍ଟ ପାର୍ଟିର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କଳାହାଣ୍ଡି ବଣିକ ସଂଘ ସଭାପତି ବିଜୟ କୁମାର ସାହୁ ,ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ବିଶି, ଅମଲା ସଂଘର ଉପଦେଷ୍ଟା ରୂପ କେଶରୀ ଦଳେଇ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି କଳାହାଣ୍ଡି ଜିଲ୍ଲା ଗଠନ ଦିବସକୁ ବ୍ୟାପକ ଭାବରେ ଜିଲ୍ଲା ବ୍ୟାପି ଆୟୋଜନ କରିବା ପାଇଁ ଓ ରଚନାତ୍ମକ ଶୈଳୀରେ ଆୟୋଜନ କରିବା ପାଇଁ ଆହ୍ୱାନ କରିଥିଲେ। ବିଭିନ୍ନ ସଙ୍ଗଠନ ଓ କଳାହାଣ୍ଡିର ଜନ ସାଧାରଣ ଏହି ଦିଗରେ ଆଗେଇ ଆସି କଳାହାଣ୍ଡି ଜିଲ୍ଲା ଗଠନ ଦିବସକୁ ସଫଳ ରୂପାୟନ କରିବାକୁ ବିଭିନ୍ନ ବକ୍ତା ମତ ଦେଇଥିଲେ। ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଭାରତ ଭୂଷଣ ଚଲାଣ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଯୋଗ୍ୟ, କଳାହାଣ୍ଡି ଏକ ଗଡଜାତ ରାଜ୍ୟ ଥିଲା। କଳାହାଣ୍ଡି ଗଡଜାତର ଶେଷ ନାଗବଂଶୀ ମହାରାଜା ପ୍ରତାପ କେଶରୀ ଦେଓ ୧୯୪୭ ମସିହା ଡିସେମ୍ବର ୩୧ ତାରିଖ ରାତିରେ ଗଡଜାତ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ ଓ ୧୯୪୮ ଜାନୁୟରୀ ପହିଲାରେ କଳାହାଣ୍ଡି ଗଡଜାତ ସ୍ୱାଧୀନ ଭାରତ ଦେଶରେ ମିଶ୍ରଣ ହେଲା ଓ ଓଡ଼ିଶା ପ୍ରଦେଶର ଅଂଶ ବିଶେଷ ହେଲା। ସେତେବେଳେ କଳାହାଣ୍ଡି ଗଡଜାତ ବଲାଙ୍ଗୀର ପାଟଣା ଜିଲ୍ଲାର ଏକ ଅଂଶ ହେଲା। ୧୯୪୯ ମସିହା ନଭେମ୍ବର ପହିଲାରେ ପୂର୍ବତନ କଳାହାଣ୍ଡି ଗଡଜାତର ଭବାନୀପାଟଣା ଓ ଧର୍ମଗଡ ସବଡିଭିଜନ ଓ ସମ୍ବଲପୁର ଜିଲ୍ଲାରେ ମିଶି କି ଥିବା ନୂଆପଡ଼ା ସବଡିଭିଜନକୁ ଆଣି ନୂତନ କଳାହାଣ୍ଡି ରାଜସ୍ୱ ଜିଲ୍ଲା ଗଠନ ହେଲା। ତେଣୁ ପ୍ରତିବର୍ଷ ନଭେମ୍ବର ପହିଲାକୁ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ଭାବରେ ପାଳନ କରାଯାଉଛି।

# ମୁରିବାହାଲ ତହସିଲଦାରଙ୍କୁ ୧୪ଦଫା ଦାବିପତ୍ର ପ୍ରଦାନ



ମୁରିବାହାଲ,(ସବ୍ୟୁ): ଅଖିଳ ଭାରତ କୃଷକ ସଭା ଓଡ଼ିଶା ରାଜ୍ୟ ପରିଷଦ ନିଷ୍ପତ୍ତି କ୍ରମେ କୃଷି ଓ କୃଷକଙ୍କ ଜୀବନ ଜୀବିକା ସମସ୍ୟା ଓ ଏହାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟରେ ଅକ୍ଟୋବର ୨୨ତାରିଖ ଆନ୍ଦୋଳନ ନିଷ୍ପତ୍ତି କ୍ରମେ ମୁଖ୍ୟମନ୍ତ୍ରୀଙ୍କୁ ମୁରିବାହାଲ ତହସିଲଦାରଙ୍କ ଜରିଆରେ ୧୪ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଅଖିଳ ଭାରତ କୃଷକ ସଭା ବଲାଙ୍ଗିର ଜିଲ୍ଲା ପରିଷଦ ଶାଖା ସଭାନେତ୍ରୀ କୁମାରୀ ଭୋଇ ଓ ସମ୍ପାଦକ ଗୋପାଳ ସେଠ(ଘୁଣ୍ଟୁ)ଙ୍କ ନେତୃତ୍ୱରେ ମୁରିବାହାଲ ବ୍ଲକ କମିଟି ପକ୍ଷରୁ ଦିଆଯାଇଥିବା ଏହି ଦାବିପତ୍ରକୁ ତହସିଲ ଅଫିସ ସେକ୍ସନ ଅଫିସର ଲମ୍ବୋଦର ଭୋଇ ଗ୍ରହଣ କରିଥିଲେ। ଦାବୀଗୁଡ଼ିକ ମଧ୍ୟରେ ସମସ୍ତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନଗତ ଗ୍ୟାରେଣ୍ଟି ସହିତ ସରକାରୀ ଭାବେ ସମସ୍ତ ଫସଲ ସଂଗ୍ରହକୁ ସୁନିଶ୍ଚିତ କରିବା, ସମସ୍ତ କୃଷିଋଣ ଛାଡ କରିବା, ଦଖଲ ଚାଷ ଜମି ସମେତ ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬କୁ କଡାକଡି ପାଳନ କରି ସମସ୍ତ କୃଷକ ପରିବାର ସମେତ ଆଦିବାସୀ,ଦଳିତଙ୍କୁ ବାସଗୃହ ଓ ଚାଷ ଉପଯୋଗୀ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ,ଦରଦାମ ବୃଦ୍ଧି ବନ୍ଦ କରିବା ପାଇଁ ମୁନାଫାଖୋର ବ୍ୟବସାୟୀଙ୍କ ବିରୁଦ୍ଧରେ କଠୋର ଦଣ୍ଡବିଧାନ,କୃଷି ସମେତ ସମସ୍ତ ଜମି ଅଧିଗ୍ରହଣ ପୂର୍ବରୁ ଗ୍ରାମସଭାର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଓ ଥଇଥାନ ଆଇନକୁ ଯଥାର୍ଥଭାବେ କାର୍ଯ୍ୟକାରୀ କରିବା ଆଦି ଦାବି ରହିଛି । ବିଦ୍ୟୁତ୍ ସଂଶୋଧନି ଲ-୨୦କୁ ବାତିଲ କରିବା ଓ କୃଷିକ୍ଷେତ୍ରରେ ବ୍ୟବହୃତ ବିଦ୍ୟୁତ ବିଲ ଛାଡ କରିବା,ମନରେଗାରେ କୃଷିକ୍ଷେତ୍ରକୁ ସାମିଲ,ସାମଗ୍ରିକ କୃଷକ ସପକ୍ଷବାଦୀ ଫସଲବୀମା ଯୋଜନା ପ୍ରଣୟନ କରିବା,୬୦ବର୍ଷରୁ ଉର୍ଦ୍ଧ୍ୱ କୃଷକଙ୍କୁ ୧୦ହଜାର ଟଙ୍କା ପେନସନ ଓ ବାର୍ଦ୍ଧକ୍ୟ, ବିଧବାଙ୍କୁ ୩ହଜାର ଟଙ୍କା ଭତ୍ତା ପ୍ରଦାନ,କୃଷି ଯନ୍ତ୍ରପାତି ଉପରୁ ଜିଏସଟି ପ୍ରତ୍ୟାହାର କରି ରିହାତି ଚାଷୀଙ୍କୁ ପ୍ରଦାନ,ବଳକା ଧାନ ସଂଗ୍ରହକୁ ସୁନିଶ୍ଚିତ କରି ମୋଟ ୩୧ଶହ ପ୍ରଦାନ ସହ କଟନି,ଛଟନୀ ବନ୍ଦ କରିବା । ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ଓ କୃଷକଙ୍କ ପାଇଁ ସ୍ୱତନ୍ତ୍ର ଶୁଣାଣୀ ବ୍ୟବସ୍ଥା କରିବା,ଅର୍ଥକାରୀ ଫସଲ ସମେତ ପଶୁ,ମତ୍ସ୍ୟ, କୁକୁଡ଼ା ଚାଷ ପାଇଁ ସୁନିଶ୍ଚିତ ଯୋଜନା ପ୍ରଣୟନ,ପ୍ରୋତ୍ସାହନ ବ୍ୟବସ୍ଥା ଓ ସମସ୍ତ ଚାଷୋପଯୋଗୀ ଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇ ଏଥିରେ ବ୍ୟକ୍ତିଗତ ଅଥବା ଗୋଷ୍ଠିଗତ ପ୍ରଚେଷ୍ଟାକୁ ୮୦ପ୍ରତିଶତ ଖର୍ଚ୍ଚ ରିହାତି ବ୍ୟବସ୍ଥା କରାଯିବା ଆଦି ଦାବୀ ରହିଛି। ଦାବିପତ୍ର ପ୍ରଦାନ ବେଳେ ମୁରିବାହାଲ ବ୍ଲକ କମିଟିର ସବ୍ୟସାଚୀ ମିଶ୍ର, କ୍ଷୀରମୋହନ ବାଗ,ଭୋଜରାଜ ମାଝୀ, ଅଷ୍ଟ ଭୋଇ,ଯଦୁ ବାଗ,ଗୋବର୍ଦ୍ଧନ ବାଗ, ନେତ୍ରା ମହାନନ୍ଦ, ଜଗଦୀଶ ବାଗ, ହୃଦାନନ୍ଦ ରଣା,ଗମ୍ଭୀର ରଣା,କିଶୋର ରଣା,କୈଳାସ ଭୋଇ,ଜିତେନ୍ଦ୍ର ମହାନନ୍ଦ, ନିଳାବତୀ ବେହେରା,ସୁମିତ୍ରା ବେହେରା,ଦୀନବନ୍ଧୁ ବାଗ,ତପି ମହାନନ୍ଦ,ହରିବନ୍ଧୁ ବାଗ,ବିଭୁଦେନ୍ଦ୍ର ମିଶ୍ର,ସନ୍ୟାସୀ ସୁନା,ଛତିଶ ଚନ୍ଦ୍ର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ସଘନ ପ୍ରଣାଳୀ ମାଣ୍ଡିଆ ଚାଷ ପାଇଁ ତାଲିମ ଶିବିର

ହରଭଙ୍ଗା,(ସବ୍ୟୁ): ମାଣ୍ଡିଆ ଏକ ଅର୍ଥକାରୀ ଫସଲ ଓ ପୃଷ୍ଟିକର ଖାଦ୍ୟ ସହିତ ଔଷଧୀୟ ରୂପେ ମଧ୍ୟ ବ୍ୟବହାର କରାଯାଏ । ମାଣ୍ଡିଆ ଚାଷ ପାଇଁ ରାଜ୍ୟ ସରକାର ମିଲେଟ ମିଶନ ଯୋଜନାରେ ଚାଷୀ ମାଣ୍ଡିଆ ଚାଷ କରି ଆର୍ଥିକ ମାନଦଣ୍ଡ ସୁଦୃଢ ଦିଗରେ ପଦକ୍ଷେପ ନେଇଥିବା ବେଳେ ଚାଷୀଙ୍କ ମଧ୍ୟ ଦିନକୁ ଦିନ ମାଣ୍ଡିଆ ଚାଷ ଉପରେ ଆଗ୍ରହ ବୃଦ୍ଧି ପାଉଛି । ସୋମବାର ମାଣ୍ଡିଆ ଚାଷ ଓ ଚାଷୀଙ୍କୁ ସଘନ ପ୍ରଣାଳୀରେ ଚାଷ କରିବାପାଇଁ ଲୋକକଳା ବିକାଶ କେନ୍ଦ୍ର ସରସରା ପକ୍ଷରୁ ହରଭଙ୍ଗା ବ୍ଲକ ରାମଗଡ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଅତିଥିଭାବେ ରାମଗଡ ସରପଞ୍ଚ ପ୍ରବାସିନୀ ଯୋଶୀ ଯୋଗ ଦେଇଥିବା ବେଳେ ସହକାରୀ କୃଷି ଅଧିକାରୀ ପ୍ୟାରୀମୋହନ ପୁରୋହିତ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ସଘନ ପ୍ରଣାଳୀର ମାଣ୍ଡିଆ ଚାଷ, ରୋଗ, ପୋକ, କୀଟ ନାଶକ ଜୈବିକ ଔଷଧ, ସାର,ଚାଷ ପାଇଁ ଅନୁକୂଳ ଜଳବାୟୁ ଉପରେ ଉପସ୍ଥିତ ଚାଷୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଅନ୍ୟତମ ଅତିଥିଭାବେ ଏଲ କେ ବି କେ ର ବ୍ଲକ ପ୍ରୋଜେକ୍ଟ କୋଡିନେଟର ସୀତାକାନ୍ତ ସାହୁ ଯୋଗ ଦେଇ ମାଣ୍ଡିଆ ଚାଷର ଲାଭ ଓ ସରକାରୀ ଯୋଜନାର ରିହାତି, ବିକ୍ରି ଉପରେ ମତ ରଖିଥିଲେ । ଶିବିରରେ ପ୍ରାୟ ୫୦ରୁ ଉର୍ଦ୍ଧ ମାଣ୍ଡିଆ ଚାଷୀ ତାଲିମ୍ ନେଇଥିବା ବେଳେ ଭିଏଡବ୍ଲୁ-ଯୋଶବନ୍ତ ମହାକୁଡ଼,ସହକାରୀ ବ୍ଲକ କୋଡିନେଟର ଅମରେନ୍ଦ୍ର ଭୋଇ, ପୁନିଆ ସାହୁ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

## ଆଇସକ୍ରିମ କାରଖାନା ମାଲିକଙ୍କ ନାମରେ ବିଦ୍ୟୁତ୍ ଚୋରି ଅଭିଯୋଗ

ସମ୍ବଲପୁର,(ସବ୍ୟୁ): ଜୟ ମାତାଦି ଆଇସକ୍ରିମ ମାଲିକ ମନୋଜ କୁମାର ପଟେଲଙ୍କ ନାମରେ ବିଦ୍ୟୁତ୍ ଚୋରି ଅଭିଯୋଗ ହୋଇଛି । ଏନେଇ ଲରମ୍ଭା ଥାନାରେ ୨୨୧/୨୪ରେ ଏକ ମାମଲା ରୁଜୁ କରାଯାଇଛି । ସୂଚନାଯୋଗ୍ୟ, ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ ବିଦ୍ୟୁତ୍ ଡିଭିଜନ ଅଧିନସ୍ଥ ଦମେଇପାଲି ଗ୍ରାମରେ ଜୟ ମାତାଦି ଆଇସକ୍ରିମ କାରଖାନା ରହିଛି । ବିଦ୍ୟୁତ୍ ବିଭାଗ ପକ୍ଷରୁ ଗତ ୫ତାରିଖରେ ଅତର୍କିତ ଚଢଉ କରାଯାଇଥିଲା । ଚଢଉ ବେଳେ ନିକଟସ୍ଥ ବିଦ୍ୟୁତ୍ ଖୁଣ୍ଟରୁ ବେଆଇନ ଭାବେ ହୁକିଂ କରି କାରଖାନା ଯନ୍ତ୍ରପାତି ପରିଚାଳିତ କରାଯାଉଥିଲା । ଏହା ଜଣାପଡିବା ପରେ କାରଖାନା ମାଲିକଙ୍କ ନାମରେ ୩ଲକ୍ଷ୫୦ହଜାର ଟଙ୍କା ଜୋରିମାନା କରାଯାଇଥିଲା । ଏଥିସହ ଲରମ୍ଭା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ବିଦ୍ୟୁତ୍ ଚୋରିର କୁପରିଣାମ ସାଧାରଣ ଗ୍ରାହକ ଭୋଗୁ ଥିବାବେଳେ ଏହାର ନିରାକରଣ ପାଇଁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଜନସାଧାରଣଙ୍କ ସହଯୋଗ ଆଶା କରାଯାଉଛି ।

## ଶ୍ରୀରାମ କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଆଲୋଚନାଚକ୍ର

ଡୁଙ୍ଗୁରିପାଲି/ଏସ.ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ଥିତ ଶ୍ରୀରାମ ମହାବିଦ୍ୟାଳୟ, ରାମପୁରର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ପାଠ୍ୟ ଖସଡ଼ା ଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନ ରେ ଓଡିଶାର ସଂକ୍ଷିପ୍ତ ଇତିହାସ ଓ ଦ୍ୱିତୀୟ ଅଧିବେଶନରେ ନାଟକ ନନ୍ଦିକା କେଶରୀ ଶୀର୍ଷକ ବିଷୟ ଆଲୋଚନା କରାଯାଇଥିଲା । ଅଧ୍ୟକ୍ଷ ତରଣୀସେନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଗଲପୁର ବିଜ୍ଞାନ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଶେଷ ମେହେର ମୁଖ୍ୟ ସମୀକ୍ଷକ ଭାବରେ ଯୋଗଦାନ କରିବା ପୂର୍ବକ ଉଭୟ ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଟିକେଟାନ୍ଦ ବାଗ, ସମ୍ମାନ ପ୍ରଭାରୀ ଅଧ୍ୟାପକ ଲମ୍ବୋଦର ପଧାନ, ଅଧ୍ୟାପିକା ପ୍ରଜ୍ଞାନସିନୀ ସାହୁ, ଅଧ୍ୟାପିକା ବର୍ଷାରାଣୀ ଟିର୍ଗୁଣ ପ୍ରମୁଖ ବିଷୟ ବସ୍ତୁ ଉପରେ ତର୍ଜମା କରିବା ପୂର୍ବକ ନିଜର ବକ୍ତବ୍ୟ ରଖିଥିଲେ । ଛାତ୍ରୀ ପ୍ରୀତିରାଣୀ, ଅର୍ଚ୍ଚିତା ପ୍ରବନ୍ଧ ପଠନ କରିଥିଲେ, ତୃତୀୟ ବର୍ଷର ଛାତ୍ରୀ ରୋଜି ରଣା ମଞ୍ଚ ପରିଚାଳନା କରିଥିବାବେଳେ ଛାତ୍ରୀ ସୁନିତା କାଲସେ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ସରପଞ୍ଚଙ୍କ ସ୍ୱାମୀ ନାଁରେ ଅଭିଯୋଗ

ବଙ୍ଗୋମୁଣ୍ଡା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ବ୍ଲକସ୍ତରୀୟ ଜନଶୁଣାଣୀ ଅଭିଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜନଶୁଣାଣୀରେ ଅତିରିକ୍ତ ଜିଲ୍ଲାପାଳ , ଏସପି, ଟିଟିଲାଗଡ଼ ଉପଜିଲ୍ଲାପାଳ, ବଙ୍ଗୋମୁଣ୍ଡା ତହସିଲଦାର, ବଙ୍ଗୋମୁଣ୍ଡା ବିଡିଓ ତଥା ବଙ୍ଗୋମୁଣ୍ଡା ବ୍ଲକର ସମସ୍ତ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। ଭାଲୁମୁଣ୍ଡା ଗ୍ରାମପଞ୍ଚାୟତର କେତେକ ୱାଡ଼ ମେମ୍ବର ସରପଞ୍ଚଙ୍କ ନାମରେ ଅତିରିକ୍ତ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ। ଅଭିଯୋଗ ହେଲା ଭାଲୁମୁଣ୍ଡା ଗ୍ରାମରେ ଗତ ଦୁଇ ବର୍ଷ ଆଠ ମାସ ହେଲା ଡ୍ରେନ ସଫାସୁତୁରା କରିବାକଥା ହେଲେ ସଫା କରିବା ବଦଳରେ ଡ୍ରେନକୁ ମାଟି ଆଣି ପୋତିଦେବା ପାଇଁ ସରପଞ୍ଚ ରଞ୍ଜିତା ମେହେରଙ୍କ ସ୍ୱାମୀ ବସନ୍ତ ମେହେର କହୁଛନ୍ତି। ଅଭିଯୋଗ ନମ୍ବର (୨) ସରକାରୀ ଜମି ଜବରଦଖଲ କରି ଘର ତିଆରି କରି ଲୋକଙ୍କୁ ବିକ୍ରି କରି ଟଙ୍କା ଆଦାୟ କରୁଛନ୍ତି। (୩) ସରପଞ୍ଚ ଲୋକମାନେ ସରକାରୀ ଏକର ଏକର ଜମିକୁ ନିଜ ଅକ୍ତିଆର କରି ଘର ତିଆରି କରିଛନ୍ତି। ଫଳରେ ସରକାରୀ ଘର ଯେମିତିକି ସମବାୟ ସମିତି ଗୃହ, ସରକାରୀ ଓମ ଫେଟ , ବଶୁଧା ଶୁଦ୍ଧ ଜଳ ଟାଙ୍କି, ସରକାରୀ ବାଳିକା ବିଦ୍ୟାଳୟ, ଭଳି ଗୃହ ପାଇଁ ଆସି ଥିଲେ ସୁଦ୍ଧା ଜମି ନଥିବା କହି ସରପଞ୍ଚଙ୍କ ସ୍ୱାମୀ କହୁଛନ୍ତି। ଭାଲୁମୁଣ୍ଡା ପଞ୍ଚାୟତ ଗୃହ ରେ ନିଜେ ସରପଞ୍ଚ ରଞ୍ଜିତା ମେହେର ରହୁନଥିବା ମଧ୍ୟ ଅଭିଯୋଗ କରିଛନ୍ତି ଲୋଚନ ମେହେର। ଆଉ ମଧ୍ୟ ଅଭିଯୋଗ କରିଛନ୍ତି ଯେ ବସନ୍ତ ମେହେର ନିଜକୁ ସରପଞ୍ଚ ବୋଲି କହନ୍ତି। ଭାଲୁମୁଣ୍ଡା ରାସ୍ତା ପାର୍ଶ୍ୱରେ ପ୍ରତେକ ଖମ୍ବାରେ ଲାଇଟ ଲାଗିଛି ହେଲେ କେତେକ ଖରାପ ହୋଇଥିଲେ ସୁଦ୍ଧା ସଜାଡିବା ପାଇଁ ବାରମ୍ବାର କହିଲେ ମଧ୍ୟ ଶୁଣୁନାହାଁନ୍ତି । ସେଥିପାଇଁ ସମସ୍ତଙ୍କ ଉପସ୍ଥିତରେ ଲେଖି ଜଣାଇଛନ୍ତି। ଲେଖା ଦେବା ସମୟରେ ଭାଲୁମୁଣ୍ଡାର ଲୋଚନ ମେହେର, ବଂଶୀଧର ମେହେର, ନୃପ ଦୀପ, ୱାଡ଼ ମେମ୍ବର ଛବି ମେହେର, ପୁଇନ ମେହେର , ଖଡଙ୍ଗା ମେହେର ତଥା ଅନେକ ଲୋକ ଦାବି ପତ୍ର ଦେଇଥିଲେ।

## ଛାତ୍ରଛାତ୍ରୀଙ୍କୁ ଅମୃତ ପାଠ୍ୟ ସେବା

କଲମପୁର,(ସବ୍ୟୁ): ଏକ ଅଭିନବ ପ୍ରୟାସ ନେଇ ନେତାଜୀ ସେବା ସଂଗଠନ ପକ୍ଷରୁ ସ୍କୁଲରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ପୁସ୍ତକ ସହାୟତା ଦିଆଯାଉଛି। ଏହି ଅମୃତ ପାଠ୍ୟ ସେବା କାର୍ଯ୍ୟକ୍ରମ ନେତାଜୀ ସେବା ସଂଗଠନ ବ୍ରାହ୍ମଣ କେନ୍ଦୁଗୁଡା ପକ୍ଷରୁ କଲମପୁର ସ୍ଥିତ ଦୁର୍ଗା ମାଧବ ହାଇସ୍କୁଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲମପୁର ପୂର୍ବତନ ସରପଞ୍ଚ ଚତୁର୍ଭୁଜ ପଣ୍ଡା ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ପ୍ରତୀକ ଦାସ ଅଧିକାରୀ, ମୁଖ୍ୟ ଅତିଥି ନେତାଜୀ ସେବା ସଂଗଠନ ଅଧ୍ୟକ୍ଷ ସଞ୍ଜୀବ କୁମାର ଠାକୁର, ହାଇସ୍କୁଲ୍ ସହକାରୀ ଶିକ୍ଷକ ଗୋପାଳ ମିଶ୍ର, ସୁବାଷ ମାଝୀ, ପ୍ରଦ୍ୟୁମ୍ନ ମହାନ୍ତି ଓ ସମବାୟ ସମିତି ସଭାପତି ତଥା ସାମ୍ବାଦିକ ଶଙ୍କର୍ଷଣ ବେହେରା ପ୍ରମୁଖ ମଞ୍ଚାସୀନ ରହି ଛାତ୍ରଛାତ୍ରୀଙ୍କ ଉତ୍ତୋରୋତ୍ତର କାମନା କରିଥିଲେ। ଏହାକୁ ପ୍ରଶାନ୍ତ କୁମାର ମାଝି ପରିଚାଳନା କରିଥିଲେ । ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗନାଇଜେଶନ ସମ୍ପାଦକ ଅବିନାଶ ଠାକୁର ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଚ୍ଚଶିକ୍ଷାର ବିକାଶ ପାଇଁ ଉମଙ୍ଗ ଉତ୍ସାହ ଭରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ବେଦପ୍ରକାଶ ପଣ୍ଡା, ଶଙ୍କର ପ୍ରସାଦ ରାଉତ,ରୋଶନ ବେହେରୁକ୍, ଲଳିତ ବିଶି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥଲେ।ଏହି ଅବସରରେ ନବମ ଦଶମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥିଲା । ପୁସ୍ତକ ପାଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।

## ଓଏଏସ ପାଇଲେ ପ୍ରଭାକର



ବୌଦ୍ଧ, (ସବ୍ୟୁ) : ଓଡିଶା ପ୍ରଶାସନିକ ସେବା ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ଏହି ପରୀକ୍ଷାରେ ବୌଦ୍ଧଜିଲ୍ଲା । ହରଭଙ୍ଗା ବ୍ଲକର ବିରନରସିଂହପୁର ପଂଚାୟତ ନୂଆପଡା ଗ୍ରାମର ପ୍ରଭାକର ଦୀପ ୧୫୪ ର୍ୟାଙ୍କ ରଖି ଉତିର୍ନ୍ନ ହୋଇଛନ୍ତି । ଏହି ଖବର ପ୍ରଚାରିତ ହେବା ମାତ୍ରେ ତାଙ୍କ ପରିବାରରେ ଆନନ୍ଦର ଲହରି ଖେଳି ଯାଇଛି । ତାଙ୍କ ବାପା ଲକ୍ଷ୍ମୀଧର ଦୀପ ଶିକ୍ଷକତା କରୁଥିବା ବେଳେ ମା ସଂଯୁକ୍ତା ଦୀପ ଗୃହିଣୀ ଅଟନ୍ତି । ପ୍ରଭାକରଙ୍କ ଭାଇ ପ୍ରଦ୍ୟୁମ୍ନ ଦୀପ ମଧ୍ୟ ଗତ ବର୍ଷ ପ୍ରକାଶ ପାଇଥିବା ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ।


१୯ଵੀଂ ਸ੍ਰੀ ਵਾਹਿਗੁਰੂ ਜੀ ਕੀ ਫ਼ਤਹਿ

पंजाब एण्ड सिंध बैंक (भारत सरकार का उपक्रम) | Punjab & Sind Bank (A Govt. of India Undertaking)

Where service is a way of life

# ଇ-ନିଲାମ

(କେବଳ ଇ-ନିଲାମ ମାଧ୍ୟମରେ ବିକ୍ରୟ)

ଆଞ୍ଚଳିକ କାର୍ଯ୍ୟାଳୟ: ହାଉସ୍ ନଂ.: ୫୪-୧୫-୪ସି, ଚତୁର୍ଥ ମହଲା, ଆରକେ ଗ୍ୟାଲେରିଆ, ରିଙ୍ଗ୍ ରୋଡ, ଶ୍ରୀନିବାସନଗର ବ୍ୟାଙ୍କ କଲୋନୀ, ହେଲଥ୍ ୟୁନିଭରସିଟି ନିକଟ, ବିଜୟୱାଡା - ୫୨୦୦୦୮

ତା.୦୨.୧୨.୨୦୨୪ରିଖ (ଅପରାହ୍ନ ୨.୦୦ଘଟିକାରୁ ଅପରାହ୍ନ ୪.୦୦ ଘଟିକା)ରେ ସ୍ଥାବର ସମ୍ପତ୍ତିର ଇ-ନିଲାମ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି

[ ପରିଶିଷ୍ଟ-୪-ଏ ] ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିକ୍ରୟ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୬) ର ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏହି ନୋଟିସ୍ ମାଧ୍ୟମରେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନବର୍ଣ୍ଣିତ ସମ୍ପତ୍ତି ବନ୍ଧକ ରହିଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଉକ୍ତ ସମ୍ପତ୍ତିକୁ ଭୌତିକ/ସାଙ୍କେତିକ ଦଖଲ ନିଆଯାଇ ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସେଗୁଡିକ 'ଯେଉଁଠାରେ ଯେପରି ଅଛି' "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ବିକ୍ରୟ କରାଯିବ।

| | |
|---|---|
| ବନ୍ଧକପ୍ରାପ୍ତ ସମ୍ପତ୍ତିର ତନଖି ତାରିଖ ଏବଂ ସମୟ | ୨୯.୧୧.୨୦୨୪, ପୂର୍ବାହ୍ନ ୧୧:୦୦ ଘଟିକାରୁ ଅପରାହ୍ନ ୪:୦୦ ଘଟିକା ମଧ୍ୟରେ |
| EMD (ଅମାନତ ରାଶି) ଏବଂ କାଗଜ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ | ୩୦.୧୧.୨୦୨୪, ଅପରାହ୍ନ ୪:୦୦ ଘଟିକା ପର୍ଯ୍ୟନ୍ତ । |
| ଇ-ନିଲାମ/ବିକ୍ରୟ ତାରିଖ ଏବଂ ସମୟ | ୦୨.୧୨.୨୦୨୪, ଅପରାହ୍ନ ୨:୦୦ ଘଟିକାରୁ ଅପରାହ୍ନ ୪:୦୦ ଘଟିକା ମଧ୍ୟରେ |

## ସ୍ଥାବର ସମ୍ପତ୍ତିର ବିବରଣୀ

| କ୍ର. ନଂ.: | ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ / ଦଖଲର ପ୍ରକାର | ଡିମାଣ୍ଡ ତାରିଖ/ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମାରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଅଶୋକ ନଗର ଶାଖା / ଋଣଗ୍ରହୀତା: ମେସର୍ସ ଏସ୍‌କେ ଇର୍ସାଦ ଇଞ୍ଜିନିୟରିଙ୍ଗ୍ ୱାର୍କସପ୍, ସ୍ୱତ୍ୱାଧିକାରୀ: ସେକ୍ ମହମ୍ମଦ ଆସାଦ, ପିତା: ସେଖ୍ ଇର୍ସାଦ, ସା: ପ୍ଲଟ୍ ନଂ.: ୪୦/୪୪୪, ବେଗୁନିଆ, ବେଗୁନିଆ ମସଜିଦ୍ ନିକଟ, ଯଦୁପୁର, ଭୁବନେଶ୍ୱର-୭୫୧୦୧୯, ଅନ୍ୟ ଠିକଣା: ପ୍ଲଟ୍ ନଂ.: ୫୫, ଖାତା ନଂ.: ୧୩୦/୮୮୧, ସା: ବେଗୁନିଆ, ଥାନା: ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯ ଗ୍ୟାରେଣ୍ଟିଦାତା: ଶ୍ରୀ ଅଭିଷେକ ପଟ୍ଟନାୟକ, ପିତା: ଶ୍ରୀ ବ୍ରଜକିଶୋର ପଟ୍ଟନାୟକ, ପ୍ଲଟ୍ ନଂ.: ଏ/ଇ-୧୩୦, ଭିମଟାଙ୍ଗୀ, ଭୁବନେଶ୍ୱର, ଓଡିଶା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୨, ଅନ୍ୟ ଠିକଣା: ପ୍ଲଟ୍ ନଂ.: ଏ/ଇ-୧୪୦, ଭିମଟାଙ୍ଗୀ, ଏଚ୍‌ବି କଲୋନୀ, ଫେଜ୍-୧, କପିଳ ପ୍ରସାଦ, ଭୁବନେଶ୍ୱର-୭୫୧୦୦୨ | ସେକ୍ ମହମ୍ମଦ ଆସାଦ, ପିତା: ସେଖ୍ ଇର୍ସାଦଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୫, ଖାତା ନଂ.: ୧୩୦/୮୮୧, ମୌଜା: ବେଗୁନିଆ, ଥାନା: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଏସ୍‌ଆରଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୧୦୧୯, ପରିମିତ କ୍ଷେତ୍ର: ଏକର୦.୦୯୦ ଡିସିମିଲି / ସାଙ୍କେତିକ | ୨୮.୦୫.୨୦୨୪ / ୩୦.୦୯.୨୦୨୪ ସୁଦ୍ଧା ଟ.୩୦,୫୧,୮୬୮.୩୩ + ସେବାବଦ ସୁଧ, ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୩୯,୨୦,୦୦୦/- / ଟ.୩,୯୨,୦୦୦/- / ଟ.୧୦,୦୦୦/- |
| ୨. | ଅଶୋକ ନଗର ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀ ସଞ୍ଜୟ କୁମାର ପାତ୍ର, ପିତା: ଶ୍ରୀ ଶ୍ୟାମ ସୁନ୍ଦର ପାତ୍ର, ୨) ଶ୍ରୀ ମାନସ ରଞ୍ଜନ ପାତ୍ର, ପିତା: ଶ୍ରୀ ଶ୍ୟାମ ସୁନ୍ଦର ପାତ୍ର, ଉଭୟଙ୍କ ଠିକଣା- ସା: ନଗରୀ ମହିଧରପଡା, କଟକ-୭୫୪୦୦୧, ଅନ୍ୟ ଠିକଣା: ପ୍ଲଟ୍ ନଂ.: ଇ-୧୯୭, ସେକ୍ଟର-୭, ସିଡିଏ କଟକ, ପୋ: ଅଭିନବ ବିଡାନାଶୀ, କଟକ-୭୫୩୦୧୪, ଅନ୍ୟ ଠିକଣା: ପ୍ଲଟ୍ ନଂ.: ୧୩, ଖାତା ନଂ.: ୧୬୦, ମୌଜା: ଜଏରଶାସନ, ଥାନା: ବାଲିଅନ୍ତା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୨୧୦୧ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ମମତା ପାତ୍ର, ସ୍ୱାମୀ: ଶ୍ରୀ ସଞ୍ଜୟ କୁମାର ପାତ୍ର, ପ୍ଲଟ୍ ନଂ.: ଇ-୧୯୭, ସେକ୍ଟର-୭, ସିଡିଏ କଟକ, ପୋ: ଅଭିନବ ବିଡାନାଶୀ, କଟକ-୭୫୩୦୧୪, ୨) ଶ୍ରୀମତୀ ସସ୍ମିତା ପାତ୍ର, ସ୍ୱାମୀ: ଶ୍ରୀ ମାନସ ରଞ୍ଜନ ପାତ୍ର, ସା: ନଗରୀ ମହିଧରପଡା, କଟକ-୭୫୪୦୦୧ | ଶ୍ରୀ ସଞ୍ଜୟ କୁମାର ପାତ୍ର ଏବଂ ଶ୍ରୀ ମାନସ ରଞ୍ଜନ ପାତ୍ର, ଉଭୟଙ୍କ ପିତା: ଶ୍ରୀ ଶ୍ୟାମ ସୁନ୍ଦର ପାତ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୩, ଖାତା ନଂ.: ୧୬୦, ମୌଜା: ଜଏରଶାସନ, ଥାନା: ବାଲିଅନ୍ତା, ତହସିଲ/ଏସ୍‌ଆରଓ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୨୧୦୧, ପରିମିତ କ୍ଷେତ୍ର: ଏକର୦.୨୧ ଡିସିମିଲି / ସାଙ୍କେତିକ | ୦୮.୦୧.୨୦୨୪ / ୩୦.୦୯.୨୦୨୪ ସୁଦ୍ଧା ଟ.୪୪,୪୭,୪୦୬.୩୫ + ସେବାବଦ ସୁଧ, ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ଟ.୧,୨୪,୪୧,୦୦୦/- / ଟ.୧୨,୪୪,୧୦୦/- / ଟ.୧୦,୦୦୦/- |

ଅମାନତ ରାଶି ଦାଖଲ ଆକାଉଣ୍ଟ ବିବରଣୀ :
ଅମାନତ ରାଶି ଆକାଉଣ୍ଟ ନଂ: 80305040070003, ହିତାଧିକାରୀ : ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ, IFSC Code - PSIB0008030, ଆଞ୍ଚଳିକ କାର୍ଯ୍ୟାଳୟ, ବିଜୟୱାଡା, ଇ-ମେଲ: zo.vijayawada@psb.co.in, ଯୋଗାଯୋଗ ନଂ ଏବଂ ଶାଖାର ନାମ : ଅଶୋକନଗର ଶାଖା, ମୋ: 7015356484, ଇ-ମେଲ: b0358@psb.co.in

ବକେୟା ସରକାରୀ ଦେୟ ଯଦି କିଛି ଥାଏ : ବ୍ୟାଙ୍କକୁ ଜଣା ନାହିଁ।

୧. ଇ-ନିଲାମ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଭିତ୍ତିରେ ଅନୁଷ୍ଠିତ ହେବ।
୨. କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତିରେ ଉପର ବର୍ଣ୍ଣିତ ତଥ୍ୟ ବ୍ୟତିତ ଅନ୍ୟ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନ ଭାବେ ସମ୍ପତ୍ତିର ଇ.ସି. ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ / ଅଧିକାର /ଦେୟ ବିଷୟରେ ଯାଞ୍ଚ କରିବା ଉଚିତ୍ । ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ । ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରି ହେବ। କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ ।
୩. ବିଡ ଦାଖଲ ପୂର୍ବରୁ ବିଡରମାନଙ୍କର ଏହା ଦାୟିତ୍ୱ କି ସେମାନେ ସମ୍ପତ୍ତିକୁ ଯାଞ୍ଚ କରି ସମସ୍ତ ବିଷୟରେ ସନ୍ତୁଷ୍ଟ ହେବା ଉଚିତ୍।
୪. ଇଚ୍ଛୁକ ନିଲାମଧାରୀ ମାନେ ଅମାନତ ରାଶି ଦାଖଲ, ଲଗ୍ ଇନ୍ ଆଇଡି ଏବଂ ପାସ ୱାର୍ଡ ତିଆରି, ଡାଟା ଅପଲୋଡିଂ, ବିଡ୍ ଦାଖଲ, ଇ-ନିଲାମ ପ୍ରକ୍ରିୟାର ତାଲିମ୍ ଇତ୍ୟାଦି ନିମନ୍ତେ ସହାୟତା ପାଇଁ ଯୋଗାଯୋଗ କରନ୍ତୁ : +୯୧-୮୨୯୧୨୨୦୨୨୦, ସହାୟତା ଇ-ମେଲ ଆଇଡି- support.ebkray@psballiance.com ଏବଂ ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଅନୁସନ୍ଧାନ ନିମନ୍ତେ ଯେ କୌଣସି କାର୍ଯ୍ୟ ଦିବସରେ କ୍ଷମତାପ୍ରାପ୍ତ ଅଧିକାରୀକୁ ଯୋଗାଯୋଗ କରିପାରନ୍ତି।
୫. କେବଳ ବୈଧ ୟୁଜର ଆଇଡି ଏବଂ ପାସୱାର୍ଡଧାରୀ କ୍ରେତା NEFT/RTGS ମାଧ୍ୟମରେ ଅମାନତ ରାଶି ଦାଖଲ ସୁନିଶ୍ଚିତ କରିଥିଲେ, ଇ-ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ।
୬. ଆଗ୍ରହୀ ବିଡ୍‌ର ମାନେ ଯେଉଁମାନେ କି ତା.୩୦.୧୧.୨୦୨୪ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ଅନଲାଇନ୍ ମାଧ୍ୟମରେ ସଂରକ୍ଷିତ ମୂଲ୍ୟର ୧୦% ଅମାନତ ରାଶି ଦାଖଲ କରିଥିବେ ସେହିମାନେ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାପାଇଁ ଯୋଗ୍ୟ ହୋଇ ପାରିବେ। ଉପରୋକ୍ତ ସମ୍ପତ୍ତିର ଇ-ନିଲାମ ସମ୍ପତ୍ତି ସମ୍ବନ୍ଧିତ ସ୍ତମ୍ଭରେ ଦର୍ଶାଯାଇଥିବା ଧାର୍ଯ୍ୟ ତାରିଖ ଓ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ମାଧ୍ୟମରେ ଅନୁଷ୍ଠିତ ହେବ। ସେମାନେ ପ୍ରତ୍ୟେକ ସମ୍ପତ୍ତି ପାଇଁ ବର୍ଣ୍ଣିତ "ବିଡ୍ ବର୍ଦ୍ଧିତ ରାଶି" ର ଗୁଣିତକ ଭାବେ ସେମାନଙ୍କର ବିଡ୍ ର ମୂଲ୍ୟ ବୃଦ୍ଧି କରିପାରିବେ। ଯଦି ଇ-ନିଲାମ ସମାପ୍ତିର ଶେଷ ୫ ମିନିଟ୍ ମଧ୍ୟରେ ବିଡ୍ ଦାଖଲ କରାଯାଏ। ତେବେ ନିଲାମ ସମାପ୍ତି ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧିପାଇବ (ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମୀତ ବୃଦ୍ଧି) ଇ-ନିଲାମ ପ୍ରକ୍ରିୟାର ସମାପ୍ତି ସମୟରେ ଯେଉଁ ବିଡର ମାନେ ସର୍ବୋଚ୍ଚ ବିଡ୍ (ସଂରକ୍ଷିତ ମୂଲ୍ୟରୁ କମ୍ ନୁହେଁ) ଦାଖଲ କରଥିବେ। ତାଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ପଦ୍ଧତି ମାଧ୍ୟମରେ ଏ ବାବଦରେ ଯୋଗାଯୋଗ କରାଯିବ । ଏହା ସୁରକ୍ଷିତ ଋଣଦାତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଅନୁମୋଦନ ସାପେକ୍ଷ।
୭. ସମ୍ଭାବ୍ୟ ଯୋଗ୍ୟ ବିଡରମାନେ https://www.ebkray.in ଙ୍କ ଠାରୁ ନିଲାମ ତାରିଖ ପୂର୍ବରୁ ଅନ୍ ଲାଇନ୍ ଇ-ନିଲାମ ତାଲିମ୍ ନେଇପାରନ୍ତି। କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ କିମ୍ବା https://www.ebkray.in କୌଣସି ଇଣ୍ଟରନେଟ୍ ସମସ୍ୟା ନିମନ୍ତେ ଦାୟୀ ନୁହନ୍ତି। ଏବଂ ଆଗ୍ରହୀ ବିଡ୍‌ର ମାନେ ଇ-ନିଲାମରେ ଅଂଶଗ୍ରହଣ କରିବାପାଇଁ ସମ୍ପୂର୍ଣ୍ଣ ଭାବେ ସକ୍ଷମ ଏବଂ ବୈଷୟିକ ଭାବେ ସୁନିଶ୍ଚିତ ହେବା ଆବଶ୍ୟକ।
୮. କ୍ରେତା କୌଣସି ବ୍ୟକ୍ତିଙ୍କୁ ପୂର୍ବର ଏବଂ ଭବିଷ୍ୟତର ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି/ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି/ଟ୍ରାନ୍ସଫର ଦେୟ ଫିସ୍ ଇତ୍ୟାଦି ଏବଂ ବୈଧାନିକ/ଅଣ-ବୈଧାନିକ ଦେୟ, ଟିକସ୍, ରେଟ୍ସ, ଆସେସମେଣ୍ଟ ଦେୟ, ଫିସ୍ ଇତ୍ୟାଦି ବହନ କରିବେ।
୯. କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ପ୍ରସ୍ତାବକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି ଏବଂ କୌଣସି କାରଣ ନ ଦର୍ଶାଇ କୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ବାତିଲ୍ କିମ୍ବା ଇ-ନିଲାମକୁ ସ୍ଥଗିତ ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି।
୧୦.ବିଡ୍‌ର ମାନେ ସେମାନଙ୍କର ବିଡ୍ ଦାଖଲ କାରିବା ପୂର୍ବରୁ ଏବଂ ଇ-ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ଇ-ନିଲାମର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ https://www.ebkray.in ର ୱେବସାଇଟ୍ (support.ebkray@psballiance.com)ଦେଖନ୍ତୁ।
୧୧.କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ବିଡ୍‌ର ମୂଲ୍ୟ ଗ୍ରହଣ ହେବା ପରେ ଅମାନତ ରାଶି ଦାଖଲ ଅନ୍ତର୍ଭୁକ୍ତ କରି ବିକ୍ରୟ ମୂଲ୍ୟର ୨୫% ଉକ୍ତ ଦିନ ସଙ୍ଗେ ସଙ୍ଗେ ଦାଖଲ କରିବେ, ପରବର୍ତ୍ତୀ କାର୍ଯ୍ୟ ଦିବସରେ ନୁହେଁ। ଏଥିରେ ଅସଫଳ ହେଲେ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ।
୧୨.ସ୍ଥାବର ସମ୍ପତ୍ତି ବିକ୍ରୟ ଚୂଡାନ୍ତ ହେବାର ୧୫ ଦିନ ମଧ୍ୟରେ ବିକ୍ରୟ ମୂଲ୍ୟ ୭୫% ପୈଠ କରାଯିବ। ଉପରୋକ୍ତ ଧାର୍ଯ୍ୟ ସମୟସୀମା ମଧ୍ୟରେ ଅର୍ଥରାଶି ପୈଠ କରିବାରେ ବିଫଳ ହେଲେ ଜମା କରିଥିବା ଅର୍ଥରାଶି ବାଜ୍ୟାପ୍ତି କରାଯିବ ଏବଂ ସମ୍ପତ୍ତିକୁ ପୁନଃ ବିକ୍ରୟ କରାଯିବ ଏବଂ ବିଫଳ କେତାଙ୍କ ସମ୍ପତ୍ତି ସମ୍ବନ୍ଧୀୟ ସମସ୍ତ ଦାବୀ କିମ୍ବା ଆଂଶିକ ଅର୍ଥଦାବୀ ଯେଉଁଥିପାଇଁ ସମ୍ପତ୍ତି ପୁନଃ ବିକ୍ରୟ ହେବ ସେଥି ନିମନ୍ତେ କୌଣସି ଦାବୀ ରହିବ ନାହିଁ।

ଏହି ନୋଟିସ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮(୬) ଅନୁଯାୟୀ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଭାବେ ବିବେଚନା କରାଯିବ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୨.୧୦.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ, ମୋ.: ୭୦୧୫୩୫୬୪୮୪


# ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ସୋନପୁର,(ସହଦେବ ମେହେର): ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସମସ୍ୟା ଓ ଅବ୍ୟବସ୍ଥା ଘେରାରେ ରହିଛି। କୋଟି କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମି ନିର୍ମାଣ କରାଯାଇଥିଲେ ବି ଦୀର୍ଘ ବର୍ଷ ଧରି ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞ ଡାକ୍ତର ,ଡାକ୍ତର , ଟେକନିସିଆନ୍ କର୍ମଚାରୀ , ଷ୍ଟାଫ୍ ନର୍ସ , ନର୍ସ ଖାଲି ପଡ଼ିଥିବାରୁ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେଲାଣି। ଏପରିକି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସ୍ଥାୟୀ ପଦବୀ ନ ଥିବାରୁ ଜିଲ୍ଲା ସ୍ୱାସ୍ଥ୍ୟ ସେବା କିପରି ଚାଲିଥିବ ସାଧାରଣରେ ଅନୁମେୟ। ଏକଦା ସୋନପୁର ସବଡିଭିଜନ ସ୍ତରରେ ଡାକ୍ତରମାନଙ୍କ ସ୍ୱାସ୍ଥ୍ୟସେବା ନେଇ ପ୍ରଶଂସନୀୟ ଥିଲା ବେଳେ ବର୍ତ୍ତମାନ ସ୍ୱାସ୍ଥ୍ୟ ସେବାର ମାନ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ସ୍ତ୍ରୀ ଓ ପ୍ରସୂତି ବିଭାଗ, ସର୍ଜରୀ , ଅସ୍ଥିଶଲ୍ୟ ବିଭାଗ ରୋଗୀ ଅନ୍ୟତ୍ର ପଠାଇ ଦେଉଥିବାର ଅଭିଯୋଗ ହେଉଛି।

ଗତ ଫେବୃୟାରୀ ୨୬ରେ ତତ୍କାଳିନୀ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାରେ ପ୍ରାୟ ୧୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ନୂତନ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଉଦ ଘାଟିତ ହୋଇଥିଲା । ସାତ ମହଲା ବିଶିଷ୍ଟ ୩୦୦ ଶଯ୍ୟା ଓ ୫୦ ଶଯ୍ୟା ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଖାନା ଉଦଘାଟିତ ହେଲା କିନ୍ତୁ ଆବଶ୍ୟକ ଡାକ୍ତର ଓ ନର୍ସିଂ ଅଫିସ ଆଦି ବହୁ ପଦବୀ ଅଭାବ ନେଇ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଲାଣି। ଡାକ୍ତର ଅଭାବ ସୁଯୋଗ ନେଇ କେତେକ ଡାକ୍ତର ବର୍ଷ ବର୍ଷ ଧରି ଏହି ଡାକ୍ତରଖାନାରେ ରହି ଗଲେଣି । ଅନେକ ସମୟରେ ପଶ୍ଚିମ ଓଡିଶାର ଲୋକପ୍ରତିନିଧି ସ୍ୱାସ୍ଥ୍ୟମନ୍ତ୍ରୀ ସମ୍ଭାଳିବା ସୁଯୋଗ ପାଉଥିଲେ ମଧ୍ୟ ଏହି ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସମସ୍ୟା ଓ ଅବ୍ୟବସ୍ଥା ସମାଧାନ ହେଉ ନାହିଁ ।

ସୂଚନା ଯୋଗ୍ୟ ଯେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ୧୨୩ ଡାକ୍ତର ରହିବା କଥା। ୪୨ ଜଣ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ସହ ବରିଷ୍ଠ ପରାମର୍ଶଦାତା , ବରିଷ୍ଠ ମେଡିକାଲ ,ଜିଡିଏମଓ ଆଦି ମଞ୍ଜୁରୀ ପ୍ରାପ୍ତ ଡାକ୍ତର ପଦବୀ ରହିଛି। ଏବେ ବି ୨୬ବିଶେଷଜ୍ଞ ଡାକ୍ତର ନାହାନ୍ତି। ଡୁଙ୍ଗୁରିପାଲି ଡାକ୍ତରଖାନା ୩ଜଣ ବିଶେଷଜ୍ଞ ଡାକ୍ତର ଓ ତରଭା ଡାକ୍ତରଖାନା ୧ ଜଣ ଡାକ୍ତର ବଦଳି କରାଯାଇଛି। ଏବେ ବି ଜଣେ ସିନିୟର ଶିଶୁ ବିଶେଷଜ୍ଞ , ସିନିୟର ମେଡିସିନ ବିଶେଷଜ୍ଞ , ସିନିୟର ସର୍ଜରୀ ବିଶେଷଜ୍ଞ , ସିନିୟର୍ ନିଶ୍ଚେତକ ବିଶେଷଜ୍ଞ, ସିନିୟର ଅସ୍ଥି ଶଲ୍ୟ ବିଶେଷଜ୍ଞ , ସିନିୟର ପେଥୋଲେଜି ବିଶେଷଜ୍ଞ, ରେଡୋଲୋଜି ବିଶେଷଜ୍ଞ ,ଜଣେ ଚର୍ମ ଓ ଯୌନ , ମାନସିକ ବିଶେଷଜ୍ଞ , ଟି.ବି ଓ ଛାତି ବିଶେଷଜ୍ଞ , ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ , ଶିଶୁ ବିଶେଷଜ୍ଞ ଆଦି ବିଶେଷଜ୍ଞ ଡାକ୍ତର ନାହାନ୍ତି। ମେଡିକାଲ ଅଫିସର ୫ଟି ପଦବୀ ନାହାନ୍ତି। ମୁଖ୍ୟ ଡାକ୍ତରଖାନାରେ ଏଲଟିଆରଏମଓ ୬୫ଟି ଡାକ୍ତର ପଦବୀ ଖାଲି ରହିଛି। ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ସଂପୂର୍ଣ୍ଣ ଜିଲ୍ଲାର ୬ଟି ବ୍ଲକ ନିର୍ଭରଶୀଳ ହୋଇଥାଆନ୍ତି। ବୌଦ୍ଧ ଜିଲ୍ଲା କନ୍ଧମାଳ , ଦହ୍ୟା ,ମନୁମୁଣ୍ଡା , ଘଣ୍ଟାପଡ଼ା ,ବାଉଶୁଣୀ ଆଦି ଅଞ୍ଚଳର ରୋଗୀ ନିର୍ଭରଯୋଗ୍ୟ ଥାଆନ୍ତି। ବର୍ଷକୁ ୨ଲକ୍ଷରୁ ଉର୍ଦ୍ଧ୍ୱ ଆଉଟ ଡୋର ରୋଗୀ ଚିକିତ୍ସା ଲାଭ କରିଥାଆନ୍ତି। ତେଣୁ ନୂତନ ଡାକ୍ତରଖାନାରେ ଏକ ଆୟୁର୍ବେଦିକ ଡାକ୍ତର ମଧ୍ୟ ବସିବା ଦାବୀ ହେଉଛି । ଏବେ ବି ଡାକ୍ତରଖାନର ନୂତନ କ୍ୟାବିନର ସୁବ୍ୟବସ୍ଥିତ କରାଯାଉ ନାହିଁ ବୋଲି ଅଭିଯୋଗ ହେଉଛି। ରୋଗୀ ସମ୍ପର୍କୀୟମାନଙ୍କ ଉଦ୍ଦିଷ୍ଟ ନୂତନ ବିଶ୍ରାମ ଗୃହ ଖୋଲା ଯାଇ ନାହିଁ। ତାହା ତାଲା ଝୁଲୁଛି। ସ୍ତ୍ରୀ ଓ ପ୍ରସୂତି ବିଭାଗର ରୋଗୀମାନଙ୍କୁ ଅଲଟ୍ରାସାଉଣ୍ଡ କରାଯାଉଥିବା ବେଳେ ସାଧାରଣ ରୋଗୀମାନଙ୍କ ଏହି ପରୀକ୍ଷା ହୋଇ ପାରୁ ନାହିଁ। ଏହି ନୂତନ ଡାକ୍ତରଖାନା ଆସୁ ଥିବାର ରୋଗୀ ମଧ୍ୟରେ ରକ୍ତହୀନତା ରୋଗୀ ପରିମାଣ ଅଧିକା ରହୁଥିବାର ଅଭିଯୋଗ ହେଉଛି। ସିକିଲନ ଓ ଥାଲାସେମିଆ ଆଦି ରକ୍ତହୀନତା ରୋଗୀମାନଙ୍କ ପରେ ମଧ୍ୟ ରକ୍ତ ଦେବା ଅନେକ ରୋଗୀ ସଂଖ୍ୟା ବୃଦ୍ଧି ରହୁଛି। ଏହା ଜିଲ୍ଲାର ଅପପୃଷ୍ଟି ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାର ସଙ୍କେତ ଦେଉଛି। ଏହା ଚିନ୍ତାଜନକ ବିଷୟ ବୋଲି ଜଣାପଡ଼ିଛି। ଏ ପର୍ଯ୍ୟନ୍ତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ରକ୍ତ ପୃଥିକିକରଣ ୟୁନିଟ ଖୋଲା ଯାଇପାରୁ ନାହିଁ। ଏଥିପାଇଁ ଅନେକ ରୋଗୀ ହଇରାଣ ହେଉଛନ୍ତି। ଜିଲ୍ଲାରେ କିଡନି ଜନିତ ରୋଗୀ ବୃଦ୍ଧି ପାଉଛି । ଡାଇଲିସିସି ପାଇଁ ରୋଗୀମାନେ ଲମ୍ବା ଲାଇନ ରହୁଥିବାର ଅଭିଯୋଗ ହେଉଛି । ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ନୂତନ ଡାଇଲିସିସି ମେସିନ ସ୍ଥାପିତ ଦାବୀ ହେଉଛି। ସୋନପୁର ସହରର ସମସ୍ତ ଭିତ୍ତିଭୂମି ଥିବା ପୁରାତନ ଡାକ୍ତରଖାନାକୁ ୨୪ ଘଣ୍ଟିଆ ସହରାଞ୍ଚଳ ଚିକିତ୍ସାଳୟ ମାନ୍ୟତା ଦେବାକୁ ଦାବୀ ହେଉଛି। ଅନ୍ୟପକ୍ଷରେ ଜିଲ୍ଲାର ଦୁର୍ଗମ ଲୋକମାନଙ୍କ ପାଇଁ ନୂତନ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଦେଇ ସମସ୍ତ ମୋ ବସ ଯିବା ଆସିବା କରିବାକୁ ଦାବୀ ହେଉଛି।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୦/୨୫)
–ବିଭୂତିଯୋଗଃ–
( ଶ୍ରୀଭଗବାନୁବାଚ )

**ମହର୍ଷୀଣାଂ ଭୃଗୁରହଂ ଗିରାମସ୍ମ୍ୟେକମକ୍ଷରମ୍ ।**
**ଯଜ୍ଞାନାଂ ଜପଯଜ୍ଞୋସ୍ମି ସ୍ଥାବରାଣାଂ ହିମାଳୟଃ ॥୨୫॥**

ମୁଁ ମହର୍ଷିମାନଙ୍କ ମଧ୍ୟରେ ଭୃଗୁ, ବାକ୍ୟମାନଙ୍କ କ୍ଷେତ୍ରରେ ଏକାକ୍ଷର, (ଓଁକାର), ଯଜ୍ଞମାନଙ୍କ ମଧ୍ୟରେ ମୁଁ ଜପଯଜ୍ଞ ଏବଂ ସ୍ଥାବରମାନଙ୍କ ମଧ୍ୟରେ ହିମାଳୟ ଅଟେ ॥୨୫॥

# ନାଟକୀୟ ସ୍ଥିତିରେ ପଶ୍ଚିମ ଏସିଆ ବିବାଦ

## ସମ୍ପାଦକୀୟ

ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ବିବାଦ, ବିଶେଷ ଭାବରେ ଇସ୍ରାଏଲ୍, ହିଜବୁଲ ଏବଂ ଇରାନ ସହିତ ଜଡିତ ସଂଘର୍ଷ, ଏକ ସମ୍ଭାବ୍ୟ ସୁଦୂରପ୍ରସାରୀ ଆଞ୍ଚଳିକ ସଙ୍କଟ ଆରମ୍ଭ ହେବା ନେଇ ସଂକେତ ଦେଇଛି । ଅକ୍ଟୋବର ୨୩, ୨୦୨୩ରେ ପଶ୍ଚିମ ଏସିଆରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ହିଜବୁଲର ମୁଖ୍ୟ ହାସନ ନାସରାଲ୍ଲାଙ୍କ ହତ୍ୟା ଇସ୍ରାଏଲର ଅନ୍ୟତମ ପ୍ରଭାବଶାଳୀ କାର୍ଯ୍ୟ ଥିଲା । ହିଜବୁଲକୁ ଇସ୍ରାଏଲ ସେମାନଙ୍କର ସବୁଠାରୁ ଶକ୍ତିଶାଳୀ ଅଣ–ରାଷ୍ଟ୍ର ଶତ୍ରୁ ଭାବରେ ଦେଖେ । ଯୁକ୍ତରାଷ୍ଟ୍ର ଏହାକୁ ଗୋଟିଏ ଆତଙ୍କବାଦୀ ଗୋଷ୍ଠୀ ଭାବରେ ଗଣନା କରେ ଏବଂ ଇରାନ ହିଜବୁଲ ମାଧ୍ୟମରେ ଇରାନର ସମଗ୍ର ଅଞ୍ଚଳରେ ଏହାର ପ୍ରଭାବ ପ୍ରଦର୍ଶିତ କରେ । ତେଣୁ ନାସରାଲ୍ଲାଙ୍କୁ ହତ୍ୟା କରି ଇସ୍ରାଏଲ ହିଜବୁଲଙ୍କୁ ଏକ ବଡ ଝଟକା ଦେଇଛି ଏବଂ ଇରାନର ପ୍ରଭାବକୁ ଖଣ୍ଡନ କରିଛି । ଏବେ ଇସ୍ରାଏଲ ଲେବାନନର ସୀମାରେ ପ୍ରବେଶ କରି ଆକ୍ରମଣ ଜାରି ରଖିଛି ଏବଂ ଏହା ଦ୍ୱାରା ଅନେକେ ପ୍ରାଣ ହରାଇଛନ୍ତି ଓ ବିସ୍ଥାପିତ ମଧ୍ୟ ହୋଇଛନ୍ତି । ହାମାସ ଅକ୍ଟୋବର ୭, ୨୦୨୩ ଇସ୍ରାଏଲ ଉପରେ ଆକ୍ରମଣ ପରେ, ଇସ୍ରାଏଲ ଗାଜା ଉପରେ ଏହାର ପ୍ରତିଶୋଧ ପରାୟଣ ଯୁଦ୍ଧ ଆରମ୍ଭ କଲା, ନାସରାଲ୍ଲା ଉତ୍ତର ଇସ୍ରାଏଲରେ ରକେଟ୍ ଆକ୍ରମଣ ମାଧ୍ୟମରେ ଦ୍ୱିତୀୟ ଫ୍ରଣ୍ଟ ଖୋଲିଥିଲେ । ଯେତେବେଳେ ଇସ୍ରାଏଲ ଗାଜା ଉପରେ ଆକ୍ରମଣ କରି ହଜାର ହଜାର ପାଲେଷ୍ଟାଇନୀୟଙ୍କୁ ହତ୍ୟା କରୁଥିଲା, ସେତେବେଳେ ନାସରାଲ୍ଲା ଇସ୍ରାଏଲ ପ୍ରତିରକ୍ଷା ବାହିନୀ ଉପରେ ସାମରିକ ଚାପ ପକାଇବାକୁ ଚାହୁଁଥିଲେ । ଇସ୍ରାଏଲ ହିଜବୁଲର ରକେଟ ବଦଳରେ ସୀମିତ ଗୁଳିଗୋଳା ବିନିମୟ କରିଥିଲା, କାରଣ ସେତେବେଳେ ଏହାର ଧ୍ୟାନ ଗାଜା ଉପରେ ଥିଲା । କିନ୍ତୁ ଗାଜାକୁ ଧ୍ୱସ୍ତବିଧ୍ୱସ୍ତ କରିବା ପରେ, ଇସ୍ରାଏଲ୍ ଲେବାନନ୍ ଆଡକୁ ମୁହାଁଇଲା ଏବଂ ନାସରାଲ୍ଲାଙ୍କୁ ହତ୍ୟା କରି ବିବାଦକୁ ନାଟକୀୟ ଭାବେ ବଢ଼ାଇଦେଲା । ଦକ୍ଷିଣ ଲେବାନନରେ ଇସ୍ରାଏଲ୍ ସୈନ୍ୟଙ୍କ ପ୍ରବେଶ ଏବଂ ଆକ୍ରମଣ, ଏକ ବ୍ୟାପକ ଯୁଦ୍ଧ ରୂପ ଧାରଣ କରିସାରିଛି । ଅନ୍ୟାନ୍ୟ ଗୋଷ୍ଠୀ ଓ ଦେଶ ମଧ୍ୟ ଏହି ଯୁଦ୍ଧରେ ସାମିଲ ହେବାନେଇ ସମ୍ଭାବନା ସୃଷ୍ଟି କରିଛି । ଯେହେତୁ ଉତ୍ତେଜନା ବୃଦ୍ଧି ପାଉଛି, ଏହା ନିକଟ ଭବିଷ୍ୟତରେ ସମାପ୍ତ ହେବାର ସମ୍ଭାବନା ନାହିଁ । ଏହି ଯୁଦ୍ଧରେ କିଏ ହାରିବ ବା ଜିତିବ, ତାହା ମଧ୍ୟ ଆକଳନ କରିବା ସମ୍ଭବପର ନୁହେଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିକାଶ ହେଉଛି ଇସ୍ରାଏଲର ରଣନୀତିରେ ପରିବର୍ତ୍ତନ । ଇସ୍ରାଏଲର ଲକ୍ଷ୍ୟ କେବଳ ହିଜବୁଲକୁ ଦୁର୍ବଳ କରିବା ନୁହେଁ, ବରଂ ଏହି ଗୋଷ୍ଠୀ କିପରି ସମ୍ପୂର୍ଣ୍ଣ ଧ୍ୱଂସ ପାଇଯିବ, ସେ ନେଇ ଇସ୍ରାଏଲ ଯୋଜନା କରିଥିବା କଥା କୁହାଯାଇଛି । କିନ୍ତୁ ଇସ୍ରାଏଲକୁ ଏହି ଲକ୍ଷ୍ୟ ହାସଲ କରିବା ଏତେ ସହଜ ହେବ ନାହିଁ । କାରଣ, ହିଜବୁଲ, ଲେବାନନ୍ ସମାଜରେ ଗଭୀର ଭାବରେ ଜଡିତ ଏବଂ ଇରାନ ଦ୍ୱାରା ସମର୍ଥିତ, କେବଳ ସାମରିକ ଶକ୍ତି ମାଧ୍ୟମରେ ଏହାକୁ ମୂଳପୋଛ କରି ହେବ ନାହିଁ । ଲେବାନନରେ ଇସ୍ରାଏଲର ଅତୀତର ଅନୁଭୂତି, ବିଶେଷତଃ ଏହାର ୧୯୮୨ ଆକ୍ରମଣ ଦର୍ଶାଏ ଯେ ସାମରିକ ବିଜୟ ସ୍ଥାୟୀ ହୁଏ ନାହିଁ । ଯୁଦ୍ଧ ମାଧ୍ୟମରେ ଅନ୍ୟ ଦେଶର ଅଞ୍ଚଳକୁ ଅଧିକାର କରିବା କିମ୍ବା ଦୀର୍ଘ ଦିନର ବିବାଦର ଲାଭ ପ୍ରାୟତଃ ପରବର୍ତ୍ତୀ ସମୟରେ, ଯୁଦ୍ଧରେ ବିଜୟଲାଭ କରିଥିବା ଦେଶ ପାଇଁ ବିପଦ ଭାବରେ ଉଭା ହେଇଥାଏ । ଅଧିକନ୍ତୁ, ହିଜବୁଲର ସାମ୍ପ୍ରତିକ ଶକ୍ତି ଓ ସାମର୍ଥ୍ୟ, ସୀମାର ଉଭୟ ପାର୍ଶ୍ୱରେ ସାଧାରଣ ନାଗରିକଙ୍କ ପାଇଁ ଭୟଙ୍କର ପରିଣାମ ସହିତ ଏକ ଦୀର୍ଘ ଓ ଭୟଙ୍କର ବିପର୍ଯ୍ୟୟ ସୃଷ୍ଟି କରିପାରେ । ଏହି ଦ୍ୱନ୍ଦ୍ୱର ପ୍ରଭାବ ମଧ୍ୟ ଏହି ଅଞ୍ଚଳରେ ବ୍ୟାପକ ଶକ୍ତି ସନ୍ତୁଳନକୁ ନୂଆ ରୂପ ଦେଇପାରେ । ବର୍ଷ ବର୍ଷ ଧରି, ହିଜବୁଲ ଏବଂ ହାମାସ ସମେତ ଇସ୍ରାଏଲ୍ ଏବଂ ଇରାନର ପ୍ରକ୍ସି ଫୋର୍ସ ମଧ୍ୟରେ ସୂକ୍ଷ୍ମ ସ୍ତରରେ ବିବାଦ ଥିଲା । ଅକ୍ଟୋବର ମାସର ବୃଦ୍ଧି ଏହି ବିବାଦକୁ ତ୍ୱରାନ୍ୱିତ କରିବାରେ ସହାୟକ ହେଇଛି ଏବଂ ଏପର୍ଯ୍ୟନ୍ତ ଆତ୍ମବିଶ୍ୱାସର ସହ ସଫଳତା ପାଇଁ ଚାଲିଥିବା ଇସ୍ରାଏଲ, ଯୁଦ୍ଧ ମାଧ୍ୟମରେ ଅଞ୍ଚଳରେ ସ୍ଥିରତା ଆଣିବାକୁ ଲକ୍ଷ୍ୟ ରଖିଛି । ତେବେ ଏହି ଲକ୍ଷ୍ୟ କେତେଦୂର ସଫଳ ହେବ ଏବଂ କେବେ ସଫଳ ହେବ, ତାହା ଚିନ୍ତାର ବାହାରେ । ପଶ୍ଚିମ ଏସିଆର ମାନଚିତ୍ର ପୁନଃ ଚିତ୍ରିତ ହେବ କି ନାହିଁ ତାହା ମଧ୍ୟ ଏବେଠାରୁ ଆକଳନ କରିବା ସହଜ ନୁହେଁ, କିନ୍ତୁ ଏହା ସ୍ପଷ୍ଟ ହେବାରେ ଲାଗିଛି ଯେ' ଭୌଗଳିକ ଦୃଶ୍ୟପଟ୍ଟ ପରିବର୍ତ୍ତନ ହେଉଛି । ଇରାନ, ନିଜର ପ୍ରକ୍ସି ଫୋର୍ସ ମାଧ୍ୟମରେ ଏ ପର୍ଯ୍ୟନ୍ତ ପ୍ରାଧାନ୍ୟ ବିସ୍ତାର କରିଆସିଛି ଯାହା ଏହାକୁ ଯୁଦ୍ଧରେ ବିଜୟୀ କରାଇପାରିବ ନାହିଁ । ତେଣୁ ଏହା ବାଧ୍ୟ ହେବ ଆଣବିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ପାଇଁ । ଏହାର ପାରମ୍ପାରିକ ବନ୍ଧୁ 'ହିଜବୁଲ ଏବଂ ହାମାସ୍ ' ଗୁରୁତର ଭାବରେ ଦୁର୍ବଳ ହୋଇଥିବାରୁ ଆଣବିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଇରାନର ସାଥି ଦେଶ ଓ ଗୋଷ୍ଠୀ ଇଛା କରିପାରନ୍ତି । ଯଦି ନିଜର ସ୍ୱାର୍ଥ ରକ୍ଷା କରିବା ଏବଂ ଇସ୍ରାଏଲର ସର୍ବୋଚ୍ଚ ପାରମ୍ପାରିକ ସାମରିକ ଶକ୍ତିକୁ ପ୍ରତିରୋଧ କରିବା ପାଇଁ ତେହେରାନ ଏହାକୁ ଏକମାତ୍ର କାର୍ଯ୍ୟକ୍ଷମ ପଥ ଭାବରେ ଗ୍ରହଣ କରେ, ତେବେ ଏହି ଅଞ୍ଚଳ ଏକ ବିପଦପୂର୍ଣ୍ଣ ପର୍ଯ୍ୟାୟରେ ପ୍ରବେଶ କରିପାରେ । ଆଣବିକ ସଶସ୍ତ୍ର ଧମକ, ଇରାନ ପାଇଁ ଏକ ନାଟକୀୟ ପରିବର୍ତ୍ତନ ମଧ୍ୟ ଆଣିପାରେ, ଯାହା ଆଞ୍ଚଳିକ ତଥା ବିଶ୍ୱ ଶକ୍ତିଙ୍କୁ କୂଟନୈତିକ ଏବଂ ନିରାପତ୍ତା ଆଭିମୁଖ୍ୟକୁ ପୁନର୍ବିଚାର କରିବାକୁ ବାଧ୍ୟ କରିବ । ଯୁଦ୍ଧକ୍ଷେତ୍ର ବାହାରେ, ଏହି ବିବାଦ ଇସ୍ରାଏଲ୍ ଏବଂ ପଡୋଶୀ ଦେଶର ଜନତାଙ୍କ ମଧ୍ୟରେ ଥିବା ପୂର୍ବ ଶତ୍ରୁତାକୁ ଆହୁରି ବଢ଼ାଇ ଦେଇଛି । ହିଂସା ବ୍ୟାପିବା ପରେ ସମଗ୍ର ଅଞ୍ଚଳରେ ଇସ୍ରାଏଲ୍ ବିରୋଧୀ ଭାବନା ବଢ଼ିବାରେ ଲାଗିଛି । ଗାଜାର ନାଗରିକ ମଧ୍ୟ ଇସ୍ରାଏଲ ଉପରେ କ୍ଷୁବ୍ଧ ହେଇଛନ୍ତି, ଯାହା ଗାଜାରେ ଦୀର୍ଘସ୍ଥାୟୀ ଶାନ୍ତି ଆଣିବାରେ ଯେକୌଣସି ପ୍ରୟାସକୁ ଜଟିଳ କରିବାର ସମ୍ଭାବନା ରହିଛି । ଇସ୍ରାଏଲର ସାମରିକ ଉନ୍ନତି ସ୍ୱୀକାରଯୋଗ୍ୟ, କିନ୍ତୁ ଗାଜାର ଭବିଷ୍ୟତ ପାଇଁ ଏହାର ସ୍ପଷ୍ଟ ରାଜନୈତିକ ଦୃଷ୍ଟିକୋଣର ଅଭାବ ଏହାର ଦୁର୍ବଳତା ଭାବରେ ଉଭା ହେବ । ଶାସନ ପାଇଁ କୌଣସି ଯୋଜନା ବିନା ଗାଜା ସବୁବେଳେ ବିବାଦର କାରଣ ହେଇରହିବ । ଏପର୍ଯ୍ୟନ୍ତ କୂଟନୈତିକ ପ୍ରୟାସ କିଛି ବି ଫଳାଫଳ ଦେଇନାହିଁ । ଅର୍ଥପୂର୍ଣ୍ଣ ଅସ୍ତ୍ରବିରତି ବୁଝାମଣା ଏବଂ ଏକ ବ୍ୟାପକ ରାଜନୈତିକ ସମାଧାନ ବିନା ଏହି ଅଞ୍ଚଳରେ ପୁଣି ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଇପାରେ ଏବଂ ଏଥିରେ ସମ୍ପୃକ୍ତ ସମସ୍ତ ପକ୍ଷଙ୍କ ପାଇଁ ଭୟଙ୍କର ପରିଣାମ ଆଣିଦେଇପାରେ ।

# ଅହଂ ମଣିଷର ଶତ୍ରୁ

ସଂସାର ସବୁ ବ୍ୟକ୍ତି ସୁଖର କାମନା କରନ୍ତି । ସୁଖକୁ କିଣାଯାଇପାରେ ନାହିଁ । ତେଣୁ ଧନ କେବେବି ସୁଖର ମାଧ୍ୟମ ହୋଇପାରେ ନାହିଁ । ସେହିପରି ସଫଳତା ମଧ୍ୟ ସବୁବେଳେ ସୁଖ ଆଣିଦିଏ ନାହିଁ ।

ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ ଯେତେଦିନ ଯାଏ ମନୁଷ୍ୟ ଈଶ୍ୱରଙ୍କ ସତ୍ତାକୁ ଅନୁଭବ କରିନାହିଁ ସେତେଦିନ ଯାଏ ସେ ପ୍ରକୃତ ସୁଖ ପାଇପାରେ ନାହିଁ । ତେବେ ଭଗବାନଙ୍କ ସତ୍ତାକୁ ଅନୁଭବ କରିବାକୁ ହେଲେ ପ୍ରଥମେ ନିଜ ମଧ୍ୟରୁ 'ମୁଁ ତ୍ୱ'କୁ ବା ଅହଂକୁ ତ୍ୟାଗ କରିବା ଉଚିତ । ଏହାପରେ ହିଁ ଜଣେ ବ୍ୟକ୍ତି ଈଶ୍ୱରଙ୍କ ଶରଣକୁ ଆସିପାରିବ । ଏହି ଅହଂକୁ ତ୍ୟାଗ କରିପାରିଲେ ବ୍ୟକ୍ତି ସମସ୍ତଙ୍କ ପାଖରେ ଈଶ୍ୱରଙ୍କ ସତ୍ତା ଅନୁଭବ କରିଥାଏ । ଏହିପରି ଭାବେ ମନରୁ ଘୃଣା, ଦ୍ୱେଷ ଓ କପଟ ଇତ୍ୟାଦି ଭାବ ରୁହେ ନାହିଁ ।

ଫଳରେ ବ୍ୟକ୍ତି ଫଳକୁ ଆଶା ନ କରି କାମ କରିଚାଲେ । ଏହା ତାକୁ ଆତ୍ମସନ୍ତୋଷ ପ୍ରଦାନ କରିଥାଏ । କେବଳ ସେତିକି ନୁହେଁ ଏହା ମନରେ ଏକାଗ୍ରତା ଆଣିଥାଏ । ବ୍ୟକ୍ତି ଯେକୌଣସି ପରିସ୍ଥିତିକୁ ସାମନା କରିପାରେ । ଯେପରିକି ଦୁଃଖରେ ବିଚଳିତ ହୁଏ ନାହିଁ ଓ ସୁଖରେ ଖୁସିରେ ଆତ୍ମହରା ହୁଏ ନାହିଁ । ଏହି ମନୋଭାବ ତାଙ୍କୁ ଈଶ୍ୱରଙ୍କ ଅଧିକ ନିକଟତର କରାଇଥାଏ । ଅନ୍ୟପକ୍ଷରେ ଦେଖିବାକୁ ଗଲେ ଏହା ବ୍ୟକ୍ତିକୁ ସବୁପ୍ରକାର ଦୁଃଖରୁ ମୁକ୍ତି ଦେଇଥାଏ । ତେଣୁ ନିଜ ମଧ୍ୟରୁ ମୁଁ ତ୍ୱ ବା ଅହଂ ଭାବକୁ ତ୍ୟାଗ କରିବା ଉଚିତ ।


**ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ସରସ୍ୱତୀ,**
**ପ୍ରତିଷ୍ଠାତା ଓ ଅଧ୍ୟକ୍ଷ, ସ୍ୱାମୀଚିଦାନନ୍ଦ ୱାର୍ଲ୍ଡ ପିସ ଫାଉଣ୍ଡେସନ, ନ୍ୟୁୟର୍କ, ୟୁଏସଏ**


# ଅକ୍ଟୋବରରେ ବାତ୍ୟା




ପ୍ରେମାନନ୍ଦ ପାଣିଗ୍ରାହୀ


ଅକ୍ଟୋବର ମାସ ଆସିଲେ, ଓଡ଼ିଶାର ଜନସାଧାରଣଙ୍କ ମନରେ ପ୍ରାୟତଃ ଏକ ଅଜଣା ଭୟ ସଞ୍ଚାର ହୋଇଯାଇଥାଏ । ୨୪ ବର୍ଷ ତଳେ ଏଇ ଅକ୍ଟୋବରରେ ଧ୍ୱଂସର ତାଣ୍ଡବ ରଚିଥିଲା ମହାବାତ୍ୟା । ୧୯୯୯ ଅକ୍ଟୋବର ୧୭ ତାରିଖରେ ଗୋପାଳପୁର ଠାରେ ସଂଗଠିତ ବାତ୍ୟାରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅନେକେ ପ୍ରାଣ ହରାଇ ଥିବାବେଳେ ବହୁ ସମ୍ପତ୍ତି ନଷ୍ଟ ହୋଇଥିଲା ।

ସେଇ ମାସ ୨୯ ତାରିଖ, ସାରା ଦିନ ଝିପଝିପ ବର୍ଷା ସହ ରାତି ତମାମ ୭୦ ରୁ ୮୦ କିମି ପବନ ଉପକୂଳ ଜିଲ୍ଲାରେ ବୋହି ଚାଲିଥିଲା । ୩୦ ତାରିଖ ସକାଳେ ପବନର ବେଗ କ୍ଷୀପ୍ର ହେଲା । ଘଣ୍ଟା ପ୍ରତି ୨୭୦ କିମି ପବନ ବୋହିଲା । ଜଗତସିଂପୁରରେ ବଙ୍ଗୋପସାଗର ଉପକୂଳରୁ ଉଠି ଆସିଲା ୫ ମିଟର ଉଚ୍ଚତାର ଜୁଆର । ଦୀର୍ଘ ୩୬ ଘଣ୍ଟା ଧରି ଚାଲିଲା ମହାବାତ୍ୟାର ତାଣ୍ଡବ । ଜଗତସିଂପୁର ଜିଲ୍ଲାର ଏରସମା ଓ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡାର କ୍ଷତି ଥିଲା ଅବର୍ଣ୍ଣନୀୟ । ସେ ମହାବାତ୍ୟା ବେଶ୍ ଭୟାବହ ଥିଲା । ୧୦୦ ବର୍ଷ ଭିତରେ ଓଡ଼ିଶା ପାଇଁ ଥିଲା ଏହା ସବୁଠାରୁ ଭୟଙ୍କର ସାମୁଦ୍ରିକ ଝଡ । ମହାବାତ୍ୟା ଓଡ଼ିଶାର ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ଚିତ୍ରକୁ ଦୋହଲାଇ ଦେଇଥିଲା । ପରେ ପରେ ଅକ୍ଟୋବର ମାସରେ ଓଡ଼ିଶାକୁ ଆସିଛି ଅନ୍ୟ କିଛି ବାତ୍ୟା । ଆଉ ଚଳିତ ଅକ୍ଟୋବର ମାସରେ ଓଡ଼ିଶାବାସୀ ଆଉ ଏକ ବାତ୍ୟାର ସମ୍ମୁଖୀନ ହେବାକୁ ଯାଉଛନ୍ତି ।

ସେହି ମହାବାତ୍ୟା ପ୍ରଭାବରେ ଭଦ୍ରକ, ବାଲେଶ୍ୱର, ଜଗତସିଂପୁର, କେନ୍ଦ୍ରାପଡା, ପୁରୀ, ଗଞ୍ଜାମ ଜିଲ୍ଲାଗୁଡିକରେ ପ୍ରବଳ ଝଡ ତୋଫାନ, ଜୁଆର ମାଡରେ ଏକପ୍ରକାର ନିଶ୍ଚିହ୍ନ ହୋଇପଡିଥିଲା । ମୃତାହତ ହେଇଥିଲେ ହଜାର ହଜାର ମଣିଷ, ଉଜୁଡି ଯାଇଥିଲା ଅନେକ ଜନବସତି, କ୍ଷତିଗ୍ରସ୍ତ ହୋଇଥିଲା ହଜାର ହଜାର କୋଟି ଟଙ୍କାର ଧନସମ୍ପତ୍ତି । ଉତ୍ତର ଦାୟାଦମାନଙ୍କ ପାଇଁ ସେହି ମହାବାତ୍ୟା, ଆଇ ମା' କାହାଣୀ ପାଲଟିଛି ସତ ମାତ୍ର ଯେଉଁମାନେ ମହାବାତ୍ୟାକୁ ଅଙ୍ଗେ ନିଭେଇଥିଲେ, ସେମାନଙ୍କ ପାଇଁ ମହାବାତ୍ୟାର କ୍ଷତ ଅପାସୋରା ଥିଲା । ମହାବାତ୍ୟାର ଉତ୍ପତ୍ତି ସ୍ଥଳ ବଙ୍ଗୋପସାଗରର ଉତ୍ତାଳ ଜଳରାଶି ମଧ୍ୟରେ । ତେଣୁ ସାମାନ୍ୟ ଝଡ ଉଠିଲେ ମହାବାତ୍ୟା ରୂପ ନେବା ଆଶଙ୍କାରେ ଲୋକେ ଆଶଙ୍କିତ ହେଇଉଠୁଛନ୍ତି । ସେତେବେଳେ ଆଜି ପରି ସାମୁଦ୍ରିକ ଝଡର ସଠିକ ସୂଚନା ଦେବା ପାଇଁ ଜ୍ଞାନକୌଶଳର ଅଗ୍ରଗତି ବିଶେଷ ଭାବେ ହୋଇନଥିଲା । ଏବେ ଉପକୂଳ ଜିଲ୍ଲାରେ ୧୨୨ଟି ଷ୍ଟେସନରେ ଆଗୁଆ ସତର୍କ ସୂଚନା କେନ୍ଦ୍ର ସ୍ଥାପନା କରାଯାଇଛି ।

ଗତ ୨୪ ବର୍ଷ ଭିତରେ ରାଜ୍ୟ ୯ଟି ବାତ୍ୟାର ସମ୍ମୁଖୀନ ହୋଇଛି । ୧୯୯୯ର ମହାବାତ୍ୟା ପରେ ଓଡ଼ିଶାକୁ ୨୦୧୩ ଅକ୍ଟୋବରରେ ଫାଇଲିନ, ୨୦୧୪ ଅକ୍ଟୋବରରେ ହୁଡହୁଡ, ୨୦୧୮ ଅକ୍ଟୋବରରେ ତିତଲି, ଡିସେମ୍ବରରେ ପେଥାଇ,୨୦୧୯ ମେରେ ଫନି, ନଭେମ୍ବରରେ ବୁଲବୁଲ, ୨୦୨୦ମେରେ ଅମ୍ଫନ, ୨୦୨୧ମେ ମାସରେ ୟସ ବାତ୍ୟା ଆସିଛି । ଏହି ସବୁ ବାତ୍ୟାରେ ରାଜ୍ୟରେ କିଛି ଲୋକଙ୍କର ମୃତ୍ୟୁ ଘଟିଛି । ତେଣୁ ପ୍ରତିବର୍ଷ ଅକ୍ଟୋବର ମାସ ଆସିଲେ ଓଡ଼ିଶାବାସୀଙ୍କ ମନରେ ଏକପ୍ରକାର ଛନକା ପଶେ । ଏହି ଅକ୍ଟୋବର ମାସରେ ଅଧିକାଂଶ ବାତ୍ୟା ଓଡ଼ିଶାବାସୀଙ୍କ ଆଖିରୁ ନିଦ ହଜାଇ ଦେଇଛି । ସେ ୧୯୯୯ର ମହାବାତ୍ୟା ହେଉ ଅବା ୨୦୧୩ର ଫାଇଲିନ କି ୨୦୧୪ର ହୁଡହୁଡ ଏସବୁ ମନେ ପକାଇଦିଏ ଅଶୁଭ ଅକ୍ଟୋବରର ବାତ୍ୟାର କିଛି ଅନୁଭୂତିକୁ । ଅବଶ୍ୟ ଏ ମଧ୍ୟରେ ଓଡ଼ିଶାବାସୀ ବାତ୍ୟାର ସମ୍ମୁଖିନ ହେବା ନେଇ ଅନେକାଂଶରେ ସଚେତନ ତଥା ସତର୍କ ହୋଇଗଲେଣି । ସାମଗ୍ରୀକ ଭାବେ ହାରାହାରି ବାତ୍ୟା ସଂଖ୍ୟା ହିସାବ କରାଗଲେ, ପ୍ରତି ଦୁଇ ବର୍ଷ ଅନ୍ତରରେ ଓଡ଼ିଶାକୁ ବାତ୍ୟା ଆସୁଛି । ତେଣୁ ଓଡ଼ିଶା ଦେଶର ସର୍ବାଧିକ ବାତ୍ୟାପ୍ରବଣ ଅଞ୍ଚଳ ଭାବରେ ଗଣା ହେଉଛି ।

ବାତ୍ୟା ମୁଖ୍ୟତଃ ଦୁଇଟି ପର୍ଯ୍ୟାୟରେ ଆସେ , ଯଥା– ପ୍ରାକ ମୌସୁମୀ ମାର୍ଚ୍ଚ, ଏପ୍ରିଲ, ମେ ଓ ମୌସୁମୀ ପରବର୍ତ୍ତୀ ଅର୍ଥାତ୍ ନଭେମ୍ବର, ଡିସେମ୍ବର ମାସରେ ହୋଇଥାଏ । କାରଣ ମୌସୁମୀ ପ୍ରବାହର ପ୍ରାକ୍ କାଳରେ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବାତ୍ୟା ଓ ଝଡତୋଫାନ ସୃଷ୍ଟି ହୁଏ ଏବଂ ଏହା ଏକ ପ୍ରାକୃତିକ ପ୍ରକ୍ରିୟା । କିନ୍ତୁ ଏହାର ସଂଖ୍ୟା ତୁଳନାତ୍ମକ ଭାବେ କମ୍ ଓ କ୍ଷୟକ୍ଷତି ପରିମାଣ ସେତେ ବ୍ୟାପକ ହୋଇନଥାଏ । ତେବେ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁର ପ୍ରତ୍ୟାବର୍ତ୍ତନ ସମୟରେ ସାମୁଦ୍ରିକ ବାତ୍ୟା ଓ ଘୂର୍ଣ୍ଣିଝଡ ଅଧିକ ହୋଇଥାଏ ।

ଅଧିକାଂଶ ବାତ୍ୟା ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବାରୁ ପୂର୍ବ ଉପକୂଳରେ ଥିବା ରାଜ୍ୟଗୁଡିକ ଅଧିକ କ୍ଷତିଗ୍ରସ୍ତ ହୋଇଥାନ୍ତି । ପୂର୍ବ ଉପକୂଳର ରାଜ୍ୟମାନଙ୍କ ମଧ୍ୟରୁ ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ବାତ୍ୟା ସହିତ ବେଶ ପରିଚିତ । 'ଇଣ୍ଟିଗ୍ରେଟେଡ କୋଷ୍ଟାଲ ଜୋନ ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ' ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ଓଡିଶା ଉପକୂଳରେ ୧୦ ଶତକଡା ଅଂଶ ସମୁଦ୍ର ଅବକ୍ଷୟ ଦୃଷ୍ଟିରୁ ସର୍ବାଧିକ ବିପଦରେ ରହିଛି । ବଙ୍ଗୋପସାଗରରୁ ସୃଷ୍ଟ ଲଘୁଚାପ ବହୁ ସମୟରେ ଘନୀଭୂତ ହୋଇ ଅବପାତ କିମ୍ବା ବାତ୍ୟାର ରୂପ ନିଏ । ସମଗ୍ର ଦେଶରେ ଓଡ଼ିଶା ହେଉଛି ଜଳବାୟୁ ପରିବର୍ତ୍ତନ ଦ୍ୱାରା ସର୍ବାଧିକ ପ୍ରଭାବିତ ରାଜ୍ୟ । ଭାରତର ପୂର୍ବାଞ୍ଚଳ ଜଳବାୟୁ ଦୃଷ୍ଟିରୁ ଓଡ଼ିଶା ଏକ ସ୍ପର୍ଶକାତର ଅଞ୍ଚଳ । କାରଣ ବଙ୍ଗୋସାଗର ତଟବର୍ତ୍ତୀ ଓଡ଼ିଶାରେ ରହିଛି ୪୮୦ କିଲୋମିଟର ପରିବ୍ୟାପ୍ତ ସମୁଦ୍ର ବେଳାଭୂମି ।

ବର୍ଷକୁ ଏଠାରେ ଦୁଇରୁ ତିନିଟି ଲଘୁଚାପ ଓ ଝଡବାତ୍ୟା ସୃଷ୍ଟି ହୁଏ । ଅଧିକାଂଶ ଝଡବାତ୍ୟା ଓଡ଼ିଶା ଉପକୂଳ ଦେଇ ସ୍ଥଳଭାଗ ସ୍ପର୍ଶ କରେ । ତେଣୁ ଓଡ଼ିଶା ଉପକୂଳରେ ଥିବା ୬ଟି ଜିଲ୍ଲା ବିଶେଷ କ୍ଷତିଗ୍ରସ୍ତ ହୁଏ । ୨୦୧୫ ମସିହାରେ ଦେଶର ବାତ୍ୟାଞ୍ଚଳ ସମ୍ପର୍କରେ ଆର୍ଥ ସିଷ୍ଟମ ସାଇନ୍ସ ଅର୍ଗାନାଇଜେସନ (ଇସୋ) ପକ୍ଷରୁ ଏକ ସର୍ଭେ କରାଯାଇଥିଲା । ଏଥିରୁ ମିଳିଥିବା ସୂଚନା ଅନୁସାରେ ଦେଶର ୭୨ଟି ଉପକୂଳବର୍ତ୍ତୀ ଜିଲ୍ଲା ସମେତ ମୋଟ ୯୬ଟି ଜିଲ୍ଲା ସବୁଠାରୁ ଅଧିକ ବାତ୍ୟାପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି । ସେଥିରେ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ ଜଗତସିଂପୁର ଜିଲ୍ଲା ରହିଛି । ବଦଳୁଥିବା ପାଣିପାଗ ପାଇଁ ସମୁଦ୍ର ଉପକୂଳ ଓଡ଼ିଶା ପ୍ରତି ବିପଦର କାରଣ ସାଜିଛି । ଉପକୂଳ ସୁରକ୍ଷା ଲାଗି ପ୍ରାକୃତିକ ବିପର୍ଯ୍ୟୟରୋଧି ଭିତ୍ତିଭୂମି ପ୍ରସ୍ତୁତିର ଆବଶ୍ୟକତା ରହିଛି ।

ଓଡ଼ିଶାରେ ଯେତିକି ବେଳାଭୂମି ରହିଛି, ସେଥିରୁ ୧୪୦ କିମି ଅଞ୍ଚଳରେ ସମୁଦ୍ର ବେଶୀ କୂଳ ଖାଉଛି । ଏଥିରୁ ୫୫କିମି ଉପକୂଳ ଅଧିକ ବିପଦରେ ଅଛି । ଉପକୂଳର ସୁରକ୍ଷା କବଚ କୁହାଯାଉଥିବା ବିସ୍ତୃତ ହେନ୍ତାଳ ବଣ, ଝାଉଁ ଜଙ୍ଗଲର ପୁନରୁଦ୍ଧାର ଓ ସୁଉଚ୍ଚ ଲୁଣା ବନ୍ଧ ନିର୍ମାଣ ହିଁ ବାତ୍ୟାକୁ କେତେକାଂଶରେ ପ୍ରତିହତ କରିପାରିବ । ଆଗୁଆ ସତର୍କ ସୂଚନା, ସଚେତନତା ଓ ପଦକ୍ଷେପ ହିଁ ବିପର୍ଯ୍ୟୟ କ୍ଷୟକ୍ଷତିକୁ ଅନେକ ପରିମାଣରେ କମାଇ ପାରିବ । କେବଳ ସରକାର ପ୍ରଶାସନ ନୁହେଁ ବିପର୍ଯ୍ୟୟ ସମୟରେ ନିଜ ସୁରକ୍ଷା ସହ ବିପନ୍ନ ବ୍ୟକ୍ତିଙ୍କୁ ସହାୟତା ପାଇଁ ଆମ ସମସ୍ତଙ୍କୁ ଅଣ୍ଟା ଭିଡିବାକୁ ହେବ ।


**ଭୁବନ,ଢେଙ୍କାନାଳ**
**ମୋ–୯୪୩୭୭୨୯୩୮୪**


# ମା'ଲକ୍ଷ୍ମୀଙ୍କର ଆଠ ସ୍ୱରୂପ




ପ୍ରଫେସର ଡାକ୍ତର
ଉମେଶ ଚନ୍ଦ୍ର ପାତ୍ର


ସୌନ୍ଦର୍ଯ୍ୟ, ଧନ ଓ ଉତ୍ପାଦନର ଦେବୀ ଲକ୍ଷ୍ମୀଙ୍କର ଅନେକ ରୂପ ଅଛି । ଯେମିତି ମା'ଦୁର୍ଗାଙ୍କର ନ'ଟି ରୂପ, ସେମିତି ମା'ଲକ୍ଷ୍ମୀଙ୍କର ଆଠଟି ରୂପ । ସେମାନଙ୍କୁ 'ଅଷ୍ଟଲକ୍ଷ୍ମୀ' କୁହାଯାଏ । ପୁରାଣରେ ବର୍ଣ୍ଣନା ଅଛି ମା'ଲକ୍ଷ୍ମୀ ପ୍ରଦାନ କରୁଥିବା ଧନ ୧୬ ପ୍ରକାରର । ଏହି ଷୋଡ଼ଶ ଧନ ହେଉଛି – ଜ୍ଞାନ, ବୁଦ୍ଧିମତା, ଶକ୍ତି, ବୀରତ୍ୱ, ସୌନ୍ଦର୍ଯ୍ୟ, ପରାକ୍ରମ, ଖ୍ୟାତି, ଅଭିଳାଷା, ନୈତିକତା, ସ୍ୱର୍ଣ୍ଣ, ଶସ୍ୟ, ଖୁସି, ପରମାନନ୍ଦ, ସ୍ୱାସ୍ଥ୍ୟ, ଆୟୁଷ ଓ ପରାକ୍ରମୀ ସନ୍ତାନ । ଲକ୍ଷ୍ମୀଙ୍କର ଅଷ୍ଟସ୍ୱରୂପ ମନୁଷ୍ୟ ନିମନ୍ତେ ଆବଶ୍ୟକ ଏହି ଷୋଡ଼ଶ ଧନର ଆବଶ୍ୟକତା ପୂରଣ କରନ୍ତି । ମା'ଲକ୍ଷ୍ମୀଙ୍କର ଏହି ଆଠ ରୂପ ହେଉଛି – ଆଦି ଲକ୍ଷ୍ମୀ ବା ମହାଲକ୍ଷ୍ମୀ, ଧନ ଲକ୍ଷ୍ମୀ ବା ଐଶ୍ୱର୍ଯ୍ୟ ଲକ୍ଷ୍ମୀ, ଧାନ୍ୟ ଲକ୍ଷ୍ମୀ, ଗଜ ଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ବୀରଲକ୍ଷ୍ମୀ ବା ଧୈର୍ଯ୍ୟ ଲକ୍ଷ୍ମୀ, ବିଦ୍ୟା ଲକ୍ଷ୍ମୀ, ବିଜୟଲକ୍ଷ୍ମୀ ବା ଜୟଲକ୍ଷ୍ମୀ ।

*ଆଦି ଲକ୍ଷ୍ମୀ :* ଆଦି ଲକ୍ଷ୍ମୀ ଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ । ସେ ମହର୍ଷି ଭୃଗୁଙ୍କ ଝିଅ ଓ ପ୍ରଭୁ ନାରାୟଣଙ୍କ ପତ୍ନୀ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ନାରାୟଣଙ୍କ ସହ ବୈକୁଣ୍ଠରେ ରୁହନ୍ତି । ସେ ନାରାୟଣଙ୍କ ତାଙ୍କୁ ଆଦର କରିବା ଦର୍ଶାଏ ଏ ଜଗତ ତାଙ୍କର ସେବାରେ ତତ୍ପର । ଆଦିଲକ୍ଷ୍ମୀଙ୍କର ଚାରୋଟି ହାତ । ଗୋଟିଏ ହାତରେ ପଦ୍ମପୁଷ୍ପ ଓ ଅନ୍ୟ ହାତରେ ପତାକା ଧରିଥାନ୍ତି । ଗୋଟିଏ ହାତ ଅଭୟ ମୁଦ୍ରାରେ ଥିବାବେଳେ ଅନ୍ୟ ହାତ ବରଦ ମୁଦ୍ରାରେ ଥାଏ । ତାଙ୍କୁ ଆନନ୍ଦ ପ୍ରଦାନକାରିଣୀ ରମା ବୋଲି କୁହାଯାଏ ।

*ଧନଲକ୍ଷ୍ମୀ :* ଧନ ଅର୍ଥ ସୁନା ବା ଅର୍ଥ ଭାବରେ ବୈଭବ । ଆଧ୍ୟାତ୍ମିକ ଅର୍ଥରେ ଏହା ବଳ, ଇଚ୍ଛାଶକ୍ତି, ପ୍ରତିଭା, ବୀରତ୍ୱ ଓ ଚରିତ୍ରକୁ ବୁଝାଏ । ଧନଲକ୍ଷ୍ମୀ ମନୁଷ୍ୟ ଜଗତର ଏହି କ୍ଷେତ୍ରକୁ ପ୍ରତିନିଧିତ୍ୱ କରନ୍ତି ।

ଧାନ୍ୟ ଲକ୍ଷ୍ମୀ : ଲକ୍ଷ୍ମୀଙ୍କର ତୃତୀୟ ସ୍ୱରୂପ ଖାଦ୍ୟଶସ୍ୟର ଦେବୀ ଧାନ୍ୟ ଲକ୍ଷ୍ମୀ । ଶରୀର ଓ ମନର ପୋଷଣ ଆବଶ୍ୟକତା ପରିପୂର୍ଣ୍ଣ କରନ୍ତି ଏହି ଲକ୍ଷ୍ମୀ । ସେ ମନୁଷ୍ୟକୁ କୃଷିଜାତ ଧନ ସହ ଶରୀରର ସମସ୍ତ ଆବଶ୍ୟକତା ପୂରଣ ପାଇଁ ପୋଷଣ ପ୍ରଦାନ କରନ୍ତି ।

*ଗଜଲକ୍ଷ୍ମୀ :* ହିନ୍ଦୁ ପୁରାଣ ଅନୁଯାୟୀ କ୍ଷୀର ସମୁଦ୍ର ମନ୍ଥନରୁ ଲକ୍ଷ୍ମୀ ଏହି ସ୍ୱରୂପରେ ଉଦ୍ଭବ ହୋଇଥିଲେ । ସେ ଜଳର ଈଶ୍ୱର ବରୁଣଙ୍କ ପୁତ୍ରୀ । ସମୁଦ୍ର ଗର୍ଭରେ ବିଭିନ୍ନ ହୋଇଯାଇଥିବା ଇନ୍ଦ୍ରଙ୍କର ସମ୍ପତ୍ତି ସବୁକୁ ଗଜଲକ୍ଷ୍ମୀ ପୁଣି ତାଙ୍କୁ ଫେରାଇ ଦେଇଥିଲେ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ଧନ, ସମୃଦ୍ଧି, ସୁଖ ପ୍ରାଚୁର୍ଯ୍ୟ ଓ ରାଜକୀୟତାର ପ୍ରଦାୟିନୀ ତଥା ସୁରକ୍ଷାକାରିଣୀ ।

*ସନ୍ତାନ ଲକ୍ଷ୍ମୀ :* ମା' ଲକ୍ଷ୍ମୀଙ୍କର ଏହି ପଞ୍ଚମ ସ୍ୱରୂପ ପାରିବାରିକ ଜୀବନର ଧନ ସନ୍ତାନର ଦେବୀ । ତାଙ୍କ ଦୟାରେ ଦମ୍ପତି ସ୍ୱାସ୍ଥ୍ୟବାନ, ଦୀର୍ଘାୟୁ ସୁସନ୍ତାନ ପ୍ରାପ୍ତ ହୁଅନ୍ତି । ଏହି ଲକ୍ଷ୍ମୀ ଷଡ଼ଭୂଜା । ଦୁଇ ହାତରେ କଳସ ଧାରଣ କରିଥାନ୍ତି । ଗୋଟିଏ ହାତରେ ଖଡ୍‌ଗ ଓ ଅନ୍ୟଟିରେ ଢ଼ାଲଥାଏ । ଶେଷ ଦୁଇହାତ ଅଭୟ ଓ ବରଦ ମୁଦ୍ରାରେ ଥାନ୍ତି । ତାଙ୍କ କୋଳରେ ଶିଶୁଟିଏ ଥାଏ । ଶିଶୁଟି ମଧ୍ୟ ପଦ୍ମଫୁଲ ଧରିଥାଏ ।

*ବୀରଲକ୍ଷ୍ମୀ :* ଲକ୍ଷ୍ମୀଙ୍କର ଏହି ଷଷ୍ଠ ସ୍ୱରୂପ ସାହାସ, ଶକ୍ତି, କ୍ଷମତା ପ୍ରଦାନକାରିଣୀ । ଯୁଦ୍ଧରେ ବା ଜୀବନ ଯୁଦ୍ଧରେ ଆସୁଥିବା ବିପଦ ଓ ପ୍ରତିବନ୍ଧକକୁ ଅତିକ୍ରମ କରିବା ନିମନ୍ତେ ବଳ ପରାକ୍ରମ ଲାଭ ନିମନ୍ତେ ବୀରଲକ୍ଷ୍ମୀଙ୍କୁ ପୂଜା କରାଯାଏ । ଜୀବନରେ ସ୍ଥିରତା ପାଇଁ ମଧ୍ୟ ତାଙ୍କୁ ଆରାଧନା କରାଯାଏ । ବୀରଲକ୍ଷ୍ମୀ ଅଷ୍ଟଭୂଜା ବିଶିଷ୍ଟ । ସେ ଲାଲ ରଙ୍ଗର ବସ୍ତ୍ର ପରିଧାନ କରନ୍ତି । ତାଙ୍କ ହାତରେ ଚକ୍ର ଶଙ୍ଖ, ଧନୁତୀର, ତ୍ରିଶୂଳ ବା ଖଡ଼ଗ, ସ୍ୱର୍ଣ୍ଣଖଣ୍ଡ ବା ପୁସ୍ତକ ଶୋଭାପାଏ ।

*ବିଦ୍ୟାଲକ୍ଷ୍ମୀ :* ବିଦ୍ୟାର ଅର୍ଥ ଜ୍ଞାନ ଓ ଶିକ୍ଷା, ଏହା କେବଳ କଲେଜ ଓ ୟୁନିଭର୍ସିଟିର ସାର୍ଟିଫିକେଟ ନୁହେଁ ବରଂ ବାସ୍ତବିକ ଜ୍ଞାନ । ତେଣୁ ଲକ୍ଷ୍ମୀଙ୍କର ଏହି ସ୍ୱରୂପ କଳା ଓ ବିଜ୍ଞାନର ଜ୍ଞାନ ଦାନ କରନ୍ତି । ଜ୍ଞାନର ଦେବୀ ସରସ୍ୱତୀଙ୍କ ପରି ବିଦ୍ୟାଲକ୍ଷ୍ମୀ ଶୁଭ୍ରବସନା, ପଦ୍ମାସନା, ଚାରିଭୁଜା ଧାରିଣୀ । ତାଙ୍କର ଦୁଇଟି ହାତରେ ପଦ୍ମଫୁଲ ଶୋଭାପାଏ । ଅନ୍ୟ ଦୁଇ ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ ।

*ବିଜୟ ଲକ୍ଷ୍ମୀ :* ବିଜୟ ଅର୍ଥ ଜୟ କରିବା । ତେଣୁ ଏହି ସ୍ୱରୂପା ଲକ୍ଷ୍ମୀ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିଜୟର ପ୍ରତୀକ । କେବଳ ଯୁଦ୍ଧ ନୁହେଁ ପ୍ରତ୍ୟେକ ସଂଘର୍ଷ ଓ ଜୀବନ ଯୁଦ୍ଧରେ ବିଜୟରେ ପ୍ରତୀକ ବିଜୟ ଲକ୍ଷ୍ମୀ । ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ଜୟ କରିବା ପାଇଁ ବିଜୟଲକ୍ଷ୍ମୀଙ୍କ ଆରାଧନା କରାଯାଏ । ଦେବୀଙ୍କ ଏହି ସ୍ୱରୂପ ଅଷ୍ଟଭୂଜା ଧାରିଣୀ ।

ପରମ ପୁରୁଷ ଯୁଗାବତାର ଭଗବାନ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ପ୍ରସଙ୍ଗରେ କହିଛନ୍ତି – ମହାମାୟା ଦୁର୍ଗା ଦେବୀଙ୍କର ଦକ୍ଷିଣ ପାର୍ଶ୍ୱରେ ଲକ୍ଷ୍ମୀ ଦେବୀଙ୍କ ଅଧିଷ୍ଠାନ । ମା'ଦୁର୍ଗାଙ୍କର ଦୁଇ ଖ୍ୟାତନାମା କନ୍ୟା ଲକ୍ଷ୍ମୀ ଏବଂ ସରସ୍ୱତୀ । କଥାରେ ଅଛି ରୂପେ ଲକ୍ଷ୍ମୀ ଓ ଗୁଣେ ସରସ୍ୱତୀ । ମହାମାୟା ଦୁର୍ଗାଙ୍କର ପୂଜାରେ ତାଙ୍କ ଏହି ଦୁଇକନ୍ୟାଙ୍କର ମଧ୍ୟ ପୂଜା ହୁଏ । ତାହାଛଡ଼ା ପୃଥକ୍ ଭାବେ ବିଶେଷ ତିଥିରେ ଲକ୍ଷ୍ମୀ ଓ ସରସ୍ୱତୀଙ୍କର ପୂଜା ଅନୁଷ୍ଠିତ ହୋଇଥାଏ । ମା'ଲକ୍ଷ୍ମୀ ଧନଧାନ୍ୟ ଓ ସମ୍ପଦର ଅଧିଷ୍ଠାତ୍ରୀ ଦେବୀ । ଓଡ଼ିଶାର ଘରେ ଘରେ ମହା ଆଡ଼ମ୍ବରରେ ତାଙ୍କର ଆରାଧନା ହୁଏ । ପୂଜା ଶେଷରେ ଗୃହିଣୀ ମା'ଲକ୍ଷ୍ମୀଙ୍କ ପାଖରେ ଅଭ୍ୟୁଦୟ, ସମ୍ପଦ ଓ ଶ୍ରୀ ପ୍ରାର୍ଥନା କରନ୍ତି । ମା'ଲକ୍ଷ୍ମୀଙ୍କର କୃପାଲାଭ ନିମିତ୍ତ ପ୍ରତି ଘରେ ଘରେ ମାଆମାନେ ପ୍ରତି ଗୁରୁବାର ଲକ୍ଷ୍ମୀଙ୍କର ବ୍ରତ ପାଳନ କରନ୍ତି ।

ବ୍ୟକ୍ତିଗତ ବା ପାରିବାରିକ ଜୀବନରେ ସମସ୍ତେ ବିଭବ, ଉନ୍ନତି ଓ ସୌନ୍ଦର୍ଯ୍ୟ କାମନା କରନ୍ତି । ଆଉ ମା'ଲକ୍ଷ୍ମୀ ହେଉଛନ୍ତି ଏ ସବୁର ଅଧିଷ୍ଠାତ୍ରୀ ଦେବୀ । ପରମ ପ୍ରେମମୟ ଭଗବାନ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କୌଣସି ଦେବତାଙ୍କୁ କେବଳ ମନ୍ଦିରର ପ୍ରତିମା ହିସାବରେ ଦେଖନ୍ତି ନାହିଁ । ଦେବ ବା ଦେବୀଙ୍କର ଭାବମୂର୍ତ୍ତିକୁ ଆତ୍ମମାନଙ୍କ ଭିତରେ ଜୀବନ୍ତ କରି ଉଠାଇବା ପାଇଁ ଯୁଗାବତାର ଶ୍ରୀଶ୍ରୀଠାକୁର ଗୁରୁତ୍ୱ ପ୍ରଦାନ କରିଛନ୍ତି । ସେ କହିଛନ୍ତି – ମହାଲକ୍ଷ୍ମୀଙ୍କୁ ପୂଜା କରିବା ଅର୍ଥ ତାଙ୍କର ଇଛା ବୁଝି ଓ ଜାଣି ସେହି ପ୍ରକାର ଚଳିବା ଯାହାଫଳରେ ମହାଲକ୍ଷ୍ମୀ ପ୍ରୀତ ହୁଅନ୍ତି । ମହାଲକ୍ଷ୍ମୀ ଯେଭଳି ଧନଧାନ୍ୟର ଅଧିଷ୍ଠାତ୍ରୀ, ସେହିଭଳି ସୌନ୍ଦର୍ଯ୍ୟର ମଧ୍ୟ ଦେବୀ ।

ଯୁଗାବତାର ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ମହାଲକ୍ଷ୍ମୀଙ୍କର ବୀଜମନ୍ତ୍ରୀ ହେଉଛି– ଶ୍ରୀଂ ଅର୍ଥାତ୍ ମହାଲକ୍ଷ୍ମୀ ଶ୍ରୀ–ସ୍ୱରୂପିଣୀ। ଯେଉଁ ଗୃହରେ ଅନାଚାର, କଦାଚାର ଓ ବ୍ୟଭିଚାର ଘଟେ ସେଠାରେ ମହାଲକ୍ଷ୍ମୀ ଅନ୍ତର୍ହିତ ହୁଅନ୍ତି । ହୀନସ୍ୱାର୍ଥପରତା, ଅର୍ଥଲୋଭ, କଳହ, ଖିଟିମିଟିଆ ସ୍ୱଭାବ, ଅସହିଷ୍ଣୁତା, ହିଂସା,



ସ୍ୱେଚ୍ଛାଚାରୀ ଚଳନ, ଗୁରୁଜନମାନଙ୍କୁ ଅଶ୍ରଦ୍ଧା, ଅହଂମତ୍ତତା, ଅନ୍ୟକୁ ଦବାଇବାର ବୁଦ୍ଧି, ଅଭିମାନ ଓ ଆଧିପତ୍ୟ ଯେଉଁଠାରେ ଦେଖାଯାଏ ସେଠାରେ ମହାଲକ୍ଷ୍ମୀ ହଜି ଯାଆନ୍ତି । ଏହି ପ୍ରସଙ୍ଗରେ ଦୟାଲ ଠାକୁର କହିଛନ୍ତି ମା'ମାନଙ୍କର ଲକ୍ଷ୍ମୀ ପୂଜା କରିବା ଅର୍ଥ ବ୍ୟକ୍ତିଗତ ଭାବେ ସେମାନେ ଜଣେ ଜଣେ ଲକ୍ଷ୍ମୀ ହୋଇ ଉଠିବେ । ଲକ୍ଷ୍ମୀ ଆସିଛି 'ଲକ୍ଷ' ଧାତୁ ଠାରୁ – ଅର୍ଥ ଅଙ୍କନ, ଚିହ୍ନିତକରଣ, ଜ୍ଞାନ, ଦର୍ଶନ ଓ ଆଲୋଚନା। ଏହାର ଅର୍ଥ– ଯିଏ ଦେଖନ୍ତି, ଆଲୋଚନା କରନ୍ତି, ଗୁଣାଗୁଣ ବିଚାର କରନ୍ତି, ଯେଉଁଠାରେ ଯେଭଳି ଭାବେ ପ୍ରୟୋଜନ, ତାହାକୁ ଚିହ୍ନିତ କରନ୍ତି – ଏହା ହିଁ ଲକ୍ଷ୍ମୀ ସ୍ୱଭାବ । ନାରାୟଣଙ୍କ ସହିତ ମହାଲକ୍ଷ୍ମୀ ଅବିଚ୍ଛେଦ୍ୟଭାବେ ବୈକୁଣ୍ଠରେ ଅବସ୍ଥାନ କରନ୍ତି । ତେଣୁ ଲକ୍ଷ୍ମୀ ପୂଜା ସମୟରେ ନାରାୟଣଙ୍କର ପୂଜା ଅବଶ୍ୟ କର୍ତ୍ତବ୍ୟ। ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ଜଗତବାସୀଙ୍କ ପାଖରେ ମହାଲକ୍ଷ୍ମୀଙ୍କର ଏହି ଚରିତ୍ର ଓ ଆଦର୍ଶକୁ ତୋଳି ଧରିଛନ୍ତି । ଯେଉଁମାନେ ଅର୍ଥ ଉପାର୍ଜ୍ଜନ କରିବାକୁ ଚାହାଁନ୍ତି ସେମାନଙ୍କୁ ନାରାୟଣଙ୍କୁ ସେବା କରିବାକୁ ହେବ । ନାରାୟଣ ସେବା ଅର୍ଥ ମନୁଷ୍ୟମାନଙ୍କ ସହିତ ପ୍ରୀତିପୂର୍ଣ୍ଣ ବ୍ୟବହାର ଓ ସତ୍‌ମୁଖୀ ଚଳନ । ବିଶ୍ୱସତ୍ତାର ଦୁଇଟି ସମ ବିପରୀତ ସତ୍ତା – ଲକ୍ଷ୍ମୀ ଓ ନାରାୟଣ । କଥିତ ଅଛି ଅନନ୍ତ ଶଯ୍ୟାରେ ଶାୟିତ ନାରାୟଣ ଓ ଲକ୍ଷ୍ମୀ ତାଙ୍କ ପଦ ସେବାରେ ରତ । ପଦ ଅର୍ଥ ଚରଣ ବା ଚଳନ । ନାରାୟଣଙ୍କ ନାଭି ପଦ୍ମରୁ ଜାତ ବ୍ରହ୍ମା, ସେ ସୃଷ୍ଟିକର୍ତ୍ତା । ବ୍ରହ୍ମା ଅର୍ଥ ଯାହାଙ୍କର ବୃଦ୍ଧି ଓ ଦିପ୍ତୀ ଅପରିମିତ । ସୃଷ୍ଟିର ପ୍ରଥମ ପ୍ରକାଶ ବ୍ରହ୍ମାଙ୍କ ଭିତରେ । ସମୁଦ୍ର ମନ୍ଥନରୁ ଲକ୍ଷ୍ମୀ ଲାଭ ହୁଏ, ଆଉ ଏହି ସଂସାର ସମୁଦ୍ର ମନ୍ଥନରେ ଅନବଦ୍ୟ ଚେଷ୍ଟା ଓ ନିରଳସ ପରିଶ୍ରମରେ ସୌଭାଗ୍ୟ ଲକ୍ଷ୍ମୀ ବାନ୍ଧି ରୁହନ୍ତି। ମହାଲକ୍ଷ୍ମୀଙ୍କ ବାହନ ହେଉଛି ପେଚା । ଯାହାକି, ନିଶାଚର, ମାଂସାଶୀ ଓ ହିଂସ୍ର। ଏହି ପେଚକ ଚରିତ୍ରର ମନୁଷ୍ୟଙ୍କୁ ମହାଲକ୍ଷ୍ମୀ ତାଙ୍କର ବାହନ କରିଛନ୍ତି ଅର୍ଥ ନିଜ ପାଖରେ ରଖି ତାଙ୍କର ସ୍ୱଭାବ ସଂଶୋଧନ ନିମିତ୍ତ ଚେଷ୍ଟା କରନ୍ତି । ଏହି ତାତ୍ପର୍ଯ୍ୟ ଓ ଲକ୍ଷ୍ମୀପୂଜା ଉଦ୍ଦେଶ୍ୟ ସମ୍ବନ୍ଧରେ ମନୁଷ୍ୟ ଜାତିକୁ ସଚେତନ କରି ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ଟଙ୍କାର ଯତ୍ନ କର ବା ନ କର, ମନୁଷ୍ୟର ଯତ୍ନ କର, ଲକ୍ଷ୍ମୀ କେଶବ ରହିବେ ବନ୍ଧା, ବିଭବରେ ତୁମେ ରହିବ ଅଟଳ ।


**ସହ ପ୍ରତିରକ୍ତିକ ଓ ପ୍ରଫେସର,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋ–୯୪୩୭୦୫୧୯୫୭**



ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com



**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି...

ସୁଦ୍ଧା ଭୀଷଣ ବାତ୍ୟାରେ ଭଦ୍ରକରୁ କେନ୍ଦ୍ରାପଡ଼ାରେ ସିଧା ମାଡ଼ ହେବ । ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୨୦ କିମି ରହିବ । ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବଡ଼ ବଡ଼ ଜୁଆର ମାଡ଼ି ଆସିବାର ସମ୍ଭାବନା ରହିଛି ।

ବାତ୍ୟା ପ୍ରଭାବରେ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିମି ରହିବ । ସେହିପରି ମୟୂରଭଞ୍ଜରେ ପବନର ବେଗ ଘଣ୍ଟାପ୍ରତି ୮୦-୯୦ କିମି, ପୁରୀରେ ୬୦-୮୦ କିମି, କଟକ, ଯାଜପୁର, ଖୋର୍ଦ୍ଧା, ଭୁବନେଶ୍ୱର, ଢେଙ୍କାନାଳ ଓ କେନ୍ଦୁଝରରେ ୬୦-୭୦ କିମି, ସୁନ୍ଦରଗଡ଼, ଦକ୍ଷିଣ ଝାଡ଼ଖଣ୍ଡରେ ୫୦-୬୦ ଏବଂ ଅନୁଗୁଳ, ଗଞ୍ଜାମ, ନୟାଗଡ଼, ବୌଦ୍ଧ, ସମ୍ବଲପୁର ଓ ଦେବଗଡ଼ରେ ପବନର ବେଗ ଘଣ୍ଟାପ୍ରତି ୪୦-୫୦ କିମି ରହିବାର ସମ୍ଭାବନା ରହିଛି ।

୨୫ ତାରିଖ ଯାଏ ସମୁଦ୍ର ଅଶାନ୍ତ ରହିବ । ୨୬ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି । ଓଡ଼ିଶା ଉପକୂଳରେ ୨୩ ତାରିଖରୁ ବର୍ଷା ଆରମ୍ଭ ହୋଇପାରେ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହେବା ସହିତ ପ୍ରବଳ ବର୍ଷା ହୋଇପାରେ । କିନ୍ତୁ ୨୪ ଓ ୨୫ ତାରିଖରେ ସବୁଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି । ବିଶେଷ କରି ଉତ୍ତର ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଅତି ଭୀଷଣ ବର୍ଷା ହୋଇପାରେ ।

ପୁରୀ, ଖୋର୍ଦ୍ଧା (ଭୁବନେଶ୍ୱର ସମେତ), ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାଗୁଡ଼ିକ ପାଇଁ ବିଶେଷ ଭାବେ ସୂଚନା ଦିଆଯାଇଛି । ଏହି ଜିଲ୍ଲାଗୁଡ଼ିକରେ ୨୪ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ମୟୂରଭଞ୍ଜ, କଟକ, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଏସବୁ ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି ହୋଇଛି ।

## ୬ ଜିଲ୍ଲାକୁ...

ପ୍ରସ୍ତୁତ କରାଯାଇଛି । ସମ୍ବେଦନଶୀଳ ଜିଲ୍ଲାଗୁଡ଼ିକରେ ୫୧ଟି ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି ।

୧୭୮ଟି ଅଗ୍ନିଶମ ସେବା ଟିମ୍ ନିୟୋଜିତ ହୋଇଥିବା ବେଳେ ୪୦ଟି ଅଗ୍ନିଶମ ସେବା ଟିମ୍ ସମ୍ବେଦନଶୀଳ ସ୍ଥାନରେ ନିୟୋଜିତ ହୋଇଛନ୍ତି । ୨୦ଟି ଏନଡିଆରଏଫ ଟିମ୍ ମୁତୟନ କରାଯାଇଛି (୧୯ ଜଣ ନିୟୋଜିତ, ୧ଟି ରିଜର୍ଭ) ରହିଛି । ଭଟିଣ୍ଡାରୁ ୫ଟି ଏନଡିଆରଏଫ ଟିମ୍ ହେଲିକପ୍ଟର ଯୋଗେ ଆଜି ରାତି ୧୦ଟା ସୁଦ୍ଧା ଭୁବନେଶ୍ୱରରେ ପହଞ୍ଚିବ । ଜିଲ୍ଲାପାଳମାନେ ନିୟୋଜିତ ଏନଡିଆରଏଫ ଟିମ୍ ପାଇଁ ରହିବାର ବ୍ୟବସ୍ଥା କରିବେ ।

ସମ୍ବେଦନଶୀଳ ଲୋକଙ୍କୁ ଆଶ୍ରୟ ଦେବା ପାଇଁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ/ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଏବଂ ଅନ୍ୟାନ୍ୟ ସୁରକ୍ଷିତ କୋଠା ଘର ଚିହ୍ନଟ କରାଯାଇଛି । ଲୋକଙ୍କୁ ଏଭଳି ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ଖାଦ୍ୟ, ପାନୀୟ ଜଳ, ଆଲୋକ, ପରିମଳ ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି ।

ବାତ୍ୟା ପରେ ରାସ୍ତା ଓ ଯାତାୟାତ ବ୍ୟବସ୍ଥାକୁ ସଫା କରିବା ପାଇଁ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଆବଶ୍ୟକ ଆଗୁଆ ବ୍ୟବସ୍ଥା କରାଯାଇଛି । ଓଡ଼ିଶା ଉପକୂଳରେ ଚଳାଚଳ କରୁଥିବା ସମସ୍ତ ମାଛଧରା ଡଙ୍ଗାକୁ ୨୨.୧୦.୨୦୨୪ ପୂର୍ବାହ୍ନ ୧୧ଟା ସୁଦ୍ଧା ସୁରକ୍ଷିତ ଭାବେ ଫେରାଇ ଅଣାଯାଇଛି ଏବଂ ୨୬.୧୦.୨୦୨୪ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ମାଛଧରା ଡଙ୍ଗା ସମୁଦ୍ର ଭିତରକୁ ଯିବ ନାହିଁ ବୋଲି ସୁନିଶ୍ଚିତ କରାଯାଇଛି ।

ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା ଗୋଟିଏ ହେଲିକପ୍ଟର ଯୋଗାଇ ଦେବାକୁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି । ସମ୍ଭାବ୍ୟ ବାତ୍ୟାକୁ ଆଖି ଆଗରେ ରଖି ୧୪ଟି ଜିଲ୍ଲାର ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଏବଂ ଅଙ୍ଗନବାଡି କେନ୍ଦ୍ର ଅକ୍ଟୋବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ।

ସର୍ଚ୍ଚ ଆଣ୍ଡ ରେସ୍କ୍ୟୁ ଅପରେସନର ସାମଗ୍ରିକ ତଦାରଖ ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ହାଇ ଆଲର୍ଟରେ ଜିଲ୍ଲାଗୁଡ଼ିକରେ ନିୟୋଜିତ କରାଯାଇଛି । ତିନି ବନ୍ଦର କର୍ତ୍ତୃପକ୍ଷ ଗୋପାଳପୁର, ପାରାଦୀପ ଓ ଧାମରାକୁ ସତର୍କତାମୂଳକ ସୂଚନା ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସରକାରଙ୍କ ଗାଇଡଲାଇନ ଅନୁଯାୟୀ ଠିକ୍ ସମୟରେ ସ୍ଥାନାନ୍ତର ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଜିଲ୍ଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ଘରୋଇ ଓ ସରକାରୀ କୋଠାରେ ଓଭରହେଡ୍ ପାଣି ଟାଙ୍କି ଭର୍ତ୍ତି ରଖିବା ପାଇଁ ଅନୁରୋଧ କରାଯାଇଛି ।

ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବିଶେଷ କରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ହୋର୍ଡିଂ ହଟାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ ତରଫରୁ ୬ ହଜାରରୁ ଉର୍ଦ୍ଧ୍ୱ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି । ୩ ହଜାରରୁ ଉର୍ଦ୍ଧ୍ୱ ସମ୍ବେଦନଶୀଳ ସ୍ଥାନମାନଙ୍କରୁ ଜନସାଧାରଣଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ଚିହ୍ନଟ କରାଯାଇଛି । ଆବଶ୍ୟକସ୍ଥଳେ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତରିତ କରାଯିବ ।

୮ ହଜାରରୁ ଉର୍ଦ୍ଧ୍ୱ ଗର୍ଭବତୀ ମହିଳାମାନଙ୍କୁ ନିରାପଦ ପ୍ରସବ ପାଇଁ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ ଚିହ୍ନଟ କରାଯାଇଛି । ୭୦୦ ଶହରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଗ୍ୟାଙ୍ଗମ୍ୟାନମାନଙ୍କୁ ବାତ୍ୟା ପରବର୍ତ୍ତୀ ସମୟରେ ପୁନଃ ବିଦ୍ୟୁତ୍ ସଂଯୋଗୀକରଣ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ପ୍ରସ୍ତୁତ ରଖାଯାଇଛି ।

ବାତ୍ୟା ପରବର୍ତ୍ତୀ ସମୟରେ ଲୋକମାନଙ୍କୁ ଯୋଗାଇ ଦେବା ପାଇଁ ୫ ହଜାର ପ୍ୟାକେଟ୍‌ରୁ ଉର୍ଦ୍ଧ୍ୱ ପଲିଥିନ୍ ମହଜୁଦ୍ ରଖାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରକାଶ କରିଛନ୍ତି । ଏହି ଅବସରରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂହ ଉପସ୍ଥିତ ଥିଲେ ।

ସେହିଭଳି ନଗର ଉନ୍ନୟନ ବିଭାଗ ପକ୍ଷରୁ ୧୧ ବରିଷ୍ଠ ଅଫିସରଙ୍କୁ ବିଭିନ୍ନ ଜିଲ୍ଲା ଦାୟିତ୍ୱ ଦିଆଯିବା ସହ ସବୁ ମହାନଗର ନିଗମ ଓ ପୌରାଞ୍ଚଳ ନିମନ୍ତେ ଏସ୍‌ଓପି ଜାରି କରାଯାଇଛି । ଆଜିଠୁ ସେମାନେ ଆବଣ୍ଟିତ ଜିଲ୍ଲାରେ ଥିବା ସମସ୍ତ ପୌରାଞ୍ଚଳରେ ବାତ୍ୟା ମୁକାବିଲା ଲାଗି ପଦକ୍ଷେପ ନେବେ । ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର, ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ, ଛତୁଆ, ବିସ୍କୁଟ୍ ଓ ଅନ୍ୟାନ୍ୟ ଖାଦ୍ୟ ସହ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ବ୍ୟବସ୍ଥା ସହ ବୃଦ୍ଧ, ଶିଶୁ, ଗର୍ଭବତୀ ମହିଳା ଓ ଭିନ୍ନକ୍ଷମଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସେହିଭଳି ପଞ୍ଚାୟତିରାଜ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମଧ ସମ୍ଭାବ୍ୟ ବାତ୍ୟା ନେଇ ପୂର୍ବ ପ୍ରସ୍ତୁତି କରାଯାଇଛି । ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଶୂନ୍ୟ ମୃତ୍ୟୁ ଲକ୍ଷ୍ୟ ରଖାଯାଇଥିବାବେଳେ ଏଥିପାଇଁ ଆନୁଷଙ୍ଗିକ ପଦକ୍ଷେପ ନେବାକୁ କୁହାଯାଇଛି । ସେହିଭଳି ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟିକୁ ଆସନ୍ତା ୨୩ ରୁ ୨୫ ପର୍ଯ୍ୟନ୍ତ ବାତିଲ କରାଯାଇଛି । ଆବଶ୍ୟକସ୍ଥଳେ ଜିଲ୍ଲା ପ୍ରଶାସନ, ଜିଲ୍ଲାର ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀଙ୍କୁ ବାତ୍ୟା ପରିଚାଳନା କ୍ଷେତ୍ରରେ ନିୟୋଜିତ କରିପାରିବେ । ବାତ୍ୟା ପ୍ରଭାବିତ ହେବାକୁ ଥିବା ୧୪ ଜିଲ୍ଲାରେ କଲେଜ ଓ ବିଶ୍ୱବିଦ୍ୟାଳୟକୁ ବନ୍ଦ କରିଦିଆଯାଇଛି । ୨୫ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି । ଏନେଇ ସମ୍ପୃକ୍ତ ଜିଲ୍ଲାରେ ଥିବା ସମସ୍ତ ସରକାର ଓ ବେସରକାରୀ ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ୍ ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି ।

## ଜେନେରେଟରଗୁଡ଼ିକ...

ପ୍ରସ୍ତୁତ ରଖିବାକୁ) ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବାତ୍ୟାପରବର୍ତ୍ତୀ ସମୟରେ ଆବଶ୍ୟକ ହେଉଥିବା ସ୍ଥାନ ଓ ଅଞ୍ଚଳ ପାଇଁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବା ପାଇଁ ଯଥେଷ୍ଟ ପ୍ରସ୍ତୁତି କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି । ଆବଶ୍ୟକ ଜଳ ସଞ୍ଚୟ ରଖିବା, ବାତ୍ୟା ସମୟରେ ଓ ବାତ୍ୟା ପରବର୍ତ୍ତୀ ସମୟରେ ସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତଜଳର ଉପଯୁକ୍ତ ବ୍ୟବହାର କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି ।

ବୈଠକରେ ଗତ ସେପ୍ଟେମ୍ବର ମାସ ସୁଦ୍ଧା ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ବାବଦରେ କରାଯାଇଥିବା ଖର୍ଚ୍ଚ ସଂପର୍କରେ ଉପସ୍ଥାପନ କରାଯାଇଥିଲା ଏବଂ ବଜେଟ ଅନୁମୋଦନ ମୁତାବକ ଅର୍ଥର ଉପଯୋଗକୁ ତ୍ୱରାନ୍ୱିତ କରିବାକୁ ବୈଠକରେ ପରାମର୍ଶଦିଆଯାଇଛି । ଗତ ବର୍ଷ ତୁଳନାରେ ଚଳିତ ସେପ୍ଟେମ୍ବର ୨୦୨୪ ସୁଦ୍ଧା ରାଜ୍ୟର ନିଜସ୍ୱ ରାଜସ୍ୱ ଆଦାୟ ୧୩.୭୩ ପ୍ରତିଶତ ବୃଦ୍ଧି ଘଟିଥିବା ବୈଠକରୁ ଜଣାଯାଇଛି । ଅନ୍ୟ ସରକାରୀ ଯୋଜନାର ସଫଳ ରୂପାୟନ କ୍ଷେତ୍ରରେଗୁରୁତ୍ୱ ଦେବା ସହିତ ମୁଖ୍ୟ ଶାସନ ସଚିବବିଭିନ୍ନ ପ୍ରସଙ୍ଗରେ ସଚିବମାନଙ୍କ ସହିତ ଆଲୋଚନା କରି ଆବଶ୍ୟକ ପରାମର୍ଶ ଦେଇଥିଲେ ।

## ଭିଡ଼ିଓ...

ଘଟଣାରେ ଲକ୍ଷ୍ମୀସାଗର ଥାନାରେ ଏତଲା କରାଯିବା ସହ ବିଭାଗୀୟ ତଦନ୍ତ ହେଉଛି । ଯେଉଁ କର୍ମଚାରୀ ଏଥିରେ ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୁପରିଟେଣ୍ଡେଣ୍ଟ୍ କହିଛନ୍ତି । ବ୍ରାଉନସୁଗର କାରବାରରେ ଜେଲ୍‌ରେ ଥିବା ଜଣେ ଅଟୋଚାଳକଙ୍କ ସନ୍ଦେହଜନକ ମୃତ୍ୟୁ ହେବା ପରେ ତାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି । ସୁପରିଟେଣ୍ଡେଣ୍ଟ୍‌ଙ୍କ କହିବାନୁଯାୟୀ, ସେ ଜେଲ୍ ଭିତରେ ଥିବା ଡିସ୍‌ପେନ୍‌ସାରିକୁ ଚାଲି ଚାଲି ଆସୁଥିବା ବେଳେ ହୃଦଘାତ ଯୋଗୁ ପଡିଯାଇଥିଲା । ଯାହା ଫଳରେ ତା'ମୁଣ୍ଡରେ ଆଘାତ ଲାଗିଛି । ହେଲେ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ମୃତ୍ୟୁ ରହସ୍ୟ ସ୍ପଷ୍ଟ ହୋଇଯିବ । ସୌମ୍ୟକାନ୍ତଙ୍କ ମାଡ ଘଟଣାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉତ୍ତର ଦେଇ ସୁପରିଟେଣ୍ଡେଣ୍ଟ କହିଛନ୍ତି ଯେ, ତାହା ତଦନ୍ତ ଚାଲିଛି । ଛୁରିବୁଲା ଭିଡିଓ ସମ୍ପର୍କରେ ସେ କହିଛନ୍ତି ଯେ, ତଦନ୍ତ ଶେଷ ହେବା ପରେ ସବୁ ରହସ୍ୟ ଜଣାପଡିବ ଓ ସେହି ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜେଲ୍ କର୍ତ୍ତୃପକ୍ଷ କହିଛନ୍ତି ।

# ବାତ୍ୟା ମୁକାବିଲା ନେଇ ବ୍ଲକସ୍ତରୀୟ ବୈଠକ

ବାସୁଦେବପୁର (ସବ୍ୟୁ) : ବାସୁଦେବପୁର ବ୍ଲକର ଆସନ୍ନ ବାତ୍ୟା ଦାନାକୁ ମୁକାବିଲା କରିବା ପାଇଁ ବ୍ଲକ ସ୍ତରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକ ବ୍ଲକ ସଭା ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସଞ୍ଜୀବ କୁମାର ସାହୁ ସଭାପତିତ୍ୱ କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଅନିଶ ସୁବୁଦ୍ଧି ରାୟ,ଜିପିଓ ଅମୀୟ କୁମାର ନାଥ,ବିଭାଗୀୟ ଅଧିକାରୀ ରାମଜିତ୍ ମାରାଣ୍ଡି,ଅମୀୟ କୁମାର ପାଣିଗ୍ରାହୀ ଯୋଗଦେଇ ବାତ୍ୟା ଦାନକୁ କିପରି ଗୋଷ୍ଠୀ ସ୍ତରରେ ମୁକାବିଲା କରାଯାଇପାରିବ ବିଭିନ୍ନ ବିଭାଗର କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ବାତ୍ୟା ସମୟରେ ବିଭିନ୍ନ ପଂଚାୟତର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସମନ୍ୱୟ ରଖି କିପରି କାର୍ଯ୍ୟ କରିବେ ସେ ସମ୍ପର୍କରେ ଆଲୋଚନା କରି ଦାୟିତ୍ୱ ପ୍ରଦାନ କରିଥିଲେ ।

# ଅବକାରୀ ବିଭାଗ ଜାଣତରେ ଚାଲିଛି କି ନିଶା କାରବାର

ଦାନଗଦି,(ସବ୍ୟୁ): ଯାଜପୁର ଜିଲ୍ଲା ରେ ବାରମ୍ବାର ଅଭିଯୋଗ ହୋଇଛି କି ବେଆଇନ ମଦଦୋକାନ ସାଙ୍ଗକୁ ଧଳା ଜହର ଖୁଲମଖୁଲା ଖାଇବା ସହିତ ବେପାର କରିଆସୁଛନ୍ତି କିଛି ଯୁବପିଢି । ଯାହା ଫଳରେ କଳିଙ୍ଗନଗର ରେ ଥିବା ଏକାଧିକ ଯୁବକ ନିଜର ଜୀବନକୁ ନଷ୍ଟ କରିସାରିଥିବା ବେଳେ ଯାଜପୁର ଜିଲ୍ଲା ରେ ଥିବା ଅବକାରୀ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ।ସମୟ ସମୟରେ କିଛି ମଦ ଓ ଧଳାଜହର ଖାଉଥିବା ଓ ବିକ୍ରୟ କରୁଥିବା ବ୍ୟକ୍ତିଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇ ଦେଇ ସରକାରି କାର୍ଯ୍ୟ ସାରି ଦେଉଥିବା ଦେଖିବାକୁ ମିଳିଛି । ଯାହା ଫଳରେ କଳିଙ୍ଗନଗରରେ ଏକାଧିକ ବେଆଇନ ମଦଦୋକାନ ସାଙ୍ଗକୁ ଧଳା ଜହର ବିକରେ ରୋକ ଲାଗି ପାରୁନାହିଁ ।ସୂଚନା ମୁତାବକ ଆଜି ଡୋଲୀପୁର ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଯାଜପୁରରୋଡ଼ ଥାନା ଅନ୍ତର୍ଗତ ନୂଆଗାଁ ଛକରେ ଜଣେ ଯୁବକଙ୍କୁ ମଟର ସାଇକେଲରେ ବ୍ରାଉନସୁଗାର ନେଇ ଯାଉଥିବା ବେଳେ ଗିରଫ କରିଛନ୍ତି । ନୂଆଗାଁର ଅଜୟ ମଲ୍ଲିକଙ୍କ ପୁଅ ଭବାନୀ ପ୍ରସାଦ ମଲ୍ଲିକ (୨୨) ଏକ ହିରୋ ସ୍ପେଣ୍ଡର ଲାଲ ରଙ୍ଗର ବାଇକରେ ୩୦ ଗ୍ରାମ ବ୍ରାଉନସୁଗାର ନେଇ ଅପରାହ୍ନ ୩ ଟା ସମୟରେ ଯାଉଥିବା ବେଳେ ଡୋଲୀପୁର ଅବକାରୀ ବିଭାଗ ପକ୍ଷରୁ ତାଙ୍କୁ ଗିରଫ କରିଯାଇଛ । କେସ ନମ୍ବର ୧୫୮/୨୪ ରେ କୋର୍ଟ ଚାଲାଣ କରିଛନ୍ତି ।

# ବାତ୍ୟାରେ ଧାନ ଫସଲ ଉଜୁଡ଼ି ଯିବା ନେଇ ଚିନ୍ତାରେ ଚାଷୀ

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ଚଳିତ ବର୍ଷ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ପାଗ ଓ ପରିବେଶର ଅନୁକୂଳ ସ୍ଥିତି ପାଇଁ ଧାନ ଫସଲ ଖୁବ୍ ଭଲ ହୋଇଛି । କୃଷି ବିଭାଗ ଆକଳନ ଅନୁଯାୟୀ ଏ ବର୍ଷ ହାରାହାରି ୫ ରୁ ୧୦ ଶତକଡ଼ା ଅମଳ ଅଧିକା ହେବା ପାଇଁ ଆଶା ରଖାଯାଇଛି । ଏଭଳି ସ୍ଥିତିରେ ଆସନ୍ତା ସମ୍ଭାବ୍ୟ ବାତ୍ୟା ରେ ଧାନ ଫସଲ ନିଶ୍ଚିତ ଭାବେ ଉଜୁଡ଼ିଯିବାର ଆସନ୍ତା ମଧ୍ୟ ପ୍ରକାଶ ପାଇଛି । ଯାହାଦ୍ୱାରା ଏହି ବ୍ଲକର ୪୧ଗୋଟି ପଞ୍ଚାୟତର ଶହ ଶହ ଚାଷୀ ଚିନ୍ତାରେ ପଡ଼ିଛନ୍ତି । ବର୍ତ୍ତମାନ ଧାନ ଗଛ ରେ ଥୋଡ଼ ବାହାରୁଛି । ଧାନ ଗଛର ଉଚ୍ଚତା ବୃଦ୍ଧି ହେବା ସହିତ ଓଜନ ମଧ୍ୟ ବଢିଛି । ଯଦି ପାଣି ପାଗ ବିଭାଗର ଆଳକଳ ଅନୁଯାୟୀ ପ୍ରବଳ ବର୍ଷା ଓ ପବନ ହୁଏ ତାହେଲେ ଏହି ବ୍ଲକ ଅଞ୍ଚଳରେ ୧୨ହଜାର ୯ଶହ ହେକ୍ଟର ଜମିରେ ହୋଇଥିବା ଧାନ ଚାଷ ଉଜୁଡ଼ିଯିବାର ସମ୍ଭାବନା ଦେଖାଯାଇଛି । ଏହି ବ୍ଲକ ଅଞ୍ଚଳର ବହୁ ଚାଷୀ ଫସଲ ବୀମା କରିଥିଲେ ମଧ ୫୦ ଭାଗରୁ ଉର୍ଦ୍ଧ୍ୱ ଚାଷୀ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇନାହାଁନ୍ତି । ପ୍ରାକୃତିକ ଦୁର୍ବିପାକରେ ଧାନ ଫସଲ ନଷ୍ଟ ହେଲେ ବୀମାକରଣ ହୋଇ କ୍ଷେତର ଚାଷୀମାନେ କ୍ଷତିପୂରଣ ବାବଦରେ ବୀମା ରାଶି ପାଇବାର ସୁବିଧା ରହିଛି । ଯେଉଁ ଚାଷୀମାନେ ଫସଲ ବୀମା କରିନାହାଁନ୍ତି ସେମାନେ ନିଶ୍ଚିନ୍ତ କ୍ଷତିଗ୍ରସ୍ତ ହେବା ସହିତ ବର୍ଷକର ଦାନା ମଧ ହରାଇବେ । ଏହି କ୍ଷତିଗ୍ରସ୍ତ ଚାଷୀମାନଙ୍କ ପାଇଁ ସରକାରୀ ସ୍ତରରେ କିଭଳି ଆର୍ଥିକ ସହାୟତା ଦିଆଯିବ ସେ ନେଇ ଚାଷୀମାନଙ୍କ ମଧ୍ୟରେ ଆଲୋଚନା ଚାଲିଛି ।

# ନାବାଳିକାର ଫଟୋ ଭାଇରାଲ କରି ୨ ଅଭିଯୁକ୍ତ ଗିରଫ

ଧର୍ମଶାଳା,,(ସବ୍ୟୁ) : ଧର୍ମଶାଳା ଥାନା ଅଂଚଳରେ ଜଣେ ନାବାଳିକାର ଭିଡିଓ ଭାଇରାଲ କରିବା ଅଭିଯୋଗରେ ପୁଲିସ ଆଜି ୨ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ଏହି ଥାନା କାଏମା ଅଂଚଳର ରାକେଶ ମଲିକ ଓ ପାଟପୁର ଅଂଚଳର ଅରୁପାନନ୍ଦ ଅନ୍ତର୍ଜାମୀ ମହାରଣା ସ୍ଥାନୀୟ ଅଂଚଳର ଜଣେ ନାବାଳିକା ସହିତ ଏକ ତରଫା ପ୍ରେକ କରୁଥିଲେ । ଏଥିରେ ନାବାଳିକା ଜଣକ ଅରାଜି ହେବାରୁ ତାକୁ ଧମକ ଚମକ ଦେବା ସହ ନାବାଳିକାର ବିଭିନ୍ନ ସମୟର ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ । ଏହି ଘଟଣାକୁ ନେଇ ନାବାଳିକାର ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ୭୫୬/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ଏହି ଘଟଣାରେ ପୁଲିସ ଆଜି ଅଭିଯୁକ୍ତ ରାକେଶ ଓ ଅରୁପାନନ୍ଦକୁ ଘିରଫ କରି କୋର୍ଟ ଚାଲାଣ କରିଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

# ପହଞ୍ଚିଲେ ଓଡ୍ରାଫ, ଏନଡ଼ିଆର୍‌ଏଫ୍ ଏବଂ ଅଗ୍ନିସେବା ଦଳ

ଭଦ୍ରକ,(ସବ୍ୟୁ):ସମ୍ଭାବ୍ୟ ବାତ୍ୟା 'ଦାନା'ର ସଫଳ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ମାର୍ଗ ଦର୍ଶିକା ଅନୁଯାୟୀ ଭଦ୍ରକ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଏକ ପ୍ରକାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହା ଯୋଗୁଁ ଆଶଙ୍କା ଥିବା ପ୍ରବଳ ବର୍ଷା ଜନିତ ବନ୍ୟା ପରିସ୍ଥିତି, ଜଳ ନିଷ୍କାସନ, ବାତ୍ୟା ଆଦିର ଧନ ଜୀବନ ରକ୍ଷା କରି ଶୂନ ମୃତ୍ୟୁ ଆଭିମୁଖ୍ୟ କୁ ହାସଲ କରିବା ନେଇ ଆନୁଷଙ୍ଗିକ ସମସ୍ତ ପ୍ରକାର ପ୍ରସ୍ତୁତିକୁ କ୍ଷେତ୍ର ସ୍ତରରେ ଟିକିନିଖି ପରୀକ୍ଷଣ କରାଯାଇ ପରିଚାଳନା ପାଇଁ ସମୟାନ୍ତରରେ ସମୀକ୍ଷା କରାଯାଉଛି ବୋଲି ଜିଲ୍ଲାପାଳ ଦିଲୀପ ରାଉତରାଏ ଆଜି ସାମ୍ବାଦିକମାନଙ୍କୁ ସାକ୍ଷାତକାର ଦେବା ଅବସରରେ ପ୍ରକାଶ କରିଛନ୍ତି। ଜିଲ୍ଲାବାସୀଙ୍କ ସୁରକ୍ଷା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବାରୁ ଏଥିପାଇଁ କେହି ଭୟଭୀତ ହେବାର ଆବଶ୍ୟକ ନାହିଁ ବୋଲି ସେ ଜଣାଇଛନ୍ତି। ଜିଲ୍ଲାର ସମସ୍ତ ୧୦୫ ଟି ଆଶ୍ରୟ ସ୍ଥଳୀକୁ ପୂର୍ଣ୍ଣ ପ୍ରସ୍ତୁତିରେ ରଖାଯିବା ସହିତ ଆବଶ୍ୟକ ହେଲେ ଆଶ୍ରୟ ସ୍ଥଳୀ ରୂପେ ବ୍ୟବହାର କରାଯିବା ପାଇଁ ୫୯୮ ଟି ସ୍କୁଲ କୁ ଚିହ୍ନଟ କରାଯାଇଛି। ସମୁଦ୍ର କୁଳିଆ, ଜଳମଗ୍ନ ତଳିଆ ତଥା ବନ୍ୟା ଓ ବାତ୍ୟା ପ୍ରବଣ ଅଞ୍ଚଳରୁ ଆବଶ୍ୟକ ପଡ଼ିଲେ ସ୍ଥାନାନ୍ତର ପାଇଁ ୭୦ ହଜାର ଲୋକଙ୍କୁ ଚିହ୍ନଟ କରାଯାଇଛି। ବାତ୍ୟାର ଗତିପଥ ସମ୍ବନ୍ଧରେ ସ୍ପଷ୍ଟ ଚିତ୍ର ପାଇଲା ମାତ୍ରେ ତଦନୁଯାୟୀ ପଦକ୍ଷେପ ଆରମ୍ଭ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୨ଟି ଏନ୍.ଡ଼ି.ଆର୍.ଏଫ୍, ୨ଟି ଓଡ୍ରାଫ୍ ଓ ୬ଟି ଅଗ୍ନିସେବା ଦଳ ଉଦ୍ଧାର କାର୍ଯ୍ୟଲାଗି ଜିଲ୍ଲରେ ପହଞ୍ଚିବା ନେଇ ଜିଲ୍ଲାପାଳ ସୂଚନା ପ୍ରଦାନ କରିଛନ୍ତି। ସମୁଦ୍ର ଭିତରୁ ସମସ୍ତ ମତ୍ସ୍ୟଜୀବୀ ଡଙ୍ଗା ସହ ଫେରିଆସିଛନ୍ତି। ଉଦ୍ଧାର ଓ ରିଲିଫ ସାମଗ୍ରୀ ପରିବହନ ଓ ବଣ୍ଟନ କାର୍ଯ୍ୟ ଲାଗି ଆବଶ୍ୟକ ଡଙ୍ଗା, ଡଙ୍ଗାଚାଳକ, ଖଳାସୀ ମାନଙ୍କୁ ପ୍ରସ୍ତୁତ କରି ରଖାଯାଇଛି। ପ୍ରାଣୀ ସମ୍ପଦଙ୍କ ସୁରକ୍ଷା, ପ୍ରାଣୀ ଖାଦ୍ୟ ମହଜୁଦ ରଖିବା ଆଦି ଦିଗରେ ମଧ ପଦକ୍ଷେପ ନିଆଯାଇଛି। ଜିଲ୍ଲାର ସମସ୍ତ ବି.ଡ଼ି.ଓ. ଓ ତହସିଲଦାରମାନେ ଆଶ୍ରୟସ୍ଥଳୀ ଓ ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରସ୍ତରୀୟ ତଦନ୍ତ ଓ ପରିଦର୍ଶନ କରି ଜିଲ୍ଲା ପ୍ରଶାସନ ସହ ଯୋଗାଯୋଗରେ ଥିବା କଥା ମଧ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତନ୍ମିତା କର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଏହି ସାମ୍ବାଦିକ ସାକ୍ଷାତକାର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବେତନଟୀ ଡାକ୍ତରଖାନାକୁ ଆସିଲେ ୨ ବିଶେଷଜ୍ଞ ଡାକ୍ତର

ବେତନଟୀ,(ସବ୍ୟୁ) :୧୮ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବେତନଟୀ ଡାକ୍ତରଖାନାରେ ଡାକ୍ତର ସମସ୍ୟା ଥିବାବେଳେ ବିଶେଷଜ୍ଞ ଡାକ୍ତରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବଡ଼ସାହି ଲୋକପ୍ରିୟ ବିଧାୟକ ସନାତନ ବିଜୁଳିଙ୍କ ହସ୍ତକ୍ଷେପ କ୍ରମେ ସ୍ତ୍ରୀ ଓ ପ୍ରସୂତି ଏବଂ ଭେଷଜ ବିଶେଷଜ୍ଞଙ୍କୁ ନିଯୁକ୍ତ କରିଛି ସ୍ୱାସ୍ଥ୍ୟ ବିଭାଗ । ଡାକ୍ତରଙ୍କ ନିଯୁକ୍ତି ପାଇଁ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ପରେ ବିଧାୟକ ଶ୍ରୀ ବିଜୁଳିଙ୍କ ସହିତ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସଭାପତି ସର୍ବେଶ୍ୱର ମହାନ୍ତ, ସମ୍ପାଦକ ଅନୂପ ଦଣ୍ଡପାଟ, ପଦ୍ମମାଳୀ ମହିଳା ସଂଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି , ବେତନଟୀ ଅଞ୍ଚଳର ବିଭିନ୍ନ ସଂଗଠନର ପ୍ରମୁଖ ବ୍ୟକ୍ତି ଆଲୋଚନା କରିଥିଲେ । ଏନେଇ ବିଧାୟକ ଶ୍ରୀଯୁକ୍ତ ବିଜୁଳି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହିତ ବେତନଟୀ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ବାବଦରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଉପ ଉପଖଣ୍ଡ ଏବଂ ଜିଲ୍ଲା ମୁଖ୍ୟାଳୟକୁ ୧୩୪ଜଣ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତି ନେଇ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ପରିପ୍ରେକ୍ଷୀରେ ବେତନଟୀ ଡାକ୍ତରଖାନାକୁ ସ୍ତ୍ରୀ ଓ ପ୍ରସୂତି ତି ବିଶେଷଜ୍ଞ ଭାବେ ଡ. ଅନୁଜା ଜେନା ଏବଂ ଭେଷଜ(ମେଡିସିନ) ବିଶେଷଜ୍ଞ ଭାବେ ଡ. ପାର୍ଥସାରଥୀ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ବେତନଟୀ ଡାକ୍ତରଖାନାକୁ ଦୁଇ ଜଣ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯିବା ପରେ ବେତନଟୀ ଅଞ୍ଚଳର ବିଭିନ୍ନ ସଂଗଠନ ପକ୍ଷରୁ ବିଧାୟକ ଶ୍ରୀଯୁକ୍ତ ବିଜୁଳିଙ୍କ ହସ୍ତକ୍ଷେପ ଏବଂ ଉଦ୍ୟମକୁ ସ୍ୱାଗତ ଜଣାଯାଇଛନ୍ତି ।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-AMC-MSDAC-431, ତା.15.10.2024ରିଖ

**କାର୍ଯ୍ୟର ନାମ :** 36 ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଅନୁଗୁଳ-ସୁକିନ୍ଦା BG ଲିଙ୍କ୍ ସେକ୍ସନ ନିମନ୍ତେ ଯନ୍ତ୍ରାଂଶ (Spares) ସହିତ FRAUSCHER ନିର୍ମିତ MSDAC ପାଇଁ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ :** ₹4,68,77,350/-, **EMD :** ₹3,84,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹11,800/-

ବିଡ଼୍ ଆରମ୍ଭ ହେବା ତାରିଖ : ତା.23.10.2024ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.11.2024ରିଖ 1100 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-643/P/24-25



## ହଜିଛି

ଆମ୍ଭେ (୧) ଯୁଗେଶ୍ୱର ପ୍ରଧାନ, ବୟସ ପ୍ରାୟ ୩୬ ବର୍ଷ (୨) ହରିଶ ଚନ୍ଦ୍ର ପ୍ରଧାନ, ବୟସ ପ୍ରାୟ ୪୦ ବର୍ଷ, ପିତା-ରଞ୍ଜନ ପ୍ରଧାନ, ଗ୍ରାମ : ସେମେଲମୁଣ୍ଡା, ପୋଷ୍ଟ : କଟାବାହାଲ, ଥାନା/ତହସିଲ : ଗାଇସିଲଟ, ଜିଲ୍ଲା: ବରଗଡ ଏତଦ୍ୱାରା ଜଣାଉଛୁ କି ୨୦.୧୦.୨୦୨୪ ରେ ସେମେଲମୁଣ୍ଡାସ୍ଥିତ ଆମ୍ଭ ଘରୁ ମୋଟରସାଇକେଲ ଯୋଗେ ଫେରୁଥିବାବେଳେ ନାମାନ୍ତରଣ ପୂର୍ବ ମୂଳ ପଟ୍ଟା ନଂ.୯୯/୩୧, ମୌଜା-ସେମେଲମୁଣ୍ଡା, ଥାନା/ତହସିଲ : ଗାଇସିଲଟ, ଏସଆରଓ : ଗାଇସିଲଟ, ଜିଲ୍ଲା-ବରଗଡ ଓ ବିକ୍ରୟ ଦଲିଲ ନଂ. ୧୦୪୨, ନାମ-ରଞ୍ଜନ ପ୍ରଧାନ, ପିତା-ନରହରି ପ୍ରଧାନ ଯାହାଙ୍କଠାରୁ ମୁଁ ମୋ ଜମି କ୍ରୟ କରିଥିଲି, ତାହା ହଜିଯାଇଛି ଓ ବାରମ୍ବାର ଖୋଜିବା ସତ୍ତ୍ୱେ ଉକ୍ତ ବିକ୍ରୟ ଦଲିଲ୍ ଓ ନାମାନ୍ତରଣ (ପଟ୍ଟା) ମିଳିପାରୁ ନାହିଁ । ଏହି ସତ୍ୟପାଠ ମାଧ୍ୟମରେ ଆମେ ଜଣାଉଛୁ କି ଆମ୍ଭେ ଏହାକୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଘୋଷଣାନାମା ପାଇଁ ଓ ଭବିଷ୍ୟତରେ ଦସ୍ତାବିଜ ପ୍ରମାଣ ଭାବେ ଦାଖଲ କରିବୁ । ଉପରୋକ୍ତ ସୂଚନା ମୋ ସର୍ବୋତ୍ତମ ଜ୍ଞାନ ଓ ବିଶ୍ୱାସ ଅନୁଯାୟୀ ସତ୍ୟ ଅଟେ ।

ଆଡଭୋକେଟ୍ ଅଶ୍ୱିନୀ ଦେବତା
ମୋବାଇଲ : ୮୩୨୮୯୪୯୦୭୭



## GOVERNMENT OF OOISHA, "e" - PROCUREMENT NOTICE

**WORKS DEPARTMENT**

E-mail : ceworldbankprojects@gmail.com

**1st corrigendum to Bid Identification No. CE-BRIDGES - 04 / 2024-25**

**B-488 :** Following changes are made to the Invitation for the work:- Improvement to Telkoi -Bimala - Petraghati - Raisuan - Kaliahata road from 21.370km to 44.520km in the District of Keonjhar under DMF" vide Bid Identification No. CE- BRIDGES - 04 / 2024 - 25.

- The Superintending Engineer, Panikoili (R&B) Division, Panikoili may be read as the Superintending Engineer, Keonjhar (R&B) Division, Keonjhar
- The Last date of submission of tender is extended upto **5.00 PM of dt.07.11.2024.**
- Bids received on line shall be opened at **11.30 A.M** of **08.11.2024.**

All other terms and conditions remain unchanged.

Chief Engineer, Bridges, Odisha, Bhubaneswar
OIPR : 34174/11/0016/2425



## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## PHULBANI (R&B) DIVISION, PHULBANI.

B-434
e-mail-eeplbrb@gmail.com

**INVITATIONS FOR BIDS (IFB)**
'e' procurement Notice
**Bid Identification No. SE-R&B-PLB-10-2024-25**

1) (a) Name of the work : Building works - 6(**Six**) no.
2) Estimated Cost : Rs. 61.74 lakhs- Rs 88.36 lakhs
3) Period of Completion : As notified in Tender Call Notice.
4) Date & Time of availability of Bid documents in the portal : From 25.10.2024,10.00 A.M. to 04.11.2024, 5.00 P.M.
5) Last date / time for receipt of bids in the portal : Up to 5.00 P.M. of dated 04.11.2024
6) Name and address of the O.I.T. : Superintending Engineer, Phulbani (R&B) Division.

Further details can be seen from the website **www.tendersodisha.gov.in**
Corrigendum if any shall be published only in the above website.

Sd/- Superintending Engineer
Phulbani (R&B) Division
OIPR : 34066/11/0001/2425



## FORM No. 13
## BEFORE THE DEBTS RECOVERY TRIBUNAL, CUTTACK, ODISHA
C-71, SECTOR-7 CDA, CUTTACK, ODISHA
O.A NO.- 311/2024

State Bank of India ....Applicant
Versus
Priyambada Bhoi & others ...Defendant(s)

To,
**M/s. Mahanandi Builder Pvt. Limited,** office at Plot No.: N-3/187, IRC Village, Nayapalli, Bhubaneswar - 751015

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **OA No. 311/2024** in the court of the Debts of Recovery Tribunal, Cuttack for recovery of **Rs.27,06,914/-** only with pendentiliete and future interest together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **09.12.2024** at **10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 7th day of October 2024.

Sd/- (Nikhila Ranjan Pati)
REGISTRAR



## OFFICE OF THE DIVISIONAL FOREST OFFICER,
## KALAHANDI NORTH DIVISION
NEAR OLD GOVT. BUS STAND, BHAWANIPATNA, KALAHANDI, ODISHA - 766001
E-mail ID: dfo.kalahandinorth@odisha.gov.in Phone No. 06670-230526

MM-201
**Bid Identification No. BC-DFOKLDN - 04/2024-25**
**NOTICE INVITING TENDER**

| Sl. No. | Name of the Work | Building Works as per DTCN available in the website www.tenderodisha.gov.in |
|---|---|---|
| 1 | Estimated Cost | Rs. 16,57,384/- to Rs. 25,40,372/- |
| 2 | No. of Works | Nine nos. of Forest Guard Quarters & One Watch Tower |
| 3 | Period & time of completion | 4 (Four) calendar months |
| 4 | Date & time of availability of the bid document in the portal | 23.10.2024 to 02.11.2024 (Up to 5.00 PM) online bidding |
| 5 | Last Date/ Time for receipt of bids in the portal | Up to 5.00 PM of 02.11.2024 |
| 6 | Date & Time of bid opening | 11.00 AM on 04.11.2024 |
| 7 | Name & Address of the officer inviting Bid | Divisional Forest Officer, Kalahandi North Division, At - Bhawanipatna, Dist - Kalahandi, PIN - 766001 |

Others can be seen from Detailed Notice Inviting Tenders available in website : **www.tenderodisha.gov.in.**
Corrigendum if any shall only be published.

Divisional Forest Officer,
Kalahandi North Division
OIPR : 08107/11/0008/2425



Mail I.D- ee_nimapara@yahoo.co.in

## GOVERNMENT OF ODISHA : OFFICE OF THE SUPERINTENDING ENGINEER
## RURAL WORKS DIVISION, NIMAPARA

O-465
No:- Tender Online-Divn.NPR-01/2024-25 Date:- 17.10.2024

**e-Procurement NOTICE**

1. Name of the work : Road & Building Works for the year 2024-25.
2. Total No. of Projects : 41 (Forty One) no of projects.
3. Estimated cost of projects : aries from Rs. 5.06 lakh to Rs. 43.75 lakh
4. Class of contractor :
   A) Estimated Cost above Rs 20.00 lakhs and upto Rs. 300.00Lakhs. **"B" Class (of Odisha PWD) or relevant Class of other licensing authorities.**
   B) Estimated Cost more than Rs 20.00 lakhs and upto Rs. 40.00Lakhs. **"C" Class & "B" Class (of Odisha PWD) or relevant Class of other licensing authorities.**
   C) Estimated Cost upto Rs. 20.00Lakhs **"D" Class & "C" Class (of Odisha PWD) or relevant Class of other licensing authorities.**
5. Mode of Submission of tender : Tender should be submitted online only in website www.tendersorissa.gov.in
6. Period of Completion : As per TCN
7. Other detsils :

| Procurement Officer | Bid Identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nimapara | Tender On-line-Divn. NPR-01/2024-25 | 24.10.2024 at 11.00 A.M. | 07.11.2024 up to 5.00 P.M. | 07.11.2024 up to 11.00 A.M. | 08.11.2024 at 11.00 A.M. Office of the S.E. R.W. Division, Nimapara |

Further details can be seen from the website www.tendersorissa.gov.in

Sd/- Superintending Engineer
Rural Works Division, Nimapara.
OIPR : 25099/11/0001/2425



## OFFICE OF THE SUPERINTENDING ENGINEER
## MINOR IRRIGATION DIVISION, JASHIPUR
GOVERNMENT OF ODISHA

A-425
**"e"-PROCUREMENT NOTICE**
**BID IDENTIFICATION No: 02 MID (JSP/2024-25)**

1. Name of the Inviting Officer : Superintending Engineer, Minor Irrigation Division, Jashipur
2. Name of the Work : Improvement to MIPs & check dams in different Blocks of Mayurbhanj District under various Scheme.
3. No. of Works : 24 (Twenty four) Nos.
4. Tender Amount Varies From : 5.03 lakhs to 48.40 lakhs
5. Date and Time of Availability of BID Document in the Portal for online Bidding from : 10.00hrs Dt 25.10.2024 to 17.00hrs Dt.04.11.2024
6. Last Date and Time of receipt of Bids in the Portal : 17.00hrs Dt.04.11.2024
7. Last Date and Time for Clarification up to : 17.00hrs Dt.04.11.2024
8. Date of opening of Bid : 11.00hrs onwards Dt.05.11.2024

**The detail tender call notice can also be seen in the DOWR website: http://dowrorissa.gov.in**
Name & Address of the OIT : Superintending Engineer, M.I. Division, Jashipur, At/PO-Khairi /Dist: Mayurbhanj PIN-757091, E-Mail:-**eemijashipur@yahoo.com**
Further details can be seen from the e-Procurement market place. : **http://tenderorissa.gov.in**

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd/- 08.10.2024
Superintending Engineer, M.I Division, Jashipur
OIPR : 32282/11/0002/2425

# ପୁରୀରେ ଖୋଲିଲା ହବିଷ୍ୟାଳୀ ଓ ଭକ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର (ସବ୍ୟୁ): ପୁରୀଠାରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତରଫରୁ ମହାଧାର୍ମିକ କାର୍ତ୍ତିକ ମାସକୁ ନେଇ ଏକ ଅସ୍ଥାୟୀ ହସ୍ପିଟାଲ ଖୋଲଯାଇଛି। ହବିଷ୍ୟାଳୀମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନର ଅନୁରୋଧ କ୍ରମେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉତ୍ତର ପାର୍ଶ୍ୱରେ ଏହି ଅସ୍ଥାୟୀ ହସ୍ପିଟାଲ ଖୋଲାଯାଇଛି। ଏଠାରେ ହବିଷ୍ୟାଳୀଙ୍କ ସହିତ ସେବାୟତ ଓ ପର୍ଯ୍ୟଟକମାନଙ୍କୁ ସବୁ ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା, ମାଗଣାରେ ଔଷଧ, ଚିକିତ୍ସା ପରାମର୍ଶ ଦିଆଯିବ। ବିଭିନ୍ନ ବିଭାଗର ସୁଦକ୍ଷ ଚିକିତ୍ସାବିତ୍‌ଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସେବା ଯୋଗାଇଦିଆଯିବ। ରଥଯାତ୍ରା ପରେ କାର୍ତ୍ତିକ ମାସରେ ଏଭଳି ଅସ୍ଥାୟୀ ହସ୍ପିଟାଲ ଖୋଲାଯିବା ହାଇଟେକ୍‌ର ଦ୍ୱିତୀୟ ପଦକ୍ଷେପ। ପ୍ରତିବର୍ଷ କାର୍ତ୍ତିକ ମାସ ସାରା ଏଭଳି ଅସ୍ଥାୟୀ ହସ୍ପିଟାଲ ଖୋଲାଯିବ। କେବଳ ଏତିକି ନୁହେଁ ବର୍ଷସାରା ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱ ମଠ ନିକଟରେ କିମ୍ବା ସତ୍ୟ ନାରାୟଣ ମନ୍ଦିର ନିକଟରେ ଏକ ହସ୍ପିଟାଲ ଖୋଲାଯିବା ପାଇଁ ଲକ୍ଷ ରଖାଯାଇଥିବାବେଳେ ପୁରୀରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଟି ହସ୍ପିଟାଲ ଖୋଲାଯିବା



ନେଇ କହିଛନ୍ତି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ। ଏହି ହସ୍ପିଟାଲକୁ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ନିଳମାଧବ ଭୋଇ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାଶମହାପାତ୍ର, ନିଳକଣ୍ଠ ଦାଶମହାପାତ୍ର, ରବି ଦାଶମହାପାତ୍ର, ଉତ୍ତର ପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାଶ, ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀଙ୍କ ସହ ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ, ନିର୍ଦ୍ଦେଶକ ସନ୍ତୋଷ କୁମାର ଚୌଧୁରୀ, ଉପନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀ ଉଦ୍ଘାଟନ କରିଥିଲେ। ଏହି ହସ୍ପିଟାଲକୁ ଶିବିର ପରିଚାଳନା ଅଧିକାରୀ ମନୋଜ କୁମାର ଦାଶ ପରିଚାଳନା କରିଥିବାବେଳେ ଅଖିଳ କୁମାର ପାଣିଗ୍ରାହୀ, ସୁଶାନ୍ତ କୁମାର ଶତପଥି ସହଯୋଗ କରିଥିଲେ।

## ସନ୍‌ଫିଷ୍ଟ ମମ୍‌ସ୍ ମ୍ୟାଜିକ ମାଙ୍କୁ ୱିଲ୍ ଅଫ ଚେଞ୍ଜ ପ୍ରୟାସ ସହିତ ପରିବର୍ତ୍ତନ ଆଣିବାକୁ ପ୍ରେରଣା ଦେଉଛି

ଭୁବନେଶ୍ୱର (ସବ୍ୟୁ) : ଭାରତରେ ଯଦିଓ ଝିଅମାନଙ୍କର ପୁଅଙ୍କ ଭଳି ସେମାନଙ୍କ ପାରିବାରିକ ସମ୍ପତ୍ତିରେ ଉତ୍ତରାଧିକାର ସୂତ୍ରରେ ସମାନ ଅଧିକାର ରହିଛି, ବାସ୍ତବତା କିନ୍ତୁ ସତ୍ୟତା ଠାରୁ ବହୁଦୂରରେ। ସନ୍‌ଫିଷ୍ଟ ମମ୍‌ସ୍ ମ୍ୟାଜିକ ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାଯାଇଛି ଯେ ମାତ୍ର ୭% କନ୍ୟା ସନ୍ତାନ ଏକ ଉଇଲ ଜରିଆରେ ସମାନ ଉତ୍ତରାଧିକାର ସ୍ୱତ୍ୱ ହାସଲ କରିଥାନ୍ତି। ବେଟିୟାଁ ପରାୟାଧନ ହୋତେ ହେଁ (ଝିଅମାନେ ହେଉଛନ୍ତି ପର ଧନ) ବୋଲି ଦୀର୍ଘକାଳରୁ ରହିଆସିଥିବା ବିଶ୍ୱାସ ଏବେ ମଧ୍ୟ ଭାରତୀୟ ପରିବାରଗୁଡିକରେ ବଳବତ୍ତର ରହିଛି। ଅଲି ହାରିସ୍ ଶେରେ, ଚିଫ ଅପରେଟିଂ ଅଫିସର, ବିସ୍କୁଟସ୍ ଆଣ୍ଡ କେକ୍‌ସ୍ କ୍ଲଷ୍ଟର, ଫୁଡସ୍ ଡିଭିଜନ, ଆଇଟିସି ଲିମିଟେଡ ପ୍ରଚାର ଅଭିଯାନର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି, ଭାରତରେ ବହୁ ସଂଖ୍ୟକ ମାମାନେ ନିଜେ ସେମାନଙ୍କ ପିତା ମାତାଙ୍କ ଦ୍ୱାରା ଉତ୍ତରାଧିକାର ପ୍ରସଙ୍ଗରେ ପାତର ଅନ୍ତର ସ୍ଥିତିର ସମ୍ମୁଖୀନ ହୋଇଛନ୍ତି।

## ବିଭିନ୍ନ ମନ୍ତ୍ରଣାଳୟକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ

# ବାଲ୍ୟ ବିବାହକୁ ସଂପୂର୍ଣ୍ଣ ବିଲୋପ କର

ଭୁବନେଶ୍ୱର (ସବ୍ୟୁ): ଚାଇଲ୍ଡ ମ୍ୟାରେଜ ଫ୍ରି ଇଣ୍ଡିଆ(ସିଏମଏଫଆଇ) ମିଳିତ ସହଯୋଗୀ ସୋସାଇଟି ଫର ଏନଲାଇଟେନମେଣ୍ଟ ଆଣ୍ଡ ଭଲ୍ୟୁଣ୍ଟାରୀ ଆକ୍ସନ (ଏସଇଭିଏ) ତଥା କାର୍ଯ୍ୟକର୍ତ୍ତା ନିର୍ମଳ ଗୋରାନାଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନକୁ ଶୁଣିବା ପରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେବା ସହିତ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି ଯେଉଁଥିରେ ଗ୍ରାମର ସମ୍ପ୍ରଦାୟକୁ ସଚେତନ କରାଇବା ସହିତ ବାଲ୍ୟ ବିବାହର ସମାପ୍ତି ଉପରେ ଗୁରୁତ୍ୱ ଦିଆଯାଇଛି। ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ନିଶ୍ଚିତ ଭାବରେ ୨୦୩୦ ସୁଦ୍ଧା ବାଲ୍ୟ ବିବାହର ଅନ୍ତ ଘଟାଇବ ବୋଲି ନିଶ୍ଚିତ କରି ଓଡିଶା ସ୍ଥିତ ଏନଜିଓ ସେବା(ଏସଇଭିଏ)ର ନିର୍ଦ୍ଦେଶକ ଅଳକା ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଏହି ନିର୍ଦ୍ଦେଶାବଳୀ ସିଏମଏଫଆଇ ଅଭିଯାନର କାର୍ଯ୍ୟ ଏବଂ ବିଶ୍ୱାସକୁ ସମ୍ପୂର୍ଣ୍ଣ ରୂପେ ପ୍ରତିଫଳିତ କରୁଛି ଏବଂ ଏହା ଦର୍ଶାଉଛି ଯେ, ମିଳିତ ମଂଚରେ ୨୦୦ରୁ ଅଧିକ ଏନଜିଓ ଅଂଶୀଦାରମାନଙ୍କୁ ସାମିଲ କରାଯାଇ ନୂତନ ଭାବେ ଏହାକୁ ସଶକ୍ତ କରାଯାଇଛି। ଦେଶରେ 'ବାଲ୍ୟ ବିବାହ ମୁକ୍ତ ଗ୍ରାମ' ପଦକ୍ଷେପ ଆରମ୍ଭ କରାଯିବାକୁ ଆପେକ୍ସ କୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ଏହି ମିଳିତ ମଞ୍ଚ କେବଳ ୨୦୨୩-୨୪ ମସିହାରେ



ସମଗ୍ର ଭାରତରେ ୫୦,୦୦୦ ରୁ ଅଧିକ 'ବାଲ୍ୟ ବିବାହ ମୁକ୍ତ ଗ୍ରାମ' ସୃଷ୍ଟି କରି ପାରିଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଓଏସପିସିଆର ସଦସ୍ୟ ସସ୍ମିତା ନନ୍ଦ, ସିଏମଏଫଆଇ ସଂଯୋଜକ ରବିକାନ୍ତ କହିଛନ୍ତି। ସେମାନେ କହିଛନ୍ତି ଯେ, ପିଲାମାନଙ୍କୁ ସେମାନଙ୍କର ଅଧିକାର, ଯୌନ ଶିକ୍ଷା, ପଂଚାୟତ ଗଠନ, ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ବାଲ୍ୟ ବିବାହ ସୁରକ୍ଷା ଅଧିକାରୀଙ୍କୁ ସେମାନଙ୍କ ଆଖପାଖରେ ହେଉଥିବା ଏଭଳି କାର୍ଯ୍ୟ ପାଇଁ ଉତରଦାୟୀ କରିବା ଉପରେ ଏକ ନିର୍ଦ୍ଦେଶନାମା ସମ୍ପର୍କରେ ଆପେକ୍ସ କୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହାର ପ୍ରତିରୋଧ, ସୁରକ୍ଷା ଏବଂ ପ୍ରବର୍ତନ ନିର୍ଦ୍ଦେଶାଳୟ ନିଷେଧାଦେଶର ବାଲ୍ୟ ବିବାହ ଆଇନ (ପିସିଏମଏ) ୨୦୦୬ କାର୍ଯ୍ୟକାରୀ କରିବା ପାଇଁ ମଡେଲ ବ୍ୟବହାର କରାଯିବା ଉଚିତ ବୋଲି ଶୀର୍ଷକୋର୍ଟ କହିଛନ୍ତି। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ଏହି ଉପାୟଟି ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ହେବା ଉଚିତ ଏବଂ ବାଲ୍ୟ ବିବାହକୁ ରୋକିବାରେ ଶେଷ ପନ୍ଥା ଭାବରେ ବ୍ୟବହାର କରାଯିବା ଉଚିତ। ନୂତନ ନିର୍ଦ୍ଦେଶାବଳୀ କିପରି ବାଲ୍ୟ ବିବାହ ମୁକ୍ତ ହେବା ଦିଗରେ ଦେଶର ଯାତ୍ରାକୁ ତ୍ୱରାନ୍ୱିତ କରିବ ସେ ବିଷୟରେ ଆଲୋଚନା କରି ରବିକାନ୍ତ କହିଛନ୍ତି, 'ବାଲ୍ୟ ବିବାହ ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ପ୍ରସଙ୍ଗ। ଏହି ନୀତି ମାଧ୍ୟମରେ ପିଲାମାନଙ୍କ ବିରୁଦ୍ଧରେ ହେଉଥିବା ଏହି ଗୁରୁତର ଅପରାଧର ମୁକାବିଲା କରିବାରେ ଭାରତ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏହା ମଧ୍ୟ ଆମକୁ ଅତ୍ୟଧିକ ଆନନ୍ଦ ପ୍ରଦାନ କରେ ଯେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଆମ ପିକେଟ ରଣନୀତିର ଏକ ଅଂଶ ଭାବରେ ଆମ ଦ୍ୱାରା ଅଭ୍ୟାସ ହୋଇସାରିଛି ଯାହା ବାଲ୍ୟ ବିବାହ ମୁକ୍ତ ଭାରତ (ସିଏମଏଫଆଇ) ସହଭାଗୀମାନଙ୍କ ପାଇଁ ବ୍ଲୁ ପ୍ରିଣ୍ଟ ଅଟେ।

## ସର୍ବେଶ୍ୱର ଫୁଡ୍ସ ଲିମିଟେଡ୍‌ର ସର୍ବାଧିକ ବିକ୍ରି ଘୋଷଣା

# ଇବିଆଇଟିଡିଏ ବାର୍ଷିକ ୩୫% ବୃଦ୍ଧି

ଭୁବନେଶ୍ୱର: ସର୍ବେଶ୍ୱର ଫୁଡ୍ସ ଲିମିଟେଡ (ବିଏସଇ: ୫୪୩୬୮୮, ଏନଏସଇ : ସର୍ବେଶ୍ୱର) ଆଇଏସଓ ୨୨୦୦୦:୨୦୧୮ ଏବଂ କୃଷି ଉତ୍ପାଦ ଏଫଏମସିଜି କ୍ଷେତ୍ରରେ ୟୁଏସଏଫଡିଏ ପ୍ରମାଣିତ ଅଗ୍ରଣୀ, ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ବିକ୍ରିରେ ୫୦୦ କୋଟି ଟଙ୍କା ଅତିକ୍ରମ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛି। ଏହି ସଫଳତା ଏସ୍‌ଏଫ୍‌ଏଲ୍‌ର ପ୍ରିମିୟମ୍ ଅଫର, ବିଶେଷକରି ୩୯ ବ୍ରାଣ୍ଡ୍ ଅଧୀନରେ ଏହାର ଜୈବିକ ଉତ୍ପାଦଗୁଡ଼ିକର ବୃଦ୍ଧି ପାଉଥିବା ଲୋକପ୍ରିୟତାକୁ ସୂଚାଉଛି, ଯାହା ଗୁଣବତା ପ୍ରତି କଂପାନିର ଦୃଢ଼ ପ୍ରତିବଦ୍ଧତା କାରଣରୁ ଉଲ୍ଲେଖନୀୟ ଲାଭ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିଛି। ଆର୍ଥିକ ବର୍ଷ ୨୦୨୪ର ସମାନ ଅବଧି ତୁଳନାରେ ୨୦୨୫ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ କଂପାନି ନିମ୍ନଲିଖିତ ଆର୍ଥିକ ଫଳାଫଳ ପ୍ରକାଶ କରିଥିଲା - ମୋଟ ରାଜସ୍ୱ ୫୦୪.୩୬ କୋଟି ଟଙ୍କା ଥିଲା, ଯାହା କି ୩୯୨.୯୦ କୋଟି ଟଙ୍କାରୁ ୨୮.୩୭% ଅଧିକ। ଇବିଆଇଟିଡିଏ ୩୫.୫୩% ବୃଦ୍ଧି ପାଇ ୩୪.୧୪ କୋଟି ଟଙ୍କାରେ ପହଞ୍ଚିଛି, ଯାହା କି ୨୫.୧୯ କୋଟି ଟଙ୍କାରୁ ଅଧିକ। ସର୍ବେଶ୍ୱର ଗ୍ରୁପର ଅଧ୍ୟକ୍ଷ ରୋହିତ ଗୁପ୍ତା କହିଛନ୍ତି, ଛଛଙ୍କଙ୍କ୍ସ୍ୱଆମେ ଖୁସିର ସହ ଘୋଷଣା କରୁଛୁ ଯେ ସର୍ବେଶ୍ୱର ଫୁଡ୍ସ ଲିମିଟେଡ୍ ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ବିକ୍ରିରେ ୫୦୦ କୋଟି ଟଙ୍କା ଅତିକ୍ରମ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି।

## ବ୍ଲୁ କ୍ଲାଉଡ୍ ସଫଟେକ୍ ସଲ୍ୟୁସନ୍ ଲିମିଟେଡ୍

# ଭାରତରେ ଏଆଇ ଚାଳିତ ଉତ୍ପାଦ ଉନ୍ମୋଚନ କରିଛି

ଭୁବନେଶ୍ୱର, (ସବ୍ୟୁ): ହାଇଦ୍ରାବାଦସ୍ଥିତ ବ୍ଲୁ କ୍ଲାଉଡ୍ ସଫଟେକ୍ ସୋମବାର ଭାରତୀୟ ବଜାରରେ ବ୍ଲୁହେଲ୍ଥ ଆପ୍ଲିକେସନ୍, ବ୍ଲୁରା, ଏକ୍ସଜେନି ଏବଂ ବାୟୋଷ୍ଟର ନାମକ ୪ଟି ପ୍ରଡକ୍ଟ ଲଂଚ କରିଛି। ଅକ୍ଟୋବର ୭, ୨୦୨୪ରେ ହାଇଦ୍ରାବାଦରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତେଲେଙ୍ଗାନା ସରକାରଙ୍କ ଆଇଟି, ଇଆଣ୍ଡସି, ଶିଳ୍ପ ଓ ବାଣିଜ୍ୟ ଏବଂ ବିଧାନ ବ୍ୟାପାର ମନ୍ତ୍ରୀ ଶ୍ରୀ ଡୁଦ୍ଦିଲା ଶ୍ରୀଧର ବାବୁ ଏହି ଅଭିନବ ଉତ୍ପାଦଗୁଡ଼ିକୁ ଉନ୍ମୋଚନ କରିଥିଲେ। ହାଇଦ୍ରାବାଦର ନୋଭୋଟେଲ୍ ଏଚଆଇସିସିଠାରେ ଆୟୋଜିତ ଏହି ଉନ୍ମୋଚନ ଉତ୍ସବରେ ତେଲେଙ୍ଗାନା ଆଇଟି ମନ୍ତ୍ରୀ ଡୁଦ୍ଦିଲା ଶ୍ରୀଧର ବାବୁ ମୁଖ୍ୟ ଅତିଥି ଏବଂ ପୂର୍ବତନ ସ୍ୱତନ୍ତ୍ର ମୁଖ୍ୟ ଶାସନ ସଚିବ ଅଜୟ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ବିସିଏସ୍‌ର ଅଧ୍ୟକ୍ଷ ଜାନକୀ ୟାର୍ଲାଗଡ୍ଡା ବର୍ଣ୍ଣନା କରିଥିଲେ ଯେ ସେମାନଙ୍କର ପ୍ରତ୍ୟେକ ଉତ୍ପାଦ କିପରି ଅଭିନବ ମନୋଭାବକୁ ପ୍ରତିଫଳିତ କରେ ଯାହା ବାସ୍ତବରେ ପରିବର୍ତ୍ତନ ଆଣିବା ପାଇଁ ସମାଧାନ ସୃଷ୍ଟି କରିବାରେ କମ୍ପାନୀକୁ ପରିଚାଳିତ କରେ।

## ପାର୍ବଣରେ ତନିସ୍କର ଫେଷ୍ଟିଭାଲ ଏକ୍ସଚେଞ୍ଜ ଅଫ୍‌ର

# ପୁରୁଣା ସୁନା ବଦଳାଇ ୧୦୦ % ବଦଳ ମୂଲ୍ୟରେ ଘରକୁ ନେଇପାରିବେ ନବ-ରାନୀ କଲେକ୍ସନ୍

ଭୁବନେଶ୍ୱର (ସବ୍ୟୁ): ଅନ୍ୟତମ ଗହଣା ରିଟେଲ ବ୍ରାଣ୍ଡ ତନିସ୍କ ପକ୍ଷରୁ ଫେଷ୍ଟିଭାଲ ଅଫ୍ ଏକ୍ସଚେଞ୍ଜ ଅଫର ଘୋଷଣା କରାଯାଇଛି। ଗ୍ରାହକମାନେ ଏହି ଅଫର ମାଧ୍ୟମରେ ଯେକୌଣସି ଗହଣା ଦୋକାନରୁ କିଣିଥିବା ସେମାନଙ୍କ ପୁରୁଣା ସୁନାକୁ ବଦଳାଇ ବିନା ଅତିରିକ୍ତ ବ୍ୟୟରେ ଘରକୁ ନୂଆ ଗହଣା ପିସ୍ ନେଇପାରିବେ। ଏକ୍ସଚେଞ୍ଜ ଅଫର ପ୍ରଦାନ କରି ତନିସ୍କ ଗ୍ରାହକମାନଙ୍କୁ ସେମାନଙ୍କ ପୁରୁଣା ସୁନାର ସର୍ବୋତ୍ତମ ମୂଲ୍ୟ ପ୍ରଦାନ କରୁଛି। ସୁନା ଗହଣା କ୍ରୟ ଉପରେ ଗ୍ରାହକ ଗ୍ରାମ୍ ପିଛା ୧୦୧ ଟଙ୍କାର ରିହାତି ପାଇବେ। ଏହା ସହିତ



ଗହଣାର ଗଢ଼ା ମୂଲ୍ୟରେ ଏବଂ ହୀରା ଗହଣା ମୂଲ୍ୟ ଉପରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି ତନିସ୍କ। ଚଳିତ ପାର୍ବଣରେ ଆସିଥିବା ୨ହଜାରରୁ ନୂଆ ଏବଂ ସୁକ୍ଷ୍ମ ଡିଜାଇନ୍ ମଧ୍ୟରୁ ମନପସନ୍ଦର ଗହଣା ବାଛିପାରିବେ ଗ୍ରାହକ।

## ଲାଇଫ୍‌ଷ୍ଟାଇଲ୍‌ର ସମସ୍ତ ନୂଆ କଲେକ୍ସନ୍ ସହ ଆପଣଙ୍କ ଫେଷ୍ଟିଭ୍ ଷ୍ଟାଇଲର ଉତ୍ସବକୁ ପାଳନ କରନ୍ତୁ

ଭୁବନେଶ୍ୱର, (ସବ୍ୟୁ): ଭାରତର ଅଗ୍ରଣୀ ଫ୍ୟାସନ୍ ଗନ୍ତବ୍ୟ ସ୍ଥଳ ଲାଇଫ୍‌ଷ୍ଟାଇଲ୍ ଚଳିତ ସିଜିନ ପାଇଁ ନିଜର ସ୍ୱତନ୍ତ୍ର ଫେଷ୍ଟିଭ କଲେକ୍ସନର ଉନ୍ମୋଚନ କରିବାକୁ ନେଇ ଉତ୍ସାହିତ ଯାହାକି ଆପଣଙ୍କ ପାର୍ବଣର ମୁହୂର୍ତ୍ତରେ ଷ୍ଟାଇଲ ଏବଂ ଅତ୍ୟାଧୁନିକତାର ସତେଜତା ଭରିଦେବ। ଲାଇଫ୍‌ଷ୍ଟାଇଲ୍‌ର ନୂଆ ଫେଷ୍ଟିଭ୍ କଲେକ୍ସନ୍‌ରେ ସମସ୍ତଙ୍କ ପାଇଁ କିଛି ନା' କିଛି ରହିଛି। ପାରମ୍ପରିକ ଏବଂ ଫ୍ୟୁଜନ୍ ସ୍ୱଦେଶୀ ପରିଧାନର କାଳାତୀତ ଆକର୍ଷଣରୁ ଆରମ୍ଭ କରି ସମସାମୟିକ ପାଶ୍ଚାତ୍ୟ ଶୈଳୀର ଚମକପ୍ରଦ ଗ୍ଲାମର୍ ପର୍ଯ୍ୟ', ଏହିସବୁ କଲେକ୍ସନରେ ରହିଛି ଲାଳିତ୍ୟ ଓ ଆଭିଜାତ୍ୟର ଚମତ୍କାର ମିଶ୍ରଣ। ମହିଳାମାନଙ୍କ ଫେଷ୍ଟିଭ୍ କଲେକ୍ସନ୍‌ରେ ଜଟିଳ ପାଟର୍ନ ଏବଂ ଅସଲୀ ରଙ୍ଗରେ ସୁସଜ୍ଜିତ ବିଭିନ୍ନ ପ୍ରକାରର ଚମତ୍କାର ସ୍ୱଦେଶୀ ପରିଧାନର ଅନେକ ବିକଳ୍ପ ଆଣିଦେଇଛି। ଯେଉଁମାନେ ପାରମ୍ପରିକ କିନ୍ତୁ ଆଧୁନିକ ସୌନ୍ଦର୍ଯ୍ୟ ଖୋଜୁଥାନ୍ତି ସେମାନଙ୍କ ପାଇଁ, ଏହି କଲେକ୍ସନରେ ସମସାମୟିକ ବ୍ଲକ୍-ପ୍ରିଂଟ, ଅଜରଖ-ଅନୁପ୍ରାଣିତ ପାଟର୍ନ, ଅନାରକଲୀ, ଷ୍ଟ୍ରେଟ୍-ଫିଟ୍ ପୋଷାକ, କୁର୍ତ୍ତା ସେଟ୍ ପରି ଉତମ ସିଲ୍‌ଉଟ୍ରେ ସୁସଜ୍ଜିତ ଡିଜାଇନ୍ ରହିଛି, ଯାହା ଆନନ୍ଦର ସହ ଉତ୍ସବ ପାଳନ ପାଇଁ ଉପଯୁକ୍ତ ବିକଳ୍ପ ପ୍ରଦାନ କରୁଛି। ପୁରୁଷଙ୍କ ପୋଷାକ କଲେକ୍ସନରେ କ୍ଲାସିକ୍ ପରମ୍ପରା ଏବଂ ଆଧୁନିକତାର ସ୍ପର୍ଶ ସହିତ ରହିଥିବା କୁର୍ତ୍ତା ଏବଂ ଜ୍ୟାକେଟର ଏକ ସୁନ୍ଦର ରେ ପ୍ରଦାନ କରିଥାଏ। ଏଠାରେ ଉପଲବ୍ଧ ଥିବା କୁର୍ତ୍ତା ଏକ ଜୀବନ୍ତ ରଙ୍ଗ ପ୍ୟାଲେଟ୍ ପ୍ରଦର୍ଶନ କରିଥାଏ, ଯାହା ସମସାମୟିକ ଢାଂଚା ଓ ଜଟିଳ ଏମ୍ବ୍ରୋଡୋରୀ ଦ୍ୱାରା ଉନ୍ନତ ରୂପେ ପରିଭାଷିତ ହୋଇଛି। ଗ୍ଲାମର୍ ସ୍ପର୍ଶ ଚାହୁଁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଚିକଙ୍କରୀ, ଡିଜିଟାଲ୍ ପ୍ରିଂଟ ଏବଂ ଡେ-ଫେଷ୍ଟିଭ୍ କୁର୍ତ୍ତା ପରି ବିକଳ୍ପ ଆପଣଙ୍କ ପାଇଁ ଉପଯୁକ୍ତ ପସନ୍ଦ ହୋଇପାରେ। କୁର୍ତ୍ତା ବ୍ୟତୀତ, ଜ୍ୟାକେଟ୍ ର ରେ୍ ମଧ୍ୟରେ ରହିଛି ଆପଣଙ୍କ ପସନ୍ଦ ମୁତାବକ ଉତ୍ସବ ପରିଧାନ।

## ଅନୁଗୁଳରେ ଜିନ୍ଦଲ ପାନ୍ଥର୍ ସିମେଣ୍ଟର ୧.୫ ଏମଟିପିଏ ଗ୍ରାଇଣ୍ଡିଂ ୟୁନିଟର କାର୍ଯ୍ୟକ୍ଷମ

# ସିମେଣ୍ଟ ପ୍ରସ୍ତୁତିରେ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସକୁ ଗୁରୁତ୍ୱ

ନୂଆଦିଲ୍ଲୀ, (ସବ୍ୟୁ): କମ୍ କାର୍ବନ ସିମେଣ୍ଟ ଉତ୍ପାଦନ ପ୍ରତି ନିଜର ପ୍ରତିବଦ୍ଧତାକୁ ଜିନ୍ଦଲ ଗ୍ରୁପ ଅଧୀନରେ ଥିବା ଜିନ୍ଦଲ ପାନ୍ଥର୍ ସିମେଣ୍ଟ (ଜେପିସି) ଓଡ଼ିଶାର ଅନୁଗୁଳରେ ନିଜର ପ୍ରଥମ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ କାର୍ଯ୍ୟକ୍ଷମ କରିଛି। ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ଏବଂ ବାର୍ଷିକ ୧.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏହି

JINDAL PANTHER® CEMENT

ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟରେ ସିମେଣ୍ଟ ପ୍ରସ୍ତୁତି ପାଇଁ ଅନୁଗୁଳସ୍ଥିତ ଜେଏସପିଏଲ ସମନ୍ୱିତ ଇସ୍ପାତ କାରଖାନାରୁ ନିର୍ଗତ ବାର୍ଷିକ ପ୍ରାୟ ୧ ମିଲିୟନ ଟନ୍ ବ୍ଲାଷ୍ଟ ଫର୍ନେସ ସ୍ଲାଗ ବ୍ୟବହାର ହେବ, ଯାହା ସିମେଣ୍ଟ ଉତ୍ପାଦନ ପାଇଁ ସର୍ବନିମ୍ନ ପରିମାଣର କ୍ଲିଙ୍କର ବ୍ୟବହାର ଦ୍ୱାରା ଅଙ୍ଗାର କାମ୍ଳ ନିର୍ଗମନ ଉଲ୍ଲେଖନୀୟ ଭାବେ କମ କରିବ। ଏହି ପଦକ୍ଷେପ ମାଧ୍ୟମରେ କମ୍ କାର୍ବନ ସିମେଣ୍ଟ ଉତ୍ପାଦନରେ ଅଗ୍ରଣୀ ହେବାକୁ ଜେପିସି ଲକ୍ଷ୍ୟ ରଖିଛି। ସର୍ବନିମ୍ନ କାର୍ବନ ଓ ଉଚ୍ଚଗୁଣବତ୍ତାବିଶିଷ୍ଟ ପୋର୍ଟଲେଣ୍ଡ ସ୍ଲାଗ ଏବଂ କମ୍ପୋଜିଟ ସିମେଣ୍ଟକୁ କେନ୍ଦ୍ରୀୟ ଓ ପୂର୍ବ ଭାରତର ଉପଭୋକ୍ତାଙ୍କ ନିକଟରେ ପହଞ୍ଚାଇବା ପାଇଁ ଜେପିସିର ମିଶନ ନିମନ୍ତେ ଅନୁଗୁଳ ଗ୍ରାଇଣ୍ଡିଂ ୟୁନିଟ୍ ଗୁରୁତ୍ୱପୂର୍ଣ୍ଣ। ଜେଏସପିର ଇସ୍ପାତ ଉତ୍ପାଦନ ପ୍ରକ୍ରିୟାରୁ ଉତ୍ପନ୍ନ ବର୍ଜ୍ୟବସ୍ତୁକୁ ବ୍ୟବହାର କରି ସିମେଣ୍ଟ ଡିଭିଜନ କାର୍ବନ ଫୁଟପ୍ରିଣ୍ଟ ହ୍ରାସ କରିବା ସହିତ ଚିରସ୍ଥାୟୀ ଶିଳ୍ପାୟନକୁ ପ୍ରୋତ୍ସାହିତ କରିବ। ଏହି ବିକାଶ ଜେଏସପିଏଲର ବ୍ୟାପକ ଡିକାର୍ବନା ଇଜେସନ୍ ଉଦ୍ଦେଶ୍ୟ ସହିତ ସଂଯୁକ୍ତ ହୋଇ ଗ୍ରୁପ୍ କୁ ଏକ ସବୁଜ, ସ୍ଥାୟୀ ଭବିଷ୍ୟତ ଆଡକୁ ଆଗେଇ ନେଇଛି।

## ବାତ୍ୟା ମୁକାବିଲା ଲାଗି ଟିପିସିଓଡିଏଲର ବ୍ୟାପକ ପ୍ରସ୍ତୁତି

ଭୁବନେଶ୍ୱର (ସବ୍ୟୁ): ଟାଟା ପାଓ୍ୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ବିଦ୍ୟୁତ୍ ଯୋଗାଣ ଉପରେ ବାତ୍ୟା 'ଦାନା'ରସମ୍ଭାବ୍ୟ ପ୍ରଭାବକୁ ହ୍ରାସ କରିବା ଏବଂ ଗ୍ରାହକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ବ୍ୟାପକ ପ୍ରସ୍ତୁତି ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି ଆହ୍ୱାନପୂର୍ଣ୍ଣ ସମୟରେ ଜନସାଧାରଣଙ୍କ ସୁରକ୍ଷାକୁପ୍ରାଥମିକତା ଦେଇ ନିରବଚ୍ଛିନ୍ନ ବିଜୁଳି ଯୋଗାଇଦେବାକୁ କମ୍ପାନି ପ୍ରତିଶ୍ରୁତିବଦ୍ଧ ରହିଛି।ଟିପିସିଓଡିଏଲ୍ ଏହାର ବ୍ୟବସାୟ ନିରନ୍ତରତା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା (ବିସିଡିଏମପି)କୁ କାର୍ଯ୍ୟକାରୀ କରିଛି। ସେଥିରେ ବିଭିନ୍ନ ସ୍ତରର ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁଏକ ସଂଗଠିତ ବିପର୍ଯ୍ୟୟ ପ୍ରତିକ୍ରିୟା ଢ଼ାଂଚା ରହିଛି। ବାସ୍ତବ ସମୟ ପାଣିପାଗ ଆକଳନ ଓ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ, ବିପର୍ଯ୍ୟୟ ପୂର୍ବରୁ ସତର୍କ ସୂଚନା ଜାରି କରିବା ତଥା ତ୍ୱରିତପୁନରୁଦ୍ଧାର ପ୍ରକ୍ରିୟା କାର୍ଯ୍ୟକାରୀ କରିବା ପାଇଁ ଏହି ଯୋଜନାରେ ସ୍ପଷ୍ଟ ପରିଚାଳନା ବ୍ୟବସ୍ଥା ଉଲ୍ଲେଖ କରାଯାଇଛି। ୨୪ ଘିଣ୍ଟଆ ଜରୁରୀକାଳୀନ ସହାୟତାଗ୍ରାହକମାନଙ୍କୁ ଟିପିସିଓଡିଏଲର ୨୪ ଘଣ୍ଟିଆ ଦେୟମୁକ୍ତ ହେଲପଲାଇନ: ୧୯୧୨/ ୧୮୦୦୩୪୫୭୧୨୨ମାଧ୍ୟମରେ ବିଜୁଳି ସମ୍ବନ୍ଧୀୟ କୌଣସି ଜରୁରୀକାଳୀନ ପରିସ୍ଥିତି ବିଷୟରେ ଜଣାଇବାକୁ ଅନୁରୋଧ କରାଯାଇଛି। ଆମେ ସମସ୍ତଙ୍କୁ ନିରାପତ୍ତା ମାର୍ଗଦର୍ଶିକା ପାଳନ କରିବାକୁ ଅନୁରୋଧ କରୁଛୁ ଏବଂଯେକୌଣସି ଜରୁରୀକାଳୀନ ପରିସ୍ଥିତି ବିଷୟରେ ତୁରନ୍ତ ଅବଗତ କରିବାକୁ ଅନୁରୋଧ କରୁଛୁ ବୋଲି ଟିପିସିଓଡିଏଲର ସିଇଓ ଅରଭିନ୍ଦ ସିଂହ କହିଛନ୍ତି।

# ବାପୁଜୀ ନଗର ନାଗରିକ କମିଟିର ବାର୍ଷିକ ଉତ୍ସବ

ଭୁବନେଶ୍ୱର(ସବ୍ୟୁ): ସମବାୟ ଆବାସିକ କଲୋନୀ ବାପୁଜୀ ନଗର ନାଗରିକ କମିଟିର ବାର୍ଷିକ ଉତ୍ସବ ଇତି ମଧ୍ୟରେ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ମହାସମାରୋହରେ ସମସ୍ତ ନାଗରିକମାନଙ୍କ ଗହଣରେ ଅତ୍ୟନ୍ତ ଉତ୍ସାହ ଓ ଉଲ୍ଲାସ ସହ ପାଳିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ ଉଦବୋଧନ ଦେଇ ଭୁବନେଶ୍ୱର ଇତିହାସର ବାଖ୍ୟା କରିଥିଲେ। ମା' ଗଜଲକ୍ଷ୍ମୀଙ୍କୁ ଦର୍ଶନ କରି ଅଞ୍ଚଳର ଉନ୍ନତି କାମନା କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟପାଇଁ ନାଗରିକ ସମ୍ମାନ ଡ. ବୀଣାପାଣି ଦାଶଙ୍କୁ ପ୍ରଦାନ କରାଯାଇଥିଲା।



ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କ୍ୟାପିଟାଲ ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା ଓ ସବ ଇନ୍ସପେକ୍ଟର ସତ୍ୟବ୍ରତ ଗ୍ରହଚାର୍ଯ୍ୟଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଏହି ସଭାରେ ସାଧାରଣ ସମ୍ପାଦକ ଡ. ଦୁଷ୍ମନ୍ତ ସାହୁ ସ୍ୱାଗତ ଅଭିଭାଷଣ ଓ ସମ୍ପାଦକୀୟ ବିବରଣୀ ଉପସ୍ଥାପନା କରିଥିଲେ। ପ୍ରତିବର୍ଷ ଭଳି କମିଟି ଦ୍ୱାରା ବିଭିନ୍ନ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ସଭାକୁ ଯୁଗ୍ମ ସମ୍ପାଦକ ପ୍ୟାରୀ ମୋହନ ସେନାପତି ପରିଚାଳନା କରିଥିଲେ।

## କୁଚିଣ୍ଡା ନାବାଳିକା ଗଣଦୁଷ୍କର୍ମ ଘଟଣାକୁ

# ଗୁରୁତ୍ୱ ଦେଇ ନବୀନଙ୍କ ଦ୍ୱାରା ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଗଠନ

ଭୁବନେଶ୍ୱର (ସବ୍ୟୁ): କୁଚିଣ୍ଡାରେ ଦଳିତ ସମ୍ପ୍ରଦାୟର ଏକ ନାବାଳିକାକୁ ଗଣଦୁଷ୍କର୍ମ ମାମଲାରେ ପୋଲିସର ଟାଳଟୁଳ ନୀତିକୁ ନେଇ ମଙ୍ଗଳବାର ବିଜେଡି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି। ବିଜେଡି ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଘଟଣା ଉପରେ କ୍ଷୋଭ ପ୍ରକାଶ କରିବା ସହିତ ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରିଛନ୍ତି ବୋଲି ଶଙ୍ଖଭନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ସମନ୍ୱୟ କମିଟି ସଦସ୍ୟ ଦେବେଶ ଆଚାର୍ଯ୍ୟ ଓ ମୁଖପାତ୍ର ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର ସୂଚନା ଦେଇଛନ୍ତି।

ଡ଼ଃ ସାମନ୍ତସିଂହାର କହିଥିଲେ, ଅକ୍ଟୋବର ୧୫ ତାରିଖରେ କୁଚିଣ୍ଡାର ଏନଏସି ଅଞ୍ଚଳରେ ଦଳିତ ସମ୍ପ୍ରଦାୟର ପାରମ୍ପରିକ କରମା ପୂଜା ଅନୁଷ୍ଠିତ ହେଉଥିଲା। ଏହି ପୂଜାରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟର ପଞ୍ଚାୟତରାଜ ମନ୍ତ୍ରୀ ରବି ନାୟକ ଯୋଗ ଦେଇଥିଲେ। ଘଟଣା ଦିନ ରାତିରେ, ସ୍ଥାନୀୟ ଅଞ୍ଚଳର ଚଉଦ ବର୍ଷର ଏକ ନାବାଳିକା ପୂଜା ସ୍ଥଳକୁ ଯାଇଥିଲା। ସେଠାରେ ତାର ଜଣେ ପରିଚିତ ଯୁବକ ସହ ଭେଟ ହୋଇଥିଲା ଯିଏ ତାକୁ ଘରେ ଛାଡ଼ିଦେବ ବୋଲି କହିଥିଲା। ନାବାଳିକା ରାଜି ହେବାରୁ ତାକୁ ନେଇ ଏକ କାରରେ ବସାଇଥିଲା, ଯେଉଁଥିରେ ଆଗରୁ ଆଉ ଚାରିଜଣ ଯୁବକ ବସିଥିଲେ। ଗାଡିଟିକୁ ନାବାଳିକାର ଘରକୁ ନନେଇ ସେମାନେ ଏକ କ୍ଲବ ଘରକୁ ନେଇ ଯାଇଥିଲେ ଓ ସେଠାରେ ଜଣେ ପରେ ଜଣେ ନାବାଳିକାକୁ ଗଣ ବଳତ୍କାର କରିଥିଲେ। ପରେ ସେମାନେ ତାକୁ ଏକ ନିକାଞ୍ଚନ ଜାଗାରେ ଛାଡି ଦେଇଥିଲେ। ନାବାଳିକାର ପରିବାର ସଦସ୍ୟ ମାନେ ଝିଅଟିର ଘରକୁ ଫେରିବା ବିଳମ୍ବ ହେବାରୁ ତାକୁ ଖୋଜା ଖୋଜି ଆରମ୍ଭ କରିଥିଲେ ଏବଂ ତାକୁ ଅଧ ରାସ୍ତାରେ ପାଇଥିଲେ। ନାବାଳିକା ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ଥିଲା ଓ ପାଞ୍ଚଜଣ ତାକୁ ଏକ ନିକାଞ୍ଚନ ଜାଗାକୁ ନେଇଯିବା କଥା କହିଥିଲା। ପରିବାର ସଦସ୍ୟ ନାବାଳିକକୁ କୁଚିଣ୍ଡା ଥାନାକୁ ନେଇଥିଲେ ଓ ସେଠାରେ ତାର ବିବରଣୀ ଅନୁଯାୟୀ ଏକ ଅପହରଣ ମାମଲା ରୁଜୁ କରାଯାଇଥିଲା। ନାବାଳିକା ଘରକୁ ଫେରିଯିବା ପରେ ତାର ମାନସିକ ସ୍ଥିତି ସାମାନ୍ୟ ହେବା ପରେ ସେ ଗଣବଳତ୍କାର କଥା ପ୍ରକାଶ କରିଥିଲା। ପରିବାରର ସଦସ୍ୟମାନେ ପରଦିନ ଥାନାକୁ ଆସି ଗଣବଳତ୍କାର ଅଭିଯୋଗ ତାଙ୍କ ଏଫଆଇଆରରେ ଯୋଡିବା ପାଇଁ ଅନୁରୋଧ କରିଥିଲେ କିନ୍ତୁ ଥାନା ଅଧିକାରୀ ଏହାକୁ ଗ୍ରହଣ କରି ନଥିଲେ। ୫ ଜଣ ଅଭିଯୁକ୍ତଙ୍କ ଭିତରେ ରାଜ୍ୟ ପଞ୍ଚାୟତରାଜ ମନ୍ତ୍ରୀଙ୍କ ଜଣେ ଘନିଷ୍ଠ ସହଯୋଗୀ, ହରିହର ପାଣି ଅଛନ୍ତି, ଯେଉଁଥି ପାଇଁ ପୋଲିସ ଅଧିକାରୀ ମାନେ ଘଟଣାକୁ ରଫାଦଫା କରିଦେବା ପାଇଁ ଚେଷ୍ଟା କରୁଛନ୍ତି ବୋଲି ଡ଼ଃ ସାମନ୍ତସିଂହାର କହିଥିଲେ। ଘଟଣାରେ, ୩ ଜଣଙ୍କୁ ଗିରଫ କରାଯାଇଥିଲେ ସୁଦ୍ଧା ମନ୍ତ୍ରୀଙ୍କ ସହଯୋଗୀ ପାଣିଙ୍କୁ ଗିରଫ କରାଯାଇ ନାହିଁ। ପୋଲିସ କହୁଛି, ସେମାନେ ତାଙ୍କୁ ଖୋଜୁଛନ୍ତି କିନ୍ତୁ ନାବାଳିକାଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ ଦ୍ୱିତୀୟ ଦିନ ସେମାନେ ଥାନାରେ ପହଞ୍ଚିବା ବେଳେ ଅଭିଯୁକ୍ତ ପାଣି ଥାନା ଅଧିକାରୀଙ୍କ ସହ ବସିଥିଲେ। ତେଣୁ, ପୋଲିସର ଭୂମିକା ଏହି ଘଟଣାରେ ସନ୍ଦେହ ଘେରରେ ରହିଛି। ଏପରିକି ପୋଲିସ ନାବାଳିକାଙ୍କ ପରିବାରକୁ ଅଭିଯୁକ୍ତଙ୍କ ସହ ବୁଝାମଣା କରିବା ପାଇଁ ପ୍ରବର୍ତ୍ତାଉଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ମନ୍ତ୍ରୀଙ୍କ ସହଯୋଗୀଙ୍କୁ ଖସାଇ ଦେବା ପାଇଁ ରାଜ୍ୟ ସରକାର ଏହି ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରୁଛନ୍ତି।

ଦେବେଶ ଆଚାର୍ଯ୍ୟ କହିଥିଲେ, ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଘଟଣା ଉପରେ କ୍ଷୋଭ ପ୍ରକାଶ କରିବା ସହିତ ବିଜୁ ଜନତା ଦଳର ମହିଳା ସଭାନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଅଧ୍ୟକ୍ଷତାରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରିଛନ୍ତି। ଏହି କମିଟିରେ ଅନ୍ୟ ସଦସ୍ୟ ମାନେ ହେଲେ ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ରିତା ସାହୁ, ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ବିଧାୟିକା ଶ୍ରୀମତୀ ବର୍ଷା ସିଂ ବରିହା, ପୂର୍ବତନ ବିଧାୟିକା ଶୁଶ୍ରୀ ଦୀପାଳି ଦାସ, ପୂର୍ବତନ ବିଧାୟିକା ଶ୍ରୀମତୀ ଅଳକା ମହାନ୍ତି, ସମ୍ବଲପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ୍ୟା ଶ୍ରୀମତୀ କୁମୁଦିନୀ ନାୟକ। ଏହି କମିଟିର ସଦସ୍ୟ ମାନେ କୁଚିଣ୍ଡା ଯାଇ ନାବାଳିକା ଓ ତାର ପରିବାରବର୍ଗଙ୍କୁ ଭେଟି ଘଟଣାର ସବିଶେଷ ବିବରଣୀ ଦଳର ସଭାପତିଙ୍କ ନିକଟରେ ପ୍ରଦାନ କରିବେ।

## ଏଆଇ ଏବଂ ଡାଟା ଗୋପନୀୟତାରେ ବିଶ୍ୱସ୍ତରୀୟ

# ମାନଦଣ୍ଡ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ଦୂରସଂଚାର ବିଭାଗ ଓ ସେଲ୍ୟୁଲାର ଅପରେଟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ (ସିଓଏଆଇ)ର ମିଳିତ ଆନୁକୂଲ୍ୟରେ ଏସିଆର ସର୍ବବୃହତ ଟେଲିକମ୍, ମିଡିଆ ଓ ଟେକ୍ନୋଲୋଜି ଫୋରମ୍ ଅଷ୍ଟମ ଇଣ୍ଡିଆନ୍ ମୋବାଇଲ୍ କଂଗ୍ରେସ (ଆଇଏମ୍‌ସି) ୨୦୨୪ ଆଜି ଭାରତ ମଣ୍ଡପରେ ଉଦ୍‌ଘାଟନ ସହ ଶୁଭାରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ପୂର୍ବରୁ ପ୍ରଦର୍ଶନୀ କ୍ଷେତ୍ର ବୁଲି ଦେଖିଥିଲେ ଏବଂ



ଯେଉଁଠାରେ ସେ ଡିଜିଟାଲ ଇଣ୍ଡିଆର ଚାରିଟି ସ୍ତମ୍ଭ - କମ୍ ମୂଲ୍ୟର ଉପକରଣ, ଦେଶର କୋଣ ଅନୁକୋଣରେ ଡିଜିଟାଲ ସଂଯୋଗର ବ୍ୟାପକ ପହଂଚ, ସହଜରେ ଉପଲବ୍ଧ ଡାଟା ଏବଂ ଡିଜିଟାଲ ଫାଷ୍ଟଦ୍ଧ୍ୟ୯ର ଲକ୍ଷ୍ୟ ବିଷୟରେ ଉଲ୍ଲେଖ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ ଦି ଫ୍ୟୁଚର ଇଜ୍ ନାଓଦ୍ଧ୍ୟ୯କୁ ପ୍ରଦର୍ଶିତ କରି ଆଇଏମ୍ ସି ଏବଂ ଡବ୍ଲ୍ୟୁଟିଏସ୍ଏ ୨୦୨୪ର ପ୍ରଥମ ଦିନରେ ବିଶ୍ୱସ୍ତରୀୟ ନେତା, ଦୂରଦର୍ଶୀ, ଉଦ୍ଭାବକ ଏବଂ ପ୍ରଦର୍ଶକମାନେ ପ୍ରମୁଖ ଶିଳ୍ପ ଏବଂ କ୍ଷେତ୍ରରେ ଅଭିନବ ଜ୍ଞାନକୌଶଳ, ଧାରଣା ଏବଂ ବ୍ୟବହାର ମାମଲା ପ୍ରଦର୍ଶନ କରିଥିଲେ। ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଅକ୍ଟୋବର ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଇଣ୍ଡିଆ ମୋବାଇଲ କଂଗ୍ରେସ ୨୦୨୪ ଅନୁଷ୍ଠିତ ହେଉଛି। ସିଓଏଆଇର ମହାନିର୍ଦ୍ଦେଶକ ଲେଫ୍ଟନାଟ୍ ଜେନେରାଲ ଡକ୍ଟର ଏସପି କୋଚର ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଉପରେ ମନ୍ତବ୍ୟ ଦେଇ କହିଛନ୍ତି, ଭାରତର ଟେଲିକମ୍ କାହାଣୀ ଏକ ନୂତନ ପର୍ଯ୍ୟାୟରେ ଉଭା ହେଉଛି। ଆଇଏମସି ୨୦୨୪ ଏବଂ ଡବ୍ଲୁଟିଏସଏ ୨୦୨୪ ଆଜି ଉଦ୍‌ଘାଟନ ହେବା ପରେ ଆଗାମୀ କିଛି ଦିନ ପାଇଁ ଆଲୋଚନା ଶିଳ୍ପରେ ଭାରତର ବଢୁଥିବା ବିଶ୍ୱ ନେତୃତ୍ୱରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପ୍ରଧାନମନ୍ତ୍ରୀଙ୍କ ଉଦ୍‌ଘାଟନୀ ଭାଷଣରୁ ଆମେ ପ୍ରକୃତରେ ପ୍ରେରଣା ପାଇଛୁ, ଯେଉଁଥିରେ ସେ ଡିଜିଟାଲ ଇଣ୍ଡିଆ, ବୈଷୟିକ ନେତୃତ୍ୱ ଏବଂ ମହିଳାମାନଙ୍କ ପାଇଁ ମିଳିତ ସୁଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ।

# ହିଜବୁଲ୍ଲାର ଗୁପ୍ତ ପାଣ୍ଠି ଠାବ




ବେରୁଟ : ଲେବାନନର ରାଜଧାନୀ ବେରୁଟ ଡାକ୍ତରଖାନା ତଳେ ହିଜବୁଲ୍ଲାର ଗୁପ୍ତ ପାଣ୍ଠି ରହିଥିଲା । ଏହି ବଙ୍କରରେ ଶହ ଶହ ଡଲାର କ୍ୟାସ୍ ଏବଂ ସୁନା ରହିଛି । ଗୁପ୍ତ ପାଣ୍ଠି ଉପରେ ଏଯାଏ ଆକ୍ରମଣ କରାଯାଇ ନାହ । ଏହି ପାଣ୍ଠିରେ ଲେବାନନର ପୁନଃନିର୍ମାଣ କରାଯାଇ ପାରିବ ବୋଲି ହେଜବୁଲ୍ଲାର ଆଇଡିଏଫ ମୁଖପାତ୍ର ରିୟର ଆଡମିରାଲ ହାଗରୀ କହିଛନ୍ତି ।ରବିବାର ହେଜବୁଲ୍ଲାକୁ ଟାର୍ଗେଟ କରି ପୁନଃ ଆକ୍ରମଣ କରିଥିଲା ଇସ୍ରାଏଲ ବାୟୁସେନା । ଏହି ଆକ୍ରମଣ ପରେ ଆଇଡିଏଫ ମୁଖପାତ୍ର ରିୟର ଆଡମିରାଲ ହାଗରୀ ଏକ ଭିଡିଓ ଜାରି କରି ହେଜବୁଲ୍ଲାର ଗୁପ୍ତପାଣ୍ଠି ବାବଦରେ ସୂଚନା ଦେଇଛନ୍ତ । ସେ କହିଛନ୍ତି, ଆମେ ହିଜବୁଲ୍ଲାର ଗୁପ୍ତ ଅର୍ଥ ପାଣ୍ଠି ଠାବ କରିଛୁ । ବେରୁଟର କେନ୍ଦ୍ର ସ୍ଥଳରେ ଥିବା ଅଲ୍-ସାହେଲ ହସ୍ପିଟାଲରେ ଏହି ବଙ୍କର ଥିଲା, ଯେଉଁଠାରେ ହିଜବୁଲ୍ଲାର ମୁଖ୍ୟ ହାସନ ନସରଲ୍ଲା ରହୁଥିଲା । ଏଠାରେ ୫୦୦ ମିଲିୟନ ଡଲାରର କ୍ୟାସ୍ ଏବଂ ସୁନା ଗଚ୍ଛିତ ରହିଛି । ଏହି ଅର୍ଥ ରାଶିକୁ ଖଣ୍ଡ ବିଖଣ୍ଡିତ ହୋଇ ଯାଇଥିବା ଲେବାନନକୁ ପୁଣି ଥରେ ସଜଡ଼ା ଯାଇପାରିବ । ସୂଚନା ଅନୁସାରେ, ରବିବାର ରାତିରେ ଇସ୍ରାଏଲର ବାୟୁସେନା ହିଜବୁଲ୍ଲାର ଆର୍ଥିକ ସଂସ୍ଥା ଅଲ-କାର୍ଡ ଅଲ-ହାସନଦ୍ୱାରା ପରିଚାଳିତ ଅଞ୍ଚଳ ସମେତ ପ୍ରାୟ ୩୦ଟି ହିଜବୁଲ୍ଲା ସହ ସମ୍ପୃକ୍ତ ସ୍ଥାନକୁ ଟାର୍ଗେଟ କରି ଏୟାର ଷ୍ଟ୍ରାଇକ୍ କରିଥିଲା ।

## ସୀମା ବିବାଦର ସମାଧାନ

# ଭାରତ ସହ ଚୁକ୍ତିକୁ ମାନିଲା ଚୀନ

ନୂଆଦିଲ୍ଲୀ: ପୂର୍ବ ଲଦାଖରେ ଦୁଇ ଦେଶର ସୈନ୍ୟବାହିନୀ ମଧ୍ୟରେ ବିବାଦକୁ ଶେଷ କରିବା ପାଇଁ ଭାରତ ସହ ଚୁକ୍ତି ହୋଇଛି । ଏପରି କହିଛନ୍ତି ଚୀନ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ଲିନ୍ ଜିଆନ । ସେ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସ୍ପଷ୍ଟ କରିଛନ୍ତି । ଗତକାଲି ଭାରତ ସରକାରଙ୍କ ପକ୍ଷରୁ ଚୀନ ସହ ଆଲୋଚନା ସଫଳ ହୋଇଥିବା କୁହାଯାଇଥିଲା । ଆଜି ଚୀନ୍ ଏନେଇ ସ୍ପଷ୍ଟ କରିଛି । ଚୀନ୍ ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ର କହିଛନ୍ତି, ଦୁଇ ଦେଶ ମଧ୍ୟରେ ପ୍ରାସଙ୍ଗିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ଏଥିସହ ପୂର୍ବ ଲଦାଖରେ ଥିବା ବିବାଦର ଅନ୍ତ ଘଟାଇବା ପାଇଁ ଦୁଇ ଦେଶ ମଧ୍ୟରେ ଚୁକ୍ତି ହୋଇଛିଛ ଏଥିପାଇଁ ବେଜିଂ, ନୂଆଦିଲ୍ଲୀ ସହ ମିଶି କାର୍ଯ୍ୟ କରିବ ।

ଏହି ବିବାଦର ସମାଧାନ ପାଇଁ କିଛି ଦିନ ଧରି ଭାରତ ଏବଂ ଚୀନ୍ କୂଟନୈତିକ ଏବଂ ସାମରିକ ମାଧ୍ୟମରେ ଘନିଷ୍ଠ ଯୋଗାଯୋଗରେ ଅଛନ୍ତି ବୋଲି ଲିନ୍ ଜିଆନ କହିଛନ୍ତି । ତେବେ ଚୀନ୍ ପକ୍ଷରୁ ଏପରି ସ୍ପଷ୍ଟୀକରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୁଷ୍ ଗସ୍ତ ସମୟରେ ଆସିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାକୁ ରୁଷ ଗସ୍ତ କରିଛନ୍ତି । ଏହି ସମ୍ମିଳନୀରେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ମଧ୍ୟ ଯୋଗଦେବେ । ଏହି ଅବସରରେ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇପାରେ । ୪ ବର୍ଷ ଧରି ଏଲଏସି(ଲାଇନ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ)ରେ ପାଟ୍ରୋଲିଂକୁ ନେଇ ଦୁଇ ଦେଶ ମଧ୍ୟରେ ଲାଗି ରହିଥିବା ଛକାପଞ୍ଝାର ଅନ୍ତ ଘଟିଛି ।



ପୂର୍ବ ଲଦାଖରେ ପାଟ୍ରୋଲିଂକୁ ନେଇ ଭାରତ ଓ ଚୀନ ମଧ୍ୟରେ ଆପୋଷ ବୁଝାମଣା ସଫଳ ହୋଇଛି । ଉଭୟ ଦେଶ ସହମତିରେ ପହଞ୍ଚିଥିବା କହିଛନ୍ତି ବୈଦେଶିକ ସଚିବ ବିକ୍ରମ ମିଶ୍ରି । ସେ କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ଥିବା ଏହି ସମସ୍ୟାର ସମାଧାନ ପାଇଁ ଦୀର୍ଘଦିନ ଧରି ଆଲୋଚନା ଜାରି ରହିଥିଲା । ଶେଷରେ ବାରମ୍ବାର ଆଲୋଚନା ପରେ ପାଟ୍ରୋଲିଂ ବନ୍ଦୋବସ୍ତକୁ ନେଇ ଉଭୟ ଦେଶ ମଧ୍ୟରେ ବୁଝାମଣା ସମ୍ଭବ ହୋଇଛି । ଏହି ଆଲୋଚନା ପରେ ସୀମାରୁ ସୈନ୍ୟ ଅପସାରଣ ଏବଂ ୨୦୨୦ରେ ଦେଖା ଦେଇଥିବା ବିବାଦର ସମାଧାନ ପାଇଁ ବାଟ ଫିଟିଛି ।

ସୂଚନା ଯୋଗ୍ୟ ଯେ, ୨୦୨୦ରେ ଭାରତ ଓ ଚୀନ୍ ସେନା ମଧ୍ୟରେ ପାଟ୍ରୋଲିଂକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଏହାପରେ ଗଲୱାନ୍ ଘାଟିରେ ଦୁଇ ଦେଶର ସୈନଙ୍କ ମଧ୍ୟରେ ସଂଘର୍ଷ ଭଳି ଭୟଙ୍କର ସ୍ଥିତି ଉପୁଜିଥିଲା । ଏଥିରେ ଭାରତର ୨୦ ଜଣ ସୈନ୍ୟ ଶହୀଦ ହୋଇଥିଲେ । ଏହାପରେ କେଉଁ ଦେଶ କେତେ ଭିତର ଯାଏଁ ପାଟ୍ରୋଲିଂ କରିପାରିବ ଏହାକୁ ନେଇ ବିବାଦ ଉଗ୍ର ହୋଇଥିଲା । ଏହାକୁ ନେଇ ଉଭୟ ଦେଶ ମଧ୍ୟରେ ତିକ୍ତତା ବଢିବା ସହ, ସୀମାର ଉଭୟ ପଟେ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ସଂଖ୍ୟା ବୃଦ୍ଧି କରିଥିଲେ ଦୁଇ ଦେଶ । ଏହାର ସମାଧାନ ପାଇଁ ବହୁ ପର୍ଯ୍ୟାୟରେ କୋର୍ କମାଣ୍ଡରସ୍ତରୀୟ ବୈଠକ ଏବଂ କୂଟନୈତିକ ଆଲୋଚନା ହୋଇଥିଲା । ଶେଷରେ ଭାରତ ଓ ଚୀନ୍ ମଧ୍ୟରେ ଆପୋଷ ବୁଝାମଣା ସଫଳ ହୋଇଛି ।

# ଏକରୁ ଅଧିକ ବିବାହ ପଞ୍ଜିକରଣ କରିପାରିବେ ମୁସଲମାନ ପୁରୁଷ: ବମ୍ବେ ହାଇକୋର୍ଟ

ମୁମ୍ବାଇ: ମୁସଲମାନ ବିବାହ ସମ୍ପର୍କରେ ବମ୍ବେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ହାଇକୋର୍ଟ କହିଛନ୍ତି ଯେ ମୁସଲମାନ ପୁରୁଷମାନେ ଏକରୁ ଅଧିକ ବିବାହ ପଞ୍ଜିକରଣ କରିପାରିବେ କାରଣ ସେମାନଙ୍କର 'ପର୍ସନାଲ ଲ' ବହୁବିବାହକୁ ଅନୁମତି ଦେଇଥାଏ । ହାଇକୋର୍ଟଙ୍କର ଏହି ଆଦେଶ ଏକ ଆବେଦନ ଉପରେ ଆସିଛି ଯେଉଁଥିରେ ଜଣେ ମୁସଲମାନ ପୁରୁଷ ଏବଂ ତାଙ୍କ ତୃତୀୟ ପତ୍ନୀ ସେମାନଙ୍କ ବିବାହ ପଞ୍ଜିକରଣ ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ଆସି ନିର୍ଦ୍ଦେଶ ଲୋଡିଥିଲେ ।




ଜଷ୍ଟିସ୍ ବି ପି କୋଲାବାୱାଲା ଏବଂ ସୋମାଶେଖର ସୁନ୍ଦରେସନଙ୍କ ଏକ ଡିଭିଜନ୍ ବେଞ୍ଚ ଥାନେ ମ୍ୟୁନିସିପାଲ କର୍ପୋରେସନର ସବ-ବିବାହ ପଞ୍ଜିକରଣ କାର୍ଯ୍ୟାଳୟକୁ ଗତ ବର୍ଷ ଫେବୃଆରୀରେ ଜଣେ ମୁସଲମାନ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନ ଉପରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁମ୍ବାଇର ଜଣେ ବ୍ୟକ୍ତି ଆଲଜେରିଆ ମହିଳାଙ୍କ ସହ ତୃତୀୟ ଥର ବିବାହ କରିଥିଲେ । ବିବାହର ପଞ୍ଜିକରଣ ପାଇଁ ସେ ନିଗମ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଆବେଦନରେ ମୁସଲିମ ଦମ୍ପତି ବିବାହ ପ୍ରମାଣପତ୍ର ଦେବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ମାଗିଥିଲେ । ସମ୍ପୃକ୍ତ ଅଧିକାରୀ ପୁରୁଷ ଆବେଦନକାରୀଙ୍କର ଏହା ତୃତୀୟ ବିବାହ ହୋଇଥିବାରୁ ତାଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ । ଏହା ପରେ ସମ୍ପୃକ୍ତ ବ୍ୟକ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମ୍ୟୁନିସିପାଲିଟି କର୍ପୋରେସନ୍ ଏହି ବିବାହକୁ ପଞ୍ଜିକରଣ କରିବାକୁ ମନା କରିଦେଇ କହିଥିଲେ ଯେ ମହାରାଷ୍ଟ୍ର ବିବାହ ବ୍ୟୁରୋ ନିୟମାବଳୀ ଏବଂ ବିବାହ ପଞ୍ଜିକରଣ ଅଧିନିୟମ ଅନୁଯାୟୀ ବିବାହର ସଂଜ୍ଞା କେବଳ ଗୋଟିଏ ବିବାହକୁ ଅନ୍ତର୍ଭୁକ୍ତ କରିଛି । ଏକାଧିକ ବିବାହକୁ ନୁହେଁ ।ଏହି ଆବେଦନ ଶୁଣାଣି ବେଳେ ହାଇକୋର୍ଟ ବେଞ୍ଚ କର୍ତ୍ତୃପକ୍ଷଙ୍କ ଯୁକ୍ତିକୁ ଭୁଲ୍ ଘୋଷଣା କରିଛନ୍ତି ଏବଂ କହିଛନ୍ତି ଯେ ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଭୁଲ୍ ଧାରଣା ଉପରେ ଆଧାରିତ । ହାଇକୋର୍ଟ ଏହି ଆଇନରେ କିଛି ପାଇଲେ ନାହିଁ ଯାହା ଜଣେ ମୁସଲମାନ ବ୍ୟକ୍ତିଙ୍କୁ ତୃତୀୟ ବିବାହ ପଞ୍ଜିକରଣ କରିବାରେ ବାରଣ କରିଥିଲା ।

# ରୁଷ ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ: ଆଜି ରୁଷ ଗସ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ରୁଷ ଗସ୍ତ କରିଛନ୍ତି । କାଜାନରେ ୨୨ରୁ ୨୪ ଯାଏ ୧୬ତମ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ଭାରତ, ରୁଷ, ଚୀନ୍ ଓ ଦକ୍ଷିଣ ଆଫ୍ରିକାର ଶୀର୍ଷ ନେତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛ ।

ପ୍ରଧାନମୋନ୍ତ୍ରୀ ମୋଦି ରୁଷରେ ପହଞ୍ଚିବେ, ଆସନ୍ତାକାଲି ଅର୍ଥା୍ ୨୩ ଅକ୍ଟୋବରରେ ବ୍ରିକ୍ସ ସମ୍ମିଳନୀର ମୁଖ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ପରେ ସେହିଦିନ ନୂଆଦିଲ୍ଲୀ ଫେରିଆସିବେ । ବ୍ରିକ୍ସ ସମ୍ମିଳନୀର ମୁଖ୍ୟ କାର୍ଯ୍ୟକ୍ରମ ପରେ କାଜାନରେ ରାଷ୍ଟ୍ରମୁଖ୍ୟଙ୍କୁ ନେଇ ନୈଶ୍ୟ ଭୋଜିରେ ଆୟୋଜନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହି ନୈଶ୍ୟ ଭୋଜିରେ ଯୋଗଦେବେ । ଏହାପରେ ସେ ଭାରତ ଫେରିବାର କାର୍ଯ୍ୟକ୍ରମ ରହିଛ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ସମ୍ମିଳନୀ ସହ ବିଭିନ୍ନ ରାଷ୍ଟ୍ରମୁଖ୍ୟଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିପାରନ୍ତି ମୋଦି । କିନ୍ତୁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ମୋଦିଙ୍କର ଦ୍ୱିପାକ୍ଷିକ ଆଲୋଚନା ହେବ କି ନାହିଁ, ସେନେଇ ଚର୍ଚ୍ଚା ଲାଗି ରହିଛି ।



# ଗୋଳା ବାରୁଦ କାରଖାନାରେ ଭୟଙ୍କର ବିସ୍ଫୋରଣ, ୨ ମୃତ



ଜବଲପୁର: ମଧ୍ୟପ୍ରଦେଶର ଜବଲପୁରରେ ଥିବା ଅର୍ଡନାନ୍ସ ଫ୍ୟାକ୍ଟ୍ରି ଖାମରିଆର ଫିଲିଂ ସେକ୍ସନ-୬ରେ ଭୟଙ୍କର ବିସ୍ଫୋରଣ ହୋଇଛି । ଏଥିରେ ଫ୍ୟାକ୍ଟ୍ରିର ଦୁଇ ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦ରୁ ଅଧିକ ଆହତ ହୋଇଛନ୍ତି । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ବହୁ ଦୂର ଯାଏଁ ଏହାର ଶବ୍ଦ ଶୁଣିବାକୁ ମିଳିଥିଲା । ତେବେ ଏହି ବିସ୍ଫୋରଣ କିଭଳି ହେଲେ ସେ ନେଇ କୌଣସି ସୂଚନା ମିଳିନାହିଁ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛ । ଅନେକ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ତେଣୁ ଆଗକୁ ମୃତ୍ୟୁ ସଂଖ୍ୟା ବଢିପାରେ ।ଅର୍ଡନାନ୍ସ ଫ୍ୟାକ୍ଟ୍ରିର ଜଣେ ଅଧିକାରୀଙ୍କ କହିବା ମୁତାବକ, ସକାଳ ୧୦ଟା ୩୦ରେ ଏହି ବିସ୍ଫୋରଣ ଘଟିଥିବା କୁହାଯାଉଛି । ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି ।

ବିସ୍ଫରଣ ଯୋଗୁ ଫ୍ୟାକ୍ଟ୍ରିର ଏକ ଅଂଶ ଭୁଶୁଡି ପଡିଛି । ମାଟି ତଳେ ଶ୍ରମିକ ଜଣକ ପୋତି ହୋଇଯାଇଥିବା ଆଶଙ୍କା କରାଯାଉଛି । ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ଅର୍ଡନାନ୍ସ ଫ୍ୟାକ୍ଟ୍ରି ଖାମରିଆରେ ବୋମା ଏବଂ ବିସ୍ଫୋରକ ସାମଗ୍ରୀ ପ୍ରସ୍ତୁତ କରାଯାଏ ।

# ଗ୍ୟାସ୍ ସିଲିଣ୍ଡର ଫାଟି ୬ ମୃତ, ୮ ଗୁରୁତର

ଲକ୍ଷ୍ନୌ: ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଗତ ରାତିରେ ଏକ ବଡ଼ ଅଘଟଣ ଘଟିଛି । ଏକ ଗ୍ୟାସ୍ ସିଲିଣ୍ଡର ଫାଟି ପରିବାରର ୬ ସଦସ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ ୮ ଜଣ ଗୁରୁତର ଅଛନ୍ତି । ରାଜ୍ୟର ବୁଲନ୍ଦ ସହରର ସିକନ୍ଦରାବାଦ ଥାନା ଆଶାପୁରୀ ସାହିରେ ଏହି ଅଘଟଣ ଘଟିଛି । ଆଶାପୁରୀ ସାହିରେ ରହୁଥିବା ରିୟାଜୁଦ୍ଦିନଙ୍କ ଘରେ ଏହି ଦୁର୍ଘଟଣା ଘଟିଛି । ରିୟାଜୁଦ୍ଦିନ ଶଟରିଙ୍ଗ କାମ କରୁଥିବା ବେଳେ ତାଙ୍କର ପରିବାର ସଦସ୍ୟ ପ୍ରାୟ ୧୮ । ଗତ ରାତିରେ ଅଧିକାଂଶ ପରିବାର ସଦସ୍ୟ ଘରେ ଥିବା ବେଳେ ହଠାତ୍ ଗ୍ୟାସ୍ ବିସ୍ଫୋରଣ ହୋଇଥିଲା । ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ହୋଇଥିଲା । ଏଥିସହ ୯ ପରିବାରର ସଦସ୍ୟଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ମେଡିକାଲ ନିଆଯାଇଥିଲା । ସେଠାରେ ଜଣଙ୍କ ମୃତ୍ୟୁ ହୋଇଛି । ମୃତ ଜଣଙ୍କ ମଧ୍ୟରେ ୩ ପୁରୁଷ ଓ ୩ ମହିଳା ଥିବା ଜଣାଯାଇଛି ।

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଗୁରୁତରଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟାସେବା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ନଡ଼ା ଜାଳିଲେ କୃଷକ, ନିଲମ୍ବିତ ହେଲେ ୨୪ ଅଫିସର୍

ନୂଆଦିଲ୍ଲୀ : ନଡ଼ା ଜାଳିଲେ କୃଷକ। ନିଲମ୍ବିତ ହୋଇଗଲେ ଅଫିସର୍ । ଜଣେ କି ଦୁଇ ଜଣ ନୁହେଁ ଏକାଥରକେ ୨୪ ଅଧିକାରୀଙ୍କୁ କରାଗଲା ସସ୍ପେଣ୍ଡ । ଏଭଳି କିଛି ଆକ୍ସନ ନେଇଛନ୍ତି ହରିୟାଣା ସରକାର । ଦିନକୁ ଦିନ ଦିଲ୍ଲୀରେ ବି ଚାଲିଛି ପ୍ରଦୂଷଣ ମାତ୍ରା । ଏଥିପାଇଁ ପ୍ରତିବର୍ଷ ହରିୟାଣାକୁ ମଖ୍ୟତଃ ଦାୟୀ କରାଯାଉଛି । କାରଣ ଅକ୍ଟୋବର ଓ ନଭେମ୍ବର ମାସରେ ଏଠାରେ ଚାଷୀ ଫସଲ କଟାଯିବା ପରେ ନଡ଼ା ଜାଳନ୍ତି । ଏଥିଯୋଗୁ ପଡୋଶୀ ରାଜ୍ୟରେ ପ୍ରଦୂଷଣ ମାତ୍ରା ବଢେ ଏବେ ଏହାକୁ ନେଇ ଆକ୍ସନ ମୁଡ୍ରେ ଆସିଛନ୍ତି ହରିୟାଣାର ସୈନି ସରକାର । ନଡ଼ା ଜାଳିକା ଘଟଣାକୁ ସେ ଗୁରୁତର ଭାବେ ନେଇଛନ୍ତି । ଏହି ମାମଲାରେ ୨୪ ଜଣ ଅଫିସରଙ୍କୁ ନିଲମ୍ବିତ କରାଯାଇଛି । ଏ ସମସ୍ତ ଅଧିକାରୀ ନିଜ ନିଜ ଅଞ୍ଚଳରେ କୃଷକଙ୍କ ନଡ଼ା ଜାଳିବା ଉପରେ ରୋକ୍ ଲଗାଇବାରେ ଅକ୍ଷମ ଥିଲେ । ତେଣୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ହରିୟାଣା କୃଷି ବିଭାଗ ଏମାନଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏହା ବ୍ୟତୀତ ନିକଟରେ କ୍ୟାଥଲ ଅଞ୍ଚଳରେ ନଡ଼ା ଜାଳିବା ଅଭିଯୋଗରେ ୧୮ ଜଣ କୃଷକଙ୍କୁ ଗିରଫ କରାଯାଇଥିଲା । କିନ୍ତୁ ପରେ ଏମାନେଙ୍କୁ ଜାମିନରେ ମୁକ୍ତ କରାଯାଇଥିବା ଜଣେ ପୁଲିସ ଅଧିକାରୀ କହିଛନ୍ତି ।



ପାନିପତ, ଯମୁନାଗର ଏବଂ ଅମ୍ବାଲା ସମେତ ଅନ୍ୟ କେତେକ ଜିଲ୍ଲାରେ ନଡ଼ା ଜଳିବା ନେଇ ୧୦୦ରୁ ଅଧିକ କୃଷକଙ୍କ ବିରୋଧରେ ଏଫ୍ଆଇଆର୍ ମଧ୍ୟ ହୋଇଛି । ସେପଟେ ହରିୟାଣାର ମୁଖ୍ୟ ଶାସନ ସଚିବ ଟିଭିଏସ୍ଏନ୍ ପ୍ରସାଦ ରବିବାର ରାଜ୍ୟରେ ନଡ଼ା ଜାଳିବା ଉପରେ ପ୍ରଭାବିତ ରୂପେ ରୋକ୍ ଲଗାଇବାକୁ ଡେପୁଟି କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କହିରଖୁ ଯେ, ବୁଧବାର ସୁପ୍ରିମକୋର୍ଟ ନଡ଼ା ଜାଳିବା ମାମଲରେ ଅଭିଯୁକ୍ତଙ୍କ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରୁନଥିବା ଯୋଗୁ ହରିୟାଣା ଓ ପଞ୍ଜାବ ସରକାରଙ୍କ ଉପରେ ବର୍ଷିଥିଲେ ।

# ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କୁ ଏନକାଉଣ୍ଟର କଲେ ପୁରସ୍କାର

ମୁମ୍ବାଇ: ଏନସିପି ନେତା ବାବା ସିଦ୍ଦିକିଙ୍କୁ ହତ୍ୟା ଏବଂ ଅଭିନେତା ସଲମାନ ଖାନ୍ଙ୍କୁ ଧମକ ପରଠାରୁ ଚର୍ଚ୍ଚାରେ ରହିଛି ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ।ଏହାରି ଭିତରେ ଯେଉଁ ପୁଲିସକର୍ମୀ ଲରେନ୍ସ ବିଷ୍ଣୋଇଙ୍କୁ ଏନ୍କାଉଣ୍ଟର କରିବେ ତାଙ୍କ ପାଇଁ ବଡ଼ ପୁରସ୍କାର ରାଶି ଘୋଷଣା ହୋଇଛି । କରଣୀ ସେନାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡଃ. ରାଜ ଶେଖାବତ ୧ କୋଟି ୧୧ ଲକ୍ଷ ୧୧ ହଜାର ୧୧୧ ଟଙ୍କା ଦେବାକୁ ଘୋଷଣା କରିଛନ୍ତି ।ରାଜ ଶେଖାବତ ଇନ୍ଷ୍ଟାଗ୍ରାମରେ ଏକ ଭିଡିଓ ଜାରି କରିଛନ୍ତି ।



ଉକ୍ତ ପୁଲିସ କର୍ମଚାରୀଙ୍କ ପରିବାରର ସୁରକ୍ଷା ଦାୟିତ୍ୱ ସେ ନେବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତ ।

ଏଥିସହ ଲରେନ୍ସ ବିଷ୍ଣୋଇ ଦେଶ ପାଇଁ ବିପଦ ଥିବା କହି ସେ ଗୁଜରାଟର ବିଜେପି ସରକାର ଉପରେ ବର୍ଷିଛନ୍ତିଛସୋସିଆଲ ମିଡିଆରେ ଅପଲୋଡ୍ ହୋଇଥିବା ଏକ ଭିଡିଓରେ କରଣୀ ସେନା ମୁଖ୍ୟ କହିଛନ୍ତି ଯେ ଲରେନ୍ସ ବିଷ୍ଣୋଇ ମଧ ଆମର ଅନମୋଲ ରନ୍ ଏବଂ ଅମର ଶହୀଦ ସୁଖଦେବ ସିଂହ ଗୋଗାମେଡି ଜୀଙ୍କ ହତ୍ୟାକାରୀ ।

ଡିସେମ୍ବର ୨୦୨୩ରେ କରଣୀ ସେନା ମୁଖ୍ୟ ସୁଖଦେବ ସିଂହ ଗୋଗାମେଡିଙ୍କୁ ଜୟପୁରରେ କିଛି ଅଜ୍ଞାତ ଆକ୍ରମଣକାରୀ ଗୁଳି ମାଡ଼ କରି ହତ୍ୟା କରିଥିଲେ । ଏହାର କିଛି ଘଣ୍ଟା ପରେ ଲରେନ୍ସ ଗ୍ୟାଙ୍ଗ ଏହି ହତ୍ୟା ପାଇଁ ନିଜକୁ ଦାୟୀ କରିଥିଲା । ଲରେନ୍ସ ବିଷ୍ଣୋଇ ବର୍ତ୍ତମାନ ଗୁଜରାଟର ସାବରମତି ଜେଲରେ କଏଦ ଅଛି । ତା' ବିରୋଧରେ ସୀମା ପାର ହୋଇ ଡ୍ରଗ୍ ଚୋରା ଚାଲାଣ ମାମଲା ରୁଜୁ ହୋଇଛି ।

ଏପ୍ରିଲରେ ମୁମ୍ବାଇରେ ବଲିଉଡ ଅଭିନେତା ସଲମାନ ଖାନଙ୍କ ଘର ବାହାରେ ଗୁଳି ବିନିମୟ ମାମଲାରେ ମଧ୍ୟ ଲରେନ୍ସ ବିଷ୍ଣୋଇର ନା ସାମ୍ନାକୁ ଆସିଥିଲା ।କିନ୍ତୁ ମୁମ୍ବାଇ ପୋଲିସ ତାକୁ ଗିରଫ କରିପାରି ନଥିଲା ।

# ଦ୍ୱିତୀୟ ଟେଷ୍ଟ ଖେଳିବେ ପନ୍ତ, ଗିଲ୍



ପୁନେ, ୨୨।୧୦ (ଏଜେନ୍ସି): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ପୁନେରେ ଖେଳାଯିବ । ପ୍ରଥମ ଟେଷ୍ଟରେ ପରାଜିତ ହୋଇଥିବା ଟିମ୍ ଇଣ୍ଡିଆ ଏହି ମ୍ୟାଚ୍‌କୁ ଜିତିବା ପାଇଁ ଉଦ୍ୟମ କରିବ । ଦକ୍ଷ ୱିକେଟକିପର ରିଷଭ ପନ୍ତ ଓ ଶୁଭମନ ଗିଲ ଆହତ ସତ୍ତ୍ୱେ ଦ୍ୱିତୀୟ ଟେଷ୍ଟ ଖେଳିବା ପାଇଁ ଉପଲବ୍ଧ ରହିବେ । ପ୍ରଥମ ଟେଷ୍ଟରେ ପନ୍ତଙ୍କ ଆଣ୍ଠୁଠିରେ ବଲ୍ ବାଜିଥିଲା । ସେହିଭଳି ଗିଲ୍ ବେକରେ ଯନ୍ତ୍ରଣା ଅନୁଭବ କରୁଥିଲେ । ସେଥିପାଇଁ ଗିଲ ପ୍ରଥମ ଟେଷ୍ଟ ଖେଳିପାରି ନଥିଲେ । ଉଭୟ ଖେଳାଳି ଫିଟ୍ ଅଛନ୍ତି ଏବଂ ଦ୍ୱିତୀୟ ଟେଷ୍ଟ ଖେଳିବାରେ କୌଣସି ଅସୁବିଧା ନାହିଁ ବୋଲି ଅଧିନାୟକ ରୋହିତ ଶର୍ମା କହିଛନ୍ତି । ବଲ୍ ବାଜିବା ପରେ ପନ୍ତ ବ୍ୟାଟିଂ କରିଥିଲେ ସୁଦ୍ଧା ୱିକେଟକିପିଙ୍ଗ୍ କରିଥିଲେ । ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳରେ ନ୍ୟୁଜିଲାଣ୍ଡ ୧-୦ରେ ଅଗ୍ରଣୀ ହାସଲ କରିଛି । ଶୃଙ୍ଖଳା ବଞ୍ଚାଇବା ସହ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ପ୍ରବେଶ ସମ୍ଭାବନାକୁ ବଜାୟ ରଖିବା ପାଇଁ ଭାରତକୁ ଏହି ମ୍ୟାଚ୍‌ରେ ଜିତିବା ଜରୁରୀ ହୋଇପଡ଼ିଛି ।

## ପୁନେ ଟେଷ୍ଟ ପାଇଁ ସ୍ପିନ୍ ପିଚ୍

ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ପୁନେରେ ଖେଳାଯିବ । ଆଗାମୀ ୨୪କୁ ଆରମ୍ଭ ହେବାକୁ ଥିବା ଏହି ଟେଷ୍ଟ ପାଇଁ ଧିମା ଏବଂ ଟର୍ଣ୍ଣ ପିଚ୍ ପ୍ରସ୍ତୁତ କରାଯାଇଛି । ବାଙ୍ଗାଲୋର ତୁଳନାରେ ଏଠାରେ କମ୍ ବାଉନ୍ସ ଦେଖିବାକୁ ମିଳିବ । ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ପ୍ରବେଶ କରିବା ପାଇଁ ଭାରତକୁ ଆଗାମୀ ଦୁଇଟି ଯାକ ଟେଷ୍ଟରେ ବିଜୟ ହାସଲ କରିବା ଜରୁରୀ ହୋଇପଡ଼ିଛି । ପୁନେରେ ଭାରତ ୩ ସ୍ପିନର ସହ ପଡ଼ିଆକୁ ଓହ୍ଲାଇବା ପାଇଁ ଯୋଜନା କରିଛି । ଏହା ପୂର୍ବରୁ ପୁନେରେ ଦୁଇଟି ଟେଷ୍ଟ ଖେଳାଯାଇଛି । ୨୦୧୬ରେ ଅଷ୍ଟ୍ରେଲିଆ ଏଠାରେ ଭାରତକୁ ହରାଇଥିବାବେଳେ ୨୦୧୯ରେ ଭାରତୀୟ ଦଳ ସହଜରେ ଦ.ଆଫ୍ରିକାକୁ ଧରାଶାୟୀ କରିଥିଲା । ବିରାଟ କୋହଲି ଏହି ମ୍ୟାଚ୍‌ରେ ଦ୍ୱିଶତକ ହାସଲ କରିଥିଲେ । ପ୍ରଥମ ଦିନରୁ ପିଚ୍‌ରେ ବଲ୍ ଟର୍ଣ୍ଣ କରିଥିଲା । ୪ଟି ଇନିଂସ୍‌ରେ ୪୦ରୁ ୩୧ ୱିକେଟ ସ୍ପିନର ନେଇଥିଲେ । ଏଠାରେ ଟସ୍ ଜିତିବା ଟିମ ପ୍ରଥମେ ବ୍ୟାଟିଂ କରିବା ଭଲ । ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ପାଇଁ ଭାରତ ତାର ଚୂଡ଼ାନ୍ତ ଦଳରେ ଅଲରାଉଣ୍ଡର ୱାଶିଂଟନ୍ ସୁନ୍ଦରଙ୍କୁ ସାମିଲ କରିଛି ।

# ଓଡ଼ିଶା କ୍ରୀଡ଼ାନୀତି କର୍ମଶାଳା

## ରାଜ୍ୟରେ କ୍ରୀଡାନୀତି ପ୍ରସ୍ତୁତ ହେବାର ଆବଶ୍ୟକତା ରହିଛି : ସୂର୍ଯ୍ୟବଂଶୀ ସୂରଜ



ଭୁବନେଶ୍ୱର, ୨୨।୧୦ (ସବ୍ୟୁ): କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଆଜି କଳିଙ୍ଗ ଷ୍ଟାଡିୟମ୍ ସ୍ଥିତ ଟେନିସ୍ ସେଣ୍ଟର ଅଡ଼ିଟୋରିୟମ୍ ଠାରେ ଓଡ଼ିଶା କ୍ରୀଡାନୀତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

ଓଡ଼ିଶାରେ କ୍ରୀଡାର ବିକାଶ ପାଇଁ କ୍ରୀଡାନୀତି ପ୍ରସ୍ତୁତ ହେବାର ଆବଶ୍ୟକତା ରହିଛି । ଏଥିସହିତ କ୍ରୀଡା ଭିତ୍ତିଭୂମିକୁ ସୁଦୃଢ କରିବା ସହିତ ତୃଣମୂଳ ସ୍ତରରେ କ୍ରୀଡା ପ୍ରତିଭାମାନଙ୍କୁ ଚୟନ କରି ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିବା ଏବଂ ସେମାନଙ୍କର ସାମଗ୍ରିକ ବିକାଶ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତବ୍ୟକ୍ତ କରିଥିଲେ ।

ରାଜ୍ୟରେ ଜିଲ୍ଲାରୁ ବ୍ଲକସ୍ତର ପର୍ଯ୍ୟନ୍ତ କ୍ରୀଡା ଭିତ୍ତିଭୂମିକୁ ସୁଦୃଢ କରିବା, ବ୍ଲକସ୍ତରରେ କ୍ରୀଡ଼ାକେନ୍ଦ୍ରର ନିର୍ମାଣ ଏବଂ କ୍ରୀଡା ନର୍ସରୀ ପ୍ରତିଷ୍ଠା ମାଧ୍ୟମରେ ବିଭିନ୍ନ ଯୁବ ପ୍ରତିଭାମାନଙ୍କୁ ଚୟନ କରାଯାଇ ଉପଯୁକ୍ତ ପ୍ରଶିକ୍ଷଣ ମାଧ୍ୟମରେ ସଶକ୍ତ କରାଯାଇ ପାରିଲେ କ୍ରୀଡ଼ାର ବିକାଶ ହୋଇପାରିବ । ଏଥିସହ ବିଦ୍ୟାଳୟ, ଆନ୍ତଃବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଜିଲ୍ଲା, ରାଜ୍ୟ ସ୍ତରରେ କ୍ରୀଡା ପ୍ରତିଯୋଗିତା ଆୟୋଜନ ମାଧ୍ୟମରେ କ୍ରୀଡାବିତମାନଙ୍କୁ ପ୍ରୋତ୍ସାହିତ କରାଯାଇପାରିବ ବୋଲି ମନ୍ତ୍ରୀ କହିଥିଲେ ।

ସେ ଆହୁରି ମଧ୍ୟ କହିଥିଲେ ଯେ, ଶିକ୍ଷାକ୍ଷେତ୍ରରେ କ୍ରୀଡାକୁ ଏକ ନିୟମିତ ପାଠ୍ୟକ୍ରମ ରୂପେ ଅନ୍ତର୍ଭୁକ୍ତ କରାଯାଇପାରିଲେ ଯୁବ କ୍ରୀଡାବିତ ଏବଂ ସେମାନଙ୍କର ଅଭିଭାବକମାନଙ୍କ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି ହୋଇପାରିବ । ଏଥିସହ ବିଦ୍ୟାଳୟମାନଙ୍କରେ ଶାରୀରିକ ଶିକ୍ଷା ପ୍ରଦାନ, ଯୋଗଶିକ୍ଷା ପ୍ରଦାନ, ଏକ କ୍ରୀଡା କୈନ୍ଦ୍ରିକ ବାତାବରଣର ବିକାଶ ହେବା, ଆଞ୍ଚଳିକ କ୍ରୀଡାର ବିକାଶ ହେବା ନିତାନ୍ତ ଆବଶ୍ୟକ । ଏଥିସହିତ ମନ୍ତ୍ରୀ ଶ୍ରୀ ସୂରଜ କ୍ରୀଡ଼ା ପର୍ଯ୍ୟଟନ, କ୍ରୀଡ଼ା କ୍ଷେତ୍ରର ବିକାଶ ପାଇଁ ଅର୍ଥ ନିବେଶ ଆଦି ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ ।

କ୍ରୀଡା ଓ କ୍ରୀଡାବିତ ମାନଙ୍କର ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ତେଣୁ ଓଡ଼ିଶାର କ୍ରୀଡାବିତମାନେ ଯେପରି ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ରାଜ୍ୟ ପାଇଁ ଗୌରବ ଅର୍ଜନ କରିପାରିବେ ସେ ଦିଗରେ କାର୍ଯ୍ୟ କରାଯିବ । ଏଥିସହିତ ପାରା ଆଥଲିଟମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇ ସଶକ୍ତ କରାଯିବ ବୋଲି ମନ୍ତ୍ରୀ କହିଥିଲେ ।

ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଭିନ୍ନ କ୍ରୀଡାବିତ, ରାଜ୍ୟ କ୍ରୀଡ଼ା ସଙ୍ଗଠନର ଅଧିକାରୀ ଓ କର୍ମକର୍ତ୍ତାମାନେ ଓଡ଼ିଶା କ୍ରୀଡାନୀତି ଉପରେ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଶିଷ୍ଟ କ୍ରୀଡାବିତ, ବିସିସିଆଇର ସଭ୍ୟ ଏବଂ ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓଡ଼ିଶା ଅଲମ୍ପିକ ଆସୋସିଏସନର ଜେନେରାଲ ସେକ୍ରେଟାରୀ ଆଶୀର୍ବାଦ ବେହେରା, ଅଲମ୍ପିୟାନ୍ ଅନୁରାଧା ବିଶ୍ୱାଳ, ଓଡ଼ିଶା ହ୍ୟାଣ୍ଡବଲ୍ ଆସୋସିଏସନ୍ ପ୍ରେସିଡେଣ୍ଟ ବିପ୍ଳବ ଚୌଧୁରୀ, ବ୍ଲାଇଣ୍ଡ କ୍ରିକେଟର ଜଫର ଇକବାଲ୍, ଓଡ଼ିଶା କ୍ରୀଡା ସାମ୍ବାଦିକ ସଂଗଠନର ସଦସ୍ୟବୃନ୍ଦ, ପୂର୍ବତନ କ୍ରୀଡାବିତ ତଥା ନ୍ୟୁରୋ ସାଇଣ୍ଟିଷ୍ଟ ଲଗ୍ନଜିତ ଦାଶ, ହାଇ ପରଫରମାନ୍ସ ସେଣ୍ଟରରୁ ମାର୍ଟିନ୍ ଓ୍ୱେନ୍ସ ଓ ବାପି ରାଇ ଆଦି ଉପସ୍ଥିତ ଥିଲେ ।

ଓଡ଼ିଶା କ୍ରୀଡା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେଛ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା ଡ୍ରାଫ୍ଟ ସ୍ପୋର୍ଟ୍ସ ପଲିସିର ଉପସ୍ଥାପନା କରିଥିଲେ ।

# ବେତନଟୀ ପ୍ରିମିୟର ଲିଗ ପାଇଁ ଖେଳାଳି ନିଲାମ

ବେତନଟୀ, ୨୨।୧୦ (ସବ୍ୟୁ) : ବେତନଟୀ କ୍ରିକେଟ କ୍ଲବ (ବିସିସି) ଆନୁକୂଲ୍ୟରେ ପରିଚାଳିତ ବେତନଟୀ ପ୍ରିମିୟର ଲିଗ୍ ସିଜିନ-୧୧ ନିମନ୍ତେ ଖେଳାଳି ନିଲାମ ପ୍ରକ୍ରିୟା ରବିବାର ସ୍ଥାନୀୟ ଏମପିସି ହାଇସ୍କୁଲ ଖେଳପଡିଆସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା । ଆୟୋଜକ ବିସିସିର ସଭାପତି ଶଶିକାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏଥିରେ ବେତନଟୀ ସମେତ ବଡସାହି, ମାଣତ୍ରୀ, ଉଦଳା, କପ୍ତିପଦା, ରାସଗୋବିନ୍ଦପୁର, ଚିତ୍ରଡା, ମୋରଡା, ଖୁଣ୍ଟା ସମେତ ସମଗ୍ର ମୟୂରଭଞ୍ଜ ଜିଲ୍ଲାରୁ ବେତନଟୀ ପ୍ରିମିୟର ଲିଗ୍‌ରେ ଖେଳିବା ପାଇଁ ୧୨୭ ଜଣ ଖେଳାଳି ଆବେଦନ ପୂର୍ବକ ନାମ ପଞ୍ଜୀକରଣ କରାଇଥିଲେ। ବାହାନଡା ଗଇଗର ପକ୍ଷରୁ ମାଲିକ ପ୍ରିୟଜିତ ନାୟକ ଓ ଆଇକନ ଖେଳାଳି ଚିନ୍ମୟ ପଣ୍ଡିତ, ମାଣତ୍ରୀ ଟାଇଟନ୍ ପକ୍ଷରୁ ମାଲିକ ଛତିଶ ସାହୁ ଏବଂ ଆଇକୋନ ଖେଳାଳି ଅନୂପ ପରିଡା, ବଡସାହିର ମା'ଦୁର୍ଗା ଫାଇଟର ପକ୍ଷରୁ ମାଲିକ ରତିକାନ୍ତ ମହାନ୍ତ ଓ ଆଇକନ ଖେଳାଳି ସଞ୍ଜୟ ପରିଚ୍ଛା, ୧୧- ଷ୍ଟାର ମୋରଡା ପକ୍ଷରୁ ମାଲିକ ସୌମ୍ୟ ମାହାପାତ୍ର ଏବଂ ଆଇକନ ଖେଳାଳି ସାଗର ଭୋଇ, ଦାନୀ-୧୧ ପାରିଆକୁଲି ଚିତ୍ରଡା ପକ୍ଷରୁ ମାଲିକ ବିକ୍ରମ କେଶରୀ ବେହେରା ଏବଂ ଆଇକନ ଖେଳାଳି ମନୋଜ କୁମାର ସିଂ, ଆରୟନ ଫାଇଟର ପକ୍ଷରୁ ମାଲିକ ରାଜୀବ ପାତ୍ର ଏବଂ ଆଇକନ ଖେଳାଳି ସରୋଜ କୁମାର ଭୋଇ ପ୍ରମୁଖ ଏହି ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ । ଚଳିତବର୍ଷ ଉଦୀୟମାନ ବ୍ୟାଟ୍ସମ୍ୟାନ ଶୁଭାଶିଷ ଦେଙ୍କୁ ଦାନି-୧୧ ପାରିଆକୁଲି ଚିତ୍ରଡା ସର୍ବାଧିକ ୩୯ ହଜାର ଟଙ୍କାରେ କିଣିଥିଲେ। ନିଲାମ ପ୍ରକ୍ରିୟାକୁ ଶୃଙ୍ଖଳାର ସହିତ ସମ୍ପାଦନ କରାଇବା ନିମନ୍ତେ ଆୟୋଜକ ବିସିସିର ଉପସଭାପତି ଦିଲ୍ଲୀପ କୁମାର ରାଉତ, ସଞ୍ଜୁ ଦ୍ୱିବେଦୀ, ପ୍ରକାଶଜ୍ୟୋତି ଆଦିତ୍ୟ, ସଠିଲୋ ସମିତିସଭ୍ୟ ଯୁବ ସଂଗଠକ କିଶୋର କୁମାର ନାୟକ, ପ୍ରଶାନ୍ତ ନାଥ, ସୁଧାକର ପଣ୍ଡା, ୩୫ନଂ ଜୋନ ମଣ୍ଡଳ ସଭାପତି ଜୀବନ ପରିଡା, ଶିକ୍ଷକ ହୃଷିକେଶ ମହାନ୍ତ, ଯଶୋବନ୍ତ ବେହେରା, ଗୌରବ ନାଥ, କେଶବ ନାଥ, ରବୀନ୍ଦ୍ର ସାହୁ, ବିକାଶ ଦାସ, ବାପି ବେରା, ରିଙ୍କୁ ସାହୁ, ଭୈରବ ନାଥ, ଭାଗ୍ୟରଞ୍ଜନ ବେହେରା, ରାହୁ କରାଜ ବେହେରା, ମନୋଜ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଓ ସଦସ୍ୟଗଣ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ ।

# ପାଲଲହଡା କପ ଫୁଟବଲ : ସେମିରେ ଭୁବନେଶ୍ୱର

ପାଲଲହଡା, ୨୨।୧୦ (ସବ୍ୟୁ) : ଗତ ଶୁକ୍ରବାରଠାରୁ ପାଲଲହଡା ଷ୍ଟାଡିଅମ ପରିସରରେ ଆରମ୍ଭ ହୋଇଥିବା ୩୬ତମ ରାଜ୍ୟସ୍ତରୀୟ ପାଲଲହଡା କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ପଞ୍ଚମ ଦିନରେ ଗ୍ରୁପ-ବି'ର ଦ୍ୱିତୀୟ ମ୍ୟାଚ ବହୁତ ଚିତ୍ତାକର୍ଷକ, ରୋମାଞ୍ଚକର ଓ ସଂଘର୍ଷପୂର୍ଣ୍ଣ ଥିଲା । ଉଭୟ ଦଳ ପରସ୍ପରକୁ ଆକ୍ରମାଣତ୍ମକ ଢଙ୍ଗରେ ଖେଳ ଖେଳିଥିଲେ ମଧ୍ୟ ବିହାର ପାଟଣା ଏକାଦଶ କୁ ୩-୦ ଗୋଲରେ ଭୁବନେଶ୍ୱରର କିଶୋର କ୍ଲବ ପରାସ୍ତ କରି ଗ୍ରୁପ ବି'ର ଦ୍ୱିତୀୟ ତଥା ଟୁର୍ଣ୍ଣାମେଣ୍ଟ ର ଶେଷ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଉନ୍ନୀତ ହୋଇଛି । ଭୁବନେଶ୍ୱର କିଶୋର କ୍ଲବର ଶ୍ରେଷ୍ଠ ଖେଳାଳି ଶାଲ ଚନ୍ଦନ ଦୁଇଟି ଗୋଲ ସ୍କୋର କରି ଭୁବନେଶ୍ୱର କିଶୋର କ୍ଲବକୁ ସେମିଫାଇନାଲ ଖେଳିବାର ସୁଯୋଗ ପ୍ରଦାନ କରିଥିବାରୁ ଓଡଏଇ ପ୍ରାୟୋଜିତ ମେନ ଅଫ ଦି ମ୍ୟାଚ ପୁରସ୍କାର ଆଜିର ମୁଖ୍ୟଅତିଥି ଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଆୟୋଜକ ପାଲଲହଡା କପ ୨୦୨୪ର ସଭାପତି ରଘୁନନ୍ଦନ ଆଚାର୍ଯ୍ୟଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଆଜିର ମ୍ୟାଚରେ ଦେବଗଡ଼ ଜିଲ୍ଲାର ଶ୍ରେଷ୍ଠ କ୍ରୀଡ଼ାବିତ ହେମନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ,ସମ୍ମାନିତ ଅତିଥି ରୂପେ ଦେବଗଡ଼ ଜିଲ୍ଲା କ୍ରୀଡା ସଂସଦ ର ସମ୍ପାଦକ ଧୀରେନ୍ଦ୍ର କୁମାର ନାୟକ, ଅବସରପ୍ରାପ୍ତ କ୍ରୀଡ଼ାବିତ ପ୍ରଦୀପ କୁମାର ଅମାନ୍ତ, ୨୩ନମ୍ବର ଜିଲ୍ଲା ପରିଷଦ ସଭ୍ୟା ସାବିତ୍ରୀ ମାଝୀ, ଈଶ୍ୱରନଗର ସରପଞ୍ଚ ହୃଦନନ୍ଦ ସାହୁ, ସିଗଡ଼ ସରପଞ୍ଚ ଶ୍ରୀକାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

ଆଜିର ଖେଳକୁ ରେଫରୀ ସଲିଳ କୁମାର ବେହେରା ପରିଚାଳନା କରୁଥିଲାବେଳେ ତାଙ୍କୁ ସହାୟତା ପ୍ରଦାନ କରିଥିଲେ ଅନ୍ୟତମ ରେଫରୀ ଶିବଶଙ୍କର ସାମନ୍ତରାୟ, ସୋମନାଥ ମୁର୍ମୁ ଓ ସଲିଳ ବେହେରା ।

ଆଜିର ଖେଳ ଦେଖିବାକୁ ପ୍ରବଳ ଜନସାମଗମ ହୋଇଥିଲା । ଆସନ୍ତାକାଲି ଗ୍ରୁପ ବି'ର ଦ୍ୱିତୀୟ ତଥା ସେମିଫାଇନାଲ ମ୍ୟାଚ ଗତକାଲି ର ବିଜେତା ଝାରସୁଗୁଡା ଦ୍ୱିତୀୟ ବାଟାଲିୟନ ଓ ଆଜିର ବିଜେତା ଭୁବନେଶ୍ୱର କିଶୋର କ୍ଲବ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର କୋଷାଧକ୍ଷ ଅଭୟ କୁମାର ନାଏକ ଓ ସଂଯୋଜକ ହରିହର ବେହେରାଙ୍କ ସୂତ୍ରରୁ ପ୍ରକାଶ ।

# ଜାପାନ ପାରା ବ୍ୟାଡ୍‌ମିଣ୍ଟନ
## ଭାଗ ନେଲେ ୪ ଓଡ଼ିଆ

ଭୁବନେଶ୍ୱର, ୨୨।୧୦ (ସବ୍ୟୁ): ମଙ୍ଗଳବାରଠୁ ଜାପାନର ଟୋକିଓରେ ମର୍ଯ୍ୟାଦାଜନକ ଜାପାନ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତାରେ ୪ ଜଣ ଓଡ଼ିଆ ଅଂଶଗ୍ରହଣ କରିଛନ୍ତି । ଏମାନେ ହେଲେ ଦୀପ୍ରଞ୍ଜନ ବିଶୋଇ, ଜି. ଦିଲେଶ୍ୱର ରାଓ, ଶୁଭ୍ରଜିତ ମହାରଣା ଓ ନୁରୁଲ ହୁସେନ ଖାନ୍ । ଏହି ପ୍ରତିଯୋଗିତାରେ ବିଶ୍ୱସ୍ତରର ଏଲିଟ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଅଂଶଗ୍ରହଣ କରିଛନ୍ତି ।

# ଜାତୀୟ ପାରା ସନ୍ତରଣ
## ୨୬ ମେଡାଲ ସହ ୭ମ ସ୍ଥାନରେ ଓଡ଼ିଶା



ଭୁବନେଶ୍ୱର, ୨୨।୧୦ (ସବ୍ୟୁ): କଳିଙ୍ଗ ଷ୍ଟାଡିୟମରେ ୨୪ତମ ଜାତୀୟ ପାରା ସନ୍ତରଣ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀ ମୋଟ ୨୬ଟି ମେଡାଲ ସହ ୧୦୧ ପଏଣ୍ଟ ହାସଲ କରି ୭ମ ସ୍ଥାନରେ ରହିଛନ୍ତି । ପାରା ସନ୍ତରଣରେ ୨୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୧୮ ଜଣ ସୁଇମର ଅଂଶଗ୍ରହଣ କରିଥିଲେ । ଓଡ଼ିଶା ମୋଟ ୧୩ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ଜିତି ଜାତୀୟସ୍ତରରେ ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇଛି । ଗତ ସଂସ୍କରଣ ତୁଳନାରେ ଏଥର ୨୩୧ ସନ୍ତରଣକାରୀ ଜାତୀୟ ପ୍ରତିଯୋଗିତାରେ ଡେବ୍ୟୁ କରିଛନ୍ତି । ଓଡ଼ିଶାର ମଧ୍ୟ ପାରା ସନ୍ତରଣକାରୀ ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ପଦକ ହାତେଇବାର ଗୌରବ ଲାଭ କରିଛନ୍ତି । ଏହି ପ୍ରତିଯୋଗିତାରେ କର୍ଣ୍ଣାଟକ ଦଳଗତ ଚାମ୍ପିଅନ ହୋଇଛି ।

# ୨୭ରୁ ଖୋର୍ଦ୍ଧା ସିନିୟର ଇଣ୍ଟ୍ରା କ୍ରିକେଟ

ଖୋର୍ଦ୍ଧା, ୨୨।୧୦ (ସବ୍ୟୁ): ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଆଗାମୀ ୨୭ ତାରିଖରୁ ଖୋର୍ଦ୍ଧା ମିନି ଷ୍ଟାଡିୟମରେ ସିନିଅର ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଛି । ଏହି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଖେଳାଳି ଏବଂ କ୍ଲବ୍‌ମାନେ ୨୫ ତାରିଖ ସକାଳ ୧୦ଟା ସମୟରେ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମରେ ଉପସ୍ଥିତ ରହି ପଞ୍ଜିକରଣ କରିବାକୁ ଆୟୋଜକ ସୂଚନା ଦେଇଛନ୍ତି । ବୟସ ପ୍ରମାଣପତ୍ର ଏବଂ ଆଧାର କାର୍ଡ଼ ସହିତ ଉପସ୍ଥିତ ରହିବାକୁ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ସମ୍ପାଦକ ବିକାଶ ପ୍ରଧାନ ସୂଚନା ଦେଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରୁ କଳାହାଣ୍ଡି କପ୍ ପାଇଁ ଖୋର୍ଦ୍ଧା ଜିଲ୍ଲା ଦଳ ଚୟନ କରାଯିବ ବୋଲି ଶ୍ରୀ ପ୍ରଧାନ ଜଣାଇଛନ୍ତି ।

# ଅଡିଟ୍-ଏକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଭୁବନେଶ୍ୱର, ୨୨।୧୦ (ସବ୍ୟୁ): ସ୍ଥାନୀୟ ମହାଲେଖକାର କାର୍ଯ୍ୟାଳୟ ଆନୁକୂଲ୍ୟରେ ଅଡିଟ୍ ଓ ଏକାଉଣ୍ଟସ୍ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ପୂର୍ବତଟ ରେଳବାଇ ଇଣ୍ଡୋର ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି ।

ଏହି ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଓଡ଼ିଶା ସମେତ କୋଲାକାତା ପୂର୍ବ ରେଳବାଇ ଅଡିଟ୍, ଭୁବନେଶ୍ୱର ପୂର୍ବତଟ ରେଳବାଇ, ମେଘାଳୟ, ଆସାମ, ଅରୁଣାଚଳପ୍ରଦେଶ, ମିଜୋରାମ, ମଣିପୁର, ନାଗାଲାଣ୍ଡ, ବିହାର ଓ ଝାଡ଼ଖଣ୍ଡର ୭୦ ଜଣ ପ୍ରତିଯୋଗୀ ଯୋଗ ଦେଇଛନ୍ତି । ମହାଲେଖକାର ବିଶ୍ୱନାଥ ସିଂହ ଜାଡନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନ ମହାଲେଖକାର ରାଜକୁମାର ମୁଖ୍ୟଅତିଥି, ବରିଷ୍ଠ ଉପ ମହାଲେଖକାର ଶ୍ରୀରାଜ ଅଶୋକ, ଶିବଶଙ୍କର, ଉପମହାଲେଖକାର ତାନ୍ୟା ଆମ୍ବାସ୍ତା, ବାଲକ୍ରିଷ୍ଣା ନାଲାମୋଥୁ, ଭୀମକେଶ ସଞ୍ଜୟ କୁମାର, ବିଭ୍ରାଂଶୁ ଶେଖର ନାୟକ, କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରତିଯୋଗିତାକୁ ମୁଖ୍ୟଅତିଥି ରାଜକୁମାର ଓ ମହାଲେଖକାର ବିଶ୍ୱନାଥ ସିଂହ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । ଆଗାମୀ ୨୫ ତାରିଖରେ ପ୍ରତିଯୋଗିତା ଶେଷ ହେବ ।

# ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ୯ ଇଭେଣ୍ଟ ବାଦ୍




ନୂଆଦିଲ୍ଲୀ, ୨୨।୧୦ (ଏଜେନ୍ସି): ଗ୍ଲାସଗୋରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ ଆରମ୍ଭ ହେବା ପୂର୍ବରୁ ଭାରତକୁ ବଡ଼ଧରଣର ଝଟ୍‌କା ଲାଗିଛି । ଏହି କ୍ରୀଡ଼ା ପ୍ରତିଯୋଗିତା ୨୦୨୬ ଜୁଲାଇ ୨୩ରେ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଗ୍ଲାସ୍‌ଗୋରେ ଆୟୋଜିତ ହେବ । ତେବେ ଏହି ରାଷ୍ଟ୍ରମଣ୍ଡଳ କ୍ରୀଡ଼ାରୁ ମୋଟ ୯ଟି ଇଭେଣ୍ଟକୁ ବାଦ୍ ଦିଆଯାଇଛି । ଏଦୃଷ୍ଟିରୁ ଭାରତ ସଂଖ୍ୟାରେ ପଦକ ହରାଇବ । ସବୁଠୁ ବଡ଼ କଥା ହେଉଛି ଭାରତୀୟ ଆଥ୍‌ଲେଟ୍‌ଙ୍କ ଦବ୍‌ଦବା ରହିଥିବା ଖେଳ ହକି, ବ୍ୟାଡ୍‌ମିଣ୍ଟନ, କୁସ୍ତି, ସୁଟିଂ ଆଦି କ୍ରୀଡ଼ାକୁ ବାଦ୍ ଦିଆଯାଇଛି । ଟେବୁଲ ଟେନିସ, ସ୍କ୍ୱାସ୍, ରୋଡ୍ ରେସିଂ ଭଳି ଖେଳଗୁଡ଼ିକ ମଧ୍ୟ ବାଦ୍ ଦିଆଯାଇଛି । ଏ ଦୃଷ୍ଟିରୁ ଭାରତର ପଦକ ସଂଖ୍ୟା ପ୍ରଭାବିତ ହେବ ।

ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତି ୪ ବର୍ଷରେ ଥରେ ଆୟୋଜିତ ହୋଇଥାଏ । ପୂର୍ବରୁ ୨୦୨୨ ବର୍ମିଂହାମ୍ ସଂସ୍କରଣରେ ୧୯ଟି ଖେଳ ସାମିଲ ଥିଲା । ଆଗାମୀ ୨୦୨୬ ସଂସ୍କରଣ ପାଇଁ ଏହି ସଂଖ୍ୟାକୁ ୧୦କୁ କମାଇ ଦିଆଯାଇଛି । ୨୦୧୪ ସଂସ୍କରଣ ଗ୍ଲାସ୍‌ଗୋରେ ଅନୁଷ୍ଠିତ ହୋଇଥିଲା । ୨୦୨୬ ସଂସ୍କରଣ ଆୟୋଜନ ଅଧିକାର ଭିକ୍ଟୋରିଆକୁ ମିଳିଥିଲା । କିନ୍ତୁ ଆର୍ଥିକ ସଂକଟ ଦର୍ଶାଇ ଆୟୋଜନ ଅଧିକାର ନିଜ ହାତରୁ ଛାଡ଼ିଥିଲା ଭିକ୍ଟୋରିଆ । ଶେଷରେ ୧୨ ବର୍ଷ ପରେ ପୁଣିଥରେ ଗ୍ଲାସଗୋ ସହରକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫେରିଛି । ପ୍ରତିଯୋଗିତାକୁ ଆର୍ଥିକ ଅନୁକୂଳ କରିବା ପାଇଁ ୯ଟି କ୍ରୀଡ଼ାକୁ ବାଦ୍ ଦିଆଯାଇଥିବା ଆୟୋଜକ କହିଛନ୍ତି ।

ତେବେ ପ୍ରଶ୍ନ ଉଠୁଛି ଭାରତ କାହିଁକି ପ୍ରଭାବିତ ହେବ । ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପ୍ରଦର୍ଶନ ବେଶ୍ ଦୃଢ଼ ରହିଛି । ବିଶେଷକରି ବର୍ତ୍ତମାନ ଇଭେଣ୍ଟରୁ ଅପସାରିତ ହୋଇଥିବା କ୍ରୀଡ଼ାରେ ଭାରତକୁ ଅଧିକ ସଫଳତା ମିଳିଥାଏ । ହକି, ବ୍ୟାଡ୍‌ମିଣ୍ଟନ, ସୁଟିଂ ଏବଂ କୁସ୍ତିରେ ଦେଶ ବହୁସଂଖ୍ୟାରେ ପଦକ ଜିତିଛି । ହେଲେ ଏସବୁ ଖେଳ ଗ୍ଲାସ୍‌ଗୋ ସଂସ୍କରଣରେ ସ୍ଥାନ ପାଇବ ନାହିଁ । ସୁଟିଂ ବାଦ୍ ପଡ଼ିବାରୁ ଭାରତ ବିଶେଷ ଭାବେ ପ୍ରଭାବିତ ହେବ । କାରଣ ସୁଟିଂରେ ଶ୍ରେଷ୍ଠ ପ୍ରଦର୍ଶନ ସହ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଭାରତ ୬୩ଟି ସ୍ୱର୍ଣ୍ଣ ସହ ୧୩୫ ପଦକ ହାସଲ କରିଛି । ଫଳରେ ଏହି ପ୍ରତିଯୋଗିତାରେ ସୁଟିଂ ଭାରତର ଅନ୍ୟତମ ସଫଳ କ୍ରୀଡ଼ା ଭାବେ ପରିଗଣିତ ହୋଇଛି ।

ବିଭିନ୍ନ ବର୍ଗରେ ୧୧୪ ପଦକ ସହିତ ରେସ୍‌ଲିଂରେ ମଧ୍ୟ ଭାରତ ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକ ସଫଳ ଖେଳ ହୋଇପାରିଛି । ସେହିଭଳି ହକିକୁ ବାଦ୍ ଦେବା ଯୋଗୁ ଆଉ ଏକ ଝଟ୍‌କା ଲାଗିଛି । କାରଣ ଭାରତ ୨୦୧୦, ୨୦୧୪ ଓ ୨୦୨୨ରେ ରୌପ୍ୟ ପଦକ ଜିତିଥିଲା । ଏହା ବ୍ୟତୀତ ପୁରୁଷ ଦଳ ଦୁଇଟି ବ୍ରୋଞ୍ଜ ପଦକ ମଧ୍ୟ ଜିତିଛି । ମହିଳା ହକିର ପ୍ରଦର୍ଶନ ମଧ୍ୟ ଉଲ୍ଲେଖନୀୟ ଥିଲା । ୨୦୦୨ରେ ଦଳ ସ୍ୱର୍ଣ୍ଣ, ୨୦୦୬ରେ ରୌପ୍ୟ ଏବଂ ୨୦୨୨ରେ ବ୍ରୋଞ୍ଜ ପଦକ ଜିତିଥିଲା । ୧୦ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୧୩ଟି ବ୍ରୋଞ୍ଜ ସହିତ ଭାରତ ୩୧ ପଦକ ଜିତିଥିବା ବ୍ୟାଡ୍‌ମିଣ୍ଟନ ଖେଳ ମଧ୍ୟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରହିବ ନାହି ।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541